
# ମାଘ କବି


ଚଣ୍ଡିକାପ୍ରସାଦ ଶୁକ୍ଳ

OR
891.202 1
M 272 S

ଭାରତୀୟ
ସାହିତ୍ୟସ୍ରଷ୍ଟା
ଗ୍ରନ୍ଥମାଳା

OR
891.2021
M 272 S





INDIAN INSTITUTE
OF
ADVANCED STUDY
LIBRARY, SHIMLA



# ମାଘ କଦ୍ବ

ଏହି ପୁସ୍ତକର ଅନ୍ତଃପ୍ରଚ୍ଛଦରେ ଆନୁମାନିକ ଖ୍ରୀଷ୍ଟୀୟ ଦ୍ୱିତୀୟ ଶତକରେ ରଚିତ ଭାସ୍କର୍ଯ୍ୟର ପ୍ରତିଲିପି ମୁଦ୍ରିତ ହୋଇଛି । ନାଗାର୍ଜୁନ କୋଣ୍ଡାର ଏହି ଧ୍ୱଂସାବଶେଷ ବର୍ତ୍ତମାନ ନୂଆଦିଲ୍ଲୀର ନ୍ୟାଶନାଲ ମ୍ୟୁଜିୟମରେ ରକ୍ଷିତ । ଏହି ଭାସ୍କର୍ଯ୍ୟର ବିଷୟ : ରାଜା ଶୁଦ୍ଧୋଦନଙ୍କ ରାଜସଭାରେ ତିନିଜଣ ଜ୍ୟୋତିଷ ଭଗବାନ ବୁଦ୍ଧଙ୍କ ଜନନୀ ମାୟାଦେବୀଙ୍କ ସ୍ୱପ୍ନର ତାତ୍ପର୍ଯ୍ୟ ବ୍ୟାଖ୍ୟା କରୁଛନ୍ତି । ଜ୍ୟୋତିଷମାନଙ୍କ ଆସନ ନିକଟରେ ଲିପିକାର ବସି ସେମାନଙ୍କ ବକ୍ତବ୍ୟ ଲେଖି ଚାଲିଛନ୍ତି । ଅନୁମାନ, ଏହା ଭାରତର ଲିଖନ କଳାର ପ୍ରାଚୀନତମ ଚିତ୍ରରୂପ ।

ଭାରତୀୟ ସାହିତ୍ୟ ସ୍ରଷ୍ଟା ଗ୍ରନ୍ଥମାଳା

# ମାଘ କବି

ଚଣ୍ଡିକା ପ୍ରସାଦ ଶୁକ୍ଳ

ଅନୁବାଦ

ଗୋବିନ୍ଦ ଚନ୍ଦ୍ର ଉଦ୍‌ଗାତା

ସାହିତ୍ୟ ଅକାଦେମି

Magha Kabi : Oriya translation by Govind Chandra Udgata of the same title in Hindi by Chandika P... Sahitya Akademi, New Delhi, 1991. Price
SAHITYA AKADEMI
REVISED PRICE Rs. 15-00

OR
891.2021
M 272 U

© ସାହିତ୍ୟ ଅକାଦେମି
ISBN. 81-7201-108-3
ପ୍ରଥମ ପ୍ରକାଶ : ୧୯୯୧

ସାହିତ୍ୟ ଅକାଦେମି

ରବୀନ୍ଦ୍ର ଭବନ, ୩୫, ଫିରୋଜ ଶା ରୋଡ଼, ନୂଆ ଦିଲ୍ଲୀ ୧୧୦ ୦୦୧
ବିକ୍ରୟ କେନ୍ଦ୍ର :
'ସ୍ୱାତୀ', ମନ୍ଦିର ମାର୍ଗ, ନୂଆ ଦିଲ୍ଲୀ ୧୧୦ ୦୦୧

ଶାଖା ଅଫିସ :

ଜୀବନତାରା ବିଲ୍ଡିଂ, ୨୩ ଏ/୪୪ ଏକ୍ସ, ଡାଇମଣ୍ଡ ହାରବର ରୋଡ଼,
କଲିକତା ୭୦୦୦୫୩

୨୯ ଏଲଡାମସ ରୋଡ, ତିନାମପେଟ, ମାଡ୍ରାଜ ୬୦୦ ୦୧୮

୧୭୨ ମୁମ୍ବାଇ ମରାଠୀ ଗ୍ରନ୍ଥ ସଂଗ୍ରହାଳୟ ମାର୍ଗ, ଡାଡାର, ବମ୍ବେ ୪୦୦୦୧୪

SAHITYA AKADEMI
REVISED PRICE Rs. 15-00

Indian Institute of Advanced Study
117778
21/12/04
SHIMLA

ମୁଦ୍ରଣ :

କେଦାର ପ୍ରିଣ୍ଟିଂ ପ୍ରେସ
ପ୍ଲଟ ନଂ ୧୭୦, ୟୁନିଟ-୯ (ଫ୍ଲାଟ), ଭୁବନେ

Library IIAS, Shimla
OR 891.202 1 M 272 S
00117778

# ସୂଚୀପତ୍ର


| | |
|---|---|
| ଜୀବନ ବୃତ୍ତ | ୧ |
| କାବ୍ୟ-କଥାବସ୍ତୁ | ୯ |
| ଇତିବୃତ୍ତର ସ୍ରୋତ ତଥା ମାଘଙ୍କ ନୂତନ କଳ୍ପନାର ଔଚିତ୍ୟ | ୨୫ |
| ରସଭାବର-ନିଷ୍ପତ୍ତି | ୨୮ |
| ଅଳଙ୍କାର ଯୋଜନା ଅଥବା ଶବ୍ଦାର୍ଥ ଲଳିତ୍ୟ | ୭୬ |
| ଛନ୍ଦୋଯୋଜନା | ୧୦୦ |
| ବ୍ୟୁତ୍ପତ୍ତି | ୧୦୩ |
| ଆଦାନ | ୧୧୦ |
| ନବଶବ୍ଦ-ପ୍ରୟୋଗ-ରୁଚି | ୧୧୯ |
| ଚରିତ୍ର ଚିତ୍ରଣ | ୧୨୫ |
| ଦୋଷାଭାସ | ୧୩୦ |
| ପ୍ରଦାନ | ୧୩୨ |
| ମାଘ ବିଷୟକ ପ୍ରଶସ୍ତି | ୧୩୬ |
| ପୁସ୍ତକାନୁକ୍ରମଣୀ | ୧୩୮ |

# ଜୀବନ ବୃତ୍ତ

## ଆନ୍ତଃ-ସାକ୍ଷ୍ୟ :

ଆପଣାର ଅଲୋକସାମାନ୍ୟ ଭବ୍ୟଦୃଷ୍ଟିର ପ୍ରତିଭାର ପ୍ରଭାବରେ ମହାକବିମାନେ ଦେଶକାଳର ପରିଧି ଅତିକ୍ରମ କରି ଦେଶାନ୍ତରକୁ ତଥା କାଳାନ୍ତରକୁ ମଧ୍ୟ ନିରବଧି-ଭାବେ ଜ୍ୟୋତିର୍ମୟ କରି ରହନ୍ତି । ସେମାନେ ନିଜର ତଥା ନିଜ ଯୁଗର ଚେତନାକୁ ସାର୍ବଭୌମ ଏବଂ ସାର୍ବଜନୀନ କରି ଦିଅନ୍ତି । ତାଙ୍କର ନିଜ ଅନୁଭୂତି ହୋଇଯାଏ ବିଶ୍ୱର ଅନୁଭୂତି । ବିଶ୍ୱର ଯେଉଁ ସାହିତ୍ୟରେ ଏହିଭଳି ମହାକବିଙ୍କ ଆବିର୍ଭାବ ହୋଇଛି ତାହା ଅମର ହୋଇ ଯାଇଛି । ସଂସ୍କୃତ ସାହିତ୍ୟ ଏହି ଭଳି ସାହିତ୍ୟ-ମାନଙ୍କ ମଧ୍ୟରେ ସର୍ବାଗ୍ରଣୀ ଏବଂ ଏ ସାହିତ୍ୟକୁ ଅମରତ୍ୱ ପ୍ରଦାନ କରୁଥିବା ମହାକବିମାନଙ୍କ ଜ୍ୟୋତିର୍ମୟୀ ପରଂପରାରେ ମହାକବି ମାଘ ଅନ୍ୟତମ । 'ଶିଶୁପାଲ ବଧ' ମହାକାବ୍ୟ ତାଙ୍କର ଏକମାତ୍ର ବାଙ୍ମୟୀ କୃତି । ଏ କାବ୍ୟକୁ 'ମାଘକାବ୍ୟ' ମଧ୍ୟ କହନ୍ତି ।

ଉତ୍ତର ଭାରତରେ ହର୍ଷବର୍ଦ୍ଧନଙ୍କ ମୃତ୍ୟୁ ପରେ ଅନେକ ଛୋଟ ଛୋଟ ରାଜ୍ୟ ସ୍ଥାପିତ ହୋଇଥିଲା, ସେସବୁର ରାଜାମାନେ ସମସ୍ତେ ଚକ୍ରବର୍ତ୍ତୀ ପଦ ଲଭିର ଉଚ୍ଚାକା-ଂକ୍ଷା ପୋଷଣ କରୁଥିଲେ । ବଡ଼ ବଡ଼ ନରପତିଙ୍କ ଅଧୀନରେ ଅନେକ ସାମନ୍ତ ମଧ୍ୟ ରହୁଥିଲେ, ଯେଉଁମାନେ ସେହି ନରପତିଙ୍କ ଶକ୍ତି ହ୍ରାସ ହେବା ମାତ୍ରେ ସ୍ୱୟଂ ସ୍ୱତନ୍ତ୍ର ହେବାର ପ୍ରଯତ୍ନ କରୁଥିଲେ । ଏହି ପ୍ରକାରେ ପରସ୍ପର ସାମରିକ ସଂଘର୍ଷ ପରବର୍ତ୍ତୀ କାଳରେ ଘଟି ଚାଲିଥିଲା । ଏହି ସମୟରେ ଉତ୍ତର ଭାରତର ଦକ୍ଷିଣ ପଶ୍ଚିମ ଭାଗରେ ଗୁଜରାଟ, ରାଜସ୍ଥାନ ଏବଂ ବଲଭୀରେ ରାଜନୈତିକ ଶକ୍ତି କିଞ୍ଚିତ୍ ଅଧିକ ବଳବତୀ ଥିଲା । ବଲଭୀର ଅନ୍ତର୍ଗତ ଶ୍ରୀଭିନ୍ନମାଲ ଅଥବା ଭିନମାଲ ରାଜ୍ୟର ଅପର ନାମ ସମ୍ଭବତଃ ଥିଲା ଶ୍ରୀମାଲ । ସେହି ଶ୍ରୀଭିନ୍ନମାଲ ନରେଶ ବର୍ମଲାତ (ଧର୍ମନାଭ)ଙ୍କର ଶ୍ରୀ ସୁପ୍ରଭଦେବ ନାମକ ଜଣେ ମନ୍ତ୍ରୀ ଥିଲେ । 'ଶିଶୁପାଲ-ବଧ' ଶେଷରେ କବିବଂଶ

ପ୍ରସଙ୍ଗରେ ଯେଉଁ ପାଞ୍ଚୋଟି ଶ୍ଳୋକ ରହିଛି ତହିଁରେ ଏହି ସୁପ୍ରଭଦେବଙ୍କୁ ବର୍ମଲାତଙ୍କ ରାଜକୁଳର ସର୍ବାଧିକାରୀ ତଥା ଅପର ନରପତି (ଦେବୋଽପରଃ) ବୋଲି କୁହାଯାଇଛି—

"ସର୍ବାଧିକାରୀ ସୁକୃତାଧିକାରଃ ଶ୍ରୀବର୍ମଲାଖ୍ୟସ୍ୟ ବଭୂବ ରାଜ୍ଞଃ ।
ଅସକ୍ତ ଦୃଷ୍ଟିର୍ବିରଜାଃ ସଦୈବ ଦେବୋଽପରଃ ସୁପ୍ରଭଦେବନାମା ।୧।"

ବୁଦ୍ଧିମାନ୍ ଲୋକେ ତଥାଗତ (ଗୌତମବୁଦ୍ଧ)ଙ୍କ ବାକ୍ୟକୁ ଯେପରି ମାନନ୍ତି, ରାଜା ବର୍ମଲାତ ସୁପ୍ରଭଦେବଙ୍କ ପରାମର୍ଶକୁ କୌଣସି ପ୍ରକାର ଅନୁରୋଧ-ଉପରୋଧ ନ କରି ସେହିପରି ମାନୁଥିଲେ । ଏହି ସୁପ୍ରଭଦେବଙ୍କ ପୁତ୍ର ଥିଲେ ଉଦାର, କ୍ଷମାଶୀଳ, ମୃଦୁ ଏବଂ ଧର୍ମପରାୟଣ 'ଦତ୍ତକ' ।

"ତସ୍ୟାଭବଦ୍ଦତ୍ତକ ଇତ୍ୟୁଦାତ୍ତଃ କ୍ଷମୀ ମୃଦୁ ଧର୍ମପରସ୍ତନୂଜଃ ।୨।"

ଏହି 'ଦତ୍ତକ'ଙ୍କ ଅନ୍ୟ ନାମ ଥିଲା 'ସର୍ବାଶ୍ରୟ', ସମ୍ଭବତଃ ତାଙ୍କ ଉଦାରତା ଏବଂ ଦାନଶୀଳତା ଏପରି ନାମକରଣର କାରଣ ।

"ସର୍ବେଣ ସର୍ବାଶ୍ରୟ ଇତ୍ୟନିନ୍ଦ୍ୟ ମାନନ୍ଦ ଭଜା ଜଗତଂ ଜନେନ ।
ଯସ୍ତ ଦ୍ୱିତୀୟଂ ସ୍ୱୟମଦ୍ୱିତୀୟୋ ମୁଖ୍ୟଃ ସତାଂ ଗୌଣମବାପ ନାମ ।୩।"

ଏହି ଦତ୍ତକ ସର୍ବାଶ୍ରୟଙ୍କ ପୁତ୍ର ଥିଲେ ମାଘକବି, ଯାହାଙ୍କ ଦ୍ୱାରା 'ଶିଶୁପାଳ ବଧ' ନାମକ କାବ୍ୟ ରଚିତ ହେଲା—

"ତସ୍ୟାତ୍ମଜଃ ସୁକବିକୀର୍ତ୍ତି ଦୁରାଶୟାଦଃ
କାବ୍ୟଂ ବ୍ୟଧତ୍ତ ଶିଶୁପାଲ-ବଧାଭିଧାନମ୍ ।୪।"

ଯଦିଓ ଏହି ଅନ୍ତିମ ଶ୍ଳୋକରେ କବିଙ୍କ ବାସ୍ତବିକ ନାମ ପ୍ରଦତ୍ତ ହୋଇ-ନାହିଁ, କିନ୍ତୁ ପ୍ରତିସର୍ଗ ଶେଷରେ ଥିବା ପୁଷ୍ପିକାରେ ରହିଛି, "ଇତି ଶ୍ରୀମାଘକୃତୌ ଶିଶୁପାଲ ବଧେ ମହାକାବ୍ୟେ" । ପୁନଶ୍ଚ ଊନବିଂଶ ସର୍ଗର ୧୨୦ ତମ ଶ୍ଳୋକରେ ଯେଉଁ ଚକ୍ରବନ୍ଧର ପ୍ରୟୋଗ କରାଯାଇଛି ତାହାର ପ୍ରଥମ ବୃତ୍ତରେ 'ଶିଶୁପାଲ-ବଧଃ' ଏବଂ ଅଷ୍ଟମ ବୃତ୍ତରେ 'ମାଘକାବ୍ୟମିଦମ୍' ଉଲ୍ଲେଖ ସ୍ପଷ୍ଟ । ଶେଷରେ, 'ଶିଶୁପାଲ ବଧ'ର କେତେକ ପ୍ରତିଲିପିରେ ସର୍ଗାନ୍ତ ପୁଷ୍ପିକାରେ ନିମ୍ନ ପ୍ରକାର ଉଲ୍ଲେଖ ମଧ୍ୟ ଉପଲବ୍ଧ ହୁଏ—

"ଇତି ଶ୍ରୀଭିନ୍ନମାଲବାସ୍ତବ୍ୟ ଦତ୍ତକସୂନୋର୍ମହାବୈୟାକରଣସ୍ୟ ମାଘସ୍ୟ କୃତୌ ଶିଶୁପାଲବଧଂ ମହାକାବ୍ୟ........................" — ଯହିଁରୁ ମଧ୍ୟ ପ୍ରମାଣିତ ହୁଏ ଯେ ତାଙ୍କର ନାମ ମାଘ, ପିତାଙ୍କ ନାମ ଦତ୍ତକ, ସ୍ଥାନ ଶ୍ରୀଭିନ୍ନମାଲ ତଥା ସେ ଥିଲେ ମହାନ୍ ବୈୟାକରଣ । କାବ୍ୟଗତ ଏହି ଅନ୍ତଃସାକ୍ଷ୍ୟ ବଳରେ ମାଘଙ୍କ ବିଷୟରେ ଏତିକିମାତ୍ର ସୂଚନା ମିଳେ ।

### ବହିଃ-ସାକ୍ଷ୍ୟ :

ମାଘଙ୍କ ଜୀବନବୃତ୍ତ ଉପରେ କେତେକ ଅନ୍ୟ ଗ୍ରନ୍ଥରେ ମଧ୍ୟ ଉଲ୍ଲେଖ ମିଳେ । ତନ୍ମଧ୍ୟରେ ବଲ୍ଲାଳ-ପଣ୍ଡିତ-ରଚିତ 'ଭୋଜ ପ୍ରବନ୍ଧ' ଏକତମ, ଯହିଁରେ କବିଙ୍କ ମାଘ ଅତିଶୟ ଦାନୀ ହେବା ଯୋଗୁ ଧନହୀନ ହୋଇ ସପତ୍ନୀକ ଧାରାନଗରୀକୁ ଗଲେ, କବିଙ୍କ ସେଠାରେ "କୁମୁଦବନମପଶ୍ରି" ଆଦି ପ୍ରସିଦ୍ଧ ପ୍ରଭାତ-ବର୍ଣ୍ଣନ-ବିଷୟକ ଶ୍ଳୋକ ରାଜା ଭୋଜଙ୍କ ନିକଟକୁ ପତ୍ନୀଙ୍କ ହାତରେ ପଠାଇଲେ, କବିଙ୍କ ଭୋଜଙ୍କଠାରୁ ପ୍ରାପ୍ତ ପାରିତୋଷିକ ପତ୍ନୀଙ୍କ ଦ୍ୱାରା ମାର୍ଗରେ ଥିବା ଯାଚକମାନଙ୍କୁ ପ୍ରଦାନ କରାଇଲେ, ପୁଣି କବିଙ୍କ କେତେକ ଯାଚକ ନିରାଶ ହୋଇ ଫେରି ଯିବାରେ ନିର୍ବେଦାତିଶୟ ଯୋଗୁଁ ମାଘଙ୍କ ଶ୍ୱାସରୋଧ ଜନିତ ମୃତ୍ୟୁ ହେଲା ଏବଂ ଭୋଜରାଜଙ୍କ ଦ୍ୱାରା ତାଙ୍କ ଅନ୍ତ୍ୟେଷ୍ଟି ସମ୍ପନ୍ନ କରାହେଲା— ଏ ସବୁର ମାର୍ମିକ ବର୍ଣ୍ଣନା ମିଳେ । କିନ୍ତୁ ରାଜା ଭୋଜଙ୍କ ସମୟ ସନ ୧୦୧୦ରୁ ୧୦୫୦ ଖ୍ରୀଷ୍ଟାବ୍ଦ ମଧ୍ୟରେ ଅବସ୍ଥାପିତ କରାଯାଏ, ଅଥଚ, ପରବର୍ତ୍ତୀ ପଂକ୍ତିମାନଙ୍କରେ ଯାହା ପ୍ରତିପାଦନ କରାଯିବ ତଦନୁଯାୟୀ, ମାଘକବିଙ୍କୁ ବାମନ (ଖ୍ରୀ: ୮୦୦) ଏବଂ ଆନନ୍ଦବର୍ଦ୍ଧନ (ଖ୍ରୀ: ୮୫୦)ଙ୍କ ପରବର୍ତ୍ତୀ କାଳର ବୋଲି ନିର୍ଣ୍ଣୟ କରାଯାଇ ପାରିବ ନାହିଁ, କାରଣ ଏହି ଆଚାର୍ଯ୍ୟଦ୍ୱୟ ଶିଶୁପାଳବଧରୁ ଉଦାହରଣ ଦେଇଛନ୍ତି । ବାମନ ତୁଲ୍ୟଯୋଗିତା ଅଳଙ୍କାରର ଉଦାହରଣ ଦେଇଛନ୍ତି— "ରମ୍ୟା ଇତି ପ୍ରାପ୍ତବତୀଃ ପତାକାଃ" ଶି:ବ: ୩।୫୩) । ଆନନ୍ଦବର୍ଦ୍ଧନ ଏହି ଶ୍ଳୋକକୁ ଏବଂ ପ୍ରସଙ୍ଗାନ୍ତରେ "ତ୍ରାସାକୁଳଃ ପରିପତନ୍ ପରିତୋ ନିକେତାନ୍' (ଶି.ବ: ୫।୨୬) ଶ୍ଳୋକ ଉଦ୍ଧାର କରିଛନ୍ତି । ଅତଏବ ଭୋଜପ୍ରବନ୍ଧର ମାଘ କଥାକୁ ପ୍ରାମାଣିକ ବୋଲି ମାନି ନେଇ ହେବ ନାହିଁ ।

ଜୈନ ମେରୁତୁଙ୍ଗାଚାର୍ଯ୍ୟଙ୍କ ଦ୍ୱାରା ସମ୍ବତ୍ ୧୩୬୧ରେ ପ୍ରଣୀତ ଅନ୍ୟ ଏକ ଗ୍ରନ୍ଥ ପ୍ରବନ୍ଧ-ଚିନ୍ତାମଣି', ଯହିଁରେ ମଧ୍ୟ ଭୋଜ-ପ୍ରବନ୍ଧଧାନୁରୂପମ ମାଘ-ଜୀବନ ବର୍ଣ୍ଣିତ

ହୋଇଛି । ତେଣୁ ତାହା ମଧ୍ୟ ସେହିପରି ଅପ୍ରାମାଣିକ ମନେ ହୁଏ । ତୃତୀୟ ଗ୍ରନ୍ଥ ଶ୍ରୀ ଚନ୍ଦ୍ରପ୍ରଭସୂରି-ପ୍ରଣୀତ 'ପ୍ରଭାବକ-ଚରିତ' (୧୩୩୪ ବି) । ଏହାର ଚତୁର୍ଦ୍ଦଶ-ଶୃଙ୍ଗର 'ସିଦ୍ଧର୍ଷି-ଚରିତ' ପ୍ରସଙ୍ଗରେ ମାଘ-ଜୀବନବୃତ୍ତ ବର୍ଣ୍ଣିତ ହୋଇଛି । ଉକ୍ତିରେ ମଧ୍ୟ ମାଘଙ୍କୁ ଭୋଜଙ୍କ ବାଲ୍ୟକାଳୀନ ମିତ୍ର କୁହାଯାଇଛି । 'ପ୍ରଭାବକ-ଚରିତ' ଗ୍ରନ୍ଥ ତ ଜନଶ୍ରୁତି ଓ କିମ୍ବଦନ୍ତୀ ଆଧାରରେ ରଚିତ ହୋଇଛି — ଯେପରିକି ଗ୍ରନ୍ଥା-ରମ୍ଭରେ ଲିଖିତ ହୋଇଛି—

"ବହୁଶ୍ରୁତ ମୁନୀଶେଭ୍ୟଃ ପ୍ରାଗଗ୍ରନ୍ଥେଭ୍ୟଶ୍ଚ କାନଚିତ୍ ।
ଉପଶ୍ରୁତ୍ୟେତିବୃତ୍ତାନି ବର୍ଣ୍ଣୟିଷ୍ୟେ କିୟନ୍ତ୍ୟପି ।"

ସୁତରାଂ, ଏ ଗ୍ରନ୍ଥର ବା କି ପ୍ରାମାଣିକତା !

ତେଣୁ, ଏହି ପ୍ରକାରେ ମାଘ-ଜୀବନୀ ବର୍ଣ୍ଣନାକାରୀ ପୂର୍ବୋକ୍ତ ଗ୍ରନ୍ଥତ୍ରୟ ଅପ୍ରାମାଣିକ ସିଦ୍ଧ ହୋଇଯିବା ହେତୁ 'ଶିଶୁପାଳ-ବଧ'ର ଉପସଂହାରରୁ ପ୍ରାପ୍ତ ଶ୍ଳୋକରେ ଥିବା ସୂଚନା ଗୁଡ଼ିକୁ କେବଳ ଅନ୍ୟ ଐତିହାସିକ ତଥ୍ୟ ସହିତ ପରୀକ୍ଷା କରିବା ଅଧିକ ଉପଯୁକ୍ତ ମନେହୁଏ । ତାହାହିଁ କର୍ତ୍ତବ୍ୟ ।

## ଦେଶ-କାଳ :

ଡକ୍ଟର କିଲ୍‌ହାର୍ନ ରାଜସ୍ଥାନର ବସନ୍ତ ଗଡ଼ ନାମକ ସ୍ଥାନରେ ବର୍ମଲାତଙ୍କର ଏକ ଶିଳାଲେଖ ପାଇଛନ୍ତି । ଏହାର ସମୟ ସଂବତ୍ ୬୮୨ ଅର୍ଥାତ୍ ଖ୍ରୀ: ୬୨୫ । ଭୀନମାଳ ନିକଟବର୍ତ୍ତୀ ପ୍ରଦେଶରୁ ଏହି ଲେଖ ଆବିଷ୍କୃତ ହୋଇଥିବାରୁ, ଏହା ନିଶ୍ଚିତ ଯେ ଏହି ବର୍ମଲାତ ସୁପ୍ରଭଦେବଙ୍କ ଆଶ୍ରୟଦାତା ହୋଇଥିବେ । ଅତଏବ ତାଙ୍କ ପୌତ୍ର ମାଘଙ୍କ ସମୟ ତାଙ୍କଠାରୁ ପ୍ରାୟ ପଚାଶ ବର୍ଷ ପରେ ଅର୍ଥାତ୍ ଖ୍ରୀ. ୬୭୫ର ପାଖାପାଖି ମାନିନେବା ଉଚିତ । ଆଚାର୍ଯ୍ୟ ବାମନଙ୍କ ଦ୍ୱାରା ମାଘକୃତ ଶ୍ଳୋକର ଉଦ୍ଧୃତି ଯୋଗୁଁ ମାଘ ଖ୍ରୀ. ୮୦୦ ପୂର୍ବବର୍ତ୍ତୀ ହେବା ସ୍ୱୀକାର୍ଯ୍ୟ । ପୁଣି, ଶିଶୁପାଳବଧର ଶ୍ଳୋକ :

"ଅନୁତ୍ସୂତ୍ରପଦନ୍ୟାସା ସଦ୍‌ବୃତ୍ତିଃ ସନ୍ନିବନ୍ଧନା ।
ଶବ୍ଦବିଦ୍ୟେବ ନୋ ଭାତି ରାଜନୀତିରପସ୍ପଶା ।"(୨।୧୧୨)

ରେ 'ନ୍ୟାସ' ଓ 'ବୃତ୍ତି'ର ଚର୍ଚ୍ଚା କରାହୋଇଛି । ଏଠାରେ 'ବୃତ୍ତି' ଦ୍ୱାରା ପାଣିନିଙ୍କ 'ଅଷ୍ଟାଧ୍ୟାୟୀ' ଉପରେ ରଚିତ ଜୟାଦିତ୍ୟ (ଖ୍ରୀ:୬୫୦)ଙ୍କ 'କାଶିକାବୃତ୍ତି' ଉପଲକ୍ଷିତ । ଅତଏବ ମାଘଙ୍କ ସମୟ ଖ୍ରୀ : ୬୫୦ ପରବର୍ତ୍ତୀ ହେବା ଉଚିତ । କିନ୍ତୁ 'ନ୍ୟାସ' ବିଷୟରେ ବିବାଦ ରହିଛି । ଯଦି 'ନ୍ୟାସ' ଦ୍ୱାରା 'ନ୍ୟାସ' ନାମରେ ପ୍ରସିଦ୍ଧ ଜିନେନ୍ଦ୍ରବୁଦ୍ଧି (ଖ୍ରୀ ୭୦୦ର ପାଖାପାଖି)—କୃତ କାଶିକାର 'ବିବରଣପଞ୍ଜିକା' ନାମକ ଟୀକା ଗୃହୀତ ହୁଏ, ତାହାହେଲେ ମାଘଙ୍କ ସମୟ ଖ୍ରୀ:୭୦୦ର ଯଥେଷ୍ଟ ପରବର୍ତ୍ତୀ ହେବ, ଯାହା ସଙ୍ଗତ ମନେ ହୁଏନା । ତେଣୁ ଏହି 'ନ୍ୟାସ' ପଦର ତାତ୍ପର୍ଯ୍ୟ ପ୍ରସଙ୍ଗରେ ଜିନେନ୍ଦ୍ରକୃତ 'ନ୍ୟାସ'ର ମଧ୍ୟ ପୂର୍ବବର୍ତ୍ତୀ ଅପର କୌଣସି କୃତି ଗ୍ରହଣୀୟ, ଯେପରି କି ସ୍ୱୟଂ ଜିନେନ୍ଦ୍ର ବୁଦ୍ଧି କେତେକ ପୂର୍ବବର୍ତ୍ତୀ ନ୍ୟାସଗ୍ରନ୍ଥର ନାମୋଲ୍ଲେଖ କରିଛନ୍ତି; ପୁନଶ୍ଚ ଯେପରି ବାଣଭଟ୍ଟ (ଖ୍ରୀ: ୬୨୦) ମଧ୍ୟ ଶ୍ଳେଷଦ୍ୱାରା କୌଣସି ନ୍ୟାସଗ୍ରନ୍ଥର ଉଲ୍ଲେଖ କରିଛନ୍ତି (କୃତଗୁରୁନ୍ୟାସା ଲୋକ ଇବ ବ୍ୟାକରଣେଽପି—ହର୍ଷଚରିତ । ଏହି ପ୍ରକାରେ ମାଘଙ୍କ ସମୟ ସପ୍ତମ ଶତାବ୍ଦୀର ଉତ୍ତରାର୍ଦ୍ଧ ଅର୍ଥାତ୍ ଖ୍ରୀ. ୬୭୫ର ନିକଟବର୍ତ୍ତୀ ବୋଲି ମାନିନେବାରେ କୌଣସି ମତାନୈକ୍ୟ ହେବ ନାହିଁ ।

## ବଂଶ ତଥା ପ୍ରାରମ୍ଭିକ ଜୀବନ :

'ପ୍ରଭାକର ଚରିତ'ରେ ଚନ୍ଦ୍ରପ୍ରଭ ସୂରି ମାଘଙ୍କ ପିତୃବ୍ୟ ଶୁଭଙ୍କରଙ୍କୁ 'ଶ୍ରେଷ୍ଠୀ' ବୋଲି ଲେଖିଛନ୍ତି । ସେହି ସମୟରେ ଜୈନ ତଥା ବୈଶ୍ୟ ଉଭୟଙ୍କ ପ୍ରସଙ୍ଗରେ 'ଶ୍ରେଷ୍ଠୀ' ଶବ୍ଦର ପ୍ରୟୋଗ କରାଯାଉଥିଲା । ଯେଉଁ ବୈଶ୍ୟମାନେ ଜୈନଧର୍ମାବଲମ୍ବୀ ନ ଥିଲେ ସେମାନେ ମଧ୍ୟ ଶ୍ରେଷ୍ଠୀ ବୋଲାଉଥିଲେ । ଶ୍ରେଷ୍ଠୀଥିଲା ବୈଶ୍ୟମାନଙ୍କର ସାଧାରଣ ପରିଚୟଜ୍ଞାପକ । ଶୁଭଙ୍କରଙ୍କ ପୁତ୍ର ସିଦ୍ଧ ନିଜ ରଚିତ 'ଉପମିତି-ଭବ-ପ୍ରପଞ୍ଚକଥା'ରେ ଜିନେଶ୍ୱରଙ୍କ ବନ୍ଦନା କରିଛନ୍ତି । ସମ୍ଭବତଃ, ମାଘଙ୍କ ପିତୃବ୍ୟ ତଥା ଭ୍ରାତା ସିଦ୍ଧର୍ଷି ଜୈନ ଥିଲେ । କିନ୍ତୁ ମାଘଙ୍କ 'ଶିଶୁପାଳବଧ' ଅନୁଯାୟୀ ମାଘଙ୍କ ବାଙ୍ମୟୀ ମୂର୍ତ୍ତି ବ୍ରାହ୍ମଣ ଧର୍ମାବଲମ୍ବୀ ଅଟେ । ସେଥିରେ ସ୍ଥାନେ ସ୍ଥାନେ ତାଙ୍କ ବ୍ରାହ୍ମଣତ୍ୱର ଉଜ୍ଜ୍ୱଳ ରୂପ ଦେଖିବାକୁ ମିଳେ ।

ପ୍ରତୀତ ହୁଏ ଯେ ତାଙ୍କ ଜୀବନ ଐଶ୍ୱର୍ଯ୍ୟବିଳାସ ମଧ୍ୟରେ ପାଳିତ ହୋଇଥିଲା । ସେ ଆକଣ୍ଠ ଶୃଙ୍ଗାର ସେବନ କରିଥିଲେ ଏବଂ ବାର୍ଦ୍ଧକ୍ୟ ଦ୍ୱାରା ବିହ୍ୱଳ ମଧ୍ୟ ହୋଇଥିଲେ । ସମ୍ଭବତଃ ତାଙ୍କର ଏକ ପୁତ୍ରୀ ମଧ୍ୟ ଥିଲା (ଶି:ବ: ୧୧।୮୦) ଏବଂ ସେ ସେହି କନ୍ୟାର ବିବାହ ମଧ୍ୟ ଦେଖିଥିଲେ (ଶି ବ ୪।୪୭) । ପୁଣି ଶିବିର-ଜୀବନ ଚିତ୍ରଣରୁ ଯେପରି ପ୍ରତିପନ୍ନ ହୁଏ ତଦନୁଯାୟୀ ସମ୍ଭବତଃ ସେ କେବେ ହୁଏତ ସୈନିକ-ଯାତ୍ରାରେ ମଧ୍ୟ ଯୋଗ ଦେଇଥିଲେ । ପଶ୍ଚିମ ସମୁଦ୍ର ତଟ ନିକଟବର୍ତ୍ତୀ ଅଞ୍ଚଳ ତାଙ୍କର ଅତି ପରିଚିତ ଥିଲା । ସେହି ପ୍ରଦେଶର ବୃକ୍ଷଲତା ଏବଂ ଜୀବଜନ୍ତୁଙ୍କ ବିଷୟରେ ତାଙ୍କର ପର୍ଯ୍ୟବେକ୍ଷଣ ସୂକ୍ଷ୍ମ ଥିଲା । ବିଶ୍ୱାସ କରାଯାଇପାରେ ଯେ ସେ ଶ୍ରୀମାଳର ନିବାସୀ ହୋଇଥିବା କାରଣରୁ ସ୍ୱରଚିତ ମହାକାବ୍ୟର ନାମକରଣ କରିଥିଲେ 'ଶ୍ରୀଙ୍କ' । ସାମନ୍ତୀୟ ବିଳାସ ମଧ୍ୟରେ ପାଳିତ ପୋଷିତ ହୋଇଥିବା କାରଣରୁ ମାଘଙ୍କ ଲେଖନୀ ଦ୍ୱାରା ଐଶ୍ୱର୍ଯ୍ୟ-ବୈଭବର ଚିତ୍ରଣ ସ୍ୱତଃ ପ୍ରସୃତ ହୋଇ ଚାଲିଥାଏ, ସେନା- ଯାତ୍ରା କାଳରେ ବନପର୍ବତ ଉପରେ ମଧ୍ୟ ସେହି ବିଳାସ ପରିଦୃଷ୍ଟ ହୁଏ । ବସ୍ତୁତଃ ମାଘଙ୍କ ବ୍ୟକ୍ତିତ୍ୱରେ ସର୍ବାପେକ୍ଷା ଗଭୀର ପ୍ରଭାବ ପଡ଼ିଛି ରାଜସଭା ବାତାବରଣର । ତାଙ୍କ ବ୍ୟକ୍ତିତ୍ୱ ସାମନ୍ତୀୟ ଐଶ୍ୱର୍ଯ୍ୟ ବିଳାସରେ ସତେ ଯେପରି ପୂର୍ଣ୍ଣ ରୂପେ ପରିପକ୍ୱ ହୋଇଯାଇଛି । ରାଜାଶ୍ରିତ କବି ଭବ୍ୟ ପ୍ରାସାଦ ମଧ୍ୟରେ ଐଶ୍ୱର୍ଯ୍ୟ ଏବଂ ପ୍ରାଚୁର୍ଯ୍ୟର ଜୀବନ ବିତାଉଥିଲେ । ରସିକ ବିଦଗ୍ଧମାନଙ୍କ ଗୋଷ୍ଠୀରେ ମଧ୍ୟ ଅଂଶଗ୍ରହଣ କରୁଥିଲେ । ଏବଂ ସେହି ଗୋଷ୍ଠୀ ମଧ୍ୟରେ ଆପଣା ପ୍ରତିଷ୍ଠା ରକ୍ଷା ନିମିତ୍ତ ତାଙ୍କ ପକ୍ଷରେ ଉକ୍ତି ବୈଚିତ୍ର୍ୟ, ବୌଦ୍ଧିକ ବ୍ୟାୟାମ, ବାଗ୍‌ଜାଲ ତଥା ବୈଦୁଷ୍ୟ ପ୍ରଦର୍ଶନରେ ନିପୁଣ ହେବା ଅନିବାର୍ଯ୍ୟ ଥିଲା । ବସ୍ତୁତଃ ବ୍ୟୁତ୍ପତ୍ତି-ପ୍ରଦର୍ଶନ ହୋଇଯାଇଥିଲା ସେ ଯୁଗର କାବ୍ୟଚେତନା । ଅତଏବ ଆଚାର୍ଯ୍ୟ ଦଣ୍ଡୀ ବ୍ୟୁତ୍ପତ୍ତି ଉପରେ ଯଥେଷ୍ଟ ମହତ୍ତ୍ୱ ଆରୋପ କରିଛନ୍ତି । କବିଙ୍କ ଅଭିରୁଚି, ପ୍ରବୃତ୍ତି ଓ ପ୍ରକୃତି କାବ୍ୟକୁ ପ୍ରତ୍ୟକ୍ଷଭାବେ ପ୍ରଭାବିତ କରେ । କାବ୍ୟ ହେଉଛି କବିର ଆତ୍ମାଭିବ୍ୟକ୍ତି—"ଅନ୍ୟମାତ୍ମା ବାଙ୍ମୟଃ" । ମାଘଙ୍କ ବିଶାଳ ପାଣ୍ଡିତ୍ୟ, ଅସୀମ-ଅଗାଧ ଜ୍ଞାନ ତଥା ବିଳାସମୟୀ ପ୍ରବୃତ୍ତି ତାଙ୍କ କାବ୍ୟରେ ସ୍ପଷ୍ଟଭାବେ ଝଲସି ଉଠିଛି । ବସ୍ତୁତଃ, ବ୍ୟକ୍ତିର ମାନସିକତାର ଗଠନ ଧାରା ତାହାର ଶାରୀରିକତା ଦ୍ୱାରା ଅଧିକ ନିୟନ୍ତ୍ରିତ ହୁଏ । କାବ୍ୟସର୍ଜନା କାଳରେ କବି ନିଜ ଐନ୍ଦ୍ରିୟ ସଂସ୍କାରକୁ ହିଁ ପରିଷ୍କୃତ ରୂପରେ ପ୍ରସ୍ତୁତ କରିଥାଏ ।

କବିର ବ୍ୟକ୍ତିତ୍ୱରେ ତାହାର ସାଂସ୍କୃତିକ-ସାହିତ୍ୟିକ-ସମକାଳିକ ତଥା ଆଭିଜାତ୍ୟ-ସମ୍ପର୍କିତ ଚେତନା ରହିଥାଏ ପୃଷ୍ଠଭୂମି ରୂପେ । ଅର୍ଥାନ୍ତରନ୍ୟାସ-ଗତ ସାମାନ୍ୟବସ୍ତୁର ଉକ୍ତି ଦ୍ୱାରା ତଥା ପ୍ରବନ୍ଧକାବ୍ୟରେ ନାୟକର ସଂଳାପ ଏବଂ କର୍ମ ଦ୍ୱାରା କବି କହିଯାଏ ନିଜ କଥା—"ନାୟକ ମୁଖେନ କବିରେବ ମନ୍ୟୁତେ" (ନମିସାଧୁ) । କବିଙ୍କ ସ୍ୱଭାବର ଅନୁରୂପ ହୁଏ ତାଙ୍କ କାବ୍ୟ । କବି ଆପଣାର ଅନୁଭୂତ ରାଜିକୁ ହିଁ ସାର୍ବଭୌମ ତଥା ସର୍ବଜନ-ସଂବେଦ୍ୟ କରିଥାଆନ୍ତି । ଏହି ଦୃଷ୍ଟିରୁ ମାଘଙ୍କ ବ୍ୟକ୍ତିତ୍ୱକୁ ଯଦି ତାଙ୍କ ମହାକାବ୍ୟରୁ ଅଧ୍ୟୟନ କରାଯାଏ, ତାହାହେଲେ ତାହା ନିମ୍ନୋକ୍ତ ରୂପେ ଅବଧାରିତ ହେବ—

ମହାକବି ମାଘ ବେଦ, ପୁରାଣ, ମୀମାଂସା, ବ୍ୟାକରଣ, କୋଷ, ସାଂଖ୍ୟ-ଯୋଗ, ବେଦାନ୍ତ, ବୌଦ୍ଧଦର୍ଶନ, ରାଜନୀତି, ଅଳଂକାର ଶାସ୍ତ୍ର, କାମଶାସ୍ତ୍ର, ସଙ୍ଗୀତ, ଅଶ୍ୱବିଦ୍ୟା, ହସ୍ତିବିଦ୍ୟା ଆଦି ବିଷୟରେ ମର୍ମଜ୍ଞ ବିଦ୍ୱାନ୍ ଥିଲେ । ଲୋକ-ବ୍ୟବହାର ତଥା ପଶୁମାନଙ୍କ ଚେଷ୍ଟାର ସୂକ୍ଷ୍ମ ନିରୀକ୍ଷଣ କରିଥିଲେ । ପୂଜ୍ୟ ଜନଙ୍କ ସମ୍ମାନ ଏବଂ ସତ୍କାରରେ ତାଙ୍କର ନିଷ୍ଠା ଥିଲା । ସ୍ୱଭାବତଃ ସେ ମାନୀଥିଲେ, ଶତ୍ରୁକୃତ ପରାଭବ ତାଙ୍କ ପକ୍ଷରେ ଅସହ୍ୟ ଥିଲା । ବହୁ ସମ୍ପତ୍ତିଲାଭ ତଥା ଉଚ୍ଚପଦରେ ପ୍ରତିଷ୍ଠିତ ହେବା ସତ୍ତ୍ୱେ ସ୍ୱଜନଙ୍କୁ ବିସ୍ମୃତ ହେବା ଅଥବା ଉପେକ୍ଷା କରିବା ସେ ଉଚିତ ମଣୁ ନଥିଲେ । ତାଙ୍କ ମତରେ ଆତ୍ମଶକ୍ତିର ଜ୍ଞାନ ସର୍ବଦା ଆବଶ୍ୟକ । ମହାନ୍ ବ୍ୟକ୍ତି କ୍ଷୁଦ୍ରଜନର କଥାକୁ ଗୁରୁତ୍ୱ ଦିଅନ୍ତି ନାହିଁ । ତାଙ୍କର ସିଦ୍ଧାନ୍ତ ଅନୁଯାୟୀ ମହତ୍ଜନ ଅପରର ଉପକାର କରିବାପରେ ଦୂରେଇ ଯାଆନ୍ତି, ଉପକୃତ ବ୍ୟକ୍ତିର କୌଣସି ପ୍ରକାର ଉପରୋଧ କରନ୍ତି ନାହିଁ ।

ଶ୍ରୀକୃଷ୍ଣ ଥିଲେ ତାଙ୍କର ପରମାରାଧ୍ୟ ଦେବତା । 'ଶିଶୁପାଳ-ବଧ'ର ରଚନା କାଳରେ ଶ୍ରୀକୃଷ୍ଣଙ୍କ ଚରିତ-କୀର୍ତ୍ତନ ଥିଲା ତାଙ୍କ କର୍ତ୍ତବ୍ୟ । କବି ଏଥିରେ ଶ୍ରୀକୃଷ୍ଣଙ୍କ ଚରିତ ହିଁ ମୂଳବସ୍ତୁ ବୋଲି ଉଲ୍ଲେଖ କରିଛନ୍ତି, ଅନ୍ୟାନ୍ୟ ସକଳ କଥା ଉପଲକ୍ଷ୍ୟ ମାତ୍ର

"ଲକ୍ଷ୍ମୀପତେଶ୍ଚରିତ-କୀର୍ତ୍ତନ-ମାତ୍ରଚାରୁ ।"

ଆପାତତଃ, ଏହି ମହାକାବ୍ୟର ପ୍ରୟୋଜନ "ସୁକବି କୀର୍ତ୍ତିଦୁହିଣା" ହେଲେ ହେଁ ଶ୍ରୀକୃଷ୍ଣ-ଚରିତଗାନ ହିଁ ଏହାର ପରମ ପ୍ରୟୋଜନ ।

'ଶିଶୁପାଲ-ବଧ' ମହାକାବ୍ୟ ମାଘ କବିଙ୍କର ଏକମାତ୍ର ବାଙ୍ମୟୀ କୃତି, କୋଡ଼ିଏଟି ସର୍ଗରେ କବି ଏହା ରଚନା କରିଛନ୍ତି ।

●

# କାବ୍ୟ - କଥାବସ୍ତୁ

## ଇନ୍ଦ୍ର-ସନ୍ଦେଶ

ଜଗତର ସୁବ୍ୟବସ୍ଥା ନିମିତ୍ତ ଶ୍ରୀସମ୍ପନ୍ନ ବସୁଦେବ ପୁରରେ ନିବାସ କରୁଥିବା ବେଳେ ଜଗଦାଧାର ଶ୍ରୀକୃଷ୍ଣ ଏକଦା ଦେଖିଲେ ଯେ ତେଜଃପୁଂଜ ପଦ୍ମଯୋନିପୁତ୍ର ନାରଦ ନଭୋମଣ୍ଡଳରୁ ଅବତରଣ କରୁଛନ୍ତି । ଚତୁର୍ଦ୍ଦିଗରେ ବିଚ୍ଛୁରିତ ହୋଇ ପଡୁଥିବା ସେହି ନିମ୍ନଗତିଶୀଳ ତେଜୋରାଶିକୁ ଲୋକେ ବ୍ୟାକୁଳ ନୟନରେ ଦୃଷ୍ଟି ରଖିଥିଲେ —କାରଣ ତାହା ସୂର୍ଯ୍ୟ ନୁହେଁ, ଯେହେତୁ ସୂର୍ଯ୍ୟ କିରଣ ତିର୍ଯ୍ୟକ୍‌ଗାମୀ, ପୁନଶ୍ଚ ତାହା ଅଗ୍ନି ନୁହେଁ ଯେହେତୁ ଅଗ୍ନିର ଶିଖା ଊର୍ଦ୍ଧ୍ୱଗତିଶୀଳ, ଅତଏବ ନିମ୍ନଗତିଶୀଳ ଏ ତେଜୋବସ୍ତୁ କଣ ତାହା ନିଶ୍ଚୟ କରି ହେଉ ନଥିଲା । ପ୍ରଥମେ ତାହା ମନେ ହେଲା ଏକ ତେଜଃପୁଞ୍ଜ, ଦ୍ୱିତୀୟ ସ୍ତରରେ ଜଣାଗଲା ସେ ଏକ ଦେହଧାରୀ, ପୁନଶ୍ଚ ଅଙ୍ଗ ପ୍ରତ୍ୟଙ୍ଗ ସ୍ପଷ୍ଟ ଜଣା ପଡ଼ିବାରେ ପ୍ରତୀତ ହେଲା ସେ ଏକ ପୁରୁଷ ଏବଂ ଅବଶେଷରେ ପ୍ରଭୁ ଶ୍ରୀକୃଷ୍ଣ ଚିହ୍ନିଲେ ଯେ ସେ ନାରଦ । ବିଶାଳ ଶ୍ୟାମ ମେଘର ଅଧୋଦେଶରେ ଏହି କର୍ପୂରଗୌର ଦେବର୍ଷିଙ୍କୁ ଦେଖିଲେ ମନେ ହେଉଥିଲା, ସତେ ଅବା ସେ ଗଜେନ୍ଦ୍ର-ଚର୍ମ-ପରିହିତ ବିଭୂତି-ଭୂଷିତ ଶଙ୍କର । ଶରଚ୍ଚନ୍ଦ୍ର-ଧବଳ ଦେବର୍ଷି ମସ୍ତକରେ କମଳ-କେଶର-ତୁଲ୍ୟ କାନ୍ତିଯୁକ୍ତ ଜଟା ଧାରଣ କରିଥିବାରୁ ପରିପକ୍ୱତା ଜନିତ ପୀତବର୍ଣ୍ଣ-ଲତାପଂକ୍ତି-ସମାଚ୍ଛନ୍ନ ହିମଧବଳ ନଗାଧିରାଜଙ୍କ ତୁଲ୍ୟ ପ୍ରତୀତ ହେଉଥିଲେ । ନାରଦଙ୍କ ପରିଧେୟ ଥିଲା ପୀତବର୍ଣ୍ଣ ମୌଞ୍ଜୀ ମେଖଳା, କୃଷ୍ଣାଜିନ ଧାରଣ ପୂର୍ବକ ସେ ପୀତ ଯଜ୍ଞୋପବୀତରେ ସୁଶୋଭିତ ଥିଲେ । ତାଙ୍କ ହସ୍ତସ୍ଥିତ ସ୍ଫଟିକାକ୍ଷମାଳା ରକ୍ତବର୍ଣ୍ଣ ଅଙ୍ଗୁଷ୍ଠାଂଶୁ ସହିତ ମିଶ୍ରିତ ହୋଇ ପ୍ରବାଳଯୁକ୍ତ ହେଲାପରି ମନେ ହେଉଥିଲା । ଚିତ୍ର-ଚମରୁ ଚର୍ମାବୃତ ଦେବର୍ଷି ବାରମ୍ବାର ନିରୀକ୍ଷଣ କରୁଥିଲେ ଆପଣାର 'ମହତୀ' ନାମକ ବୀଣାକୁ, ଯେଉଁ ବୀଣା ବାୟୁ-ସଂସ୍ପର୍ଶ ମାତ୍ରେ ବିଭିନ୍ନ ସ୍ୱର ଉଦ୍‌ଗିରଣ କରୁଥିଲା । ପରିଶେଷରେ ଅନୁଚର ଦେବତାମାନଙ୍କୁ ପ୍ରତ୍ୟାବୃତ୍ତ କରାଇ ପୁରନ୍ଦର-ପ୍ରାସାଦଠାରୁ ମନୋରମ ଚକ୍ରପାଣିଙ୍କ ସୌଧରେ

ପ୍ରବେଶ କଲେ । ଅବତରଣେକୋଶ୍ୱ ସୂର୍ଯ୍ୟସମ ସେହି ତପୋନିଧି ଭୂମି ଉପରେ ଆପଣାର ପଦବିନ୍ୟାସ କରିବାମାତ୍ରେ ସ୍ୱୟଂ ଶ୍ରୀକୃଷ୍ଣ ସସମ୍ଭ୍ରମ ନିଜ ଆସନରୁ ଉଠି ଦଣ୍ଡାୟମାନ ହେଲେ ଏବଂ ଅଭ୍ୟାଗତ ଦେବର୍ଷିଙ୍କୁ ଅର୍ଘ୍ୟାଦିଦ୍ୱାରା ସପର୍ଯ୍ୟାପୂର୍ବକ ଆସନରେ ଉପବେଶନ କରାଇଲେ ଏବଂ ତାଙ୍କର ସମୁଚିତ ଆତିଥ୍ୟ କରି ସ୍ୱୟଂ ପରମ ସନ୍ତୋଷ ଲାଭ କଲେ । ଦେବର୍ଷି ନାରଦ ମଧ୍ୟ ନିଜ କମଣ୍ଡଳୁ ମଧ୍ୟରୁ ପବିତ୍ର ଓ ପାପ-ନାଶକ ସର୍ବତୀର୍ଥୋଦକ ନିଜ ହସ୍ତରେ ଗ୍ରହଣ କରି ଶ୍ରୀକୃଷ୍ଣଙ୍କ ଉପରେ ସେଚନ କଲେ, ଶ୍ରୀକୃଷ୍ଣ ତାହା ନତଶିରରେ ସ୍ୱୀକାର କଲେ ।

ତପୋଧନଙ୍କ ଆଗମନରେ ଜଗନ୍ନିବାସ ଶ୍ରୀକୃଷ୍ଣଙ୍କ ମନରେ ଆନନ୍ଦର ସୀମା ନ ଥିଲା । ତାଙ୍କ କଣ୍ଠରୁ ଶୁଚିସ୍ମିତ ବାଣୀ ନିର୍ଗତ ହେଲା—"ଭଗବାନ୍, ଆପଣଙ୍କ ଦର୍ଶନ ଦ୍ୱାରା ପ୍ରାଣୀର ତ୍ରୈକାଳିକ ଯୋଗ୍ୟତା ପ୍ରମାଣିତ ହୋଇଥାଏ—ବର୍ତ୍ତମାନ କାଳର ପାପରାଶିକୁ ନଷ୍ଟ କରେ, ଅତୀତ କାଳର ପୁଣ୍ୟରାଜିର ସୂଚକ ଏବଂ ଅନାଗତ କଲ୍ୟାଣର କାରଣ । ଆପଣଙ୍କ ଦର୍ଶନମାତ୍ରେ କୃତାର୍ଥ ହୋଇଯାଇଛୁ, ତଥାପି ଆପଣଙ୍କ ଗୌରବମୟୀ ବାଣୀ ଶ୍ରବଣ ନିମନ୍ତେ ଆଗ୍ରହ ଜାଗ୍ରତ ହୋଇଛି । କେହି କଣ କଲ୍ୟାଣ ଲାଭ କାଳରେ କେବେ ତୃପ୍ତ ହୋଇଉଠେ ! ମୋର ଗୃହକୁ ଆପଣଙ୍କ ମହିମାମଣ୍ଡିତ ଆଗମନ ଫଳରେ ମୋ ମନରେ ଗୌରବେଦବନା ଉତ୍ପନ୍ନ ହୋଇ ପୁନଶ୍ଚ ପ୍ରଶ୍ନ କରିବାର ଧୃଷ୍ଟତା ଆସିଛି । ଭଗବାନ୍, ଆପଣ ତ ବିଗତସ୍ପୃହ, ତଥାପି ଆପଣଙ୍କ ଆଗମନର ପ୍ରୟୋଜନ କ'ଣ ?

ଶ୍ରୀକୃଷ୍ଣଙ୍କ ଏହି ଉକ୍ତି ଶ୍ରବଣ କରି ନାରଦ ମୁନି କହିଲେ,"ହେ ପୁରୁଷୋତ୍ତମ ! ଆପଣ ଏପରି କହୁଛନ୍ତି କାହିଁକି, ଯୋଗୀମାନଙ୍କ ପକ୍ଷରେ ମଧ୍ୟ ଆପଣଙ୍କ ସାକ୍ଷାତ୍ ଯେ କରଣୀୟ ଅଟେ । ପୁରାତତ୍ତ୍ୱବିତ୍‌ମାନେ ଆପଣଙ୍କୁ ହିଁ କହୁଛନ୍ତି ପ୍ରକୃତି ଅପେକ୍ଷା ପରମ ପୁରାତନ ପୁରୁଷ । ଯଦି ଆପଣ ନିଜ ତେଜଟରେ ଜଗଦ୍ଦ୍ରୋହୀମାନଙ୍କୁ ବିନାଶ କରିବା ନିମିତ୍ତ ଭୂତଳରେ ଅବତାର ଧାରଣ କରି ନ ଥାନ୍ତେ, ତାହାହେଲେ ସମାଧିନିଷ୍ଠ ବ୍ୟକ୍ତିପାଇଁ ମଧ୍ୟ ଯେ ଦୁର୍ଲଭ, ସେହି ଆପଣ ମୋ ଭଳି ଲୋକର ଦୃଷ୍ଟିଗୋଚର କିପରି ହୁଅନ୍ତେ ? ହେ ବିଶ୍ୱମ୍ଭର, ମଦୋଦ୍ଧତଙ୍କ ଦ୍ୱାରା ଉତ୍ପୀଡ଼ିତ ଏହି ବିଶ୍ୱକୁ କେବଳ ଆପଣ ହିଁ ରକ୍ଷା କରିବାକୁ ସମର୍ଥ । ତେଣୁ, ହେ ଉପେନ୍ଦ୍ର, ମହେନ୍ଦ୍ର,

ଆପଣଙ୍କୁ ବିଶ୍ୱ-କଲ୍ୟାଣରେ କିଛି ସନ୍ଦେଶ ଦେଇଛନ୍ତି । ତାଙ୍କର ସକଳ କର୍ମରେ ଆପଣ ହିଁ ତ ଅଗ୍ରଣୀ, ତେଣୁ ସେହି ସନ୍ଦେଶ ଶ୍ରବଣ କରନ୍ତୁ ।

"ଦୈତ୍ୟ-ପୁତ୍ର ହିରଣ୍ୟକଶିପୁ ଥିଲା ସୂର୍ଯ୍ୟସମ ତେଜସ୍ୱୀ । ସେ ଯେଉଁ ଦିଗ-ମୁଖରେ ଯାଉଥିଲା, ଭୟଭୀତ ଦେବଗଣ ସେହି ଦିଗ ପ୍ରତି ନିତ୍ୟ ତ୍ରିସନ୍ଧ୍ୟାରେ ପ୍ରଣାମ ଜଣାଉଥିଲେ । ଆପଣ ବିଶାଳ ନୃସିଂହ ରୂପ ଧାରଣ ପୂର୍ବକ ସ୍ୱୀୟନଖ ଦ୍ୱାରା ତାହାର ଉଦର ବିଦୀର୍ଣ୍ଣ କରି ବଧ କଲେ ।

"ଜନ୍ମାନ୍ତର କାଳରେ ପୁଣି ସେ ହେଲା ରାବଣ ନାମକ ଭୀଷଣ ରାକ୍ଷସ । ତ୍ରୈଲୋକ୍ୟର ପ୍ରଭୁତ୍ୱ ପ୍ରାପ୍ତି ନିମିତ୍ତ ଭଗବାନ ପିନାକୀଙ୍କୁ ଆପଣାର ଦଶମସ୍ତକ ସମର୍ପଣ କରି ପ୍ରସନ୍ନ କରିଥିଲା । ତାହାର ପ୍ରତାପରେ ଦେବଗଣ ଅତିଷ୍ଠ ଥିଲେ । ଆପଣଙ୍କର ସ୍ମରଣ ଥିବ ଆପଣ ଦଶରଥପୁତ୍ର ହୋଇ ବନାନ୍ତରୁ ବନିତାପହାରୀ ସେହି ରାବଣକୁ ସାଗର ବାନ୍ଧି ଲଙ୍କା ଯାଇ ନିହତ କରିଥିଲେ ।

"ସମ୍ପ୍ରତି ସେହି ରାବଣ ତାର ପରବର୍ତ୍ତୀ ଭୂମିକା ନିର୍ବାହ କରୁଛି । କୌଣସି ଦେବତାଙ୍କୁ ଆରାଧନା ନ କରି ମଧ୍ୟ ସେ ଯେଉଁ ସହଜ ଶକ୍ତି ଲାଭ କରିଛି ତାହାଦ୍ୱାରା ସେ ସମଗ୍ର ଜଗତକୁ ପ୍ରତାଡ଼ିତ କରୁଛି ।

"ତେଣୁ, ବିଧି ବିଧାନ ଉଲ୍ଲଙ୍ଘନ-କାରୀ ତାକୁ ମଧ୍ୟ ଆପଣ ଯମପୁରୀରେ ଅତିଥି କରନ୍ତୁ । ଅତ୍ୟାଚାରର ଚରମ ସ୍ତରରେ ପହଞ୍ଚିଥିବା ଦୁର୍ଜନର ନିପାତ କରିବା ହିଁ ଉଚିତ ।"

ଶ୍ରୀକୃଷ୍ଣ ଏହି ଇନ୍ଦ୍ର-ସନ୍ଦେଶକୁ ସ୍ୱୀକାର କଲେ । ସେ ପାଖେ ଦେବର୍ଷି ଉଡ଼ି ଚାଲିଗଲେ ସ୍ୱର୍ଗ ଅଭିମୁଖରେ, ଏପାଖେ ଶିଶୁପାଳ ପ୍ରତି କଂସାରିଙ୍କ ଭ୍ରୂଯୁଗଲ ବକ୍ର ହୋଇ ଉଠିଲା ।

## ଗୁପ୍ତମନ୍ତ୍ରଣା

ଏହି ସମୟରେ, ରାଜସୂୟ ଯଜ୍ଞାନୁଷ୍ଠାନ ନିମିତ୍ତ ଇଚ୍ଛୁକ ଯୁଧିଷ୍ଠିରଙ୍କ ନିମନ୍ତ୍ରଣ ରକ୍ଷା, ପକ୍ଷାନ୍ତରେ ଶିଶୁପାଳ ବିରୋଧରେ ଅଭିଯାନର ନିଜ ଇଚ୍ଛା—ଏହିଭଳି ଦୁଇଟି

କର୍ତ୍ତବ୍ୟ ଅନୁରୋଧରେ ମୁରାରି ବ୍ୟାକୁଳ ହୋଇ ଉଠିଲେ । ତେଣୁ, ଉଦ୍ଧବ ଏବଂ ବଳରାମଙ୍କ ସହିତ ମନ୍ତ୍ରଣା କରିବାକୁ ସଭା ଭବନକୁ ଗଲେ । ସେଠାରେ ବିଷୟ ପ୍ରସ୍ତାବ କରି ସେ କହିଲେ, "ଧର୍ମରାଜ ଯୁଧିଷ୍ଠିରଙ୍କ ଦିଗ୍‌ବିଜୟୀ ଭାଇମାନେ ରାଜାମାନଙ୍କୁ ଅଧୀନ କରି ରଖିଛନ୍ତି । ସେମାନେ ମୋର ଉପସ୍ଥିତି ବିନା ମଧ୍ୟ ତାଙ୍କ ଯଜ୍ଞ ପୂର୍ତ୍ତି କରି ପାରିବେ । କିନ୍ତୁ ମାତି ଉଠିଥିବା ଶତ୍ରୁ ତଥା ରୋଗକୁ ଉପେକ୍ଷା ନ କରିବା ଆବଶ୍ୟକ । ଏହି ସାତ୍ୱତୀ-ପୁତ୍ର ଶିଶୁପାଳର ମୋ ପ୍ରତି ବିଦ୍ୱେଷ ଥିଲେ ହେଁ ତାହା ଯୋଗୁଁ ମୋର କୌଣସି ବ୍ୟକ୍ତିଗତ କଷ୍ଟ ନାହିଁ, କିନ୍ତୁ ସେ ଯେ ଲୋକ ସାଧାରଣଙ୍କୁ ସନ୍ତାପିତ କରୁଛି ତାହାହିଁ ମୋର ଦୁଃଖର କାରଣ ହୋଇଛି । ମୋର ମତ ଏହିପରି । ଆପଣମାନଙ୍କର ମତ କୁହନ୍ତୁ, କାରଣ ତତ୍ତ୍ୱଜ୍ଞ ବ୍ୟକ୍ତି ମଧ୍ୟ କୌଣସି କାର୍ଯ୍ୟ ଏକାକୀ ନିର୍ଣ୍ଣୟ କରିବା ବେଳେ ଅବଶ୍ୟ ସନ୍ଦେହାପନ୍ନ ହୋଇଥାଏ ।"

ବଳରାମ ଶ୍ରୀକୃଷ୍ଣଙ୍କ ମତ ସମର୍ଥନ କରି କହିଲେ, "କୃଷ୍ଣ ଯେଉଁ ବିଷୟ କହିଲେ ସେ ବିଷୟରେ ସେହି ପ୍ରକାରେ ଉଦ୍ୟମ କରିବା ହିଁ ତାହାର ଉତ୍ତର । ଶତ୍ରୁପକ୍ଷର ପୂର୍ଣ୍ଣ ଉନ୍ମୂଳନ କରି ନ ପାରିଲେ ପ୍ରତିଷ୍ଠା ଦୁର୍ଲଭ ହୋଇଥାଏ । ଯେ ପର୍ଯ୍ୟନ୍ତ ଜଣେ ମଧ୍ୟ ଶତ୍ରୁ ବଞ୍ଚିଥାଏ ସେ ପର୍ଯ୍ୟନ୍ତ ସୁଖ କାହିଁ ? ଯେ ଅପକାରୀ ସେ ହିଁ ଶତ୍ରୁ, ଯେ ଉପକାର କରେ ସେ ମିତ୍ର । ରୁକ୍ମିଣୀଙ୍କ ଯୋଗୁଁ ଶିଶୁପାଳ ତୁମକୁ ବୈରୀ ଦୃଷ୍ଟିରେ ଦେଖେ । ତୁମେ ଯେତେବେଳେ ଭୌମାସୁର ବିଜୟାର୍ଥେ ଯାଇଥିଲ ସେତେବେଳେ ସେ ଏହି ଦ୍ୱାରକା ଆକ୍ରମଣ କରିଥିଲା । ବଭ୍ରୁର ପତ୍ନୀକୁ ତ ସେ ଅପହରଣ କରି ନେଇଗଲା । ତେଣୁ, ତୁମର ଏକମାତ୍ର ଅପକାର ବଦଳରେ ସେ ବହୁତ ଥର ବନ୍ଧୁ-ରୂପରେ ଆମର ଅପକାର କରି ଚାଲିଛି । ଅତଏବ ନିଜର ଅପକର୍ମ ଯୋଗୁଁ ସେ ଆମର ଶତ୍ରୁପକ୍ଷ ହୋଇ ଯାଇଛି । କ୍ରୋଧରେ ଜଳୁଥିବା ଶତ୍ରୁ ସହ ବୈର ଉତ୍ପତ୍ତି ପରେ ଉଦାସୀନ ରହିବା ମଧ୍ୟ ଆତ୍ମଘାତୀ ଅଟେ । ପୁଣି ଦଣ୍ଡ ବଳରେ ସାଧ୍ୟ ଶତ୍ରୁଠାରେ ସାମାଦି ଅନ୍ୟ ଉପାୟ ପ୍ରୟୋଗର ଫଳ ମଧ୍ୟ ଓଲଟା ହୁଏ । ଆହୁରି ମଧ୍ୟ ଜରାସନ୍ଧର ନିଧନ ପରେ ତାର ଆଉ କୌଣସି ପ୍ରବଳ ମିତ୍ର ମଧ୍ୟ ନାହାନ୍ତି । ତେଣୁ ମୋର ରାୟ ହେଉଛି ଯେ ଇନ୍ଦ୍ରପ୍ରସ୍ଥ ଦିଗକୁ ନ ଯାଇ ଆମ ଯାଦବ ସେନା ମାହିଷ୍ମତୀ ଯାଇ ଘେରାଉ କରନ୍ତୁ । ପାଣ୍ଡବ ଯଜ୍ଞ କରନ୍ତୁ, ଇନ୍ଦ୍ର ନିଜ ସ୍ୱର୍ଗର ରକ୍ଷା କରନ୍ତୁ,

ସୃଷ୍ଟି ଦାନ କରନ୍ତୁ ଉତ୍ତାପ, ଆଉ ଆମେ ମଧ୍ୟ ଆମ ଶତ୍ରୁର ସମ୍ମୁଖୀନ ହେବା । ସମସ୍ତେ ତ ନିଜ ନିଜର ସ୍ୱାର୍ଥରକ୍ଷା ଗ୍ରହାନ୍ତି ।"

ତଥାପି ଶ୍ରୀକୃଷ୍ଣ ଉଦ୍ଧବଙ୍କୁ ନିଜ ମତ ପ୍ରକାଶ କରିବାକୁ ନେତ୍ରଭଙ୍ଗୀ ଦ୍ୱାରା ଇସାରା ଦେଲେ । ଉଦ୍ଧବ ବଳରାମଙ୍କ ବକ୍ତବ୍ୟର ପ୍ରଶଂସା କରି ସ୍ୱମତ ବ୍ୟକ୍ତ କଲେ, "ଚେଦିନରପତିଙ୍କୁ ଏକାକୀ ମିତ୍ର ରହିତ ବିଚାରିବା ଉଚିତ ନୁହେଁ । ବହୁ ରୋଗର ଆଧାର ରାଜଯକ୍ଷ୍ମା ତୁଲ୍ୟ ସେ ରାଜାମାନଙ୍କର ଏକ ଟିକିଲରୂପ ମାତ୍ର । ବାଣାସୁର, କାଳଯବନ ଶାଲ୍ୱ, ରୁକ୍ମୀ, ଦ୍ରୁମ ଇତ୍ୟାଦି ଦୁଷ୍ଟ ରାଜାଗଣ ତାଙ୍କର ଅନ୍ତରଙ୍ଗ ସାଥୀ ଅଟନ୍ତି । ତାଛଡ଼ା ତୁମର ଅନ୍ୟାନ୍ୟ ଶତ୍ରୁ ମଧ୍ୟ ତାଙ୍କର ମିତ୍ର ହୋଇ ଉଠିବେ । ଆଉ ଯେତେବେଳେ ଧର୍ମଧ୍ୱଜ ତୁମ୍ଭଙ୍କୁ ତାଙ୍କର ସର୍ବାଧିକ ସମର୍ଥ ସହାୟକ ଜ୍ଞାନକରି ଯଜ୍ଞ କରିବାରେ ପ୍ରବୃତ୍ତ ହୋଇଛନ୍ତି, ସେତେବେଳେ ତୁମ୍ଭେ ଏହି ପ୍ରକାରେ ସକଳ ରାଜନ୍ୟ ମଣ୍ଡଳୀକୁ କ୍ଷୁବ୍ଧ କରିବା ଦ୍ୱାରା ସେହି ଅଜାତଶତ୍ରୁ ପାଣ୍ଡବଙ୍କ ଯଜ୍ଞରେ ବିଘ୍ନ ଉତ୍ପନ୍ନ କରାଇ, ତୁମ୍ଭେ ହିଁ ହୋଇ ଉଠିବ ତାଙ୍କର ପ୍ରଥମ ଶତ୍ରୁ । ଶରଣାଗତ ଯେ, ସେ ଶତ୍ରୁ ହେଲେ ମଧ୍ୟ ତାହାପ୍ରତି ଅନୁଗ୍ରହ କରାଯାଏ । ଅଉ ଯେଉଁ ଦେବତାଙ୍କ ନିମିତ୍ତ ଏହି ଶତ୍ରୁର ବଧ ଶ୍ରେୟସ୍କର ମନେ କରୁଛ, ସେମାନଙ୍କ ପାଇଁ ତ ଯଜ୍ଞ ଅଧିକ ପ୍ରିୟ । ଆହୁରି ଗୋଟାଏ କଥା, ତୁମ୍ଭେ ଶିଶୁପାଳ-ଜନନୀ ତୁମ୍ଭର ପିଉସୀଙ୍କ ନିକଟରେ ପ୍ରତିଜ୍ଞା କରିଛ ଯେ ଶିଶୁପାଳର ଏକଶହ ଅପରାଧ ସହିବ, ସେ ପ୍ରତିଜ୍ଞା ବି ତ ପ୍ରତିପାଳନ କରିବାର ଅଛି । ତେଣୁ ଆପଣା ଚରମାନଙ୍କ ମାଧ୍ୟମରେ ରାଜନ୍ୟବର୍ଗଙ୍କୁ ପ୍ରେରଣା ଯୋଗାଅ ଯେପରି କି ସେମାନେ ସମସ୍ତେ ଅଜାତଶତ୍ରୁଙ୍କ ରାଜଧାନୀରେ ଆସି ଉପସ୍ଥିତ ହୁଅନ୍ତି । ସେଠାରେ ଯେତେବେଳେ ପାଣ୍ଡୁପୁତ୍ରଗଣ ତୁମ୍ଭପ୍ରତି ବିଶେଷ ଭକ୍ତି ପ୍ରଦର୍ଶନ କରିବେ, ସେତେବେଳେ ଈର୍ଷାଳୁ ରାଜାମାନେ ନିଜ ଶତ୍ରୁତା ନେଇ ଉଗ୍ର ହେବେ । ଫଳତଃ ନିଜ ମିତ୍ର ରାଜାମାନେ ବାରି ହୋଇ ପଡ଼ିବେ । ଏହି ଭବରେ ଆପଣାର ସ୍ୱାଭାବିକ ଚପଳ୍ୟ ଦୋଷରେ ସେହି ଶତ୍ରୁଗଣ ତୁମ୍ଭର ପ୍ରତାପାଗ୍ନି ପ୍ରତି ହେବେ ପତଙ୍ଗ ତୁଲ୍ୟ ।"

## ଦ୍ୱାରକାରୁ ଇନ୍ଦ୍ରପ୍ରସ୍ଥ ପ୍ରତି ପ୍ରସ୍ଥାନ

ସୂର୍ଯ୍ୟ ଯେପରି ଉତ୍ତରାୟଣରୁ ଦକ୍ଷିଣାୟନ ହୁଅନ୍ତି ସେହି ପ୍ରକାରେ ଯୁଦ୍ଧ-କାମନା ତ୍ୟାଗକରି ସୌମ୍ୟ ଶ୍ରୀକୃଷ୍ଣ ଇନ୍ଦ୍ରପ୍ରସ୍ଥ ଉଦ୍ଦେଶ୍ୟରେ ସଂପୂର୍ଣ୍ଣ ସମାରୋହରେ

ପ୍ରସ୍ଥାନ କଲେ । ତାଙ୍କ ପଛରେ ଗ୍ଭଲିଲେ ତାଙ୍କ ଚତୁରଙ୍ଗ ସେନା । ପ୍ରସ୍ଥାନ କାଳରେ ମୁରାରୀଙ୍କ ଦର୍ଶନ ନିମିତ୍ତ ନଗରୀର ପ୍ରତ୍ୟେକ ରାଜପଥରେ ଗହଳି କରି ଆସିଲେ ଅଧିବାସୀ ଜନସମୂହ—ପ୍ରୀତି ଚରପଲ୍ଲବିତ ବସ୍ତୁକୁ ମଧ୍ୟ ନୂତନ ତୁଲ୍ୟ କରି ଉପସ୍ଥାପିତ କରାଇଥାଏ । ସୈନ୍ୟବାହିନୀର ସଘନ ଭିଡ଼ ଯୋଗୁଁ ଧୀରେ ଧୀରେ ଗ୍ଭଲୁଥିବା ନିଜ ରଥର ଗତିକୁ ଶ୍ରୀକୃଷ୍ଣ ଅନୁଭବ କରି ପାରୁ ନ ଥିଲେ, କାରଣ ସେ ଦ୍ୱାରକା ନଗରୀର ଶୋଭାଦର୍ଶନରେ ତନ୍ମୟ ଥିଲେ । ଏହାର ଅଧିବାସୀଙ୍କ ନିକଟରେ ଏପରି ବୈଭବ ଏତେ ପ୍ରଚୁର ଥିଲା ଯେ ମନ ତାହାର କଳ୍ପନା ମଧ୍ୟ କରି ପାରୁ ନ ଥିଲା । ସର୍ବୋପରି ସୁନ୍ଦରୀ ଲଳନାର ଲଲାଟ ତିଳକ ତୁଲ୍ୟ ଏହାର ଶ୍ରୀ ସମୃଦ୍ଧି ବର୍ଣ୍ଣନ କରୁଥିଲେ ସ୍ୱୟଂ ଶ୍ରୀକୃଷ୍ଣ ।

ନଗର ବାହାରକୁ ଆସି ଶ୍ରୀକୃଷ୍ଣ ଦେଖିଲେ ସାଗର ଜଳରେ ପ୍ରତିବିମ୍ବିତ ସାଗର ତଟସ୍ଥ ବୃକ୍ଷଶୋଭା । ପ୍ରତେ ହେଲା ସାଗର ସତେ ଅବା ନିଜ ଯୁଗାନ୍ତବନ୍ଧୁ କୃଷ୍ଣଙ୍କୁ ଆଗେଇ ଦେବା ଲାଗି ଆପଣାର ଉତ୍ତୁଙ୍ଗ ତରଙ୍ଗ-ରୂପ ବାହାକୁ ପ୍ରସାରିତ କରୁଥିଲା । ଶ୍ରୀକୃଷ୍ଣଙ୍କ ସୈନିକ ଲବଙ୍ଗ-ମାଳା ପରିଧାନ କରି, ନାରିକେଳ ଜଳପାନ ଦ୍ୱାରା ତଥା ଗୁବାକର ଆସ୍ୱାଦନ ମଧ୍ୟରେ ପ୍ରବେଶ କରୁଥିଲେ ସମୁଦ୍ରର ଆତିଥ୍ୟ । ଧୀରେ ଧୀରେ ଶ୍ରୀକୃଷ୍ଣଙ୍କ ସେନା ଅଗ୍ରସର ହେଲେ ।

## ରୈବତକ ଗିରି ରମ୍ୟତା :

ମାର୍ଗରେ ଶ୍ରୀକୃଷ୍ଣ ଦେଖିଲେ ଉନ୍ନତ ଶିଖର ଶୋଭୀ ରୈବତକ ପର୍ବତ—ଯାହା ବହୁବାର ଦୃଷ୍ଟିପୂର୍ବ ହୋଇ ମଧ୍ୟ ଶ୍ରୀକୃଷ୍ଣଙ୍କ ବିସ୍ମୟର କାରଣ ହେଲା । ବସ୍ତୁତଃ ତାହାହିଁ ରମଣୀୟତା, ଯାହା କ୍ଷଣକୁ କ୍ଷଣ ନୂଆ ନୂଆ ଲାଗେ । ସାରଥି ଦାରୁକ ପର୍ବତର ସମୁଚ୍ଚ ଶିଖର, ନିର୍ଝର, ମେଘମଣ୍ଡଳ, ସ୍ଫଟିକଶିଳାରାଶି, ପୁଷ୍ପିତ୍ରାବନତବୃକ୍ଷରାଜି, ଲତାବଳୀ, ପକ୍ଷିଗଣ, ରତ୍ନରାଶି, ଚମରୀ, ପଦ୍ମିନୀ, ପ୍ରବହମାନ ନଦୀ, ସମାଧିରତ ଯୋଗୀଜନ, ବିଶାଳ ସରୋବର ଆଦିର ସରସ ଏବଂ ଉଦାତ୍ତ ବର୍ଣ୍ଣନା କଲେ ।

## ଗିରି—ବିଶ୍ରାମ

ତାହା ଶୁଣି ଶ୍ରୀକୃଷ୍ଣଙ୍କ ଇଚ୍ଛା ହେଲା ସେଠାରେ ବିଶ୍ରାମ କରିବାକୁ । ତେଣୁ ସେନା ସେହି ପର୍ବତ ଅଭିମୁଖରେ ଯାତ୍ରା କଲା । ସେନାର ହାତୀ,

ଘୋଡ଼ା, ଓଟ, ଗର୍ଦ୍ଦଭ ଆଦିଙ୍କ ପଦପାତରେ ଆକାଶରେ ଉଡ଼ୁଥିଲା ପ୍ରଚୁର ଧୂଳି । କେତେକ ସାମନ୍ତ ନରପତି ଗୁମ୍ଫାମାନଙ୍କରେ ଏବଂ ଅନ୍ୟ କେତେକ ଶ୍ରୀକୃଷ୍ଣଙ୍କ ଶିବିର ପାର୍ଶ୍ବରେ ଆପଣାର ଆବାସ ସ୍ଥିର କଲେ । ସାଧାରଣ ସୈନିକମାନେ ଆଶ୍ରୟ ନେଲେ ବୃକ୍ଷଛାୟାରେ । ଶ୍ରାନ୍ତକ୍ଲାନ୍ତ ରାଜଦାରଗଣ ସେହି ଆବାସରେ ଦୂର୍ବାନିର୍ମିତ ନୈସର୍ଗିକ ଶଯ୍ୟାରେ ଉପବେଶନ କଲେ ନିଦ୍ରା-ସୁଖ । ଶିବିର ନିକଟରେ ଖୋଲିଗଲା ଯୁଦ୍ଧୋପଯୋଗୀ ଦୋକାନ ବଜାର । ସୈନିକଗଣ ପାର୍ବତ୍ୟ ନଦୀମାନଙ୍କ ଜଳର ଉପଯୋଗ କଲେ ସ୍ନାନ-ପାନ-ବସ୍ତ୍ରକ୍ଷାଳନ ସହିତ ମୃଣାଳ ଆସ୍ୱାଦନ ତଥା କମଳକୁସୁମ ଧାରଣ କରିବାକୁ ଲାଗିଲେ, ଯଦ୍ଦ୍ୱାରା ଏ ନଦୀମାନଙ୍କ ପକ୍ଷରେ ଅନୁପଭୋଗ-ଜନିତ ବ୍ୟର୍ଥତାର କଳଙ୍କ ବିଦୂରିତ ହେଲା । ହାତୀ, ଘୋଡ଼ା, ବଳଦ, ଓଟ ପ୍ରଭୃତି ସେନାଙ୍ଗମାନଙ୍କର ସ୍ୱଭାବସୁନ୍ଦର କାର୍ଯ୍ୟଟିକୁ ଦେଖିବା ପାଇଁ ଖୁବ୍ ଆକର୍ଷଣୀୟ ଥିଲା ।

## ଋତୁ ବୈଭବ

ଏହିପରି, ସେହି ପର୍ବତରେ ବିଶ୍ରାମକାମୀ ଶ୍ରୀକୃଷ୍ଣଙ୍କ ସେବା ନିମିତ୍ତ ଛଅ ଋତୁ ଯାକ ନିଜ ସମ୍ପର୍କିତ ବୃକ୍ଷମାନଙ୍କରେ ପୁଷ୍ପସମୃଦ୍ଧି ବିକ୍ଷୁରିତ କରିଦେଲେ । ବସନ୍ତର ଶୋଭା ନୂତନ ପଲାଶବନମାନଙ୍କରେ, ବିକଶିତ ପଦ୍ମମଧ୍ୟରେ, କୁରୁବକ-ସ୍ତବକରାଜିରେ, ବିକଚ-ଚମ୍ପକ କୁସୁମରେ, ଶୋଭନ ଅଶୋକପୁଞ୍ଜରେ, ରସାଳ-ମଞ୍ଜରୀରେ, ବକୁଳ-ମକରନ୍ଦ-ପାନମତ୍ତ-ମଧୁପ ଗୁଞ୍ଜରଣମାନଙ୍କରେ ତଥା କୋକିଳର କୁହୁଧ୍ୱନିରେ ସର୍ବତ୍ର ପ୍ରକାଶିତ ହୋଇପଡ଼ିଲା ଏବଂ ତାହା ଯୁବକମାନଙ୍କ ପକ୍ଷରେ ହେଲା ଉଦ୍ଦୀପନାର କାରଣ ।

ଗ୍ରୀଷ୍ମର ବୈଭବ ଝଲସି ଉଠୁଥିଲା ଶିରୀଷ, ନବମଲ୍ଲିକା, ପାଟଳ (ଗୋଲାପ) ଆଦି ବୃକ୍ଷରାଜିର ପୁଷ୍ପଶୋଭାରେ ।

ଅନ୍ୟ ଦିଗରେ ବର୍ଷଣୋନ୍ମୁଖ ମେଘ ଅସମୟରେ ଆସି ଛାଇଗଲା ରୈବତକ ପର୍ବତକୁ । ଧାଡ଼ି ଧାଡ଼ି ମୟୂର କେକାଧ୍ୱନି ସହ ନୃତ୍ୟ କରିବାକୁ ଲାଗିଲେ । ବନରେ ବିକଶିତ କଦମ୍ବ ଓ ଶିଲୀନ୍ଧ୍ରର ସୁଗନ୍ଧ ବହନ କରି ବାୟୁପ୍ରବାହିତ ହେବାକୁ ଲାଗିଲା । କୁଟଜ, କେତକୀ ତଥା ମାଳତୀର ପୁଷ୍ପସମୃଦ୍ଧିରେ ପ୍ରେମୀ

ଜନମନ ବିବଶ ହୋଇ ଉଠୁଥିଲା । ବିଜୁଳୀର ସ୍ଫୁରଣରେ ଭୀତ ସୁନ୍ଦରୀମାନେ ଘରୁ ବାହାରିବାକୁ ଅନିଚ୍ଛୁକ ହୋଇ ଯଦୁପୁଙ୍ଗବମାନଙ୍କ ସହିତ ରମଣ କରିବାକୁ ଲାଗିଲେ ।

ଶରତର ହଂସଧ୍ୱନିରେ ମୟୂରକେକାର ମାଧୁର୍ଯ୍ୟହ୍ରାସ ଘଟୁଥିଲା । କମଳ ଓ ସପ୍ତଚ୍ଛଦର ମକରନ୍ଦ ପାନରେ ମଧୁପମାଳା ମତ୍ତ ହୋଇ ଉଠୁଥିଲେ । ଚତୁର୍ଦ୍ଦିଗ ହୋଇଥିଲା ମେଘହୀନ ଶୁଭ୍ରରୂପ । ଆକାଶରେ ଶୁକ-ପଂକ୍ତି ଉଡ଼ିବାକୁ ଲାଗିଲେ ।

ହେମନ୍ତର ପବନ ନଦୀଜଳକୁ ହିମ-ଶୀତଳ କରିବାକୁ ଲାଗିଲା । ପ୍ରିୟାଲିଙ୍ଗନ ଦ୍ୱାରା ବିଦୂରିତ ହେବାକୁ ଲାଗିଲା ଶୀତବ୍ୟଥା ।

ଶିଶିର-ବାୟୁ ପୁଷ୍ପିତ କରିଦେଲା ପ୍ରିୟଙ୍ଗୁଲତାକୁ । ଲୋଧ୍ରରେଣୁ ଉଡ଼ିବାକୁ ଲାଗିଲା । ଶୀତାପହାରୀ ପ୍ରିୟାସ୍ତନର ଆଲିଙ୍ଗନ ଆହୁରି ଅଧିକ ସୁଖଦ ହୋଇଉଠିଲା । କୁନ୍ଦଲତାଗୁଡ଼ିକ ଫୁଲରେ ଭାଙ୍ଗି ପଡ଼ିଲେ ।

ଏହି ପ୍ରକାରେ ଷଡ଼ଋତୁସଂହାର ଶ୍ରୀକୃଷ୍ଣଙ୍କୁ ତଥା ତାଙ୍କ ସେନାଙ୍କୁ ସେହି ପର୍ବତରେ ବିହାର କରିବା ନିମିତ୍ତ ସତତ ଅବା ଆମନ୍ତ୍ରଣ କରିଥିଲା ।

**ବନବିହାର**

ଶ୍ରୀକୃଷ୍ଣ ଷଡ୍‌ଋତୁସମୃଦ୍ଧ ବନପ୍ରଦେଶର ସୁଷମା ଦେଖିବାକୁ ବାହାରିଲେ । ଅନ୍ୟାନ୍ୟ ଯଦୁଗଣ ମଧ୍ୟ ସସ୍ତ୍ରୀକ ବାହାରିଲେ । ଅଙ୍ଗନାମାନେ ବନଭୂମିରେ ପଦପାତ ମାତ୍ରେ ସେମାନଙ୍କର ଶୃଙ୍ଗାରଚେଷ୍ଟା ଦେଖାଦେଲା । ଆରମ୍ଭ ହୋଇଗଲା କୁପିତନାୟିକାଙ୍କ ଅନୁନୟ । ସୁନ୍ଦରୀଙ୍କ ବାହୁଦ୍ୱାରା ଆନ୍ଦୋଳିତ ତରୁଶାଖା ସବୁ ସେମାନଙ୍କ ଶିରୋପରି କୁସୁମବର୍ଷଣ କରୁଥିଲେ । ବନାନ୍ତ ପ୍ରଦେଶରେ ପ୍ରିୟ ସହିତ ଚାଲିଲା ସୁନ୍ଦରୀଗଣଙ୍କର ନାନା ଚେଷ୍ଟା । ତା ପରେ ଚାଲିଲା ପ୍ରିୟାର ଅନୁଗମନ । କୌଣସି ସୁନ୍ଦରୀ ମଧୁମଦରେ ଆଖି ବନ୍ଦ କରି ପ୍ରିୟର କୋଳରେ ଢଳି ପଡ଼ୁଛି—ଅଙ୍ଗନାଙ୍କର ଭୀରୁତା ଗୁଣ ତ ଏକ ସ୍ୱୀକୃତ କଥା ! ଏହି ପ୍ରକାରେ ମୁଗ୍ଧାନାୟିକାର କ୍ରୀଡ଼ା, ସପତ୍ନୀର ହର୍ଷ-ଈର୍ଷ୍ୟାପ୍ରକାଶନ, ଖଣ୍ଡିତାଦ୍ୱାରା ସାପରାଧ ପ୍ରିୟର ଭର୍ତ୍ସନା, ବନବିହାର ଶ୍ରମ-ଜନିତ-ଖେଦ-ନିବାରଣାର୍ଥ ଜଳକ୍ରୀଡ଼ା ଆଦି ଚାଲିଲା ।

**ଜଳକ୍ରୀଡ଼ା**

ଜଳବିହାର କାଳରେ ପ୍ରେୟସୀମାନଙ୍କର ନିଜ ପ୍ରିୟ ଅନୁରାଗୀଙ୍କ ସହିତ ମନୋରମ ବିଭ୍ରମଯୁକ୍ତ କ୍ରୀଡ଼ା ଚାଲିଲା । ଧୀରେ ଧୀରେ ଅସ୍ତମିତ ହେବାକୁ ବସିଲେ ସୂର୍ଯ୍ୟ ।

ପତନ କାଳରେ ଦିନପତିଙ୍କ ସହସ୍ର କର ମଧ୍ୟ ସମ୍ଭାଳି ନ ପାରି ବିଚଳିତ ହୋଇ ଉଠିଲେ । ନବକୁଙ୍କୁମାରୁଣ ପୟୋଧର ଶୋଭି ବାରୁଣୀ ଦିଗର ମନୋହର ଅମ୍ବରକୁ ନିଜ କରରେ ଅବଲମ୍ବନ କରି ଦିନ ପତି ତାହାର ନିକଟରେ ଅତିଶୟ ଶୋଭିତ ହୋଇ ଉଠୁଥିଲେ । ଧୀରେ ଧୀରେ ତପ୍ତସ୍ୱର୍ଣ୍ଣକୁମ୍ଭ ସଦୃଶ ରବିଗୋଳକ ପଶ୍ଚିମ ପୟୋଧିରେ ବୁଡ଼ି ଯାଉଥିବାବେଳେ ମନେ ହେଲା ସତେ ଯେପରି ତାହା ବ୍ରହ୍ମାଙ୍କ ନଖରେ ଦ୍ୱିଧା ବିଦୀର୍ଣ୍ଣ ବିଶାଳ ବ୍ରହ୍ମାଣ୍ଡର ଏକ ଖଣ୍ଡ । ସନ୍ଧ୍ୟାର ରକ୍ତିମା ଲୁଚି ଗଲା । ସତେ ଅବା ପର୍ବତ ଗୁହା ମଧ୍ୟରୁ ନିର୍ଗତ ଅନ୍ଧକାର -ପଟଳ ଧୀରେ ଧୀରେ ସକଳ ଦିଗକୁ ପ୍ରସାରିତ ହେଲା ।

ପୁଣି, ପୂର୍ବାକାଶ ଭାସ୍ୱର ହୋଇ ଉଠିଲା—ବସୁଧାର ନିମ୍ନଭାଗରୁ ଶେଷନାଗଙ୍କ ସହସ୍ର ଫଣାର ମଣି-ରଶ୍ମି ତୁଲ୍ୟ ଚନ୍ଦ୍ରକିରଣ ଝଲସିବାକୁ ଲାଗିଲା । ନିଜ ଲକ୍ଷଣ ଯୁକ୍ତ ଚନ୍ଦ୍ରମାରୂପୀ ରାମ ଜଳଧି ଅତିକ୍ରମ କରି ଋକ୍ଷ ତାରା) ଗଣଙ୍କ ସହିତ ରାକ୍ଷସକୁଳ ସହ ତୁଳନୀୟ ତିମିର-ପଟଳର ବିନାଶ କଲେ ଅବା ! ରଜନୀଗଣାଙ୍କର ମିଳିତ ଶୋଭା ହେଲା ଅତି ମନୋରମ । ଚନ୍ଦ୍ରମାର ଚନ୍ଦ୍ରିକା ତ ଅବଶ୍ୟ ଉଦ୍ଦୀପକ ହୁଏ; ତେଣୁ ପ୍ରେମିକ ପକ୍ଷରେ ହେଲା ରତିକ୍ରୀଡ଼ାର ଉପକ୍ରମ । ଦୂତୀ-ପ୍ରେଷଣ କରା ହେଲା । ପ୍ରିୟ ସମାଗମରେ ଆରମ୍ଭ ହେଲା ସମ୍ଭ୍ରମ ଏବଂ ଚନ୍ଦ୍ରିକା ବିହାରର ଅସୂମାରମ୍ଭ ହେଲା ।

**ରତି—କ୍ରୀଡ଼ା**

ଚନ୍ଦ୍ରିକାରେ ଆରମ୍ଭ ହୋଇଗଲା ପ୍ରେମିକଙ୍କର ମଦ୍ୟପାନ—ପରେ ପରେ ଅଧରପାନ ଚାଲିଲା । ଯୌବନ ଏବଂ ସୌନ୍ଦର୍ଯ୍ୟ ସହିତ ମଧୁପାନ ମିଶି କରାଇଲା ପ୍ରିୟସଙ୍ଗମ—ରତିକ୍ରୀଡ଼ା ଚାଲିଲା । ରମଣୀଙ୍କ ସୀତ୍କାର, ମଣିତ ଧ୍ୱନି, କରୁଣୋକ୍ତି, ସ୍ନିଗ୍ଧବଚନ, ନିଷେଧ-ଶବ୍ଦ, ହାସ, ଭୂଷଣରବ ଆଦି ସକଳ ପଦାର୍ଥ ସେତେବେଳେ କାମସୂତ୍ରର ପଦ ପରି ଜଣାପଡୁଥିଲା । ଏହିପରି ସାରା ରାତି କ୍ରୀଡ଼ା ଚାଲିଲା;

ପ୍ରତେ ତ ହୁଏ ଏମାନଙ୍କ ଗ୍ରାମ୍ୟ ଚେଷ୍ଟା ଦେଖି ରଜନୀ ମଧ୍ୟ ଲଜ୍ଜାରେ ନିଜ-ଚନ୍ଦ୍ରମୁଖ ଅବନତ କରି ପକାଇଲା । ପ୍ରଭାତର ବେଳ ଆସିଗଲା ।

**ପ୍ରଭାତ—ସୁଷମା**

ଭଟ୍ଟମାନେ ସ୍ନିଗ୍ଧ କଣ୍ଠରେ ଶ୍ରୀକୃଷ୍ଣଙ୍କୁ ପ୍ରାଭାତିକୀ ଶୁଣାଇବାକୁ ଲାଗିଲେ—"ହାତୀଶାଳ ହାତୀଙ୍କୁ କଡ଼ ଲେଉଟାଇ ପୁଣି ଶୁଆଇ ପକାଉଛନ୍ତି । ତରୁଣୀମାନେ ନିଦ୍ରାଭଙ୍ଗ ହୋଇଥିଲେ ମଧ୍ୟ ରତିକ୍ଲାନ୍ତି ଯୋଗୁଁ ବିଳମ୍ବରେ ଶୋଇଥିବା ନିଜ ପ୍ରିୟର ନିଦ୍ରାଭଙ୍ଗ ଆଶଙ୍କାରେ ଆଲିଙ୍ଗନ ଶିଥିଳ କରୁନାହାନ୍ତି । ସାରାରାତି ପ୍ରେମିକ ପ୍ରେମିକାଙ୍କର ରତିକ୍ରୀଡ଼ା ସକୌତୁକ ପ୍ରତ୍ୟକ୍ଷ କରିଥିବା ଗୃହ-ନେତ୍ର-ତୁଲ୍ୟ ଏହି ଦୀପର ପ୍ରକାଶ ଧୀରେ ଧୀରେ କ୍ଷୀଣ ହୋଇ ଯାଇ ସତେ ଅବା ନିଦ୍ରା-ହୀନତାରେ ଚଞ୍ଚଳ ହୋଇ ଉଠୁଛି । ବାରାଙ୍ଗନାମାନେ ବିପର୍ଯ୍ୟସ୍ତ କେଶଭାର ଓ ତନ୍ଦ୍ରାଳସ ଚକ୍ଷୁ ନେଇ ରମଣବସତିରୁ ନିର୍ଗତ ହୋଇ ଯାଉଛନ୍ତି । କୁମୁଦିନୀର ଚକ୍ଷୁ ମୁଦ୍ରିତ ହେଲାଣି, ରଜନୀର ଅବସାନ ହେଲାଣି, ତାରାମାନେ ଆକାଶରେ ଲିଭିଗଲେଣି । ଏହି ପ୍ରକାରରେ କଳଙ୍କପ୍ରେମୀ ଚନ୍ଦ୍ରମା ସତେ ଅବା ଶୋକବଶରେ ଦୁର୍ବଳ ଓ କାନ୍ତିମ୍ଳାନ ହୋଇ ପଡ଼ୁଛି ।

"ଏ ପର୍ଯ୍ୟନ୍ତ ଅଂଶୁମାଳୀ ସୂର୍ଯ୍ୟ ନେତ୍ର-ଗୋଚର ହୋଇ ନାହାନ୍ତି, କିନ୍ତୁ ଅରୁଣ ତିମିର ରାଶିକୁ ତା ପୂର୍ବରୁ ଧ୍ୱଂସ କରି ଦେଉଛି—ତେଜସ୍ୱୀର ଅଗ୍ରଗାମୀ ବ୍ୟକ୍ତି ମଧ୍ୟ ଶତ୍ରୁ ବିନାଶ କରିବାରେ ସମର୍ଥ ହୋଇଥାଏ । ଧୀରେ ଧୀରେ ଶ୍ରଦ୍ଧାରେ ଅବନତ ପ୍ରସନ୍ନ ମାନବଙ୍କ ପ୍ରତି ଦୃଷ୍ଟିପାତ କରି ସମସ୍ତ ଭୁବନତଳକୁ ଅନୁଗୃହୀତ କରିବା ନିମିତ୍ତ ସୂର୍ଯ୍ୟ ଉଦୟଗିରି ଶିଖର ଉପରକୁ ଉଠି ଆସିଲେ । ଦିଗ୍‌ବଧୂମାନଙ୍କର ପାଣିଗ୍ରହୀତା ପତି ସୂର୍ଯ୍ୟଦେବ କିଛି କାଳ ପ୍ରବାସରେ କଟାଇ ପୁଣି ପୂର୍ବଦ୍ୱାରରେ ଉପସ୍ଥିତ ହୁଅନ୍ତେ, ସତେ ଅବା ଚନ୍ଦ୍ର ସେମାନଙ୍କର ଜାରପତି ସମ ସ୍ରସ୍ତାଂଶୁକ ହୋଇ ନୀଚ ଗତିରେ ପଶ୍ଚିମ ଦ୍ୱାର ଦେଇ ଅତିଶୀଘ୍ର ନିର୍ଗତ ହୋଇ ପଳାୟନ କରୁଛି । ଅଧୁନା ଗଗନତଳରେ ଏକମାତ୍ର ଭାସ୍କର ହିଁ ଅଧିଷ୍ଠିତ ଅଛନ୍ତି । ହେ ଦେବ ପ୍ରଭୁ ଶ୍ରୀକୃଷ୍ଣ, ଦିନନାୟକ ଆପଣଙ୍କର ସୁପ୍ରଭାତ କରନ୍ତୁ ।"

## ପ୍ରାଭାତିକ ପ୍ରସ୍ଥାନ

ପ୍ରଭାତ ହୁଅନ୍ତେ ପ୍ରସ୍ଥାନ ନିମିତ୍ତ ଯଦୁସେନା ସନ୍ନଦ୍ଧ ହେଲା । ପଟହଧ୍ୱନି ନିନାଦିତ ହେଲା । ରଥ, ଅଶ୍ୱ, ଗଜେନ୍ଦ୍ର, ଉଷ୍ଟ୍ର ଆଦି ସମସ୍ତେ ଚାଲିବାକୁ ଲାଗିଲେ । ଗ୍ରାମବଧୂମାନେ କୃଷ୍ଣଙ୍କୁ ଯେତେ ଦେଖିଲେ ହେଁ ତୃପ୍ତ ହେଉ ନ ଥିଲେ । ରାସ୍ତାରେ ଅନେକ ପାର୍ବତ୍ୟ ମାର୍ଗ ଦେଇ ସେନା ଗତି କରୁଥିଲା, ସ୍ଥାନେ ସ୍ଥାନେ ଶିବିର ପଡ଼ୁଥିଲା । ଏହି ପ୍ରକାରେ ଯଦୁସେନା ଯମୁନା ନଦୀ ତଟରେ ପହଞ୍ଚିଲେ ଏବଂ ନଦୀ ଜଳର ଉପରେ ସେତେ ଦ୍ରୁତ ବେଗରେ ନଦୀ ପାର ହେଲେ ।

## ଯୁଧିଷ୍ଠିରଙ୍କ ଅଭିନନ୍ଦନ

ଏଣେ କେବଳ ଶ୍ରୀକୃଷ୍ଣଙ୍କ ଯମୁନା ପାର ହେବା ସମ୍ବାଦ ମାତ୍ର ନୁହେଁ, ଯେଉଁଦିନ ସେ ଦ୍ୱାରକାରୁ ପ୍ରସ୍ଥାନ କରିବା ପରେ ଦିନ ରାତି ପ୍ରତ୍ୟେକ ମୁହୂର୍ତ୍ତର ସମାଚାର ଧର୍ମରାଜ ଯୁଧିଷ୍ଠିରଙ୍କ ନିକଟରେ ପହଞ୍ଚୁଥିଲା । ଅତଏବ ସେ ଭ୍ରାତାମାନଙ୍କ ସହିତ ତାଙ୍କୁ ପାଛୋଟି ନେବା ଉଦ୍ଦେଶ୍ୟରେ ନଗର ବାହାରେ ଉପସ୍ଥିତ ହୋଇଥିଲେ । ଶ୍ରୀକୃଷ୍ଣଙ୍କୁ ଦେଖି ଯୁଧିଷ୍ଠିର ନିଜ ରଥରୁ ଅବତରଣ କରିବା ପୂର୍ବରୁ ସ୍ୱୟଂ ଶ୍ରୀକୃଷ୍ଣ ନିଜରଥରୁ ଓହ୍ଲାଇ ପଡ଼ି ପିଉସୀଙ୍କ ପୁଅ ଧର୍ମରାଜଙ୍କୁ ସବିନୟ ପ୍ରଣାମ କଲେ । ଯୁଧିଷ୍ଠିର ପରମପ୍ରିୟ ବାସୁଦେବଙ୍କୁ ବାହୁପାଶରେ ଆଲିଙ୍ଗନ କରି ତାଙ୍କର ମସ୍ତକ ଆଘ୍ରାଣ କଲେ । ଅନ୍ୟ ଯାଦବ-ନରେଶଙ୍କର ମଧ୍ୟ ଏହି ପ୍ରକାରେ ସ୍ୱାଗତ କଲେ । ଅର୍ଜ୍ଜୁନଙ୍କ କରାବଲମ୍ବନ କରି ଶ୍ରୀକୃଷ୍ଣ ରଥରେ ଆରୋହଣ କଲେ । ସ୍ୱୟଂ ଧର୍ମରାଜ ଅତୀବ ଅନୁରାଗରେ ରଥର ରଶ୍ମି ଧାରଣ କଲେ । ଭୀମ କରୁଥିଲେ ଚାମର ଚାଳନା, ଅର୍ଜୁନ ଶ୍ୱେତଛତ୍ର ଉତ୍ତୋଳନ କରି ରଖିଥିଲେ ଏବଂ ନକୁଳ ସହଦେବ ଅନୁଗମନ କରୁଥିଲେ । ଇନ୍ଦ୍ରପ୍ରସ୍ଥର ମହିଳାମାନେ ଅନ୍ୟ ସକଳ କାର୍ଯ୍ୟ ଛାଡ଼ି ନଗରର ପ୍ରତ୍ୟେକ ରାଜପଥରେ ଶ୍ରୀକୃଷ୍ଣଙ୍କୁ ଦେଖିବା ଲାଗି ଏକତ୍ର ହୋଇଗଲେ । ସୁନ୍ଦରୀମାନେ ବିବିଧ ଶୃଙ୍ଗାରଚେଷ୍ଟା ସହିତ ଶ୍ରୀକୃଷ୍ଣଙ୍କୁ ନିରୀକ୍ଷଣ କରୁଥିଲେ । ଧୀରେ ଧୀରେ ଶ୍ରୀକୃଷ୍ଣ ଯାଇ ପହଞ୍ଚିଲେ ଧର୍ମରାଜଙ୍କ ମୟନିର୍ମିତ ମଣିମୟୀ ଯଜ୍ଞସଭାରେ । ଯଦୁନନ୍ଦନଙ୍କୁ ଲାଭକରି ପାଣ୍ଡବକୁଳ ଅତିଶୟ ଆନନ୍ଦିତ ହୋଇ ଉଠିଲେ । ଆନନ୍ଦାତିଶଯ୍ୟରେ ସ୍ୱୟଂ ଧର୍ମରାଜ ଶ୍ରୀକୃଷ୍ଣଙ୍କ ଆଗମନ

ଉପଲକ୍ଷ୍ୟରେ ନଗରରେ ନିରନ୍ତର ଉତ୍ସବାନୁଷ୍ଠାନ ଲାଗି ଆଦେଶ ଦେଲେ । ନନ୍ଦନନ୍ଦନ ସେହି କୁରୁକୁଳରେ ବାଳକଠାରୁ ଆରମ୍ଭ କରି ବଡ଼ମାନଙ୍କ ନାମ ଧରି ପ୍ରତ୍ୟେକଙ୍କର କୁଶଳ ଜିଜ୍ଞାସା କରିଥିଲେ—ସୁଜନ ବ୍ୟକ୍ତି ବଡ଼ପଣ ପାଇଲେ ମଧ୍ୟ ନିରହଂକାର ହିଁ ହୁଅନ୍ତି ଏବଂ କାହୁ ବି ଭୁଲନ୍ତି ନାହିଁ ।

## ସାଭିନନ୍ଦନ ଯଜ୍ଞାରମ୍ଭ

ଧର୍ମରାଜ ଯୁଧିଷ୍ଠିର ଶ୍ରୀକୃଷ୍ଣଙ୍କୁ ସ୍ୱାଗତ ଜଣାଇ କହିଲେ—"ହେ ବିଶ୍ୱମ୍ଭର ଆଜି ଯେ ସମଗ୍ର ଭାରତବର୍ଷ ମୋର ବଶବର୍ତ୍ତୀ ହୋଇଛି, ଏହା ଆପଣଙ୍କ ସାମର୍ଥ୍ୟାତିଶଯ୍ୟର ହିଁ ପ୍ରସାଦ ମାତ୍ର । ମୁଁ ଯଜ୍ଞ କରିବାକୁ ଅଭିଳାଷ ରଖିଛି ।

"ପ୍ରଭୋ ! ଆପଣଙ୍କ ଅନୁଜ୍ଞାର ଅନୁଗ୍ରହ ପ୍ରାର୍ଥନା କରୁଛି । ଆପଣ ହିଁ ମୂଳ ଅଟନ୍ତି ସେହି ଧର୍ମମୟ ବୃକ୍ଷର, ଯାହାକୁ ମୁଁ ଲାଭ କରିଛି । ଆପଣଙ୍କ ସାନ୍ନିଧ୍ୟରେ ମୋର ଯଜ୍ଞ ନିର୍ବିଘ୍ନରେ ସୁସମ୍ପନ୍ନ ହେବ । ଧର୍ମପୂର୍ବକ ମୋତେ ଯେଉଁ ସମ୍ପତ୍ତି ମିଳିଛି, ମୁଁ ତାହା ସତ୍ପାତ୍ରରେ ଦାନ କରିବାକୁ ଚାହେଁ । ଅଥବା ପ୍ରଥମେ ଆପଣ ଯଜନ କରନ୍ତୁ, ପୁଣି ମୁଁ କରିବି । ହେ, ଜଗନ୍ନିୟନ୍ତା, ଭ୍ରାତାମାନଙ୍କ ସହ ମୁଁ ଆପଣଙ୍କର ଭୃତ୍ୟ ମାତ୍ର, କହିଦିଅନ୍ତୁ ମୁଁ କଣ କିପରି କରିବି ?"

ଶ୍ରୀକୃଷ୍ଣ ସମସ୍ତ ରାଜନ୍ୟବର୍ଗଙ୍କୁ ଶୁଣାଇ କହିଲେ, "ଆପଣ ଆପଣଙ୍କ ନୀତିମହିମା ଦ୍ୱାରହିଁ ସମସ୍ତ ନରେଶଙ୍କୁ ପରାସ୍ତ କରିଛନ୍ତି । ଆପଣଙ୍କ ଭଳି ସୁରାଜା ଥିବା ଅବସ୍ଥାରେ ଅନ୍ୟ ଦ୍ୱିତୀୟ କିଏ ରାଜସୂୟ ଯଜ୍ଞ କରିପାରେ ! ମୋତେ ତ ଏଠାରେ ଆପଣ ଧନଞ୍ଜୟ ସହିତ ସମାନ ଆପଣଙ୍କ ଆଜ୍ଞାପାଳ ମନେ କରନ୍ତୁ । ଆପଣଙ୍କର ଏହି ଯଜ୍ଞରେ ଯେଉଁ ରାଜା ସେବକ ଭଳି କର୍ତ୍ତବ୍ୟ ନିର୍ବାହ ନ କରିବ ମୋର ଏହି ନିତ୍ୟବନ୍ଧୁ, ସୁଦର୍ଶନ ଦ୍ୱାରା ସେ କବନ୍ଧମାନଙ୍କ ଶେଷ ଅବସ୍ଥା ପ୍ରାପ୍ତ ହେବ ।"

ତତ୍ପରେ, ମହାରାଜ ଯୁଧିଷ୍ଠିର ସସମ୍ଭ୍ରମ ଯଜ୍ଞକର୍ମରେ ପ୍ରବୃତ୍ତ ହେଲେ । ନିରନ୍ତର ଚାଲିଲା ଯଜ୍ଞକାର୍ଯ୍ୟ । ଦେବଗଣଙ୍କର ନିତ୍ୟ ଆବାହନ କରାଯାଉଥିଲା ସେଠାକୁ, ଅତଏବ ଦେବପୁରରେ ସେମାନଙ୍କ ପତ୍ନୀମାନେ ଥିଲେ ଚିର-ପ୍ରୋଷିତା

ଭର୍ତ୍ତିକା । ରାଜାମାନଙ୍କଠାରୁ ପ୍ରାପ୍ତ ସମସ୍ତ ଉପହାରକୁ ଧର୍ମରାଜ ଦାନଦ୍ୱାରା ସତ୍ପାତ୍ରସ୍ଥ କରିଦେଲେ । ଧର୍ମରାଜ କୌଣସି ଯାଚକ ପ୍ରତି ଅବଜ୍ଞା ନ କରି ଯାଚନା କରିବା ମାତ୍ରେ ଦାନ କରିବାରେ ବିଳମ୍ବ କରି ନ ଥିଲେ । ଦାନ ବି ଅଳ୍ପ କଲେ ନାହିଁ; ତଥାପି ତାହିଁରେ ଆତ୍ମଶ୍ଲାଘା ନ ଥିଲା କିମ୍ବା ପ୍ରିୟ ବସ୍ତୁ ମଧ୍ୟ ଦେଇ ଦେବାରେ ଅନୁତାପ ନ ଥିଲା । ନିର୍ଗୁଣ ବ୍ୟକ୍ତିକୁ ମଧ୍ୟ ବିମୁଖ କଲେ ନାହିଁ—ଊଷର ଭୂମିରେ ବି ମେଘ ବୃଷ୍ଟି କରିଥାଏ । ଗୁଣ-ପକ୍ଷପାତୀ ହୋଇଥିଲେ ହେଁ ଧର୍ମରାଜ ଦାନ କାଳରେ ଯାଚକ ଗୁଣୀ ଅଥବା ନିର୍ଗୁଣ ଏ ଭଳି ଚିନ୍ତା କରୁ ନ ଥିଲେ । ଏହି ପ୍ରକାରେ ଯଜ୍ଞକାର୍ଯ୍ୟ ଯଥାକ୍ରମ ଚାଲୁଥିବା ବେଳେ ଯୁଧିଷ୍ଠିର ଅର୍ଘ୍ୟଦାନ ଅର୍ଥାତ୍ ସଦସ୍ୟପୂଜା ବିଷୟରେ ଭୀଷ୍ମପିତାମହଙ୍କୁ ପଚାରିଲେ । ଭୀଷ୍ମ ସେଠାରେ ସମବେତ ସବୁ ରାଜାଙ୍କୁ ମୋଟାମୋଟି ସର୍ବଥା ଅର୍ଚ୍ଚନୀୟ ବୋଲି କହିଲେ ସତ୍ୟ, କିନ୍ତୁ ସେମାନଙ୍କ ମଧ୍ୟରେ ଶ୍ରୀକୃଷ୍ଣଙ୍କୁ ସର୍ବଶ୍ରେଷ୍ଠ ଗୁଣୋତ୍ତମ ବୋଲି ନିର୍ଦ୍ଦିଷ୍ଟ କରିଦେଲେ, ଏବଂ ଭାବାବେଗ ସହ ଅବତାରୀ କୃଷ୍ଣଙ୍କ ଈଶ୍ୱରତ୍ୱର ବର୍ଣ୍ଣନା କଲେ । ଅବଶେଷରେ ସେ କହିଲେ, "ଧର୍ମରାଜ, ସ୍ୱୟଂ ହରି ଯେ ତୁମ ସମକ୍ଷରେ ଉପସ୍ଥିତ ହୋଇଛନ୍ତି, ଏଥିରେ ତୁମେ ଧନ୍ୟ ହୋଇଛ, ଯଜ୍ଞରେ ଯାଗକାଙ୍କ-ମାନେ ତାଙ୍କର ପୂଜା କରନ୍ତି ପରୋକ୍ଷରେ । ତୁମେ ସାକ୍ଷାତ୍ ତାଙ୍କୁ ଅର୍ଘ୍ୟ ଦେଇ ସଂସାରର ସାଧୁବାଦ ଲାଭ କର ।" ଯୁଧିଷ୍ଠିରଙ୍କଠାରୁ ଅର୍ଘ୍ୟ ଲାଭ କରି ମଧ୍ୟ ଶ୍ରୀକୃଷ୍ଣ ଅନର୍ଘ ହୋଇ ରହିଲେ ।

## ଶିଶୁପାଳର ମାତ୍ସର୍ଯ୍ୟ

ଯଜ୍ଞସଭାରେ ଶ୍ରୀକୃଷ୍ଣଙ୍କର ଏହି ପୂଜାକୁ ଚେଦିରାଜ ଶିଶୁପାଳ ସହିପାରିଲା ନାହିଁ । ଅତି ନିଷ୍ଠୁର ଗମ୍ଭୀର ଘନଗର୍ଜନ କରି କହିଲା, "ଅସତ୍ୟଧର୍ମଚାରୀ ଯୁଧିଷ୍ଠିର, ତୁମେ ଏହି ମୁରାରିକୁ ରାଜାତୁଲ୍ୟ ପୂଜା କରୁଛ । ଭେବେ, ଯଦି ତୁମ ମତରେ ଏହି ବ୍ୟକ୍ତି ହେଉଛି ପୂଜ୍ୟତମ, ତାହାହେଲେ ଅନ୍ୟ ନରପତିମାନଙ୍କୁ ଅପମାନ ଦେବାପାଇଁ କାହିଁକି ନିମନ୍ତ୍ରଣ କରିଥିଲ ?" ପୁଣି ସେ ଭୀଷ୍ମଙ୍କୁ ମଧ୍ୟ ଦୁର୍ବଚନ କହିଲା ଏବଂ କୃଷ୍ଣଙ୍କ ଉଦ୍ଦେଶ୍ୟରେ ଅନେକ ତିରସ୍କାର-ବାଣୀ ଶୁଣାଇଲା । ତାଙ୍କର ସକଳ ସତ୍କର୍ମ, ସମସ୍ତ ଅନୁଷ୍ଠାନକୁ ଭର୍ତ୍ସନା କଲା । କିନ୍ତୁ ଶ୍ରୀକୃଷ୍ଣ ତାହାର

117778

କଥା ଶୁଣି କୌଣସି ମନୋବିକାର ପ୍ରକଟ କଲେ ନାହିଁ, ତଥା ଅପର କୌଣସି ଯାଦବ ନରେଶ ମଧ୍ୟ ସେଠାରେ ଆପଣାର କୌଣସି ପ୍ରତିକ୍ରିୟା ବ୍ୟକ୍ତ କଲେ ନାହିଁ—ସମସ୍ତେ ନିଜ ସ୍ୱାମୀଙ୍କ ଚିତ୍ତବୃତ୍ତିର ଅନୁବର୍ତ୍ତନ ହିଁ କରିଥାନ୍ତି । ଭୀଷ୍ମ କ୍ଷୁବ୍ଧ ହୋଇ କହିଲେ, "ସଭାରେ ମୁଁ କରିଥିବା ଅଚ୍ୟୁତାର୍ଚ୍ଚନ ଯାହାଙ୍କ ପକ୍ଷରେ ଅସହ୍ୟ ସେ ଧନୁରେ ଗୁଣ ଆରୋପ କରନ୍ତୁ । ମୁଁ ଏହି ମୋର ଚରଣ ସବୁ ରାଜାଙ୍କ ମସ୍ତକରେ ନ୍ୟସ୍ତ କଲି । ଏହା ଶୁଣି ଶିଶୁପାଳ-ପକ୍ଷୀୟ ରାଜାମାନେ ଅତ୍ୟନ୍ତ ବିକ୍ଷୁବ୍ଧ ହୋଇ ଉଠିଲେ; ବାଣ, ଦ୍ରୁମ, ବେଣୁଦାରି, ଉତ୍ତମୌଜା, ଦନ୍ତବକ୍ର, ରୁକ୍ମୀ, ସୁବଳ, କାଳଯବନ, ବସୁ ଇତ୍ୟାଦି ରାଜା କ୍ରୋଧରେ ଉତ୍କ୍ଷିପ୍ତ ହୋଇ ଉଠିଲେ । କ୍ରୁଦ୍ଧ ଶିଶୁପାଳ ବିକରାଳ ନାଗ ତୁଲ୍ୟ ବିଷବଚନ ଉଦ୍‌ଗାର କରି ଯୁଦ୍ଧର ଆହ୍ୱାନ ଦେଇ ସେହି ସଭା ତ୍ୟାଗ କରି ଚାଲିଗଲେ । ଯୁଧିଷ୍ଠିର ତାଙ୍କୁ ନ ଯିବା ଲାଗି ବହୁ ଅନୁରୋଧ କରିଥିଲେ । ଗୃହାଗତ ନିଜର ମାଉସୀପୁଅ ଭାଇପ୍ରତି ଦାକ୍ଷିଣ୍ୟ ସମ୍ପନ୍ନ ପାଣ୍ଡବ କ୍ରୁଦ୍ଧ ହେଲେ ନାହିଁ । ଏଣେ, ଶିଶୁପାଳଙ୍କ ପଛେ ପଛେ ତାଙ୍କ ପକ୍ଷର ଅନ୍ୟ ରାଜାଗଣ ମଧ୍ୟ ଉଠି ଚାଲିଗଲେ । ନିଜ ଶିବିରରେ ପହଞ୍ଚି ସେ ଯୁଦ୍ଧ ନିମିତ୍ତ ଶଙ୍ଖବାଦନ କଲେ । କ୍ଷଣକାଳ ମଧ୍ୟରେ ସେହି ସମଗ୍ର ସ୍ଥାନ ବିଚଳିତ— ତାରାମଣ୍ଡଳଯୁକ୍ତ ଆକାଶ ସଦୃଶ ହୋଇ ଉଠିଲା । ବୀରମାନଙ୍କ ପ୍ରସ୍ଥାନ କାଳରେ ସେମାନଙ୍କ ଶିବିରରେ ବିଶୃଙ୍ଖଳା ଖେଳିଗଲା । ସେମାନଙ୍କ ପ୍ରସ୍ଥାନ ସମୟରେ ବିବିଧ ଅପଶକୁନ ପରିଦୃଷ୍ଟ ହେଲା ।

### ଶିଶୁପାଳ ଦୂତବାକ୍ୟ

ଶିଶୁପାଳ ଶ୍ରୀକୃଷ୍ଣଙ୍କ ନିକଟକୁ ଦୂତମୁଖରେ କୋମଳ ଭାଷାଯୁକ୍ତ ହେଲେ ମଧ୍ୟ କଠୋର ଶ୍ଳେଷାର୍ଥପୂର୍ଣ୍ଣ ସମ୍ବାଦ ପ୍ରେରଣ କଲା । ଶ୍ରୀକୃଷ୍ଣଙ୍କ ଇଙ୍ଗିତ ମତେ ସାତ୍ୟକି ତାକୁ ମୁହଁ ଭାଙ୍ଗି ଦେବା ଭଳି ଉତ୍ତର ଦେଇ କହିଲେ, "ସଭାରେ ଶିଶୁପାଳ ଗାଳି ଦେଉଥିଲେ ମଧ୍ୟ ଶ୍ରୀକୃଷ୍ଣ ତାକୁ କୌଣସି ଉତ୍ତର ଦେଲେ ନାହିଁ । କାରଣ କ'ଣ ? ସିଂହ ମେଘର ଗର୍ଜନ ଶୁଣିଲେ ପ୍ରତିଗର୍ଜନ କରିଥାଏ, ଶୃଗାଳର କାନ୍ଦଣା ଶୁଣି କିଛି କହେ କି ?" ତଥାପି ଦୂତ ନିଜ ସ୍ୱାମୀ ଶିଶୁପାଳଙ୍କର ଗୁଣ-ଗୌରବ ବଖାଣିଗଲା ।

## ଶ୍ରୀକୃଷ୍ଣ—ସୈନ୍ୟର କ୍ଷୋଭ ଏବଂ ଯୁଦ୍ଧ ପ୍ରସ୍ଥାନ

ତାହା ଶୁଣି ଶ୍ରୀକୃଷ୍ଣଙ୍କ ସୈନ୍ୟ କ୍ଷୁବ୍ଧ ହୋଇ ଉଠିଲା । ଗଦ, ବଳରାମ, ଉଲ୍ମୁକ, ଯୁଧାଜିତ, ନିଷଧ, ଆହୁକ, ପ୍ରଦ୍ୟୁମ୍ନ, ପୃଥୁ, ଅକ୍ରୂର, ପ୍ରସେନଜିତ ଗବେଷଣ, ଶିବି, ଶାରଣ ତଥା ବିଦୂରଥ ସ୍ୱ ସ୍ୱ କ୍ରୋଧାନୁଭବକୁ ବିଭିନ୍ନ ରୂପେ ବ୍ୟକ୍ତ କଲେ । କିନ୍ତୁ ଯେପରି ବର୍ଷାରେ କ୍ଷୁବ୍ଧ ହୋଇଥିବା ନଦୀର ମଳିନ ଜଳର ମିଳନ ସତ୍ତ୍ୱେ ସାଗର ଜଳ ବିକୃତ ହୁଏ ନାହିଁ, ସେହି ପ୍ରକାରେ ଶ୍ରୀକୃଷ୍ଣଙ୍କର ମନରେ ସାମାନ୍ୟ ବିକାର ମଧ୍ୟ ଦେଖା ଦେଲା ନାହିଁ, ଉଦ୍ଧବଙ୍କ ସ୍ମିତ-ହାସ୍ୟ-ଯୁକ୍ତ ମୁଖରେ ମଧ୍ୟ କୌଣସି ବିକୃତି ନ ଥିଲା । ଦୂତ ଫେରିଯିବା ପରେ ଶ୍ରୀକୃଷ୍ଣ—ସେନା ମଧ୍ୟ ଯୁଦ୍ଧ ଉଦ୍ଦେଶ୍ୟରେ ସନ୍ନଦ୍ଧ ହୋଇ ପ୍ରସ୍ଥାନ କଲା । ବରଙ୍କ ସେନାବାହିନୀ ଯେତେ ନିକଟବର୍ତ୍ତୀ ହେଉଥାଏ, ବରଯାତ୍ରୀର ନିକଟପ୍ରବେଶ ଦେଖି ବୈବାହିକ ବଧୂର ସଦୃଶ ଶତ୍ରୁସେନା ସେତେ ଅଧିକ ହର୍ଷ ପୁଲକିତ ହୋଇ ଉଠୁଥିଲା । ଆକାଶରେ ଉଡୁଥିଲା ପ୍ରଚୁର ଧୂଳି । ଦେବଗଣ ଯୁଦ୍ଧରେ ବୀରମାନଙ୍କର ପରାକ୍ରମ ଦର୍ଶନାର୍ଥେ ଆକାଶରେ ସକୌତୁକ ସମବେତ ହୋଇଥିଲେ । ଗଜମାନଙ୍କର ମଦଜଳସ୍ରାବ ଯୋଗୁଁ ଧୂଳି ଦବିଗଲା ।

## ତୁମୁଳ ଯୁଦ୍ଧ

ଉଭୟ ସେନାସମୁଦ୍ର ଗମ୍ଭୀର ଗର୍ଜନ ସହ ପରସ୍ପର ସହ ପ୍ରଚଣ୍ଡ ଭାବେ ମିଳିତ ହେଲେ, ପ୍ରଲୟ କାଳ ସେତେ ଅଧିକ ପକ୍ଷଚ୍ଛେଦନ ପୂର୍ବରୁ ସହ୍ୟ ଏବଂ ବିନ୍ଧ୍ୟ ପର୍ବତ ଦ୍ୱୟ ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନରେ ଦଣ୍ଡାୟମାନ ହେବା ଲାଗି ଭିଡ଼ ଲଗାଇଛନ୍ତି । ପଦାତି ସହ ପଦାତି, ଅଶ୍ୱ ସହ ଅଶ୍ୱ, ହାତୀ ସହ ହାତୀ ଏବଂ ରଥୀ ସହ ରଥୀ ଯୁଦ୍ଧରେ ଏକତ୍ର ମାତି ଉଠିଲେ, ମନେ ହେଲା ସତେ ଯେପରି କୌଣସି ପ୍ରେମସୀ ନିଜର ପ୍ରତ୍ୟେକ ଅଙ୍ଗକୁ ଆପଣା ଅନୁରାଗୀ ପ୍ରିୟତମର ଉତ୍ପୁଲ୍ଲ ଅଙ୍ଗରେ ମିଳାଇ ଦେଉଛି ! ଭୀଷଣ ତୁମୁଳ ଯୁଦ୍ଧ ଲାଗିଲା । ବୀରମାନଙ୍କର ଛିନ୍ନ ଓ ନିଷ୍ପ୍ରାଣ ଦେହାବୟବରେ ଆଚ୍ଛନ୍ନ ହୋଇ ଯୁଦ୍ଧ ଭୂମି ଏପରି ସୁଶୋଭିତ ହେଲା, ସତେ ଅବା ତାହା ସୃଷ୍ଟି କର୍ତ୍ତାଙ୍କର ସୃଜନକର୍ମଶାଳା ।

**ଦ୍ୱନ୍ଦ୍ୱ– ଯଦ୍ଧ**

ଏହି ପ୍ରସଙ୍ଗରେ ବାଣପୁତ୍ର ବେଣୁଦାର ସହ ବଳଦେବଙ୍କର ସମ୍ମୁଖ ଯୁଦ୍ଧ ହେଲା । ସେହି ପ୍ରକାରେ ଶିବଙ୍କର ଶାଲ୍ୱ ସହ, ଇନ୍ଦ୍ରଙ୍କର ଦ୍ରୁମ ସହିତ ଏବଂ ପୃଥୁଙ୍କର ରୁକ୍ମୀ ସହ ହେଲା ସମ୍ମୁଖସମର । ଶିବଙ୍କ କ୍ରୋଧ ଯୋଗୁଁ ଦକ୍ଷର ଯଜ୍ଞଶାଳା ତୁଲ୍ୟ ଯୁଦ୍ଧଭୂମି ଭୟାନକ ପ୍ରତୀତ ହେଉଥିଲା । ଯୁଦ୍ଧରେ ଏକମାତ୍ର ଶ୍ରୀକୃଷ୍ଣଙ୍କୁ ଅନେକ ରୂପେ ଦେଖି ଦେଖି ଶତ୍ରୁମାନେ ପଞ୍ଚତ୍ୱପ୍ରାପ୍ତ ହେଉଥିଲେ ।

**ଶିଶୁପାଳ– ବଧ**

ଅବଶେଷରେ ଶିଶୁପାଳ ଶ୍ରୀକୃଷ୍ଣଙ୍କ ସମ୍ମୁଖରେ ପଡ଼ିଲେ । ଶ୍ରୀକୃଷ୍ଣଙ୍କ ପରାକ୍ରମରେ ଅଦୃଷ୍ଟ ହୋଇ ନିର୍ଭୀକ ଭାବରେ ସେ ଆହ୍ୱାନ କଲା ଏବଂ କ୍ରୋଧିତ ପ୍ରେରିତ ହୋଇ ତାଙ୍କ ଆଡ଼କୁ ନିଜ ରଥ ଚଳାଇଲା । ଉଭୟ ପକ୍ଷରୁ ଭୀଷଣ ବାଣ-ବର୍ଷା ହେବାକୁ ଲଗିଲା । ଶିଶୁପାଳର ପ୍ରତ୍ୟେକ ଅସ୍ତ୍ରର ମୁରାରି ବଳିଷ୍ଠ ପ୍ରତିଘାତ କଲେ । ଅସ୍ତ୍ରଦ୍ୱାରା ଶ୍ରୀକୃଷ୍ଣ ଅଜେୟ ବୋଲି ଜାଣିବା ପରେ ଶିଶୁପାଳ ତାଙ୍କୁ ବାଗ୍‌ବାଣ ଦ୍ୱାରା ବ୍ୟଥିତ କରିବାକୁ ଲଗିଲା । ଅବଶେଷରେ ଶ୍ରୀକୃଷ୍ଣ ହରଙ୍କର ପୂର୍ବକ ଯାହାଦ୍ୱାରା ରାହୁର ଶିରଚ୍ଛେଦନ କରିଥିଲେ ସେହି କାଳାଗ୍ନି-ଜ୍ୱାଳା ଭଳି ଚକ୍ର ଦ୍ୱାରା ଶିଶୁପାଳର ଶିରଚ୍ଛେଦନ କରି ଦେଲେ । ସେଇଠାରେ ସେହି ସମୟରେ ଶିଶୁପାଳର ଦେହରୁ ଦିବ୍ୟ ତେଜ ନିର୍ଗତ ହେଲା ଏବଂ ଲୋକଙ୍କ ଦୃଷ୍ଟି ସମକ୍ଷରେ ଶ୍ରୀକୃଷ୍ଣଙ୍କ ଶରୀରରେ ପ୍ରବିଷ୍ଟ ହୋଇଗଲା ।

●

# ଇତିବୃତ୍ତର ସ୍ରୋତ ତଥା ମାଘଙ୍କ ନୂତନ କଳ୍ପନାର ଔଚିତ୍ୟ

ଶିଶୁପାଳ-ବଧର କଥା ମହାଭାରତରେ ଉଲ୍ଲିଖିତ ହୋଇଛି । କିନ୍ତୁ ମାଘ ଏହି କାବ୍ୟରେ ସମଗ୍ର ଘଟଣାର ଯୋଜନା ଆପଣା କଳ୍ପନାର ଭିତ୍ତି ଉପରେ ନିର୍ମାଣ କରିଛନ୍ତି । ପ୍ରଥମ ସର୍ଗରେ ନାରଦଙ୍କ ଆଗମନଠାରୁ ଆରମ୍ଭ କରି ବିଂଶ ସର୍ଗର ଯୁଦ୍ଧରେ ଶିଶୁପାଳର ନିଧନ ପର୍ଯ୍ୟନ୍ତ କଥାବସ୍ତୁର ସଂପୂର୍ଣ୍ଣ କଳ୍ପନା ମାଘଙ୍କର ନିଜସ୍ୱ । ମହାଭାରତରେ "ନାରଦାଦି ମହର୍ଷି ତଥା ଶ୍ରୀକୃଷ୍ଣ ପ୍ରଥମେ ଆସି ଯୁଧିଷ୍ଠିରଙ୍କ ଯଜ୍ଞରେ ଉପସ୍ଥିତ ହୋଇଛନ୍ତି । ତତ୍ପରେ ସଭାରେ ଶ୍ରୀକୃଷ୍ଣଙ୍କୁ ପ୍ରଥମେ ଅର୍ଘ୍ୟ ଦାନ କରାଯିବାରେ ଅତିକ୍ରୁଦ୍ଧ ଶିଶୁପାଳ, ପାଣ୍ଡବମାନଙ୍କୁ, ଭୀଷ୍ମଙ୍କୁ ଓ ଶ୍ରୀକୃଷ୍ଣଙ୍କୁ ଲକ୍ଷ୍ୟ କରି ଦୁର୍ବଚନ ପ୍ରୟୋଗ କରିଛି ଏବଂ ତାହାର ଅପରାଧ ସଂଖ୍ୟା ଶତାଧିକ ହୋଇଯିବାରେ ଶ୍ରୀକୃଷ୍ଣ ସ୍ମରଣ କରିଛନ୍ତି ସ୍ୱକୀୟ ସୁଦର୍ଶନ ଚକ୍ରକୁ । ଚକ୍ର ଆସି ତାଙ୍କ ହସ୍ତଗତ ହେବାପରେ ତାହାଦ୍ୱାରା ସେ ଶିଶୁପାଳର ମସ୍ତକକୁ ସ୍କନ୍ଧରୁ ବିଚ୍ଛିନ୍ନ କରି ଦେଇଛନ୍ତି । ତାହାର ଶରୀରରୁ ଏକ ଦିବ୍ୟ ତେଜ ବିନିର୍ଗତ ହୋଇଛି ଏବଂ ଲୋକଙ୍କ ଦୃଷ୍ଟି ସମକ୍ଷରେ ଶ୍ରୀକୃଷ୍ଣଙ୍କଠାରେ ବିଲୀନ ହୋଇଯାଇଛି ।" କିନ୍ତୁ ମାଘ ନାରଦାଗମନ, ଇନ୍ଦ୍ରସନ୍ଦେଶ, ଉଦ୍ଧବାଦିମନ୍ତ୍ରଣା, ଇନ୍ଦ୍ରପ୍ରସ୍ଥ-ଗମନ, ରୈବତକବର୍ଣ୍ଣନ, ସେନାନିବେଶ, ଷଡ଼୍‌ଋତୁ ବର୍ଣ୍ଣନ, ବନବିହାର, ଜଳକ୍ରୀଡ଼ା, ପ୍ରଭାତବର୍ଣ୍ଣନ, ସେନାପ୍ରସ୍ଥାନ, ଯମୁନୋତ୍ତରଣ ତଥା ଯୁଦ୍ଧବର୍ଣ୍ଣନ—ସମଗ୍ର ବିଷୟବସ୍ତୁ ଆପଣା କଳ୍ପନାର ଆଧାରରେ ନିର୍ମାଣ କରିଛନ୍ତି ଏବଂ ଏ ସବୁରେ ଏପରି ସଙ୍ଗତି ରହିଛି ଯେ ସମଗ୍ର କାଳ୍ପନିକ ଘଟଣା ଐତିହାସିକ ବୋଲି ପ୍ରତୀତ ହେଉଛି । କଳ୍ପନା ହୋଇଯାଇଛି ଐତିହାସିକ ତଥ୍ୟ ସଦୃଶ । କେବଳ ସଭାକ୍ଷୋଭର ବୃତ୍ତାନ୍ତ ଅଧିକାଂଶ ମହାଭାରତ ପରି ହୋଇଛି । ବସ୍ତୁତଃ ଏହି ପରିବର୍ତ୍ତନ ହିଁ ଏହାର ମହାକାବ୍ୟତ୍ୱ । ମହାଭାରତ ଅନୁଯାୟୀ ଇତିବୃତ୍ତ ରକ୍ଷା କରିଥିଲେ ଈପ୍ସିତ ରସର କାବ୍ୟାନୁରୂପ ନିଷ୍ପତ୍ତି ହୋଇ ପାରି ନ ଥାନ୍ତା । ରସଭାବବିତ୍ କବିଙ୍କ ନିମିତ୍ତ

ବିଭାବାଦିର ଯୋଜନା କିପରି ଏବଂ କେତେ ମହତ୍ତ୍ୱପୂର୍ଣ୍ଣ ତାହା ମାଘ ଉତ୍ତମରୂପେ ହୃଦୟଙ୍ଗମ କରିଥିଲେ । ମହାକବି ମାଘ ଶିଶୁପାଳବଧ କାବ୍ୟର ସଂପୂର୍ଣ୍ଣ କଥା-ଯୋଜନା କରିଛନ୍ତି ରସ ଦୃଷ୍ଟିରେ । ଏହାର ବିଭିନ୍ନ ପ୍ରସଙ୍ଗ କୌଣସି ନା କୌଣସି ରସ ବା ଭାବ ସହ ସମ୍ବନ୍ଧଯୁକ୍ତ ।

ନାରଦାଗମନ ସମୟରେ ଦେବ-ବିଷୟକ ରତି ଭାବ ଅବଲମ୍ବନରେ କାବ୍ୟାରମ୍ଭ କରାଯାଇଛି । ପୁନଶ୍ଚ ନାରଦଙ୍କ ସମସ୍ତ ଇନ୍ଦ୍ର-ସନ୍ଦେଶ-କଥନ ତଥା ହିରଣ୍ୟକଶିପୁ-ରାବଣ-ଶିଶୁପାଳଙ୍କ ପରାକ୍ରମ ଏବଂ ଅତ୍ୟାଚାରର ବର୍ଣ୍ଣନ ଦ୍ୱାରା ଅଙ୍ଗୀ ବୀରରସର ଆଲମ୍ବନ ଓ ଉଦ୍ଦୀପନର କାର୍ଯ୍ୟ ସାଧିତ ହେଉଛି । ଦ୍ୱିତୀୟ ସର୍ଗର ମନ୍ତ୍ରଣା ସେହି ବୀରରସର ଅନ୍ୟତମ ସଞ୍ଚାରୀ ଭାବ 'ବିବେକ'ରୂପେ ଅବସ୍ଥିତ । ଇନ୍ଦ୍ରପ୍ରସ୍ଥ—ଗମନ ବ୍ୟାଜରେ ନାୟକ ଶ୍ରୀକୃଷ୍ଣଙ୍କ ବୈଭବ ପ୍ରଦର୍ଶନ ଲାଗି ଦ୍ୱାରକାର ବର୍ଣ୍ଣନ କରାଯାଇଛି । ମାର୍ଗରେ ରୈବତକ ବର୍ଣ୍ଣନ ଅଙ୍ଗସ୍ଥାନୀୟ ଅଦ୍‌ଭୁତ ରସର ଆଲମ୍ବନ ବିଭାବ । ଏକରସତା (ସମାନ ବର୍ଣ୍ଣନା ଜନିତ ଚମତ୍କାରାଭାବ) ଦୂର କରିବା ନିମିତ୍ତ ରସପରିବର୍ତ୍ତନ ତ ଆବଶ୍ୟକ ଏବଂ ଏହାପରେ ଆସିବ ଯେଉଁ ଶୃଙ୍ଗାର ରସ ତାହାର ବର୍ଣ୍ଣନ ଲାଗି କ୍ରୋଧ ଏବଂ ଉତ୍ସାହ ମନୋବୃତ୍ତିରେ କିଞ୍ଚିତ୍ ବିସ୍ମୟ ରୂପ ପରିବର୍ତ୍ତନ ଯୋଗାଇବା ସମୀଚୀନ । ପର୍ବତ ଉପରେ ସେନା ନିବେଶ ସେହି ବକ୍ଷ୍ୟମାଣ ଶୃଙ୍ଗାରର ଭୂମିକା ମାତ୍ର । ଷଡ଼୍‌ଋତୁ-ପରିବର୍ତ୍ତନ, ବନବିହାର ମଧ୍ୟ ଶୃଙ୍ଗାରର ଉଦ୍ଦୀପନ ରୂପେ କଳ୍ପିତ ହୋଇଛି ତଦନ—ନ୍ତର ଶୃଙ୍ଗାର ସର୍ବସ୍ୱ ରତିକ୍ରୀଡା ଚାଲିଛି । ବସ୍ତୁତଃ, ଶୃଙ୍ଗାର ବର୍ଣ୍ଣନା ଆବଶ୍ୟକତାରୁ ଅଧିକ ହୋଇଯାଇଛି । କିନ୍ତୁ ଏହାକୁ "ବିନେୟାନୁନ୍ମୁଖୀ କର୍ତ୍ତୁଂ କାବ୍ୟଶୋଭାର୍ଥମେବ ବା" ରୂପେ ସ୍ୱୀକାର କରିବାକୁ ହେବ । ପୁନଶ୍ଚ ପ୍ରଭାତ—ବର୍ଣ୍ଣନାରେ ଆସିଯାଏ ଶାନ୍ତ ତଥା ଅଦ୍‌ଭୁତ ରସ ପ୍ରସଙ୍ଗ, କାରଣ ବୀରରସ ପୁନର୍ବାର ପରିବେଷିତ ହେବ । ଉତ୍ସାହରେ ସେନା ରୈବତକରୁ ଇନ୍ଦ୍ରପ୍ରସ୍ଥ ଅଭିମୁଖରେ ଯାତ୍ରା କରିଛି ଏବଂ ଯମୁନା ପାରି ହୋଇଛି । ପାଣ୍ଡବମାନଙ୍କ ଦ୍ୱାରା କୃଷ୍ଣଙ୍କ ସ୍ୱାଗତ ମଧ୍ୟରେ ବ୍ୟକ୍ତ ହୋଇଛି ସଖ୍ୟ ଅଥବା ବାତ୍ସଲ୍ୟ: ଏବଂ ଅର୍ଘ୍ୟ ସମର୍ପଣ ପର୍ଯ୍ୟନ୍ତ ପାଣ୍ଡବଙ୍କର ତଥା ଭୀଷ୍ମଙ୍କ ଚେଷ୍ଟାରେ ସେହି ଦେବାଦି ବିଷୟକ ରତିଭାବହିଁ ବର୍ଣ୍ଣିତ ହୋଇଛି । ଶିଶୁପାଳର କ୍ଷୋଭଦୁର୍ବଚନରେ ଅଛି ରୌଦ୍ର ରସର ପ୍ରକାଶ, କାରଣ ସେଥିରେ 'ବିବେକ' ନାହିଁ ଏବଂ ଏଥିରୁ ହିଁ ଘଟିଛି

ବୀରରସର ଉଦ୍ଦୀପନ । ଯୁଦ୍ଧର ପ୍ରସଙ୍ଗ ତଥା ଶିଶୁପାଳବଧ ସେହି ଅଙ୍ଗୀ ବୀରରସର ଚରମ ସ୍ୱରୂପ ଅଟେ; ପ୍ରଥମ ସର୍ଗରେ ହିଁ ଏହାର ସୂତ୍ରପାତ ହୋଇଥିଲା । ଏହାପରେ ଅଦ୍‌ଭୁତ, ଶୃଙ୍ଗାର, ଶାନ୍ତ ଏବଂ ରୌଦ୍ରରସର ମଧ୍ୟ ସାଙ୍ଗୋପାଙ୍ଗ ବର୍ଣ୍ଣନା ରହିଛି— ଅବଶ୍ୟ ଅଙ୍ଗ ରୂପରେ । କିନ୍ତୁ ଅନେକ ବର୍ଣ୍ଣନା ପ୍ରସଙ୍ଗ ଦ୍ୱାରା ମହାକାବ୍ୟ ଲକ୍ଷଣର ଦାବୀ ପୂର୍ଣ୍ଣ ହୋଇଛି । କାରଣ ମହାକାବ୍ୟରେ ସନ୍ଧ୍ୟା—ସୂର୍ଯ୍ୟେନ୍ଦୁ—ରଜନୀ— ପ୍ରଦୋଷ—ଧ୍ୱାନ୍ତ—ବାସର ପ୍ରଭୃତିର ବର୍ଣ୍ଣନା ଯଥାଯୁକ୍ତ ଭାବେ କରିବାର ନିର୍ଦ୍ଦେଶ ରହିଛି । ଏହି ନୂତନ ଅଥଚ ଅତ୍ୟନ୍ତ ସଙ୍ଗତ ପ୍ରତୀତ ହେଉଥିବା କଳ୍ପନା ବ୍ୟତୀତ ଏପ୍ରକାର ମହାକାବ୍ୟଭ୍ୱ ପ୍ରତିପନ୍ନ ହିଁ ହୋଇ ନ ଥାନ୍ତା । ଭାବ ବିକାଶର ଏହା ହିଁ ବାସ୍ତବ ପ୍ରକାର । ଭାରବିଙ୍କର ପଦଲାଳିତ୍ୟ—ବର୍ଣ୍ଣନାରେ ଅର୍ଜ୍ଜୁନ କେବଳ ଦ୍ରଷ୍ଟାମାତ୍ର ହୋଇ ରହିଛନ୍ତି—ତାଙ୍କ ଗନ୍ତବ୍ୟ ପଥର ଅନେକ ଘଟନା ସହିତ ତାଙ୍କର କୌଣସି ସମ୍ବନ୍ଧ ନାହିଁ; ଅତଏବ ସେଠାରେ ସେ କେବଳ ସ୍ଥାନ ପୂରଣ ପାଇଁ ରହିଥିବା ପ୍ରତୀତ ହୁଅନ୍ତି – କିନ୍ତୁ ମାଘରେ ସମସ୍ତ ଘଟନା ଶ୍ରୀକୃଷ୍ଣ ନାୟକଙ୍କ ସହ ସମ୍ବନ୍ଧ ରକ୍ଷା କରି ବର୍ଣ୍ଣିତ ହୋଇଛି । ସକଳ ବର୍ଣ୍ଣନାରେ ସେ ରହିଛନ୍ତି କେନ୍ଦ୍ରବିନ୍ଦୁ ରୂପେ । ସୁତରାଂ କୌଣସି ପ୍ରକାରେ ଅସମ୍ବନ୍ଧ ବୋଲି ମନେ ହୁଏ ନା । ସମ୍ଭବତଃ, ମାଘ ଏ ଧରଣର ଯୋଜନା ଶିକ୍ଷା କରିଛନ୍ତି କବିକୁଳଗୁରୁ କାଳିଦାସଙ୍କ ରଘୁବଂଶରୁ । ସେଥିରେ କୌଣସି ପ୍ରସଙ୍ଗ ଅସମ୍ବନ୍ଧ ହୋଇନାହିଁ ।

ଏହା ସ୍ୱୀକାର୍ଯ୍ୟ ଯେ, ଏଥିରେ ଅଙ୍ଗୀ ବୀରରସର କାବ୍ୟରେ ଅଙ୍ଗୀଭୂତ ଶୃଙ୍ଗାର ରସର ବର୍ଣ୍ଣନା ଅବଶ୍ୟ ଅଧିକ ହୋଇଯାଇଛି କିନ୍ତୁ ସମଗ୍ର ସେନାର ଶୃଙ୍ଗାର ପ୍ରକଟନରେ କିଛି ବିସ୍ତାର ତ ଅବଶ୍ୟ ରହିବ । ଏଥି ଯୋଗୁଁ ବୀରରସର ଉତ୍ସାହରେ ମ୍ଳାନତା ନାହିଁ ।

# ରସଭାବ—ନିଷ୍ପତ୍ତି

କବିର କାବ୍ୟଶକ୍ତି ଅଥବା ପ୍ରତିଭାର ସର୍ବଶ୍ରେଷ୍ଠ ବିକାଶ ହେଉଛି ରସଭାବାଭିବ୍ୟକ୍ତି । କାବ୍ୟରଚନାର ମୁଖ୍ୟ ଅନୁଶାସନ ହେଉଛି ରସପରତନ୍ତ୍ରତା । ଯାହାଙ୍କର କାବ୍ୟଯୋଜନା ଯେତେ ଅଧିକ ରମଣୀୟତା ସହିତ ରସବ୍ୟଞ୍ଜନା କରିଥାଏ, ସେ ସେତେ ବେଶୀ ବଡ଼ ମହାକବି ବୋଲି ସ୍ୱୀକୃତ ହୁଅନ୍ତି । ମାଘଙ୍କର କାବ୍ୟ-ସରସ୍ୱତୀ ରସ-ନିଷ୍ପାଦନ ବିଷୟରେ ପୂର୍ଣ୍ଣତଃ ସଫଳ ହୋଇଛନ୍ତି । ଅତଏବ ତାଙ୍କର ଅନେକ-- ସାମାନ୍ୟ ବୈଶିଷ୍ଟ୍ୟ ପ୍ରତିଭାର ସ୍ଫୁରଣକୁ ପ୍ରମାଣିତ କରୁଛନ୍ତି ।

ଆଚାର୍ଯ୍ୟମାନେ ମହାକାବ୍ୟରେ ଶୃଙ୍ଗାର, ବୀର ଓ ଶାନ୍ତ ମଧ୍ୟରୁ କୌଣସି ଏକ ରସକୁ ଅଙ୍ଗୀ ତଥା ଅନ୍ୟ ସକଳ ରସକୁ ଅଙ୍ଗଭାବରେ ସ୍ଥାନ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି—(ଶୃଙ୍ଗାର ବୀର-ଶାନ୍ତାନାମେକୋଽଙ୍ଗୀ ରସ ଇଷ୍ୟତେ । ଅଙ୍ଗାନି ସର୍ବେଽପି ରସାଃ । ସା : ଦ.) ।

**ବୀର ରସ**

ଶିଶୁପାଳବଧ କାବ୍ୟ-ନାମ ଦ୍ୱାରା ଯେପରି ସୂଚିତ ହେଉଛି ତଦନୁଯାୟୀ ବୀର ହିଁ ଅଙ୍ଗୀ ଅଥବା ପ୍ରଧାନ ରସ ଅଟେ । ମଲ୍ଲିନାଥ ମଧ୍ୟ ତାଙ୍କ ସର୍ବଙ୍କଷା ଟୀକାର ଆରମ୍ଭରେ ବୀରକୁ ଏହି କାବ୍ୟର ପ୍ରଧାନ ରସ ବୋଲି ଗ୍ରହଣ କରିଛନ୍ତି "ବୀରପ୍ରଧାନୋ ରସଃ" । ପୁଣି, ଏହା ଏପରି ବୀରରସ, ଯହିଁରେ ମର୍ଯ୍ୟାଦାଶୂନ୍ୟ ଅଧର୍ମୀ ପ୍ରତିନାୟକକୁ ନାୟକ ବଧ କରିଛନ୍ତି । ଏଥିରେ ବିଶେଷ ରୂପରେ କୌଣସି ପ୍ରଧାନ ନାୟିକା ନାହିଁ ।

ପ୍ରଥମ ସର୍ଗରେ ହିଁ ଏହି ଅଙ୍ଗୀରସ ବୀରର ସୂତ୍ରପାତ ହୁଏ । ନାୟକ ଶ୍ରୀପତି 'ଶାସିତୁଂ ଜଗତ୍' ବାସୁଦେବ ଗୃହରେ ନିବାସ କରିଛନ୍ତି ବୋଲି କବି କହନ୍ତି । ନାରଦ କହନ୍ତି ଯେ ତ୍ରିଲୋକଠାରୁ ପୃଥକ୍ ଏବଂ ବିକାରର ଊର୍ଦ୍ଧ୍ୱରେ ଅବସ୍ଥିତ ପୁରାଣ ପୁରୁଷ ଆପଣାର ତେଜରେ ଜଗଦ୍—ଦ୍ରୋହୀଙ୍କର ବିନାଶ କରିବାକୁ ଶ୍ରୀକୃଷ୍ଣ

ରୂପରେ ମହୀତଳରେ ଅବତୀର୍ଣ୍ଣ ହୋଇଛନ୍ତି । ପୁନଶ୍ଚ ମଦୋଦ୍ଧତ ଦୁର୍ଜନଙ୍କ ଦ୍ୱାରା ପୀଡ଼ିତ ବିଶ୍ୱର ରକ୍ଷା ମଧ୍ୟ ସେ ହିଁ କରିପାରିବେ—ଭାସ୍କରଙ୍କ ଛଡ଼ା ତମିସ୍ରା ମଳୀମସ-ଯୁକ୍ତ ଅନନ୍ତ ନଭୋମଣ୍ଡଳକୁ ଆଉ ବା କିଏ ଭାସ୍ୱର କରିପାରିବ ? ଏହିଭଳି ବୀରରସ ଅଥବା ଉତ୍ସାହ ସ୍ଥାୟୀଭାବର ଅନ୍ତର୍ଭୂତ ଏହି ନାୟକଙ୍କୁ ଅନାଦି ପରଂପରାରୁ "ପରିତ୍ରାଣାୟ ସାଧୂନାଂ ବିନାଶାୟ ଚ ଦୁଷ୍କୃତାଂ" ତଥା "ଧର୍ମ ସଂସ୍ଥାପନାର୍ଥାୟ" ଉତ୍ସାହ ଏବଂ ଶକ୍ତି-ସମ୍ପନ୍ନ ରୂପ ପ୍ରଦର୍ଶିତ କରାଯାଇଛି । ପୁନଶ୍ଚ ପ୍ରତିନାୟକ ଶିଶୁପାଳ ମଧ୍ୟ ଗୋଟିଏ ମାତ୍ର ଜନ୍ମର ପାପୀ ନୁହେଁ—ସେ ଏହା ପୂର୍ବେ ହିରଣ୍ୟ-କଶିପୁ ଓ ରାବଣ ରୂପରେ ମହାଘୋର ଦାରୁଣ କୁକର୍ମ ଦ୍ୱାରା ଜଗତର ଉତ୍ପୀଡ଼ନ କରି ସାରିଛି, ଏବଂ ସେଥିନିମିତ୍ତ ବିଶ୍ୱମ୍ଭରଙ୍କୁ ନରସିଂହ ଓ ରାମ ଅବତାର ଧାରଣ କରିବାକୁ ପଡ଼ିଥିଲା । ଏଠାରେ ହିରଣ୍ୟକଶିପୁ ଏବଂ ରାବଣର ଉତ୍ପୀଡ଼ନର ବର୍ଣ୍ଣନାକୁ (ଶି: ବ: ୧।୪୨-୬୮) ବୀରରସର ଉଦ୍ଦୀପନ ବୋଲି ଗ୍ରହଣ କରିବାକୁ ହେବ । ସେହି ପୁରୁଣା ପାପୀ ସେହି ଦୁଷ୍ଟ ମୂଳ ସଂସ୍କାର ସହିତ ଏବେ ଶିଶୁପାଳ ରୂପରେ ଅବତାରିତ ହୋଇଛି । ଏ କାର୍ଯ୍ୟରେ ଶିଶୁପାଳକୁ ଦନୁଜାତ ହେବେ ଅସୀମ ବଳଶାଳୀ ଦର୍ଶା ଯାଇଛି ଏବଂ ସେ କୌଣସି ଦେବତାଙ୍କ ପ୍ରତି କୃତଜ୍ଞ ନ ହେବା ବିଷୟର ଉଲ୍ଲେଖ ଅଛି; ଅଧିକନ୍ତୁ ଉଚ୍ଛୃଙ୍ଖଳତା ତଥା ମର୍ଯ୍ୟାଦାହୀନତା ସହ ସାରା ଜଗତକୁ ଉତ୍ପୀଡ଼ିତ କରିବା ଦ୍ୱାରା ଉତ୍ସାହର ଅନୁରୂପ ଅବସ୍ଥିତ ଶ୍ରୀକୃଷ୍ଣଙ୍କ କ୍ରୋଧକୁ ଉଦ୍ଦୀପ୍ତ କରିବା ମଧ୍ୟ ଉକ୍ତ ହୋଇଛି । ଶ୍ରୀକୃଷ୍ଣଙ୍କ ଭ୍ରୂକୁଟୀ ବକ୍ର ହେବା ଆକାରରେ ସେହି କ୍ରୋଧର ଅନୁଭବ କବି ପ୍ରଥମ ସର୍ଗାନ୍ତରେ ଲେଖିଲେ—

"ଶତ୍ରୁଣା ମନଶଂ ବିନାପିଶୁନଃ କ୍ରୁଦ୍ଧସ୍ୟ ଚୈଦ୍ୟଂ ପ୍ରତି ।
ବ୍ୟୋମ୍ନୀବ ଭ୍ରୂକୁଟୀଚ୍ଛଲେନ ବଦନେ କେତୁଶ୍ଚକାରାସ୍ପଦମ୍ ॥"

ପୁଣି, ଦ୍ୱିତୀୟ ସର୍ଗରେ ଉଦ୍ଧବ ଏବଂ ବଳରାମଙ୍କ ସହ ଶ୍ରୀକୃଷ୍ଣଙ୍କ ମନ୍ତ୍ରଣାକୁ ସେହି ଉତ୍ସାହ ସ୍ଥାୟୀଭାବର ସହାୟକ ସଞ୍ଚାରୀଭାବ ବିବେକ ବୋଲି କୁହାଯାଇଛି । ଏହି ସମ୍ପୂର୍ଣ୍ଣ ସର୍ଗ ସେହି ଭାବକୁ ବ୍ୟକ୍ତ କରୁଛି । ବିବେକର ରାଜନୀତି-ବିଷୟକ ବ୍ୟୁତ୍ପତ୍ତି ତ ଏଥିରେ ଆନୁଷଙ୍ଗିକ ଭାବେ ପ୍ରମାଣିତ ବୋଲି ମାନିବାକୁ ହେବ । ଏହି ସର୍ଗରଚନାର ମୁଖ୍ୟ ପ୍ରୟୋଜନ ତାହା ଅଟେ ।

ତୃତୀୟ ସର୍ଗରେ ଆପଣା ଅସ୍ତ୍ର ଶସ୍ତ୍ରରେ ସଜ୍ଜିତ, ଅଚିନ୍ତ୍ୟ ଶକ୍ତି ଏବଂ ବୈଭବସଂପନ୍ନ ଶ୍ରୀକୃଷ୍ଣଙ୍କ ନିଜ ଚତୁରଙ୍ଗ ସେନା ସହ ଦ୍ୱାରକାରୁ ଇନ୍ଦ୍ରପ୍ରସ୍ଥ ଅଭିମୁଖରେ ସୋତ୍ସାହ ତଥା ସସଂକଳ୍ପ ପ୍ରସ୍ଥାନକୁ ସେହି 'ଉତ୍ସାହ' ଭାବ ସହ ସଂବଦ୍ଧ ଚେଷ୍ଟା ବା ଅନୁଭାବ କୁହାଯିବ । ଦ୍ୱାରକାର ବିଭବ ମଧ୍ୟ ଶ୍ରୀକୃଷ୍ଣଙ୍କ ସଂପନ୍ନତାର ସୂଚକ ମାତ୍ର ।

ଚତୁର୍ଥଠାରୁ ଏକାଦଶ ସର୍ଗ ପର୍ଯ୍ୟନ୍ତ ପ୍ରସଙ୍ଗାନ୍ତର ଉପସ୍ଥିତ ହୋଇଛି । ଏହାକୁ ଅଙ୍ଗସ୍ଥାନୀୟ ରସ ଏବଂ ଭାବମାନଙ୍କର କ୍ଷେତ୍ର କୁହାଯିବ । ପୁଣି ରୈବତକ ପର୍ବତରେ ବିଶ୍ରାମ ପରେ ଦ୍ୱାଦଶ ସର୍ଗରେ ସେନା ଆଗକୁ ଯାତ୍ରା କରନ୍ତି । ଏହି ସମୟରେ ସେନାଙ୍ଗମାନଙ୍କର ବିବିଧ ଚେଷ୍ଟା ଅନୁଭାବ ସ୍ଥାନୀୟ । କିନ୍ତୁ ସେହି ପ୍ରକାଣ୍ଡ ସେନାର ନେକ ଗହଳି ସତ୍ତ୍ୱେ ଗ୍ରାମ ଜନପଦରେ ଜନଜୀବନରେ କୌଣସି ପ୍ରକାର ଉଦ୍‌ବେଗର କାରଣ ଉପସ୍ଥିତ ହେଉ ନ ଥିଲା । କଳ୍ପାନ୍ତ କାଳରେ ସାଗର ମଧ୍ୟ ବେଗରେ ଆନ୍ଦୋଳିତ ହୋଇ ମର୍ଯ୍ୟାଦା ଲଙ୍ଘନ କରିଥାଏ, କିନ୍ତୁ ଶ୍ରୀକୃଷ୍ଣଙ୍କ ସୈନ୍ୟ-ସାଗର ବହୁ ଗ୍ରାମ ଦେଇ ଗତି କରୁଥିଲେ ହେଁ କୌଣସିଠାରେ ନିର୍ମର୍ଯ୍ୟାଦ ଅଥବା ଅବ୍ୟବସ୍ଥାର କାରଣ ହୋଇ ନ ଥିଲା । (ଶି: ବ. ୧୨।୩୬) ଏ ସବୁକୁ 'ବିବେକ'ର ବ୍ୟଞ୍ଜକ ବୋଲି ଗ୍ରହଣୀୟ ।

ପୁଣି ପଞ୍ଚଦଶରୁ ବିଂଶ ସର୍ଗ ପର୍ଯ୍ୟନ୍ତ ଚାଲେ ଖାଟିହର ଧାରା ।

ଶିଶୁପାଳ ସଭା-ଭବନରୁ ସସଂଭ୍ରମ ବାହାରି ଆସି ନିଜ ଶିବିରରେ ରଣ-ସଂନାହ—(ଉଦ୍‌ଯୋଗ, ସାଜସଜ୍ଜା)- ପ୍ରବର୍ତ୍ତିକ ଶଙ୍ଖଧ୍ୱନି ବଜାଇବା ଏବଂ ଯୁଦ୍ଧ ନିମିତ୍ତ ସୈନିକଙ୍କର ପ୍ରସ୍ତୁତି ତଥା ନିଜ ଦୟିତାଙ୍କଠାରୁ ବିଦାୟ ନେବା ପ୍ରଭୃତି ସକଳ ବିଷୟକୁ ସେହି ଯୁଦ୍ଧୋତ୍ସାହର ଉଦ୍ଦୀପନ ତଥା ଅନୁଭାବ ବୋଲି ମାନିବାକୁ ହେବ । ତେବେ, ଏହି ଉତ୍ସାହର ଆଶ୍ରୟ ହେବ ଶିଶୁପାଳ, ଶ୍ରୀକୃଷ୍ଣ ନୁହଁନ୍ତି । ଏଠାରେ ଆହୁରି ଏକ କଥା ସ୍ପଷ୍ଟ କରିଦେବା ଆବଶ୍ୟକ । ଏ ସଂଘର୍ଷର ସକଳ ବିଷୟ ଶିଶୁପାଳ ଓ ଶ୍ରୀକୃଷ୍ଣଙ୍କ ମଧ୍ୟରେ ହିଁ ସୀମିତ । ପାଣ୍ଡବମାନେ ଏଥିରେ ସମ୍ପୃକ୍ତ ନ ଥିଲେ । ସେମାନେ ବ୍ୟବହାର-କୁଶଳ ଥିଲେ, ସେମାନଙ୍କ ପକ୍ଷରେ ଶ୍ରୀକୃଷ୍ଣ ତଥା ଶିଶୁପାଳ ଉଭୟେ ଥିଲେ ବନ୍ଧୁ । ସେମାନେ ଉଭୟଙ୍କୁ ନିମନ୍ତ୍ରଣ କରିଥିଲେ ।

ଶିଶୁପାଲ ଉପରେ ଅତିଶୟ କ୍ରୁଦ୍ଧ ହୋଇଥିବା ସତ୍ତ୍ୱେ ସେମାନେ ସେହି ମାଉସୀପୁଅ ଭାଇକୁ ବୁଝାଇ ସୁଝାଇ ଶାନ୍ତ କରିବାକୁ ଚାହୁଁଥିଲେ—

"ଗ୍ରହମାଗତାୟ କୃପୟା ଚ କଥମପି ନିସର୍ଗଦକ୍ଷିଣାଃ ।
କ୍ଷାନ୍ତିମଦ୍ଭୁତମନସୋ ଜନନୀସ୍ୱସୁରାତ୍ମଜାୟ ଚୁକୁପୁର୍ନ ପାଣ୍ଡବାଃ ॥"

(ଶି:ବ: ୧୫।୬୭)

ଅତଏବ ଶ୍ରୀକୃଷ୍ଣଙ୍କ ସହିତ ଶିଶୁପାଳର ଯୁଦ୍ଧରେ ପାଣ୍ଡବ ପ୍ରାୟ ତଟସ୍ଥ ହୋଇ ରହିଲେ । ନଚେତ୍ ତାହାହିଁ ମହାଭାରତ ଯୁଦ୍ଧ ହୋଇ ଯାଇଥାଆନ୍ତା ।

ଶିବିରରୁ ଯୁଦ୍ଧ ନିମିତ୍ତ ପ୍ରସ୍ଥାନ କରିବା ସମୟରେ ସୈନିକଙ୍କ ପ୍ରେୟସୀ-ମାନଙ୍କର ଭାବବିକାରର ଚିତ୍ରଣ ହୃଦୟସ୍ପର୍ଶୀ ହୋଇଛି—"ପ୍ରିୟର ମଙ୍ଗଳକାମୀ ସୁନ୍ଦରୀ ବାଳୀ ଅଶ୍ରୁତ୍ୟାଗ କଲେ ନାହିଁ ସିନା, କିନ୍ତୁ ଅଲକ୍ଷ୍ୟରେ ଶିଥିଳବାହୁରୁ ଖସି ପଡୁଥିବା କଙ୍କଣ ଅଜ୍ଞାତରେ ଘଟିଗଲା । ତେଣୁ ଅଶୁଭ ଶକୁନକୁ ରୋଧ କରାଯାଇ ପାରିଲା ନାହିଁ—

"ନ ମୁମୋଚ ଲୋଚନ-ଜଲାନି ଦୟିତ-ଜୟମଙ୍ଗଲୈଷିଣୀ ।
ଯାତମବନିମବସନ୍ନ-ଭୁଜାନ୍ନ ଗଲଦ୍‌ବିବେଦ ବଲୟଂ ବିଲାସିନୀ ।"

(ଶି:ବ: ୧୫।୮୫)

ଏଠାରେ ରତିଭାବକୁ ଯୁଦ୍ଧୋତ୍ସାହର ସଞ୍ଚାରୀ ମାନିବାକୁ ହେବ । ଏହିଭଳି ପ୍ରିୟ ଚାଲିଯିବାପରେ ସୁନ୍ଦରୀର ଶଙ୍କାବାଧା-ସତ୍ତ୍ୱେ ଝରିପଡୁଥିବା ଅଶ୍ରୁବିନ୍ଦୁ । ସହଜ ସ୍ନେହ-ଯୁକ୍ତ କୋମଳ ମନ ପାଇଁ ତାହା ହିଁ ସମୁଚିତ, ସେଠାରେ ଲୁଚିଛପା ସମ୍ଭବ ହିଁ ନୁହେଁ—

"ଧୃତିମାଣମପ୍ୟଗଲଦଶ୍ରୁ ଚଲିତ ଦୟିତେ ନତଭ୍ରୁବଃ ।
ସ୍ନେହମକୃତକରସଂ ଦଧତା-ମିଦମେବ ଯୁକ୍ତମତିମୁଗ୍ଧଚେତସାମ୍ ।"

(ଶି.ବ. ୧୫।୮୯)

ଏଠାରେ ମଧ୍ୟ ରତିଭାବ ଉତ୍ସାହର ସଞ୍ଚାରୀ ଭାବେ ଗ୍ରହଣୀୟ ।

କିନ୍ତୁ ଏ ଭଳି ବୀରାଙ୍ଗନା ମଧ୍ୟ ଥିଲେ ଯେ ବୀରପତିଙ୍କ ପ୍ରସ୍ଥାନ ବେଳେ ପରିଜନଙ୍କ ଅଶ୍ରୁମୋଚନ କାଳରେ ମଧ୍ୟ ଧୈର୍ଯ୍ୟ ରକ୍ଷା କରି ରହିଥିଲେ; କାରଣ ସେ ପ୍ରସ୍ତୁତ ଥିଲେ ପତିଙ୍କ ସହ ପରଲୋକ ଯାତ୍ରା କରିବାକୁ ।

"ସମବେକ୍ଷ୍ୟ ନୃପଗଣେଽପି ତଦନୁମରଣୋଦ୍ୟତୈକଧୀଃ ।
ଗାନପଙ୍କଜକୃତାଙ୍ଗୁଳୋନଭିଷ୍ଟୀଜନଃ ସ୍ଥିରମନା ହରିକ୍ଲମେ ।।"
(ଶି:ବ: ୧୫।୯୩)

ଏଠାରେ ଉତ୍ସାହର ଅଙ୍ଗ ଧୈର୍ଯ୍ୟ (ଧୃତି)କୁ ସଂଗୃହୀ ଭାବେ ଗ୍ରହଣ କରାଯିବ ।

ଅପର ପକ୍ଷରେ ଶିଶୁପାଳ ଦ୍ୱାରା ଦୂତ ମୁଖରେ ପ୍ରେରିତ କଟୁବଚନ ଶୁଣି ମଧ୍ୟ ଧୀରୋଦାତ୍ତ ପରମେଶ୍ୱରଙ୍କ ଶ୍ରୀକୃଷ୍ଣଙ୍କ ମନରେ ସାମାନ୍ୟ ବିକୃତି ମଧ୍ୟ ଦେଖା ଦେଇ ନ ଥିଲା । ବର୍ଷାକାଳରେ କଲୁଷିତ ନଦୀର ଜଳରାଶି ସହ ମିଳନ ସତ୍ତ୍ୱେ ସାଗରର ଜଳ ବିକୃତି ପ୍ରାପ୍ତ ହୁଏ ନାହିଁ ।

"ସମାକୁଲେ ସଦସି ତଥାପି ବିକ୍ରିୟାଂ
ମନୋଽଗମନ୍ନ ମୁରଭିଦଃ ପରୋଦିତୈଃ ।
ଘନାମ୍ବୁଭିର୍ବହୁଲିତ ନିମ୍ନଗା ଜଳୈର୍ଜଳଂ
ନହି ବ୍ରଜତି ବିକାରମମ୍ବୁଧେଃ ।।"
(ଶି:ବ: ୧୬।୧୮)

ସେପରେ, ଯଦୁ-ସେନା ଯୁଦ୍ଧ ନିମିତ୍ତ ପ୍ରସ୍ତୁତ ହୋଇ ଉଠେ ଏବଂ ପ୍ରସ୍ଥାନ କରେ । ଏ ସବୁକୁ ଅନୁଭବ କୁହାଯିବ ।

ଶ୍ରୀକୃଷ୍ଣ ରୂପୀ ବରଙ୍କର ଅଗ୍ରଦୂତ ସୂଚକ ପଟହଶବ୍ଦ ଯେତେ ନିକଟବର୍ତ୍ତୀ ହେଉଥାଏ, ଯଦୁସେନା ବିବାହ-ବଧୂ ତୁଲ୍ୟ ହୃଦୟମଧ୍ୟରେ ସେତେ ହର୍ଷାକୁଳ ହୋଇ ଉଠୁଥାଏ –

"ଯଥା ଯଥା ପଟହରବଃ ସମୀପତାମୁପାଗମତ୍ ସହରିବରପ୍ରତୀପୟୋଃ ।
ତଥା ତଥା ହୃଷିତବପୁର୍ମୁଦାକୁଳା ଦ୍ୱିଷାଂ ଚମୂରଜନଜନୀବଚେତସା ।।"
(ଶି.ବ: ୧୭।୪୩)

ଏହି ହର୍ଷ ମଧ୍ୟ ଯୁଦ୍ଧୋତ୍ସାହର ସଞ୍ଚାରୀ ଅଟେ ।

ଅଷ୍ଟାଦଶ ସର୍ଗଠାରୁ ଯୁଦ୍ଧାରମ୍ଭ ହୋଇ ବିଂଶ ସର୍ଗ ପର୍ଯ୍ୟନ୍ତ ଚାଲିଛି । ଯୁଦ୍ଧର ଉତ୍ସାହରେ ଚତୁରଙ୍ଗ ସେନାର ହସ୍ତୀ, ଅଶ୍ୱ, ରଥ ଓ ପଦାତିକ ସୈନିକମାନେ ସେହିକଳର ସେହି ସେହି ଅଙ୍ଗ ସହ ଏପରି ନିବିଡ଼ ଯୁଦ୍ଧରତ ହେଲେ ମନେ-

ହେଲ ସତେ ଯେପରି ପ୍ରିୟା ଅପଣାର ଅଙ୍ଗମାନଙ୍କ ଦ୍ୱାରା ଅନୁବର୍ତ୍ତୀ ପ୍ରିୟର ଅଙ୍ଗମାନଙ୍କ ସହ ଜଡ଼ିତ ହୋଇଯାଉଛି—

"ପତ୍ତିଃ ପତ୍ତିଂ ବାହମେୟାୟ ବାଜୀ
ନାଗଂ ନାଗଃ ସ୍ୟନ୍ଦନସ୍ଥୋ ରଥସ୍ଥମ୍ ।
ଇତ୍ଥଂ ସେନା ବଲ୍ଲଭସ୍ୟେବ
ରାଗାଦଙ୍ଗେନାଙ୍ଗଂ ପ୍ରତ୍ୟଗ୍ରା କସ୍ୟ ଭେଜେ ॥"

(ଶି. ବ: ୧୮।୨)

ଯୁଦ୍ଧର ବିବିଧ ବର୍ଣ୍ଣନା ବହୁଳାଂଶରେ ରାମାୟଣ, ମହାଭାରତ ତଥା ପୁରାଣୋକ୍ତ ପରଂପରାନୁସାରେ କରାହୋଇଛି ଏବଂ ସ୍ଥାନେ ସ୍ଥାନେ କବି କାଳିଦାସ-ଭାରବିଙ୍କ କଳ୍ପନାର ଅନୁସରଣ କରିଛନ୍ତି । ଏହି ପ୍ରସଙ୍ଗରେ ମଧ୍ୟ ଶୃଙ୍ଗାର ସମ୍ବନ୍ଧୀ ବିଷୟର ଅବତାରଣା କାବ୍ୟ ଶୋଭା ନିମିତ୍ତ ବୋଲି ବୁଝାଯିବ—"କାବ୍ୟଶୋଭାର୍ଥ-ମେବ ବା ।" ଦୃଷ୍ଟାନ୍ତ ସ୍ୱରୂପ-କୌଣସି ନିର୍ଭୀକ ବୀରକୁ ହାତୀ ନିଜ ଶୁଣ୍ଢରେ ଟେକି ନେଇ ଉପରିସ୍ଥ ଆକାଶକୁ ଯାହା ଫିଙ୍ଗିଦେଲା, ତାହା ସତେ ଅବା ଆକାଶରେ ଆସୀନା ସ୍ୱର୍ଗନାରୀଙ୍କୁ ଦେଲା ଏକ ଉପହାର—

"ହସ୍ତେନାଗ୍ରଂ ବୀତଭୀତିଂ ଗୃହୀତ୍ୱା
କଂଚିଦ୍ ବ୍ୟାଳଃ କ୍ଷିପ୍ତବାନୂର୍ଦ୍ଧ୍ୱମୁଚ୍ଚୈଃ ।
ଆସୀନାନାଂ ବ୍ୟୋମ୍ନି ତର୍ଦ୍ଧ୍ୟୈବ
ହେତୋଃ ସ୍ୱର୍ଗସ୍ତ୍ରୀଣାମର୍ପୟାମାସ ନୂନମ୍ ॥"

(ଶି.ବ. ୧୮।୪୮)

ଯୁଦ୍ଧରେ ବୀରଗତି ପ୍ରାପ୍ତ କୌଣସି ଶୂରକୁ ଆଲିଙ୍ଗନ କରି କୌଣସି ଦେବାଙ୍ଗନା ରମଣ ଉଦ୍ଦେଶ୍ୟରେ ତାକୁ ନେଇ ସୁମେରୁ ପର୍ବତର ଏକ ଲତାକୁଞ୍ଜକୁ ତ୍ୱରିତପଦରେ ଗମନ କରୁଛି (ତାହାର ବିୟୋଗ ଦୁଃଖ ସହି ନ ପାରି ତାହାର ପତ୍ନୀ ଅଗ୍ନିରେ ସତୀ ହୋଇ ଆସି ସେ ପର୍ଯ୍ୟନ୍ତ ପହଞ୍ଚି ନ ଯାଇଛି ।)

"ବୃତ୍ତଂ ଯୁଦ୍ଧେ ଶୂରମାଶ୍ଳିଷ୍ୟ
କାଚନ୍ ରନ୍ତୁଂ ଭୂର୍ତ୍ତୁଂ ମେରୁକୁଞ୍ଜଂ ଜଗାମ ।
ତ୍ୟକ୍ତ୍ୱା ନାଗ୍ନୌ ଦେହମେତସ୍ମ
ସାକ୍ଷାତ୍ ଧନ୍ୟା ସଦ୍ୟସ୍ତଦ୍ ବ୍ୟୋମ୍ନାଗାସମର୍ଥା ॥"
(ଶି. ବ: ୧୮।୭୦)

ଊନବିଂଶ ସର୍ଗରେ ମହାକବି ଯୁଦ୍ଧର ବିକଟ ବ୍ୟୂହ ତଥା ଭୀଷଣ ଅକ୍ଷିଭୂକା ଦଳା ଚକଟାକୁ ପରଂପରା ଅନୁଯାୟୀ ଚନ୍ଦାଳଂକାର ଦ୍ୱାରା ବର୍ଣ୍ଣନ କରିବା ଅଧିକ ଉଚିତ ମନେ କରିଛନ୍ତି । କିନ୍ତୁ ସେଠାରେ ମଧ୍ୟ ସ୍ଥାନେ ସ୍ଥାନେ ଉଚ୍ଚକୋଟୀର ଧ୍ୱନିକାବ୍ୟ ଦୃଷ୍ଟିଗୋଚର ହୋଇଥାଏ-- ଯଥା, ଉପମାଳଂକାରରୁ ବସ୍ତୁ-ବ୍ୟଙ୍ଗ୍ୟର ପ୍ରସିଦ୍ଧ ଉଦାହରଣ

"ଅପତନ୍ନେମମୁଂ ଦୂରଦୂଷ୍କଣ୍ଟପରାକ୍ରମଃ ।
ଫଲୋତ୍‌ଫଲେକସ୍ଥାମାସ ମାତଙ୍ଗମିବ କେସରୀ ॥"
(ଶି: ବ: ୧୯।୨)

ଶାସ୍ତ୍ର-ବ୍ୟୁତ୍ପତ୍ତି-ମଣ୍ଡିତ କବିଙ୍କ ନବନବୋନ୍ମେଷଶାଳିନୀ ପ୍ରତିଭାର ମନୋରମ ଦର୍ଶନ ଘଟିଯାଏ ସ୍ଥାନେ ସ୍ଥାନେ ଏହି ରଣସ୍ଥଳୀରେ ମଧ୍ୟ—ଯେପରି କି, "ରଣରେ ସୁହୃଦ୍, ସ୍ୱାମୀ, ପିତୃବ୍ୟ: ଭ୍ରାତୃ, ମାତୁଳ (ହାସ୍ତ୍ରବିକ) ନିପାତିତ ହେଲେ । ବିଦ୍ୱାନ୍ ମାନଙ୍କ ମନରେ ଏପରି ଧାରଣା ଆସେ, ସତେ ଅବା ସେହି ସମରାଙ୍ଗଣ ପାଣିନୀୟ ଶାସ୍ତ୍ରର ପ୍ରାଙ୍ଗଣ ଯେଉଁଠାରେ ସେହି ସେହି ଶବ୍ଦ ନିପାତିତ ହୋଇ (ନିପାତନ ବଳରେ) ସିଦ୍ଧ ହୋଇଛନ୍ତି"—

"ନିପାତିତ-ସୁହୃତ୍-ସ୍ୱାମି-ପିତୃବ୍ୟ-ଭ୍ରାତୃ-ମାତୁଳମ୍ ।
ପାଣିନୀୟମିବାଲୋକ ଧୀରୈସ୍ତତ୍ ସମରାଜିରମ୍ ॥"
(ଶି' ଚ. ୧୯।୭୫)

"ଶବ୍ଦଗୁଣ ଭୟ ଯୋଗୁଁ ଏକମାତ୍ର ହସ୍ତୀ ଦ୍ୱିଧା, ତ୍ରିଧା, ଚତୁର୍ଦ୍ଧା ହୋଇ ସ୍ୱୟଂ ପଞ୍ଚତ୍ୱ ପ୍ରାପ୍ତ ହୋଇଥିଲେ ।"

"ଦ୍ୱିଧା ତ୍ରିଧା ଚତୁର୍ଦ୍ଧା ଚ ତମେକମପି ଶତ୍ରବଃ ।
ପଶ୍ୟନ୍ତଃ ସ୍ପର୍ଦ୍ଧୟା ସଦ୍ୟଃ ସ୍ୱଯଂ ପଞ୍ଚତ୍ୱମାପ୍ନୁୟୁଃ ॥"

(ଶି. ବ: ୧୯।୧୧୫)

ବିଂଶ ସର୍ଗରେ ଶିଶୁପାଳ ସହିତ ଶ୍ରୀକୃଷ୍ଣଙ୍କର ପ୍ରତ୍ୟକ୍ଷ ଯୁଦ୍ଧ ହୁଏ । "ଯୁଦ୍ଧରେ ଶ୍ରୀକୃଷ୍ଣଙ୍କ ବଚନରେ ଅସହିଷ୍ଣୁ ହୋଇ କ୍ରୋଧ ଯୋଗୁଁ ଲଲାଟ ଦେଶରେ ଉତ୍ପନ୍ନ ରେଖା ଜୟ ଧାରଣପୂର୍ବକ କୁଞ୍ଚିତ ଭ୍ରୂଯୁଗଳ ଯୁକ୍ତ ଭୀଷଣ ମୁଖରେ ଶିଶୁପାଳ ନିର୍ଭିକ ଭାବେ ମୁରାରିଙ୍କୁ ଆହ୍ୱାନ କଲ"—

ମୁଖମୁଲ୍ଲସିତତ୍ରିରେଖ ମୁଚୈ ର୍ଭିଦୁର ଭ୍ରୂଯୁଗଭୀଷଣଂ ଦଧାନଃ ।
ସମିତାବଧ ବଚମାନମୃଷ୍ୟନ୍ ଶତଭୀରାହ୍ୱତ ଚେଦିରାଣ୍ମୁରାରିମ୍ ॥

(ଶି: ବ: ୨୦।୧)

ଏଠାରେ ଅନୁଭାବ ତଥା ବିଭାବ ଦ୍ୱାରା ଶିଶୁପାଳର ଯୁଦ୍ଧୋତ୍ସାହର ବ୍ୟଞ୍ଜନା କରାଯାଇଛି ।

ଶ୍ରୀକୃଷ୍ଣଙ୍କ ରଥ ଚକ୍ରରେ ଲଗିଥିବା ଓଜନଥା ଚକ ତଳେ ମୃତ ଶବଗୁଡ଼ିକୁ ମଥିତ କରି ତହିଁରୁ ନିର୍ଗତ ହେଉଥିବା କେସରଭିନାମ୍ର ରକ୍ତ ଝଳଝଳ ହୋଇ ଶିଶୁପାଳ ଆଡ଼କୁ ଆଗେଇଗଲେ

"ଅଭିଚୈଦ୍ୟମଗାଦ୍ରଥୋଽପି ଶୌରେ
ରବନୀଂ କାଶ୍ମୀରକୁଙ୍କୁମାଭିତାମ୍ରୈଃ ।
ଗୁରୁନେମିନିପୀଡ଼ନାବଦୀର୍ଣ୍ଣ-ବ୍ୟସୁ-
ଦେହସ୍ରୁତ-ଶୋଣିତୈର୍ବିଲିମ୍ପନ୍ ॥"

(ଶି. ବ. ୨୦।୩)

ଏଠାରେ ବୀଭତ୍ସର ଜୁଗୁପ୍ସା ଉତ୍ସାହଭାବର ଅଙ୍ଗ ହୋଇଛି ।

ରୁକ୍ମିଣୀଙ୍କ କୁଚକେସର ଦ୍ୱାରା ଚର୍ଚ୍ଚିତ ଶ୍ରୀକୃଷ୍ଣଙ୍କ ବକ୍ଷଃସ୍ଥଳ ସନ୍ଦର୍ଶନରେ ଶିଶୁପାଳ ଚରଣସ୍ପୃଷ୍ଟ ବେଷରେ ସହସା ଜଳି ଉଠିଲ —

"ଅଭିବୀକ୍ଷ୍ୟ ବିଦର୍ଭରାଜପୁତ୍ରୀ-
କୁଚ କାଶ୍ମୀରଜ-ଚିହ୍ନମଚ୍ୟୁତୋରଃ ।

ତତ ସେବତସ୍ୟାପି ଚେଦ୍ଦ୍ୱିଜଃ
ସହସାବାପ ରୁଷା ତଦୈବଯୋଗମ୍ ॥"
(ଶି.ବ:୧୦।୬)

ଏଠାରେ ଉଚିତ ଆଲମ୍ବନ ଓ ଉଦ୍ଦୀପନଦ୍ୱାରା କ୍ରୋଧ ଭାବ ବ୍ୟକ୍ତ ହୋଇଛି ।

"ପରେ ଶେଷରେ ଶିଶୁପାଳ ଅତ୍ୟନ୍ତ ପରିଶୋଧିତ ତୀକ୍ଷ୍ଣ ଓ ଅତି ସଳଖ ଲୌହବାଣରେ ଶ୍ରୀକୃଷ୍ଣଙ୍କୁ ଅଜେୟ ବୋଲି ଜାଣି-ଶିଳାପଟରେ ମର୍ମଭେଦୀ ଅଶୁଦ୍ଧ ଓ କୁଟିଳ ବାଗ୍ ବାଣଦ୍ୱାରା ତାଙ୍କୁ ବିଦ୍ଧ କରିବାକୁ ଲାଗିଲା"—

"ଶୁଦ୍ଧିଂଗତୈରପି ପରମ୍ପୁରୁଷଂ ବିଦଦ୍ଧ୍ୱା
ବାଣୈରଜଯ୍ୟମବଗଚ୍ଛତି ଚମମର୍ମଭିତ୍ତମମ୍ ।
ମର୍ମାତିଗୈରନୃଜୁଭିର୍ନିତରାମଶୁଦ୍ଧୈ-
ର୍ବାକ୍ସାୟକୈରଥ ତୁତୋଦ ତଦା ବିପକ୍ଷଃ ॥"
(ଶି: ବ. ୧୦।୧୭

ଏହି ଉଦ୍ଦୀପନ ଯୋଗୁଁ ଶ୍ରୀକୃଷ୍ଣଙ୍କ କ୍ରୋଧ ଗର୍ଜି ଉଠିଲା ଏବଂ ସେ ତିରସ୍କାର ପୂର୍ବକ ଅବଲମ୍ବେ ନିଜ ଦୁର୍ଦ୍ଧର୍ଷ କାଳାଗ୍ନି ଜ୍ୱାଳାପ୍ରଦୀପ୍ତ ଚକ୍ରରେ ତାହାର ଶରୀରକୁ କବନ୍ଧାବଶେଷ କରିଦେଲେ —

"ତେନାକ୍ରୋଶତ ଏବ ତସ୍ୟ ମୁରଜିତ୍ କାଳ-କ୍ଷେଳାନଳ-
ଜ୍ୱାଳା ପଲ୍ଲବତେନ ମୂର୍ଦ୍ଧବିକଳଂ ଚକ୍ରେଣ ଚକ୍ରେ ବପୁଃ ॥"
(ଶି: ବ' ୨୦ ୬୮)

ଏହି ପ୍ରକାରେ ଶତ୍ରୁବଧ କରିବାରେ ଶ୍ରୀକୃଷ୍ଣଙ୍କ ଯୁଦ୍ଧୋତ୍ସାହ ପୂର୍ଣ୍ଣତା ଲାଭ କଲା, ଏବଂ ଶିଶୁପାଳର ଶରୀରରୁ ଦିବ୍ୟ ତେଜ ନିର୍ଗତ ହୋଇ ଯେତେବେଳେ ଶ୍ରୀକୃଷ୍ଣଙ୍କ ଦେହରେ ପ୍ରବେଶ କଲା ସେତେବେଳେ ସେହି ବିଜିତ ଓ ବିଜୟୀ ଦୁହିଁଙ୍କ ସ୍ୱରୂପ ହିଁ ଦିବ୍ୟ ଅଲୌକିକ ହୋଇଗଲା ।

**ଶୃଙ୍ଗାର ରସ :**

ଶିଶୁପାଳ ବଧର ଅଙ୍ଗୀରସମାନଙ୍କ ମଧ୍ୟରେ ଶୃଙ୍ଗାର ରସର ବିସ୍ତାର ସର୍ବାଧିକ ହୋଇଛି । ବୈଭବବିଳାସର ଜୀବନ ସହିତ ମାଘଙ୍କର ପୂର୍ଣ୍ଣ ପରିଚୟ

ଥିଲି । ତ ସହିତ ସେ ନିଜ ପ୍ରତିଭାବଳରେ ମାନବିକ ଭାବମାନଙ୍କ ପ୍ରକ୍ରିୟାର ସୂକ୍ଷ୍ମତମ ନିରୀକ୍ଷଣ କରିଥିଲେ । ଶିଶୁପାଳ ବଧର ଷଷ୍ଠ, ସପ୍ତମ, ଅଷ୍ଟମ ତଥା ଦଶମ ଏହି ଚାରିସର୍ଗରେ ଶୃଙ୍ଗାରର ଚିତ୍ରକଳ୍ପ ଦେଖିବାକୁ ମିଳେ । ସେହିଭଳି ସମ୍ପୂର୍ଣ୍ଣ ଷଷ୍ଠ ସର୍ଗରେ ଷଡ଼ଋତୁ ବର୍ଣ୍ଣନ ସେହି ଶୃଙ୍ଗାରର ଉଦ୍ଦୀପନ ରୂପ ଅଟେ । ଋତୁ-ଜନିତ-ପ୍ରେରଣା ଯୋଗୁଁ ପ୍ରିୟ-ପ୍ରେୟସୀ ସମ୍ଭୋଗ ରମଣରେ ପ୍ରବୃତ୍ତ ହୁଅନ୍ତି ।

ନାୟକ ନାୟିକାର ଚାଟୁ ପ୍ରସଙ୍ଗରେ କହୁଛି—"ତୁମର ସୁଗନ୍ଧିତ ନିଃଶ୍ୱାସ ମାରୁତ ତଥା ସୁଧା-ମଧୁର ଅଧର ପ୍ରତି ମୋ ଦୃଷ୍ଟିଶ ପିପାସୁ ଭ୍ରମର ନିମିତ୍ତ ସୁମନାବଳୀର ଗନ୍ଧ ଅଥବା ରସ ତୃପ୍ତିକର ହେଉନାହିଁ (ତେଣୁ ସେ ତୁମର ମୁଖ ଆଡ଼କୁ ଆସୁଛି)" (ଶି: ବ. ୬।୧୨) । ପ୍ରିୟର ଏହି ଉକ୍ତିରେ ସୁନ୍ଦରୀ ଅଙ୍ଗନା ବାହୁ ଉତ୍ତୋଳନ ଫଳରେ ଉଚ୍ଚତର ସ୍ତନଯୁଗ ଦ୍ୱାରା ତଥା ତ୍ରିବଳୀ-ସମ୍ବଳିତ ଉଦରଶ୍ରୀ ଦ୍ୱାରା ପରିଶୋଭିତ ହୋଇ ପଡ଼େ ଅବା ଭ୍ରମର ଭୟ କାରଣରୁ ପ୍ରିୟ ଅଙ୍ଗରେ ଜଡ଼ିତ ହୋଇଗଲି—

"ଇତି ଗଦନ୍ତ ମନନ୍ତର ମଙ୍ଗନା-ଭୁଜଯୁଗୋନ୍ନମନୋଚ୍ଚତରସ୍ତନୀ ।
ପ୍ରଣୟିନଂ ରଭସାଦୁଦରଶ୍ରିୟାଲି ଭୟାଳିଭୟାଦିବ ସସ୍ୱଜେ ॥"
(ଶି.ବ. ୬।୧୩)

ବସନ୍ତ ଋତୁର ଉଦ୍ଦୀପନ ତ ଏତେ ଅଧିକ ହୋଇଯାଏ ଯେ ଯେଉଁ ମାନିନୀ ଯଦୁ ସୁନ୍ଦରୀମାନେ ଅନୁନୟକାରୀ ପ୍ରତି ପ୍ରିୟଙ୍କୁ ଗଣନା କରୁ ନ ଥିଲେ, ସେମାନେ ଏବେ ମଦନବ୍ୟଥାରେ ବିହ୍ୱଳ ହୋଇ ସ୍ୱୟଂ ପ୍ରିୟଙ୍କୁ ତୁଷ୍ଟ କରିବାରେ ଲାଗିଛନ୍ତି—

"ଅଜଗଣନ୍ ଗଣଶଃ ପ୍ରିୟମଗ୍ରତଃ ପ୍ରଣତମପ୍ୟଭିମାନତୟାଽନୟାଃ ।
ସତି ମଧାବଭବନ୍ ମଦନବ୍ୟଥାବିଧୁରିତା ଧୁରିତାଃ କୁକୁରସ୍ତ୍ରିୟଃ ॥"
(ଶି:ବ: ୬।୧୫)

"ବର୍ଷାର ଗଜଶ୍ୟାମନବାମ୍ବୁଦଘଟାଂ ଆକାଶରେ ଉଦ୍‌ଗତ ହେବା ଦେଖି କେଉଁ ସୁନ୍ଦରୀ ଅବା ପ୍ରିୟକାମନାରେ ଅଭିସାର ନ କଲି ?"

"ଗଳକନ୍ଦମ୍ୱକ ମେଚକମୁଚ୍ଚକୈର୍ନଭସି ବୀକ୍ଷ୍ୟ ନବାମ୍ବୁଦମମ୍ବରେ ।
ଅଭିସସାର ନ ବଲ୍ଲଭମଙ୍ଗନା ନ ଚ କମେଚକମେକରସଂ ରହଃ ॥"
(ଶି:ବ: ୬)

ସେହିପରି ହେମନ୍ତ ଏବଂ ଶିଶିରର ଶୀତ ପ୍ରିୟବିଦମ୍ପତ୍ତିଙ୍କୁ ବଳାତ୍କାରରେ ସଂଯୁକ୍ତ କରିଛି ଥାଏ (ଶି: ବ. ୬।୫୭, ୬୫) ।

ଷଡ୍‌ଋତୁ-କୁସୁମ-ସମ୍ପନ୍ନ ବନଭୂମିର ଶୋଭାଜନିତ ଆନନ୍ଦ ଉପଭୋଗ ପାଇଁ ଯଦୁଗଣ ଯାଉଥିଲେ ସପତ୍ନୀକ ହୋଇ, କାରଣ ନଚେତ୍ ସେମାନେ ମନ୍ମଥର ପଞ୍ଚ କୁସୁମବାଣକୁ ଏକାକୀ ସହ୍ୟ କରିବାକୁ ଅସମର୍ଥ ଥିଲେ । (ଶି. ବ: ୭।୨)

ବନବିହାର ନିମିତ୍ତ ସୁନ୍ଦରୀମାନେ ଅଗ୍ରସର ହେଲେ ଏବଂ ସେମାନଙ୍କ ସହଜ ମନୋହର ରୂପରେ ବିଳାସ-ବୈଭବ ଭରିଗଲା—ଆଲମ୍ବନ-ଉଦ୍ଦୀପନ ଦୁହେଁ ଏକାଶ୍ରୟ ହୋଇଗଲେ (ଶି. ବ. ୭।୩) ।

ଦୂତୀଦ୍ୱାରା କୁପିତ ନାୟିକାକୁ ଅନୁକୂଳ କରାଇବା (ଶି: ବ ୭।୭-୧୧); ସଖୀ ଅନୁରୋଧରେ ଦୟିତାକୁ ଟାଣି ଟାଣି ଯାଉଥିବା ପ୍ରିୟ ପକ୍ଷରେ ସତେ ଅବା ଭୂମି ମାପି ମାପି ଗଲା ପରି ଧୀରେ ଧୀରେ ବନବିହାରକୁ ଯିବା (ଶି:ବ: ୭।୧୨, ୧୩) ପ୍ରିୟର ପାର୍ଶ୍ୱ ଦେଇ ଚାଲିଥିବା ସୁନ୍ଦରୀର ସ୍ତନ ଦ୍ୱାରା କନ୍ଦୁକ ତୁଲ୍ୟ ବାରମ୍ବାର ପ୍ରିୟର ଅଙ୍ଗ ସ୍ପର୍ଶ ଯୋଗୁଁ ପୁଲକିତ ହୋଇ ଉଠିବା (ଶି.ବ ୭।୧୫), କୌଣସି ସୁନ୍ଦରୀ ପକ୍ଷରେ ପ୍ରିୟର ସ୍କନ୍ଧ ଦେଶରେ ନିଜ ଦକ୍ଷିଣ ବାହୁ ସ୍ଥାପନ ପରେ ପ୍ରିୟର ବାମବାହୁ ଦ୍ୱାରା ଆଲିଙ୍ଗନ ଫଳରେ ପୁଲକିତ ପୀନ ପୟୋଧର ସହ ସବିଳାସ ଗତି (ଶି.ବ ୭।୧୭), ପୁଣି ଅପରା କେହି ପ୍ରିୟର ପଶ୍ଚାଦ୍‌ଭାଗରେ ରହି ତାହାର ସ୍କନ୍ଧରେ ଉଭୟ ହାତ ଦେଇ ନିଜ କଠିନ ଉନ୍ନତ ଉରଜର ଅଗ୍ରଭାଗଦ୍ୱାରା ପ୍ରିୟକୁ ଠେଲି ଠେଲି ଆଗେଇ ଦେବା (୭।୧୧) ଆଦି ରତିବିଳାସର ବିବିଧ ପ୍ରକାର ଚର୍ଚ୍ଚିତ ହୋଇଛି ।

ପୁଷ୍ପଚୟନ-ରତ ସୁନ୍ଦରୀର ଉତ୍ତରୀୟ ଖସି ପଡେ, ତାହାର ଉରଜ ତଥା ତ୍ରିବଳୀ-ବିଭୂଷିତ ଗମ୍ଭୀରନାଭି ଅନାବୃତ ହୋଇ ଉଠେ । ସେ ପ୍ରିୟକୁ ନ ଦେଖିଲା ପରି ସେହି ମୁଦ୍ରାରେ କେତେବେଳ ପର୍ଯ୍ୟନ୍ତ ହାତ ଟେକି ତୋଳି ଚାଲିଥାଏ ଫୁଲ ।

ହଠାତ୍, ପ୍ରିୟତ ସମ୍ମୁଖରେ ରହିଛନ୍ତି ବୋଲି ସଖୀର ଇଙ୍ଗିତ ପାଇବାକ୍ଷଣି ଭୟ ପରିତୋଷ ସହିତ ସସ୍ମିତ-ମୁଖ-ପଦ୍ମଶ୍ରୀ ହୋଇ ସଚକିତ ନତମୁଖୀ ଅବସ୍ଥାରେ ସେ ଯେ ଲୁଗ୍ଣଇ ପକାଇବାର ଅଧୀରତା-ଯୁକ୍ତ ଲଜ୍ଜା ଆଚରଣ କରେ ତାହାଦ୍ୱାରା ସେ ପ୍ରିୟର ହୃଦୟକୁ ନିଜ ପ୍ରତି ଅଧିକ ଆକୃଷ୍ଟ କରି ନେଉଛି — ଲଜ୍ଜା ସ୍ପଷ୍ଟଭାବେ ସ୍ତ୍ରୀମାନଙ୍କୁ ଆଭୂଷିତ କରିଥାଏ—

"ଅବନତବଦନେନ୍ଦୁରିଚ୍ଛତୀବ ବ୍ୟବଧିମଧୀରତୟା ଯଦସ୍ଥିତାସ୍ମୈ ।
ଅହୃ ତ ସୁତରାମତୋଽସ୍ୟ ଚେତଃ ସ୍ଫୁଟମଭିଭୂଷୟତି ସ୍ତ୍ରିୟସ୍ତ୍ରପୈବ ॥"
(ଶି: ବ ୭।୩୮

ଭ୍ରମର ଆସୁଥିବାର ସଙ୍କେତ ସଖୀଠାରୁ ପାଇ ମଧ୍ୟ କେହି ସୁନ୍ଦରୀ ଭ୍ରମର ଭୟରେ ଆଖି ବନ୍ଦ କରି ପ୍ରିୟର କୋଳରେ ଢଳି ଆସି ପଡ଼ୁଥାଏ—ଭୀରୁତାକୁ ସୁନ୍ଦରୀଙ୍କର ଗୁଣ ମଧ୍ୟରେ ଗଣନା କରାଯାଏ—

"ଇତି ବଦତି ସଖୀଜନେ ନିମୀଲଦ୍-
ଦ୍ୱିଗୁଣିତ ସାନ୍ଦ୍ରତରାକ୍ଷି-ପକ୍ଷ୍ମମାଲା ।
ଅପତଦଲିଭୟେନ ଭର୍ତ୍ତୁରଙ୍କଂ ଭବତି ହି
ବିକ୍ଲବତା ଗୁଣୋଽଙ୍ଗନାନାମ୍ ॥"

ମୁଗ୍ଧା ନବୋଢ଼ା ବଧୂର ମୁଖ କମଳକୁ ଉପରକୁ ଉଠାଇ ବଳାତ୍କାରରେ ଚୁମ୍ବନ କରିଦେଲେ ପ୍ରିୟ । ପାଖରେ ଥାଇ ମଧ୍ୟ ବିଦଗ୍ଧସଖୀ ଜାଣିବା ସତ୍ତ୍ୱେ ନ ଦେଖିଲା ପରି କର୍ଣ୍ଣଲୟ ଚୟନରେ ଲାଗି ରହିଥାଏ—

"ମୁଖକମଲମୁନ୍ନମଯ୍ୟ ଯୂନା ଯଦଭିନବୋଢ଼ବଧୂର୍ବଲାଦଚୁମ୍ବି ।
ତଦପି ନ କିଲ ବାଲପଲ୍ଲବାଗ୍ର-ଗ୍ରହଣପରସ୍ୟା ବିବେଦ ବିଦଗ୍ଧସଖ୍ୟା ॥"
(ଶି: ବ: ୭।୪୯)

ଏଠାରେ 'ନ କିଲ' ପ୍ରୟୋଗ ଦ୍ୱାରା ବିଦଗ୍ଧସଖୀର ଚେଷ୍ଟା ମଧ୍ୟ ଅଦ୍ଭୁତ ରମଣୀୟ ବ୍ୟକ୍ତ ହେଉଛି ।

କୌଣସି ପ୍ରୌଢ଼ା ହର୍ଷୌତ୍ସୁକ୍ୟବତୀ ସୁନ୍ଦରୀ, ସଖୀମାନଙ୍କ ସମକ୍ଷରେ ଆପଣା ଚାପଲ୍ୟ ପରିହାର ନ କରି, ଲତା କପରି ନିଜ ପ୍ରିୟ ବୃକ୍ଷର ଅଙ୍ଗରେ ଜଡ଼ିତ ହୁଏ ତାହାର ଅଭିନୟ ବହ୍ୱଳ ଭାବେ ଦେଖାଇବାକୁ ଯାଇ ନିଜ ପ୍ରିୟ ସହିତ ଜଡ଼ିତ ହୋଇଗଲା—

"ବଳୟିତ ମନୁକୁର୍ବତୀ ପୁରସ୍ତାଦ୍ ଧରଣି
ରୁହାଧିରୁହୋ ବଧୂର୍ଲତାୟାଃ ।
ରମଣମୃଜୁ ତୟା ପୁରଃ ସଖୀନା ମକଳିତ
ଚାପଲ ଦୋଷମାଲିଲିଙ୍ଗେ ॥"

(ଶି. ବ. ୭।୪୬)

କେହି ସୁନ୍ଦରୀ ସମ୍ମୁଖରେ ଦଣ୍ଡାୟମାନ ପ୍ରିୟ ଉପରେ ଲଖିଥିବା ଫୁଲର ଗୁଚ୍ଛ ଧରି ନେବା ସକାଶେ ଗୋଟାଏ ହାତ ଉଠାଇ ଆଉ ହାତ ପ୍ରିୟର କାନ୍ଧ ଉପରେ ରଖି ସାହାଯ୍ୟ ନେବା ବେଳେ ନିଜ ପୀନ ପୟୋଧର ଦ୍ୱାରା ପ୍ରିୟର ବକ୍ଷଃ ସ୍ଥଳକୁ ଆଚ୍ଛନ୍ନ କରି ପକାଉଛି—

"ସଲଳିତମବଲମ୍ବ୍ୟ ପାଣିନାଂସେ
ସହଚରମୁଚ୍ଚିତ ଗୁଚ୍ଛ ବାଞ୍ଛୟାଽନ୍ୟା ।
ସକଳ କଳଭକୁମ୍ଭବିଭ୍ରମାଭ୍ୟାମୁରସି
ରସାଦବତସ୍ତରେ ସ୍ତନାଭ୍ୟାମ ॥"

(ଶି· ବ: ୭।୪୭)

କୌଣସି ପୀନପୟୋଧରା ମୁଗ୍ଧା ଯୁବତୀର ଇଚ୍ଛା, ଉପରେ ଲଖିଥିବା ଫୁଲ ଆଣିବାକୁ । ପ୍ରିୟ କହୁଛି, ତୁମେ ନିଜେ ତୋଳିନିଅ ଏବଂ ସେହି ଆଲିଙ୍ଗନଲାଳସୀ ପ୍ରିୟ ପ୍ରେୟସୀକୁ ଉଭୟ ହସ୍ତରେ ଦୃଢ଼ ଭାବେ ଧରି ଉଠାଇ ଦେଉଛି ଉପରକୁ—

"ଉପରିଜ ତରୁଜାନି ଯାଚମାନାଂ
କୁଶଳତୟା ପରିରମ୍ଭଲୋଲୁପୋଽନ୍ୟଃ ।
ପ୍ରଥିତ ପୃଥୁପୟୋଧରାଂ ଗୃହାଣ
ସ୍ୱୟମିତି ମୁଗ୍ଧବଧୂମୁଦାସ ଦୋର୍ଭ୍ୟାମ୍ ॥"

(ଶି· ବ: ୭।୪୯)

ପୁଣି କେହି ନାୟକ ଆଗକୁ ଆଙ୍ଗୁର ଫୁଲର କେଭ ଦେଖାଇ 'ତାଠୁ ଇଏ ଭଲ' କହି ସୁନ୍ଦରୀକୁ ଟାଣି ନେଇ ଯାଉଛି ଏକାନ୍ତ ସ୍ଥାନକୁ—ମଦନ ପ୍ରେମିକକୁ ରମଣ ନିମିତ୍ତ କେତେ ଉଦ୍ଭାବନ୍ତ କରିଏ ସତେ !

"ଇଦମିଦମିତି ଭୂରୁହଂ ପ୍ରସୂନୈ
ର୍ମୁହୁରତି ଲୋଭୟତା ପୁରଃପୁରୋଽନ୍ୟା ।
ଅନୁରହସମନାୟି ନାୟକେନ
ତ୍ୱରୟତି ରନ୍ତୁମହୋ ଜନଂ ମନୋଭୂଃ ।।"
(ଶି:ବ. ୭।୫୦)

କୌଣସି ଅଭିପ୍ରଗଲ୍‌ଭା ନାୟିକା ବିଜନ ଦେଖି ପ୍ରିୟକୁ ବଳାତ୍‌କାରରେ ଧରି ପକାଇବା ଅବସରରେ ନିକଟରେ ସପତ୍ନୀକୁ ଦେଖି 'ଆରେ, ମୋତେ ଇଏ ଶଠା ଭାବିନେବ ଯେ' ଏହି ଭୟରେ ଅପସରି ଯିବାକୁ ଚାହୁଁଛି, ଆଉ ସେହି ସମୟରେ ପ୍ରିୟ ତାକୁ ଧରି ନେଉଛି, ଫଳତଃ ତାଦ୍ୱାରା ମର୍ଯ୍ୟାଦା ବୃଦ୍ଧିର କାରଣ ହେଉଛି—

"ବିଜନମିତି ବଳାଦମୁଂ ଗୃହୀତ୍ୱା
କ୍ଷଣମଥ ବୀକ୍ଷ୍ୟ ବିପକ୍ଷମନ୍ତିକେଽନ୍ୟା ।
ଅଭିପତିତୁମନା ଲଘିମଭୀତେର-
ଭବଦମୁଷ୍ୟ ଭିବଲ୍ଲଭେଽତିଗୁର୍ବୀ ।।"
(ଶି:ବ ୭।୫୧)

ଏହିଭଳି, ନାନାପ୍ରକାର ରତିକ୍ରୀଡ଼ା ବିବିଧ କୋଟୀର ନାୟିକାମାନଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଛି । ଶେଷରେ ବନବିହାର ଜନିତ ଶ୍ରମରେ ସୁନ୍ଦରୀମାନଙ୍କ ଅଙ୍ଗ ଶିଥିଳ ହୋଇ ଉଠେ । ଶ୍ରମର ବିବିଧ ଅନୁଭାବ ଦୃଶ୍ୟ ହୁଏ ସେମାନଙ୍କଠାରେ । କୌଣସି ତନ୍ୱଙ୍ଗୀ ସୁନ୍ଦରୀ ନିଜ ଉନ୍ନତ ଉରୋଜ ଦ୍ୱୟକୁ ପ୍ରିୟ ଅଭିମୁଖରେ ଆଙ୍ଗୁରି ଉପରକୁ ଉଠାଇ ବାହୁଲତା ଦ୍ୱୟକୁ ପରସ୍ପର ଛନ୍ଦି ଦେଉଛି ଏବଂ ଅଙ୍ଗ-ଭଙ୍ଗୀଦ୍ୱାରା ଇପ୍‌ସିତ ଆଲିଙ୍ଗନର ଅଭିଲାଷ ବ୍ୟକ୍ତ କରୁଛି—

"ଅଭିମତମଭିତଃ କୃତାଙ୍ଗଭଙ୍ଗା କୁଚଯୁଗମୁନ୍ନତିବିତ୍ତମୁନ୍ନମୟ୍ୟ ।
ତନୁରଭିଲଷିତଂ କ୍ଲମଚ୍ଛଲେନ ବ୍ୟବୃଣୁତ ବେଲ୍ଲିତ-ବାହୁବଲ୍ଲରୀକା ।।"
(ଶି. ବ ୭।୭୨)

ରତିଶ୍ରମ ଜନିତ ସ୍ୱେଦରେ ସକଳ ସୁନ୍ଦରୀ କ୍ଳାନ୍ତ ହେଉଥିଲେ । ପୁଣି ପ୍ରିୟ ଯେତେବେଳେ ଝାଳ ପୋଛି ଦେବାର ଯତ୍ନ କରୁଥିଲେ ସେତେବେଳେ ସେମାନଙ୍କ ଶରୀର ଆହୁରି ଅଧିକ ଖିନ୍ନ ହେଉଥିଲା; ତେଣୁ ସେମାନଙ୍କର ଇଚ୍ଛା ହେଲା ନିଜର ବନବିହାର-ଶିଥିଳ ଶରୀରକୁ ଜଳାଭିଷିକ୍ତ କରିବାକୁ—

"ପ୍ରିୟକରପରିମାର୍ଗାଦଙ୍ଗନାନାଂ ଯଦାଭୂତ୍
ପୁନରଧିକତରୈବ ସ୍ୱେଦତୋୟୋଦୟଶ୍ରୀଃ ।
ଅଥ ବପୁରଭିଷେକ୍ତୁଂ ତାସ୍ତଦାମ୍ଭୋଭିରୀଷୁ
ର୍ବନବିହରଣଖେଦମ୍ଳାନମମ୍ଳାନଶୋଭାଃ ॥" (ଶି.ବ ୭।୭୫)

ଏହି ପ୍ରକାରେ ଏହି ସର୍ଗାନ୍ତ ଶ୍ଳୋକରେ ମାଘକବି ଏକ ସୁନ୍ଦର କୌଶଳରେ ଅଗ୍ରିମ ସର୍ଗରେ ବର୍ଣ୍ଣିତ ଜଳକ୍ରୀଡ଼ାର ମଧ୍ୟ ସାଙ୍କେତିକ ସୂଚନା ଦେଲେ । ପ୍ରତ୍ୟେକ ସର୍ଗର ଶେଷରେ ମଧ୍ୟ ସେ ଏହି ଭାବରେ ଭାବୀ ସର୍ଗର ବିଷୟରେ ସଙ୍କେତ ଦେଇଛନ୍ତି ।

ଜଳବିହାର ମଧ୍ୟ ବନବିହାର ତୁଲ୍ୟ ସଂଭୋଗ-ଶୃଙ୍ଗାରର ରୂପ ଭାବେ ଗ୍ରହଣ କରାହେବ । ଜଳକ୍ରୀଡ଼ାର ସମ୍ପୂର୍ଣ୍ଣ ସମ୍ଭାର ଅର୍ଥାତ୍ ଉଦ୍ଦୀପନ ଉପସ୍ଥିତ, ଯଥା, ଜଳକ୍ରୀଡ଼ା-ଯନ୍ତ୍ର, ତପ୍ତ ସ୍ୱର୍ଣ୍ଣଶୃଙ୍ଗ, ସୁଗନ୍ଧିତ ଚନ୍ଦନକୁଙ୍କୁମାଦି ଦ୍ରବ୍ୟ, ପୀନପୟୋଧର ଉପରେ ଅଂଚଳ ତୁଲ୍ୟ କୁସୁମ୍ଭୀ ଉତ୍ତରୀୟ, ଅଙ୍ଗୁରୀ ଆସବ ତଥା ପ୍ରିୟତମର ସାହଚର୍ଯ୍ୟ—

"ଶୃଙ୍ଗାଣି ଦ୍ରୁତକନକୋଜ୍ଜ୍ୱଲାନି ଗନ୍ଧାଃ
କୌସୁମ୍ଭଂ ପୃଥୁକୁଚକୁମ୍ଭ-ସଙ୍ଗି ବାସଃ ।
ମାର୍ଦ୍ୱୀକଂ ପ୍ରିୟତମସନ୍ନିଧାନମାସ
ନ୍ନାରୀଣାମିତି ଜଳକେଳିସାଧନାନି ॥" (ଶି: ବ ୮।୩୦)

ଜଳକ୍ରୀଡ଼ାର କେତେକ ମନୋରମ ଦୃଶ୍ୟ ସଂଯୋଗ-ଶୃଙ୍ଗାରର ମଞ୍ଜୁଳ ମଞ୍ଜୁଷା ସଦୃଶ ଅଟେ । ଯଥା, କୌଣସି ନବୋଢ଼ା ଲଜ୍ଜାବଶତଃ ସରୋବରରେ ପ୍ରିୟ ସହ ଅବଗାହନ କରିବାକୁ ପଶ୍ଚାତ୍ପଦ ହେଉଛି (ନାହିଁ ନାହିଁ କରୁଛି) । ସେତେବେଳେ ସଖୀମାନେ ତୀରଭୂମିରୁ ତାକୁ ଜଳ ମଧ୍ୟକୁ ଠେଲି ଦେଲେ,

ଏବଂ ସୁନ୍ଦରୀ ଭୟଚକିତ ଚକ୍ଷୁରେ ଜଳ ମଧ୍ୟରେ ପ୍ରିୟକୁ କୁଣ୍ଢାଇ ଧରି ପକାଇଲା । ବିପତ୍‌କାଳରେ ମର୍ଯ୍ୟାଦା ଲଂଘନ ଦୂଷଣୀୟ ନୁହେଁ —

“ନେଚ୍ଛନ୍ତୀ ସମମମୁନା ସରୋଽବଗାଢ଼ଂ ରୋଧସ୍ତଃ ପ୍ରତିଜଲମୀରିତା ସଖୀଭିଃ ।
ଅଶ୍ଳିଷତ୍ ଭୟଚକିତେକ୍ଷଣଂ ନବୋଢ଼ା ବୋଢ଼ାରଂ ବିପଦି ନ ଦୂଷିତାଽତିଭୂମିଃ ।
(ଶି: ବ: ୯।୩୦)

ନାୟକ କାନ୍ଧପର୍ଯ୍ୟନ୍ତ ପାଣିରେ ଠିଆ ହୋଇଛି । ମୁଗ୍‌ଧା ନାୟିକା ଭାବୁଛି ତାହାର ମଧ୍ୟ କାନ୍ଧ ପର୍ଯ୍ୟନ୍ତ ପାଣି ହେବ ଓ ନିର୍ଭୟ ମନରେ ସେଠାକୁ ଯାଉଛି । ‘‘ବୁଡ଼ିଯିବ ତ’’ ଆଶଙ୍କା କରି ପ୍ରିୟ ତାକୁ ସତ୍ୱର କୁଣ୍ଢାଇ ପକାଉଛି —

“ତିଷ୍ଠନ୍ତଂ ପୟସି ପୁମାଂସମଂସମାତ୍ରେ ତଦ୍ଦଘ୍ନଂ ତଦବୟତୀ କଳାମ୍ବନୋଽପି ।
ଅଭ୍ୟେତୁଂ ସୁତନୁରଭୀରସ୍ୟେଷ ମୌଗ୍‌ଧ୍ୟାଦାଶ୍ଳେଷି ଦ୍ରୁତମମୁନା ନିମଜ୍ଜନ୍ତୀତି’’ ।

କୌଣସି ମଦନପରବଶଚିତ୍ତା ସୁନ୍ଦରୀ ସଙ୍ଗୀ ପ୍ରତି ପାଣି ଛାଟିବା ଛଳରେ ପ୍ରିୟ ଯୁବକ ଆଡ଼କୁ ଚାହୁଁଛି ସ୍ନେହ-ଭରା ଦୃଷ୍ଟିରେ, ସତେ ଅବା ମୂର୍ତ୍ତିମାନ ପ୍ରଣୟ-ରସ-ରୂପ ଜଳ ଦ୍ୱାରା ପୂର୍ଣ୍ଣ ସ୍ନେହାଞ୍ଜଳି ଢାଳି ଦେଉଛି —

“ସ୍ନିହ୍ୟନ୍ତୀ ଦୃଶମପରା ନିଧାୟ ଭର୍ତ୍ତ୍ରଂ ମୂର୍ତ୍ତେନ ପ୍ରଣୟରସେନ ବାରିଣେବ ।
କନ୍ଦର୍ପପ୍ରବଣମନାଃ ସଖୀସିସିକ୍ଷାଲକ୍ଷ୍ୟେଣ ପ୍ରତିଯୁବମଂଜଳିଂ ଚକାର’’ ।
(ଶି. ବ: ୯।୩)

ଶୃଙ୍ଗାର ପ୍ରସଙ୍ଗରେ କୌଣସି ନା କୌଣସି ସ୍ଥାନରେ ଈର୍ଷାର ଉଦୟ ହେବା ଉଚିତ, ଯେପରି ମଧୁର ଭୋଜନ କାଳରେ ଟିକିଏ ଲଙ୍କାଦିଆ ଚଟଣୀ ଲୋଡ଼ା ହୁଏ । ପ୍ରିୟ ପ୍ରେମରେ ପ୍ରିୟାର ବକ୍ଷ ପ୍ରତି ପାଣି ଛାଟିଦେଲା । ସୁନ୍ଦରୀର କଠିନ କୁଚରେ ପଡ଼ି ସତେ ଯେପରି ତହିଁରୁ ସନ୍ତାପ ସଂଗ୍ରହ କରିଥିବା ଯେଉଁ ଜଳବିନ୍ଦୁ ଉଚ୍ଛୁଳି ପଡ଼ିଲା ତାହା ସମୀପସ୍ଥିତ ସପତ୍ନୀକୁ ଜଳାଇ ଦେଲା —

“ପ୍ରେମ୍‌ଣୋରଃ ପ୍ରଣୟିନି ସିଞ୍ଚତି ପ୍ରିୟାୟାଃ
ସନ୍ତାପଂ ନବଜଳବିପ୍ରୁଷୋ ଗୃହୀତ୍ୱା ।

ଉଦ୍ଧୂତାଃ କଠିନକୁଚସ୍ଥଳାଭିଘାତା
ଦାସନ୍ନାଂ ଭ୍ରଶମପରାଙ୍ଗନାମଧାକ୍ଷୁଃ ।” (ଶି. ବ ୮।୪୦)

ଜଳବିହାର ତ ସମ୍ଭୋଗ-ଶୃଙ୍ଗାରର ଏକ ପ୍ରକାର ଭେଦମାତ୍ର । ସ୍ୱଚ୍ଛଜଳରେ ସ୍ନାନ ଯୋଗୁଁ ନିର୍ମଳ ଶରୀର, ତାମ୍ବୂଳରକ୍ତିମା-ବର୍ଜିତ ପରିଚ୍ଛନ୍ନ ଓଷ୍ଠ, ସ୍ୱଳ୍ପ କ୍ଷୀଣ ବସନ ଏବଂ ଏକାନ୍ତତା- ଏ ସକଳ ବିଳାସିନୀମାନଙ୍କ ପକ୍ଷରେ ଶୃଙ୍ଗାରୋଚିତ ନେପଥ୍ୟରେ (ସାଜସଜ୍ଜାରେ) ପରିଣତ ହୋଇଯାଏ, ଯଦି ଫୁଲଶର ଧାରୀ କାମ-ଦେବତା ଅନୁପସ୍ଥିତ ନ ଥାନ୍ତି--

"ସ୍ୱଚ୍ଛାମ୍ଭଃ-ସ୍ନପନ-ବିଧୌତମଙ୍ଗମୋଷ୍ଠ-
ସ୍ତାମ୍ବୂଳଦ୍ୟୁତି-ବିଶଦୋ ବିଳାସିନୀନାମ୍ ।
ବାସଶ୍ଚ ପ୍ରତନୁ ବିବିକ୍ତମସ୍ତ୍ୱିୟତ୍ତା
କଳ୍ପୋ ଯଦି କୁସୁମେଷୁଣା ନ ଶୂନ୍ୟଃ ॥"
(ଶି.ବ. ୮।୭୦)

ସେ ଦିନରେ ଏହିପରି ଜଳକ୍ରୀଡ଼ା ଯାଦବ ଯୁବକଗଣଙ୍କୁ ସ୍ନାନାଦି ଦ୍ୱାରା ଅଳଂକୃତ ଦେହ ଦେଖି ଭଗବାନ ସୂର୍ଯ୍ୟ ଦେବ ମଧ୍ୟ ପଶ୍ଚିମପୟୋଧିର ଜଳରାଶିରେ ଅବଗାହନ କରିବାକୁ ଇଚ୍ଛା କଲେ । ସୂର୍ଯ୍ୟାସ୍ତ ସମସ୍ତ ହୋଇଗଲା, ଚ୍ଛାଇ ଆସିଲା ଅନ୍ଧାର, ଏବଂ ଚନ୍ଦ୍ରୋଦୟ ହୋଇ ଆସିଲା । ରତିକ୍ରୀଡ଼ା ନିମିତ୍ତ ଅଧୀର ସୁନ୍ଦରୀ-ମାନେ ଆରମ୍ଭ କରିଦେଲେ ଦୂତୀଙ୍କୁ ପ୍ରେରଣ କରିବା । ଦୂତୀକୁ କେହି କହିଲା, "ଦୂତିଲୋ ! ତାଙ୍କ ପାଖକୁ ଯାଇ ଏପରି ଚତୁରୀରେ କହିବୁ ଯେପରି କି ମୋର ନ୍ୟୂନତା ବି ପ୍ରକଟିତ ନ ହୁଏ, ଅଥଚ ସେ ମୋ ପ୍ରତି କୃପା ମଧ୍ୟ କରିବେ ।"—

"ନ ଚ ମେଽବଗଚ୍ଛତି ଯଥା ଲଘୁତାଂ
କରୁଣାଂ ଯଥା ଚ କୁରୁତେ ସ ମୟି ।
ନିପୁଣଂ ତଥୈନମୁପଗମ୍ୟ ବଦେଃ-
ଭିଦୂତି କାଚିଦିତି ସନ୍ଦିଦିଶେ ॥"
(ଶି. ବ: ୮।୫୬)

ଏ ନାୟିକାର ପ୍ରକାର କଳହାନ୍ତରିତା ।

ଅପର କେହି କଳହାନ୍ତରିତା ସୁନ୍ଦରୀ ତ ଦୂତୀପ୍ରେଷଣ କାଳରେ ଦୂତୀ ପଚାରୁଥିବା ସତ୍ତ୍ୱେ ଲଜ୍ଜାବଶରେ କୌଣସି ସନ୍ଦେଶ ହିଁ କହିପାରୁ ନ ଥାଏ, କେବଳ ତୀକ୍ଷ୍ଣ କାମଶର ପୀଡ଼ିତ ନିଜ କୃଶ ଦେହକୁ ରହି ରହି ଦେଖୁଥାଏ ମାତ୍ର —

"ନନୁ ସନ୍ଦିଶେତି ସୁଦୃଶୋଦିତୟା
ତ୍ରପୟା ନ କିଂଚନ କିଲାଭିଦଧେ ।
ନିଜ ମୈକ୍ଷି ମନ୍ଦମନିଶଂ ନିଶିତୈଃ
କ୍ଷତିତଶରୀରମଶରୀରଶରୈଃ ।।"

(ଶି. ବ: ୯।୬୧)

ଏବଂ ଅତ୍ୟନ୍ତ ବିଦଗ୍ଧ ପ୍ରଗଲ୍ଭ-ବଚନା ସେହି ଦୂତୀଙ୍କଠାରୁ ପ୍ରାପ୍ତ ପ୍ରେମ-ସନ୍ଦେଶରେ ପ୍ରିୟଜନର ଶ୍ରଦ୍ଧା ପୂର୍ଣ୍ଣ ହୋଇ ଉଠୁଥିଲା—

"ଉଦିତଂ ପ୍ରିୟାଂ ପ୍ରତି ସହାର୍ଦ୍ଦମିତି ଶ୍ରଦଧୀୟତ ପ୍ରିୟତମେନ ବଚଃ ।"

ଏବଂ ପରିଣାମରେ ପୁନର୍ମିଳନର ପର୍ବ ଲାଗିଯାଏ । ପ୍ରିୟ ଆସିଯିବାରେ ତ୍ୱରାନ୍ୱିତ ଭାବେ ଆସନରୁ ଉଠି ପଡ଼ିବା ସମୟରେ, ସୁନ୍ଦରୀର ସୁବର୍ଣ୍ଣଶିଳା-ସଦୃଶ ବିଶାଳ ଜଘନ-ସ୍ଥଳରୁ ଖସି ପଡ଼େ ପରିଧେୟ ବସ୍ତ୍ର । ସୁନ୍ଦରୀ ସତ୍ୱର ନୀବୀରେ ହସ୍ତ ସ୍ଥାପନ କରି ପୁଣି ତାକୁ ଢାଙ୍କି ନିଏ—

"କରରୁଦ୍ଧନୀବିଦୟିତୋପଗତୌ ଗଳିତଂ ତ୍ୱରାବିରହିତାସନୟା ।
କ୍ଷଣଦୃଷ୍ଟ-ହାଟକ-ଶିଲାସଦୃଶ-ସ୍ଫୁଟଦୁରୁଭିତ୍ତି ବସନଂ ବବସେ ।।"

(ଶି. ବ: ୯।୭୫)

ପ୍ରିୟ ପଛପଟରୁ ଆସି ସୁନ୍ଦରୀର ଆଖି ବନ୍ଦ କରିଦେଇ ପଚାରିଲା—"କହ କିଏ ?" ସୁନ୍ଦରୀ ମୁହଁ ଖୋଲି ଅବଶ୍ୟ କିଛି କହିଲା ନାହିଁ, କେବଳ (ପ୍ରିୟ-ସ୍ପର୍ଶ ଏବଂ ବଚନ ଶ୍ରବଣ ଫଳରେ ଜାତ) ରୋମାଞ୍ଚ ଦ୍ୱାରା ପ୍ରିୟକୁ କହି ଦେଇଛି ଉତ୍ତର—

"ପିଦଧାନମନ୍ୱୁପଗମ୍ୟଦୃଶୌ ବ୍ରୁବତେ
ଜନାୟ ବଦ କୋଽୟମିତି ।

ଅଭିଧାତୁମଧିବସରୋ ନ ଗିର
ପୁଲକୈଃ ପ୍ରିୟଂ ନବବଧୂର୍ବ୍ୟଗଦତ୍ ।।"
(ଶି. ବ. ୯।୭୬)

ଏହିପରି, ଚନ୍ଦ୍ରରଶ୍ମି ସମୂହ, ସୁନ୍ଦରୀମାନଙ୍କର ମାନ ଭଙ୍ଗ କରି ସେମାନଙ୍କୁ ପ୍ରିୟ ମିଳନ ନିମିତ୍ତ ଅଧୀର କରୁଥିବା ବେଳେ ଲଜ୍ଜାବିଘ୍ନ ଦୂର କରିବାରେ କୁଶଳ ଓ ମନ୍ମଥଶ୍ରୀବିଳାସକୁ ବିଜୃମ୍ଭିତ କରିବାରେ ସମର୍ଥ ଯେଉଁ ମଦିରା ସେ ରତିକ୍ରୀଡାରେ ଆଗ୍ନୀଧ୍ର କରିବାକୁ ଲଗିଲ—

"ଆଗ୍ନୀଧ୍ରଂ ରତିଷୁ ବିଲସନ୍ ମନ୍ମଥ ଶ୍ରୀବିଳାସା
ହ୍ରୀ ପ୍ରତ୍ୟୂହପ୍ରଶମକୁଶଳାଃ ସୀଧବଶ୍ଚକ୍ରୁରାସାମ୍ ।।"
(ଶି: ବ: ୯।୮୭)

ମଧୁପାନ ପ୍ରସଙ୍ଗ ସହିତ ହୁଏ ଦଶମସର୍ଗର ଆରମ୍ଭ । ମୈରେୟ (ମଧୁ ମିଶ୍ରିତ ମଦ୍ୟ) ସୁନ୍ଦରୀମାନଙ୍କୁ ସବୁ ପ୍ରକାର ଖେଳ ଖେଳାଇବାକୁ ଲଗିଲ । ହସରେ ବିଳାସ, ବଚନରେ ଚାତୁରୀ, ଆଖିରେ ବିଶିଷ୍ଟ ଦୃଷ୍ଟି ବିକାର ମୁଗ୍ଧାମାନଙ୍କ ଆଚରଣରେ ମଧ୍ୟ ଦେଖାଗଲ, ପୁଣି ପ୍ରୌଢାମାନଙ୍କ କଥା ଆଉ କଣ କହିବା ?

"ହାବହାରି ହସିତଂ ବଚନାନାଂ
କୌଶଳଂ ଦୃଶି ବିକାର ବିଶେଷାଃ ।
ଚକ୍ରିରେ ଭୃଶମୃଜୋରପି ବଧ୍ୱାଃ
କାମିନେବ ତରୁଣେନ ମଦେନ ।।"
(ଶି ବ. ୧୦।୧୩)

ସେହି ଅଙ୍ଗନାମାନଙ୍କୁ ଦେହର ସହଜ ସୌନ୍ଦର୍ଯ୍ୟ ବିଭୂଷିତ କରି ରହିଥିଲ । ସୌନ୍ଦର୍ଯ୍ୟ ସାଜି ହୋଇଥିଲ ଯୌବନରେ, ଯୌବନକୁ ସୁଶୋଭିତ କରୁଥିଲ ମଦନଶ୍ରୀ, ମଦନଶ୍ରୀକୁ ମଦ ଏବଂ ମଦକୁ ଅଲଂକୃତ କରୁଥିଲ ପ୍ରିୟସଙ୍ଗମ—

"ସ୍ୱରୁଚା ବପୁରଭୂଷୟଦାସାଂ ତାମନୁ ନବଯୌବନଯୋଗଃ ।
ତଂ ପୁନର୍ମକରକେତନଲକ୍ଷ୍ମୀସ୍ତାଂ ମଦୋ ଦୟିତସଙ୍ଗମଭୂଷଃ ।।"
(ଶି: ବ ୧୦।୩୩)

ସୁରତ-କ୍ରୀଡ଼ାର ବାହ୍ୟ ତଥା ଆଭ୍ୟନ୍ତର ଉଭୟ ରୂପ ଅତ୍ୟନ୍ତ ମନୋରମ ତଥା ସୂକ୍ଷ୍ମ ବିବେଚନାସମ୍ପନ୍ନ । ପ୍ରେକ୍ଷଣ, ଚୁମ୍ବନ, ଆଲିଙ୍ଗନ ପ୍ରଭୃତି ବାହ୍ୟସୁରତ, ତଥା ପରିରମ୍ଭଣାଦି କ୍ରିୟାଭିନବୃତ୍ତି ଆଭ୍ୟନ୍ତର ଅଟେ । ମାଘ ଉଭୟର ସ୍ପଷ୍ଟ ବର୍ଣ୍ଣନା ଦେଇଛନ୍ତି ।

ପ୍ରିୟର ଗାଢ଼ ଆଲିଙ୍ଗନ ଯୋଗୁଁ ସୁନ୍ଦରୀର ସାରା ଶରୀର ସ୍ୱେଦାର୍ଦ୍ର ହୋଇ ଯାଉଛି, ଏପରି କି ପରିଧେୟ ବସ୍ତ୍ର ମଧ୍ୟ ଭିଜି ଯାଉଛି—

"ସ୍ନେହନିର୍ଭରମଧତ୍ତ ବଧୂନାମାର୍ଦ୍ରତାଂ ବପୁରସଂଶୟମନ୍ତଃ ।
ଯନ୍ନିଗାଢପରିରମ୍ଭିଣି ବସ୍ତ୍ରକ୍ନୋପମମ୍ବୁ ବବୃଷେ ମଦନେନ ।"
(ଶି. ବ. ୧୦।୪୯)

ପ୍ରିୟଦ୍ୱାରା ଉତ୍ତରୀୟାକର୍ଷଣ ପରେ ଲଜ୍ଜାବଶରେ ସୁନ୍ଦରୀ ନିଜ କୁଚମଣ୍ଡଳକୁ ପ୍ରିୟର ବକ୍ଷଃସ୍ଥଳ ଦ୍ୱାରା ଢାଙ୍କି ପକାଉଛି—ପ୍ରିୟଠାରେ ଗାଢ଼ଭାବେ ଜଡ଼ିତ ହୋଇ ପଡ଼ୁଛି,

"ଉତ୍ତରୀୟବିନୟାତ୍ ତ୍ରପମାଣା ରୁନ୍ଧତୀ କିଲ ତଦୀକ୍ଷଣମାର୍ଗମ୍ ।
ଆବରିଷ୍ଟ ବିକଟେନ ବିବୋଢୁର୍ବକ୍ଷସୈବ କୁଚମଣ୍ଡଲମନ୍ୟା ॥"
(ଶି. ବ. ୧୦।୪୧)

ପ୍ରିୟଦ୍ୱାରା ଅଧରବିମ୍ବଦଂଶନ ସମୟରେ ସୁନ୍ଦରୀ ହାତର ଚୁଡ଼ି ଝଣ ଝଣ କରି ଉଠୁଛି, ସତେ ଅବା ତାକୁ ପୀଡ଼ା ହେଉଛି । (ଶି. ବ. ୧୦।୫୬) । ଅପର କେହି ଯୁବକ ଭାବର ଆବେଶରେ ଅଧର ପଲ୍ଲବ ଛାଡ଼ି ଦେଇ ଚୁମ୍ବନ କରୁଛି ସୁନ୍ଦରୀର ସରସ ଚକ୍ଷୁ ଯୁଗଳକୁ—

"ଓଷ୍ଠପଲ୍ଲବମପାସ୍ୟ ମୁହୂର୍ତ୍ତଂ ସୁଭ୍ରୁବଃ ସରସମକ୍ଷି ଚୁଚୁମ୍ବେ ।"
(ଶି. ବ. ୧୦।୫୪)

ମାଘଙ୍କର ସରସ ସହୃଦୟତା ଯୋଗୁଁ ଆଭ୍ୟନ୍ତର ସୁରତର ଅନେକ ରହସ୍ୟମୟ ଦୃଶ୍ୟର ଚିତ୍ରଣ ମିଳେ—ପ୍ରିୟର ହାତ ପ୍ରିୟାର ନୀବୀ-ବସ୍ତ୍ର ମୋଚନ କରିବା ଉଦ୍ୟମ କଲା ବେଳେ ସୁନ୍ଦରୀର ଦୁଇହାତ ତାକୁ ବାରଣ କରୁଛି । ସତେ

ଯେପରି ଏହି ହାତମାନଙ୍କର କଳହ ନିବାରଣ ନିମିତ୍ତ ସୁନ୍ଦରୀର ଚୁଡ଼ୀ ଓ କାଞ୍ଚୀ ଝଣ ଝଣ କରି ଉଠୁଛି —

"ଅମ୍ବରଂ ବିନୟତଃ ପ୍ରିୟପାଣେର୍ଯୋଷିତଶ୍ଚ କରୟୋଃ କଲହସ୍ୟ ।
ବାରଣାମିବ ବିଧାତୁମଭୀକ୍ଷ୍ଣଂ କକ୍ଷ୍ୟୟା ଚ ବଲୟୈଶ୍ଚ ଶିଶିଞ୍ଜେ ॥"

(ଶି: ବ ୧୦।୬୨)

ସୁରତ କାଳରେ ଅଙ୍ଗନାମାନଙ୍କର କେତେକ ପରସ୍ପର - ବିରୋଧୀ ଭାବ ଦେଖିବାକୁ ମିଳେ—"ରତିରାଗ ଉଦ୍ଦାମ ଥାଏ, ତଥାପି ଉଦାସୀନ ବ୍ୟବହାର ଦେଖାନ୍ତି, ପ୍ରିୟକୁ ଅସ୍ଥିର କରିବା ଲାଗି ନିଜଅଙ୍ଗ ସମର୍ପଣ ସତ୍ତ୍ୱେ ବନ୍ଧଭାବ ପ୍ରଦର୍ଶନ କରନ୍ତି, ସୁରତ-ସମ୍ବନ୍ଧୀୟ ମନୋହାରୀ ପ୍ରଗଲ୍ଭତା ସଙ୍ଗେ ସଙ୍ଗେ ଲଜ୍ଜା ପ୍ରଦର୍ଶନ କରନ୍ତି",

"ଧୈର୍ଯ୍ୟମୁଲ୍ବଣମନୋଭବଭାବା
ବାମତାଂ ଚ ବପୁରର୍ପିତବତ୍ୟଃ ।
ବ୍ରୀଡିତଂ ଲଲିତସୌରତଧାର୍ଷ୍ଟ୍ୟା
ତ୍ରେନିରେଽଭିରୁଚିତେଷୁ ତରୁଣ୍ୟଃ ॥"

(ଶି: ବ ୧୦।୧୮

ସେହିପରି "ପ୍ରିୟର ଇଚ୍ଛାକୁ ବିରୋଧ ନ କରି ନୀବୀ-ମୋକ୍ଷଣ କାଳରେ ପ୍ରିୟର ହାତକୁ ବାଧା ଦେବା, ମନ୍ଦମଧୁର ହାସ-ମିଶ୍ରିତ ତର୍ଜନା ତଥା ଅଧର ପୀଡ଼ନ,ସ୍ତନମର୍ଦ୍ଦନ ପ୍ରଭୃତିରେ ସୁଖ ସତ୍ତ୍ୱେ ଶୁଷ୍କ ଅଥବା କୃତ୍ରିମ କ୍ରନ୍ଦନ ସୁନ୍ଦରୀମାନେ କରନ୍ତି ପ୍ରାୟ" -

"ପାଣିରୋଧମବିରୋଧିତବାଞ୍ଛଂ ଭର୍ତ୍ସନାଶ୍ଚ ମଧୁରସ୍ମିତଗର୍ଭାଃ ।
କାମିନଃ ସ୍ମ କୁରୁତେ କରଭୋରୁର୍ହାରି ଶୁଷ୍କରୁଦିତଂ ଚ ସୁଖେଽପି ॥"

(ଶି: ବ: ୧୦।୬୯)

ସାହିତ୍ୟଶାସ୍ତ୍ରର ଭାଷାରେ ଏହାକୁ କୁହାଯାଏ କୁଟ୍ଟମିତ :
(କେଶାଧରାଦିଗ୍ରହଣେ ମୋଦମାନେଽପି ମାନସେ । ଦୁଃଖିତେବ ବହିଃ କୁପ୍ୟେଦ୍ ଯତ୍ର କୁଟ୍ଟମିତଂ ହି ତତ୍ ।) ସୁରତକାଳରେ ଯୁବତୀର ସୀତ୍କାର, ମଣିତ (ମଣିତଂ ରତିକୂଜିତମ୍ ), କରୁଣ-ବଚନ, ନିଷେଧ-ବଚନ, ହାସ, ଭୂଷଣ-ଶିଞ୍ଜନ-ଏ ସକଳ କାମସୂତ୍ରର ପଦାବଳୀ ହୋଇଯାଏ ।

"ସୀତକୃତାନ ମଣିତଂ କରୁଣୋକ୍ତିଃ ସ୍ନିଗ୍ଧମୁକ୍ତମଲମର୍ଥବଚାଂସି ।
ହାସ-ଭୂଷଣରବାଶ୍ଚ ରମଣ୍ୟାଃ କାମସୂତ୍ରପଦତାମୁପଜଗ୍ମୁଃ ।।"

(ଶି: ବ ୧୦।୭୫)

ସେହି ରତିବେଳାରେ ପ୍ରିୟର ଯାହା ରୁଚକର, ସୁନ୍ଦରୀମାନେ ତାହା କରୁଥାନ୍ତି । ଯୁବକମାନଙ୍କର ଅନୁକୂଳ ଅଚରଣ କରିବା ଦ୍ୱାରା ତରୁଣୀମାନେ ସେମାନଙ୍କ ହୃଦୟକୁ ଆପଣାର ବଶୀଭୂତ କରି ନଥାନ୍ତି—

"ଯଦ୍ ଯଦେବ ରୁରୁଚେ ରୁଚରେଭ୍ୟଃ
ସୁଭ୍ରୁବୋ ରହସି ତତ୍ତଦକୁର୍ବନ ।
ଆନୁକୂଲିକତୟା ହି ନରାଣାମାକ୍ଷିପନ୍ତି
ହୃଦୟାନି ତରୁଣ୍ୟଃ ।।"

(ଶି.ବ. ୧୦।୭୯)

ରତିରଙ୍ଗବିଳାସର ସୂକ୍ଷ୍ମତାକୁ ଉଦ୍ଘାଟନ କରିବାରେ ମାଘ ବିଶେଷ ରୁଚି ତଥା ତନ୍ମୟତା ଦେଖାଇଛନ୍ତି ।

ସୁରତକ୍ରୀଡ଼ା, ବିଶେଷତଃ ବିପରୀତ-ରତିରେ ମଦନ ରସର ଅନ୍ତଭୂମି, ଅର୍ଥାତ ପରାକାଷ୍ଠାରେ ପହଞ୍ଚିବା ପରେ ସୁନ୍ଦରୀମାନଙ୍କ ପକ୍ଷରେ ଉଦ୍ରେକ ଦୁର୍ବହ ହୋଇ ପଡୁଛି । ଶ୍ରମଜଳରେ ଆର୍ଦ୍ର ଲଲାଟ ଉପରେ ବିନ୍ୟସ୍ତଭାବେ ଏଠି ସେଠି ଲାଖିରହିଛି କୃଷ୍ଣ ବର୍ଣ୍ଣ ଦୀର୍ଘ କେଶ । ଅଧୁନା ସେମାନେ କ୍ଳାନ୍ତ ହୋଇ ପଡ଼ିଛନ୍ତି—

"ପ୍ରାପ୍ୟ ମନ୍ମଥରସାଦତିଭୂମିଂ ଦୁର୍ବହସ୍ତନ ଭରାଃ ସୁରତସ୍ୟ ।
ଶଶ୍ରମୁଃ ଶ୍ରମଜଳାର୍ଦ୍ର-ଲଲାଟ-ଶ୍ଳିଷ୍ଟ-କେଶ ମସିତାୟତକେଶ୍ୟଃ ।।"

(ଶି:ବ: ୧୦।୮୦)

ବର୍ତ୍ତମାନ ସୁରତାବସାନ ଚିତ୍ର କବିତାରେ ଦର୍ଶନୀୟ । "ସୁନ୍ଦରୀମାନେ ସୁରତ କାଳରେ ପ୍ରିୟତମର ସଙ୍ଗମ ଯୋଗୁଁ ଯେଉଁ ଲଜ୍ଜାରୂପୀ ସଖୀକୁ ଛାଡ଼ି ଦେଇଥିଲେ ଏବେ ରତାନ୍ତ କାଳରେ ସେହି ସଖୀର ବିରହ ସହି ପାରିଲେ ନାହିଁ, ସୁତରାଂ ତା ସହିତ ଶୀଘ୍ର ମିଳିତ ହେଲେ— ରତାନ୍ତରେ ପୁନର୍ବାର ପ୍ରକଟିତ ହେଲ ଲଜ୍ଜା" ।

"ସଙ୍ଗତାଭିରୁ ଚକୈଶ୍ଚଲିତାଽପି
ପ୍ରାଗମୁଚ୍ୟତ ଚିରେଣ ସଖୀଭି ।
ଭୂୟ ଏବ ସମଗଂସ୍ତ ରତାନ୍ତେ
ହ୍ରୀର୍ବଧୂଭିରସହା ବଚେହସ୍ୟ ॥"

(ଶି. ବ. ୧୦।୮୧)

ସୁରତାବସାନରେ ସୁନ୍ଦରୀମାନଙ୍କ ଗୃହିଣୀ ଲଜ୍ଜାରେ ଅଧୀର ହୋଇ ଉଠୁଥିଲେ । ଅତି ତରତରରେ ଦୁକୂଳ ଦ୍ୱାରା ଶରୀର ଆବୃତ କରାହେଉଥିଲା । ସେହି କ୍ଷଣଟି ବେଶ୍ ଦର୍ଶନୀୟ ଥିଲା—

"ପ୍ରେକ୍ଷଣୀୟକମିବ କ୍ଷଣମାସନ୍
ହ୍ରୀବିଭଙ୍ଗୁର ବିଲୋଚନପାତାଃ ।
ସଂଭ୍ରମଦ୍ରୁତ ଗୃହୀତଦୁକୂଲଚ୍ଛାଦ୍ୟ-
ମାନବପୁଷଃ ସୁରତାନ୍ତାଃ ॥"

(ଶି: ବ: ୧୦।୮୭)

ପ୍ରିୟ ପ୍ରଥମ ସୁରତାବସାନରେ ବିଶ୍ରାମ ନିମିତ୍ତ ପ୍ରିୟାକୁ ଯେ ଆଲିଙ୍ଗନ କଲେ ତାହାହେଲା ପରବର୍ତ୍ତୀ ରତିକ୍ରୀଡ଼ାର ଆରମ୍ଭ—

"ବିଶ୍ରମାର୍ଥମୁପଗୂଢମଜସ୍ରଂ ଯତ୍ପ୍ରିୟୈଃ ପ୍ରଥମରତ୍ୟବସାନେ ।
ଯୋଷିତାମୁଦିତମନ୍ମଥମାଦୌ ତଦ୍ଦ୍ୱିତୀୟ-ସୁରତସ୍ୟ ବଭୂବ ॥"

(ଶି. ବ: ୧୦।୮୮)

ଏବଂ ସାରା ରାତି ଏହି କ୍ରମ ଲାଗି ରହିଲା । ଯାହାକୁ ଦେଖି ରଜନୀର ଚନ୍ଦ୍ରମୁଖ ଲଜ୍ଜାରେ ଅବନତ ହୋଇଯାଉଛି ଏବଂ ପ୍ରଭାତ ବେଳା ଆସି ଯାଉଛି—

"ଅଭଜତ ପଟେ ବୃତ୍ତିଂ ସାଥ ପର୍ଯ୍ୟସ୍ତହସ୍ତା
ରଜନିରବନତେନ୍ଦୁ ର୍ଲଜ୍ଜୟେବାଧୋମୁଖୀବ ॥"

(ଶି. ବ: ୧୦।୮୯)

ଶୃଙ୍ଗାର ରସ ପ୍ରସଙ୍ଗରେ ଏହା ସ୍ମରଣୀୟ ଯେ 'ଶିଶୁପାଳ ବଧ'ରେ କେବଳ ସମ୍ଭୋଗ-ଶୃଙ୍ଗାରର ଚିତ୍ରଣ ହୋଇଛି । ବିପ୍ରଲମ୍ଭର ଅବସର ହିଁ ନ ଥିଲା । କେବଳ

ଈର୍ଷା-ମାନ ଜନିତ ବିପ୍ରଲମ୍ଭର କିଛି ଶ୍ରେଷ୍ଠ ଦୃଶ୍ୟ ପୁଷ୍ପାଚୟ, ଜଳ ବିହାର, ସୁରତକ୍ରୀଡ଼ା ସମୟରେ ସ୍ଥାନେ ସ୍ଥାନେ ଦୃଷ୍ଟିଗୋଚର ହୁଏ । ଯଦି ଚ ସେଠାରେ ବି ମାନ ସ୍ଥାୟୀ ହୁଏ ନାହିଁ, ଯେପରିକି ବନବିହାର ପ୍ରସଙ୍ଗରେ କୌଣସି ଖଣ୍ଡିତା ନାୟିକା ପଲ୍ଲବପ୍ରସୂନ ଉପହାର ଦେଉଥିବା ଅପରାଧୀ କାନ୍ତକୁ ଭର୍ତ୍ସନା କରି କହୁଛି—"ଆମେ ତୁମର ଏ ଦାନର ଯୋଗ୍ୟ ନୋହୁଁ । ଯେ ତୁମକୁ ଏକାନ୍ତରେ ଭୋଗ କରିଛି ଏବଂ ପାଳନ କରୁଛି, ଏ ବସ୍ତୁ ତୁମେ ଯାଇ ତାକୁ ଦିଅ ଯେପରି କି ସମାନଧର୍ମୀ ତୁମ ଦୁହିଁଙ୍କର ସମ୍ଭୋଗ ଚିରସ୍ଥାୟୀ ହେଉ ।"

"ନ ଖଲୁ ବୟମମୁଷ୍ୟ ଦାନଯୋଗ୍ୟାଃ
ପିବତି ଚ ପାତି ଚ ଯାସକୌ ରହସ୍ତ୍ୱାମ୍ ।
ବ୍ରଜ ବିଟପମମୁଂ, ଦଦସ୍ୱ ତସ୍ୟୈ
ଭବତୁ ଯତଃ ସଦୃଶଶ୍ଚିରାୟ ଯୋଗଃ ॥"

(ଶି. ବ. ୭।୫୩)

"ହେ ଧୂର୍ତ୍ତ ! ମୋର କାନରେ ଗଛର ପତ୍ରଫୁଲ ରଚିତ କର୍ଣ୍ଣପୂର ଖଞ୍ଜିଲେ କି ଲଭ ? ଲୋକ-ପ୍ରସିଦ୍ଧ ତୁମର ଅପ୍ରିୟ ବାଣୀରେ ପ୍ରଥମରୁ ହିଁ ଏହି କର୍ଣ୍ଣପୂର ହୋଇ ସାରିଛି" (୭।୫୪) । ଏହିପରି କହି ସୁନ୍ଦରୀ କାନରେ ଫେଣ୍ଟିଦେଲା ନୀଳକମଳ ଦ୍ୱାରା ତଥା ନେତ୍ରକଟାକ୍ଷ ଦ୍ୱାରା ପ୍ରିୟକୁ କ୍ରୋଧରେ ଆହତ କଲା (୭।୫୬) । ପୁଣି ପ୍ରଦୋଷ ବର୍ଣ୍ଣନା ପ୍ରସଙ୍ଗରେ ପ୍ରିୟ ଅନ୍ୟ ଏକ ଯୁବତୀର ନାମ ଉଚ୍ଚାରଣ କରିଦେଲା । ଆଉ କିଏ ସମ୍ଭାଳେ ? ସୁନ୍ଦରୀ ଗର୍ଜି ଉଠିଲା—"ମୁଁ ଆପଣଙ୍କ ଆଖିର ଅତି ନିକଟରେ ଅଛି ତ, ତେଣୁ ଆପଣ ମୋତେ ଦେଖି ପାରୁ ନାହାନ୍ତି । ଅଉ, ସେହି ପ୍ରିୟତମା, ଯେ ଲୁଚି ରହିଛନ୍ତି ଆପଣଙ୍କ ହୃଦୟରେ, ତାଙ୍କୁ ପୁଣି କିପରି ଦେଖୁଛନ୍ତି ବାହାରେ ଚତୁର୍ଦ୍ଦିଗରେ—

'ନ ବିଭାବୟସ୍ୟନିଶମକ୍ଷିଗତାମପି ମାଂ ଭବାନତିସମୀପଗତାମ୍ ।
ହୃଦୟସ୍ଥିତାମପି ପୁନଃ ପରିତଃ କଥମୀକ୍ଷତେ ବହିରଭୀଷ୍ଟତମାମ୍ ।"

(ଶି: ବ ୯।୮୧)

ଏହିପରି କହି ମାନବତୀ ସୁନ୍ଦରୀ ଉଠି ଚାଲିଯିବାକୁ ବସିବା ବେଳେ ଦୁହିଙ୍କର ଚତୁରାକ୍ଷ ହୋଇଗଲା । ସୁନ୍ଦରୀର ମୁଖକମଳ ଉପରେ ମୃଦୁହାସର ରେଖାପାତ ହୋଇଗଲା, ପ୍ରିୟ ମଧ୍ୟ ଟାଣିନେଲା ପ୍ରେୟସୀର କର । ବାସ୍, ମାନଭଞ୍ଜନ ହୋଇଗଲା ।

"ଇତି ଗନ୍ତୁମିଚ୍ଛୁମଭିଧାୟ ପୁରଃ ସ୍ଥିତେ ଦୃଷ୍ଟି ପାତେ ବିବଦଦ୍ବଦନାମ୍ ।
ସ୍ୱକରାବଲମ୍ବନ ବିମୁକ୍ତଲେଭ୍ବଲୟାଂଚ କାଂଚନରୁଣ୍ଡରୁଣୈଃ ।"

(ଶି. ବ ୯।୮୬)

ପୁଣି, ସାରା ରାତି ଅନ୍ୟ ନାୟିକା ସହିତ କଟାଇ ସକାଳେ ଆସି ପହଞ୍ଚିଛି ଧୃଷ୍ଟ ନାୟକ; ଈର୍ଷ୍ୟାକଷାୟିତା ଖଣ୍ଡିତା ନାୟିକା ତାକୁ ଭର୍ତ୍ସନା କରି କହୁଛି— 'ତୁମେ ତୁମ ଦେହ ଉପରେ ଥିବା ସେ ନାୟିକାର ନୂତନ ନଖଚିହ୍ନ ସବୁକୁ ସିନା ବସ୍ତ୍ରାଞ୍ଚଳରେ ଢାଙ୍କି ଦେଉଛ; ପୁଣି ତାର ଦାନ୍ତରେ କ୍ଷତ ବିକ୍ଷତ ତୁମର ଏଇ ଅଧରକୁ ସିନା ହାତରେ ଲୁଚାଇ ପକାଉଛ; ହେଲେ, ଅନ୍ୟ ସ୍ତ୍ରୀ-ସଂସର୍ଗର ସୂଚନା ଦେଇ ଚାରିଦିଗରେ ଚହଟି ଯାଉଛି ଏହି ଯେ ନୂତନ ପରିମଳ ସୌରଭ ତାକୁ ଭଲା କି ଉପାୟରେ ଲୁଚାଇ ଦେଇ ହେବ ?

"ନବନଖପଦମଙ୍ଗଂ ଗୋପୟସ୍ୟଂଶୁକେନ
ସ୍ଥଗୟସି ପୁନରୋଷ୍ଠଂ ପାଣିନା ଦନ୍ତଦଷ୍ଟମ୍ ।
ପ୍ରତିଦିଶମପରସ୍ତ୍ରୀ ସଙ୍ଗ ଶଂସୀ ବିସର୍ପ-
ନ୍ନବ ପରିମଳଗନ୍ଧଃ କେନ ଶକ୍ୟୋଽବରୀତୁମ୍ ।

(ଶି· ବ: ୧୧।୩୪)

ଅପରା କୌଣସି ନାୟିକା କାନ୍ତ ଅଙ୍ଗରେ ରାତିର ନଖଦନ୍ତଚିହ୍ନ ଲକ୍ଷ୍ୟ କରି ଏହା ଅନ୍ୟ ସ୍ତ୍ରୀ ଜନିତ ବୋଲି ଭାବି ଈର୍ଷ୍ୟାଜନିତ ଶଙ୍କାରେ ଯେତେବେଳେ କୁପିତ ହୋଇଉଠୁଛି, ଚଳାଚତୁର ନାୟକ ଅନୁନୟ ସ୍ୱରରେ କହୁଛି— "ବାଃ, ମଧୁ ନିଶାରେ ପ୍ରମତ୍ତ ଅବସ୍ଥାରେ ଏ ସବୁ ତୁମେ ନିଜେ ଦେଇଛ, କିଛି ସ୍ମରଣକୁ ଆସୁନାହିଁ" । ଶୁଣି ନାୟିକା ସଲଜ୍ଜ ହୋଇ ଉଠିଛି—

"କରଜ-ଭଣନ ଚହ୍ନଂ ନୈଶମଙ୍ଗେଽନ୍ୟନାର୍ଯ୍ୟ-
ଜନଡମିତ ସରୋଷାମୀର୍ଷ୍ୟୟା ଶଙ୍କମାନାମ୍ ।
ସ୍ମରସି ନ ଖଲୁ ଦତ୍ତଂ ମନ୍ଥ୍ୟେଚ୍ଛତ୍ ଭ୍ରୁଷ୍ୟେବ
ସ୍ତିଧ୍ୱମନୁନୟତ୍ତାତ୍ଥଂ ଗ୍ରୁତମାନାଂ ବଳାସି ।।"

(ଶି· ବ: ୧୧।୩୭)

ସରଳା ମୁଗ୍‌ଧା ନାୟିକା, ରାତିର ମଦନ୍ - କଣା ଉନହେଲେ କଟିଯିବା ପରେ ସଖୀମାନଙ୍କ ପାଖରୁ ଶୁଣିଛୁ କପରି ସେ ରାତିରେ କଣା ପ୍ରଭାବରେ ତାଙ୍କ ଆଗରେ ଗୁଡାଏ ବକଛୁ, ପୁଣି କୁଆଡେ ପ୍ରୌଢ଼ା ନାୟିକାଙ୍କ ପରି ତାଙ୍କୁ କହୁଛୁ ଗୃଷ୍ଟୁ କଥା । ରାତିର ସେ କଥା ଭାବ ଲଜ୍ଜାରେ ଭାଜିପଡୁଛି ମୁଗ୍‌ଧବଧୂ ।

"ବହ୍ନୁ ଜଗଦ ପୁରସ୍ତାତ୍ ତସ୍ୟ ମତ୍ତା କଲାହଂ
ଚକର ଚ କଲ ଗୃଷ୍ଟ୍ ପ୍ରୌଢଯୋଷିଦ୍ ବଦସ୍ୟ ।
ବଦ୍ଧତମିତ ସଖୀଭ୍ୟୋ ରାତିବୃତ୍ତଂ ବଚନ୍ତ୍ୟ
ବ୍ୟପଗତମଦୟା ହ୍ରୀ-ଗ୍ରୁଡ଼ତଂ ମୁଗ୍‌ଧବଧ୍ୱା ।।"

(ଶି: ବ ୧୧।୨୯)

## ଶ୍ରୀକୃଷ୍ଣଙ୍କ ପ୍ରତ ଶୃଙ୍ଗାର

ଏହି ମହାକାବ୍ୟରେ ଶ୍ରୀକୃଷ୍ଣ ମୁଖ୍ୟତଃ ଦାରେତର ଆଶ୍ରୟ ହୋଇଥିଲେ ହେଁ ଅନ୍ୟାନ୍ୟ ଅଙ୍ଗସ୍ଥାନୀୟ କେତେକ ସ୍ଥଳରେ ମଧ୍ୟ ଅଲମ୍ବ ଅଥବା ଅନ୍‌ମ୍ବନ ହୋଇଛନ୍ତି । ଦୃଷ୍ଟାନ୍ତ ସ୍ୱରୂପ ଯେତେବେଳେ ସେ ଦ୍ୱାରକାରୁ ପ୍ରସ୍ଥାନ କରିବା ପ୍ରସ୍ତୁତ ହେଲେ ତାଙ୍କର ସୁନ୍ଦରୀ ଲଲନାମାନେ ମଧ୍ୟ ତାଙ୍କ ସହିତ ଯିବା ମାନସରେ ତାଙ୍କ ଚତୁର୍ଦିଗରେ ଘେରିଗଲେ—

"ଯେତେବେଳେ ପ୍ରିୟ ଯେଉଁ ଯେଉଁ ଦଗକୁ ଦୃଷ୍ଟିପାତ କରୁଥିଲେ, ସେହି ସେହି ଦଗର ନାରୀମାନେ ଲଜ୍ଜା ସାଧ୍ୱସରେ ନମ୍ରମୂର୍ତ୍ତୀ ହୋଇ ଯାଉଥିଲେ, କନ୍ତୁ ଅନ୍ୟମାନେ ଈର୍ଷାଭିଭୂତା ହୋଇ ନିଃଶଙ୍କ ଭାବେ ତାଙ୍କ (ପ୍ରିୟ) ପ୍ରତି କଟାକ୍ଷ ପ୍ରହାର କରୁଥିଲେ"—

"ଯାଂ ଯାଂ ପ୍ରିୟଃ ପ୍ରୈକ୍ଷତ କାତରାକ୍ଷୀ
ସା ସା ହ୍ରିୟା ନମ୍ରମୁଖୀ ବଭୂବ ।
ନିଃଶଙ୍କମନ୍ୟାଃ ସମମାହୃତେର୍ଷ୍ୟା
ସ୍ତତ୍ରାନ୍ତରେ ଜଘ୍ନୁରମୁଂ କଟାକ୍ଷୈଃ ॥"
(ଶି. ବ ୩।୧୬)

ପୁନଶ୍ଚ ଯେତେବେଳେ ଶ୍ରୀକୃଷ୍ଣ ପାଣ୍ଡବଙ୍କ ସହ ଇନ୍ଦ୍ରପ୍ରସ୍ଥ ନଗରରେ ପ୍ରବେଶ କରନ୍ତି, ସେତେବେଳେ ତାଙ୍କୁ ଦେଖିବାରେ ସେହି ନଗରର ଲଳନାମାନଙ୍କ ତ୍ୱରା-ସମ୍ଭ୍ରମମୂଳକ ବିବିଧ ଚେଷ୍ଟା ସେହି ଶୃଙ୍ଗାର-ଭାବର ହିଁ ଅଭିବ୍ୟକ୍ତ ରୂପେ ଗ୍ରହଣୀୟ । ଉଦାହରଣ ସ୍ୱରୂପ ଗୋଟିଏ ଯୋଡ଼ିଏ ପଦ ପର୍ଯ୍ୟାପ୍ତ ହେବ—

"ତରତରରେ ହାର ସ୍ଥାନରେ ମେଖଳା, କେଶରେ କର୍ଣ୍ଣପୂର, ଉତ୍ତରୀୟ ସ୍ଥାନରେ ଅଧୋବସ୍ତ୍ର ଏବଂ ଅଧୋବସ୍ତ୍ର ସ୍ଥାନରେ ଉତ୍ତରୀୟ ଏବଂ କୁଣ୍ଡଳକୁ କଙ୍କଣ ସ୍ଥାନରେ ପରିଧାନ କରି ସୁନ୍ଦରୀବର୍ଗ କୃଷ୍ଣ ଦର୍ଶନ ନିମିତ୍ତ ଧାବିତ ହେଲେ ।"

"ରଭସେନ ହାରପଦଦତ୍ତକାଞ୍ଚୟଃ
ପ୍ରତିମୂର୍ଦ୍ଧଜଂ ବିହିତକର୍ଣ୍ଣପୂରକାଃ ।
ପରିବର୍ତ୍ତିତାମ୍ବରଯୁଗାଃ ସମାପତନ୍
ବଲୟୀକୃତଶ୍ରବଣପୂରକାଃ ସ୍ତ୍ରିୟଃ ॥"
(ଶି:ବ ୧୩।୩୨)

ଏହି ପ୍ରସଙ୍ଗରେ ମାଘ କବି କୃଷ୍ଣବିଷୟକ ସ୍ୱକୀୟ ଉଚ୍ଛ୍ୱାସ ମଧ୍ୟ ପ୍ରକାଶ କରି ଯାଇଛନ୍ତି । କାବ୍ୟରେ କବିଙ୍କ ଆତ୍ମାଭିବ୍ୟକ୍ତି ମଧ୍ୟ ଘଟିଥାଏ । ସେହି ନିତମ୍ବିନୀଙ୍କ ମନରେ ଦୁଃଖ ଥିଲା ଯେ କୃଷ୍ଣ ଚାଲି ଯାଉଛନ୍ତି, ଆଉ ଆମର ଏ ନେତ୍ର ପିପାସୁ ହୋଇ ରହିଗଲା । ସେମାନଙ୍କୁ ହୁଏ ତ ଜଣାନାହିଁ ଯେ ଯେଉଁ ବ୍ୟକ୍ତି ସେହି ଶ୍ରୀକୃଷ୍ଣଙ୍କୁ ଦେଖିଥାଏ ସେ ବି ତ କେବେ ହେଲେ ବିତୃଷ୍ଣ ହୁଏ ନାହିଁ—

"ଅଭିଯାତି ନଃ ସତୃଷ ଏଷ ଚକ୍ଷୁଷୋ
ହରିରତ୍ୟଖିଦ୍ୟତ ନିତମ୍ବିନୀଜନଃ ।
ନ ବିବେଦ ଯଃ ସତତମେନମୀକ୍ଷତେ
ନ ବିତୃଷ୍ଣତାଂ ବ୍ରଜତି ଖଲ୍ୱସାବପି ॥"
(ଶି:ବ. ୧୩।୪୬)

## ହାସ୍ୟରସ

ଅଙ୍ଗରସମାନଙ୍କ ମଧ୍ୟରେ ହାସ୍ୟର ବିରଳ ପ୍ରୟୋଗ ଦେଖାଯାଏ । ମାଘକବି ସ୍ୱଭାବତଃ ଗମ୍ଭୀର ପ୍ରକୃତିର ଥିଲେ । ତାଙ୍କର ଏହି କାବ୍ୟକଥାନକରେ ହାସ୍ୟର କୌଣସି ବିଶେଷ ପ୍ରସଙ୍ଗ ଆସିନାହିଁ । କିନ୍ତୁ ସ୍ଥାନେ ସ୍ଥାନେ ସ୍ୱଭାବ ବର୍ଣ୍ଣନ ମଧ୍ୟରେ ହାସ୍ୟର ଉପାଦାନ ଜନ୍ମି ଯାଇଛି । ପଞ୍ଚମ ସର୍ଗରେ ରୈବତକ ଉପରେ ବିଶ୍ରାମ ପାଇଁ ସେନା ଖେଳେଇ ହୋଇଗଲେ । ସେଠାରେ ହାତୀର ଭୟରେ କୌଣସି ଗର୍ଦ୍ଦଭ ଏପରି ଡେଇଁବାକୁ ଲାଗିଲା ଯେ ତାହା ଉପରେ ଆରୋହଣ କରିଥିବା ମହିଳା ଜଣକ ଲଙ୍ଗଳା ମୁକୁଳା ହୋଇ କଚଡ଼ି ହୋଇ ପଡ଼ିଲେ । ଗଧର ଡିଆଁ କୁଦା ତ ଆପେ ପର୍ଯ୍ୟାପ୍ତ ଭାବେ ହାସ୍ୟ ଜନକ, ପୁଣି ତା ଉପରକୁ କେହି ଖସିବା ଅବଶ୍ୟ ହସର ଉତ୍ସ ସୃଷ୍ଟି କରିବ—

"ତ୍ରସ୍ତଃ ସମସ୍ତଜନ ହାସକରଃ କରେଣୋ
ସ୍ତାବତ୍ ଖରଃ ପ୍ରଖରମୁଲ୍ଲଳୟାଞ୍ଚକାର ।
ଯାବଚ୍ଚଳାସନ ବିଲୋଲ ନିତମ୍ବବିମ୍ବ-
ବିସ୍ରସ୍ତବସ୍ତ୍ରମବରୋଧବଧୂଃ ପପାତ ॥"
(ଶି: ବ: ୫।୭)

କୌଣସି ଅଶ୍ୱ ବନ୍ଧନ-କିଲା ଉପୁଡ଼ାଇ ଦଉଡ଼ି ସହିତ ଅନ୍ୟ ଏକ ଅଶ୍ୱ ପଛରେ, ତାଙ୍କୁ ଘୋଟକୀ ମନେ କରି, ଏ ଭଳି ଦର୍ପରେ ଧାଇଁଲା ଯେ ମନୁଷ୍ୟର ଚେଷ୍ଟା ସତ୍ତ୍ୱେ ତାକୁ ଆୟତ୍ତ କରିଯାଇ ପାରିଲା ନାହିଁ ଏବଂ ସମଗ୍ର ଶିବିର ବ୍ୟାକୁଳ ହୋଇ ଉଠିଲା—

"ଉତ୍ଖାୟ ଦର୍ପଚଳିତେନ ସହୈବ ରଜ୍ଜ୍ୱା
କୀଳଂ ପ୍ରୟତ୍ନପରମାନବଦୁର୍ଗ୍ରହେଣ ।
ଆକୁଲ୍ୟକାରି କଟକସ୍ତୁରଗେଣ ତୂର୍ଣ୍ଣ-
ମଶ୍ୱେତି ବିଦ୍ରୁତ ମନୁଦ୍ରୁତମଶ୍ୱମନ୍ୟମ୍ ॥"
(ଶି: ବ: ୫।୪୯)

ପୁନଶ୍ଚ, ରୈବତକ ଉପରେ ବିଶ୍ରାମ ଶେଷରେ ଯେତେବେଳେ ସେନା ପ୍ରସ୍ଥାନର ଉପକ୍ରମ କଲେ ସେତେବେଳେ ଅଶ୍ୱାରୋହୀ କୌଣସି ଦୁର୍ଦ୍ଦାନ୍ତ ଘୋଟକ ଉପରକୁ ଚଢ଼ିଯିବା ମାତ୍ରେ ଘୋଡ଼ା ତାକୁ ଫିଙ୍ଗି ଦେଇ ଦ୍ରୁତ ପଳାୟନ କଲା; ପୁଣି ସେତେବେଳେ ଘୋଡାର ଜିନ ଖସିଯାଇ ପେଟତଳେ ଝୁଲି ରହିବାରୁ ଘୋଡ଼ା ତହିଁରେ ଅଧିକ ଚମକୁଥିଲା । ଏଥିରେ ଲୋକଙ୍କୁ ହସିବାର ଯଥାର୍ଥ ଖୋରାକ୍ ମିଳି ଯାଉଥିଲା—

"ଦୁର୍ଦ୍ଦାନ୍ତମୁତ୍କ୍ରୁତ୍ୟ ନିରସ୍ତ ସାଦିନଂ
ସହାସହାକାରମଲୋକୟଜ୍ଜନଃ ।
ପର୍ଯ୍ୟାଣତଃ ସ୍ରସ୍ତମୁରୋବିଲମ୍ବିନ
ସ୍ତୁରଙ୍ଗମପ୍ରଦ୍ରୁତ ମେକୟା ଦିଶା ॥"

(ଶି. ବ: ୧୨।୨୨)

ସେହିପରି ହସ୍ତିନୀର ସୂତ୍କାରରେ ତ୍ରସ୍ତ ଦୁଇଟି ଗଧ, ବ୍ୟାକୁଳ ବାହକ ଲଗାମ୍ ଛୁଡ଼ିଦେବା ପରେ ରାଜପୁରନାରୀଙ୍କୁ ଫିଙ୍ଗି ଦେଇ ଅଟାଳରେ ଦୌଡ଼ି ଦୌଡ଼ି ଶେଷରେ ସେହି ସ୍ତ୍ରୀ-ରଥକୁ ହିଁ ଭାଙ୍ଗି ଦେଲେ । (ଶି: ବ ୧୨।୨୪)

କିନ୍ତୁ ବସ୍ତୁତଃ; ହାସ୍ୟର ପ୍ରସଙ୍ଗ ପ୍ରାୟ ସ୍ୱଳ୍ପ ହିଁ ହୋଇଛି ।

## ରୌଦ୍ର ରସ

ରୌଦ୍ର ରସର ସ୍ଥାୟୀ ଭାବ କ୍ରୋଧ; ଏହା ସହିତ ବୀରରସର ସାହଚର୍ଯ୍ୟ ସ୍ୱାଭାବିକ ଭାବେ ଥାଏ । କ୍ରୋଧରୁ ବେଳେ ବେଳେ ଉତ୍ସାହ ବଢ଼େ । ଜଗତ୍‌ଦ୍ରୋହୀ ଶିଶୁପାଳଙ୍କ ପ୍ରତି ଶ୍ରୀକୃଷ୍ଣଙ୍କର ଯେଉଁ କ୍ରୋଧ ତାହାହିଁ ତାଙ୍କୁ ଶିଶୁପାଳ ବଧ ନିମିତ୍ତ ଉତ୍ସାହ ଦେଇଥିଲା । ପ୍ରବନ୍ଧମାନଙ୍କରେ ପ୍ରତିନାୟକଠାରେ ବିବେକହୀନ ମୋହମୟ କ୍ରୋଧ ହିଁ ଦେଖା ଦେଇଥାଏ । ଯୁଧିଷ୍ଠିରଙ୍କ ସଭାରେ କୃଷ୍ଣ ପୂଜା ପରେ ଶିଶୁପାଳଠାରେ ଯେଉଁ କ୍ରୋଧ ଉତ୍ପନ୍ନ ହୋଇଥିଲା ମାଘ ତାହାର ଅତି ସଜୀବ ଚିତ୍ରଣ କରିଛନ୍ତି ।

ଏକ ଜ୍ୱର ସଦୃଶ ବଢ଼ିଥିଲା ଶିଶୁପାଳର କ୍ରୋଧ । ରାଜସୂୟ ଯଜ୍ଞ ସଭାରେ ଯୁଧିଷ୍ଠିରଙ୍କ ଦ୍ୱାରା ଶ୍ରୀକୃଷ୍ଣଙ୍କୁ ପ୍ରଦତ୍ତ ପ୍ରଥମ ସମ୍ମାନ ଶିଶୁପାଳ ପକ୍ଷରେ ଅସହ୍ୟ ହେଲା । ତାହାର ଶ୍ରୀକୃଷ୍ଣଙ୍କ ପ୍ରତି ବୈରଭାବ ତ ମୂଳରୁ ହିଁ ଥିଲା, ବର୍ତ୍ତମାନ ତାହା ଆହୁରି ଉଦ୍ଦୀପ୍ତ ହେଲା । ତାହାର ସେହି କ୍ରୋଧରେ ଦେଖଲେ ଭାବର ସମସ୍ତ ଅନୁଭାବ ଗୁଡ଼ିକର ସୂକ୍ଷ୍ମ ଚିତ୍ରଣ ରହିଛି — "କ୍ରୋଧାବେଗରେ ସେ ଧୀରେ ଧୀରେ ମୁଣ୍ଡ ହଲାଇଲା । ରୋଷରେ ଦେଖାଦେଲା ଅଖିରେ ଲୁହ, କପୋଳ ଖଣ୍ଡ ଉପରେ ସ୍ୱେଦର ଧାର ଏବଂ ହାତରେ ସ୍ୱେଦକଣିକା ନେଇ ସେ ମନେ ହେଉଥିଲା ସତେ ଅବା ଏକ ମଦସ୍ରାବୀ କୁଞ୍ଜର । ତାହାର ସମଗ୍ର ଦେହରେ ସ୍ୱେଦବିନ୍ଦୁ ସବୁ ଫୁଟି ଉଠିଲା । ଅସମ୍ଭାଳ ଅବସ୍ଥାରେ ସେ ଉଠି ଆପଣା ସ୍କନ୍ଧର ଧକ୍କାରେ ସଭା-ସ୍ତମ୍ଭକୁ ଦୋହଲାଇ ଦେଲା ।"

(ଶି: ବ: ୧୫।୩୬)

ପୁନଶ୍ଚ ସଭାଭବନକୁ ପ୍ରତିଧ୍ୱନିତ କରି ଅତି ନିଷ୍ଠୁର କଠୋର ଗମ୍ଭୀର ଶବ୍ଦ ଭରି କହିବାକୁ ଲଗିଲା— "କୁନ୍ତୀ-ପୁତ୍ରମାନେ ! ଯେବେ ତୁମ ପାଖରେ ଏହି ଶୌରି ହିଁ ଥିଲା ପୂଜ୍ୟତମ, ତାହାହେଲେ ସମଗ୍ର ଭୂପତି ମଣ୍ଡଳୀକୁ ଡ଼ାକି ଆଣିଥିଲ କଣ ଅପମାନ ଦେବା ଲାଗି ।" (ଶି: ବ ୧୫।୧୮) । ପୁଣି ଭୀଷ୍ମଙ୍କୁ ଦୁର୍ବାକ୍ୟ ଶୁଣାଇ କହିଲା— "ସମୁନ୍ନତ ରାଜାଗଣଙ୍କୁ ତ୍ୟାଗ କରି ତୁମ୍ଭେ ଯେ ଏହି କପଟବୃତ୍ତି ପରାୟଣ ନିମ୍ନ କୁଳ କୃଷ୍ଣ ପ୍ରତି ତୁମ୍ଭର ଅନୁରକ୍ତି ପ୍ରକାଶ କଲ, ଏଥିରୁ ଏହା ସିଦ୍ଧ ହୋଇଛି ଯେ ତୁମ୍ଭେ ବସ୍ତୁତଃ ନିମ୍ନଗାପୁତ୍ର ଅଟ ।" (ଶି:ବ ୧୫।୨୧) । ଏହିପରି ଶ୍ରୀକୃଷ୍ଣଙ୍କୁ ସେ ଅନେକ କୁବାକ୍ୟ ଶୁଣାଇଲା । ଶେଷରେ ପାଣ୍ଡବମାନଙ୍କୁ, ଭୀଷ୍ମ ତଥା ଶ୍ରୀକୃଷ୍ଣଙ୍କୁ ସମସ୍ତଙ୍କୁ କଟୁତମ ପରୁଷ ବଚନ କହି ଆହ୍ୱାନ ଦେଲା— "ହେ ନୃପଗଣ ! ତୁମ୍ଭେମାନେ ଏହି ଜାରଜମାନଙ୍କୁ ତଥା ଏହି ବୁଢ଼ା ଷଣ୍ଢ ନଦୀର କନ୍ୟା (ଭୀଷ୍ମ) ସହ ଏହି ଅଇଁଠା ଖିଆ ଗୁଆଳକୁ ଶେଷକରି ଦେଉ ନାହିଁ କାହିଁକି ?" (ଶି. ବ ୧୫।୨୩) । ଶିଶୁପାଳର ଏ ସବୁ ବାକ୍ୟ ତାହାର କ୍ରୋଧ-ଭାବର ଅନୁଭାବ ରୂପେ ଚିତ୍ରିତ ହୋଇଛି ।

ପୁଣି ସମ୍ପୂର୍ଣ୍ଣ ଷୋଡ଼ଶ ସର୍ଗରେ ଶିଶୁପାଳ ପ୍ରେରିତ ପ୍ରତିଭାବାନ ଦୂତର ଶ୍ଳେଷ ବ୍ୟଙ୍ଗମୟୀ ବାଣୀ ଶୁଣିବାକୁ ମିଳେ । କହିବାର ଢ଼ଙ୍ଗ ବେଶ୍ ମିଠା, କିନ୍ତୁ ଅତ୍ୟନ୍ତ କଟୁ ସେ ବାକ୍ୟ । ଅବଶ୍ୟ ସାତ୍ୟକି ତାର ମୁହଁ ଭାଙ୍ଗି ଦେଲା ଭଳି ଉତ୍ତର ଦେଲେ,

କିନ୍ତୁ ତାର ଧୃଷ୍ଟତା ବଢ଼ି ବଢ଼ି ଯାଉଥିଲା । ଏବଂ ଶେଷରେ ସେ ଏ ପର୍ଯ୍ୟନ୍ତ କହି ବସିଲା କି, "ସେ (ଶିଶୁପାଳ) ଆପଣଙ୍କୁ ଯୁଦ୍ଧରେ ବିନଷ୍ଟ କଲାପରେ କ୍ରନ୍ଦନ ପରାୟଣା ଆପଣଙ୍କର ଅଙ୍ଗନାମାନଙ୍କ ଉପରେ ଦୟାକରି ସେମାନଙ୍କ ଶିଶୁମାନଙ୍କ ପ୍ରତି ବ୍ୟବହାରରେ ନିଜ ଶିଶୁପାଳତା ସାର୍ଥକ କରିବେ ।"

"ବିନିହତ୍ୟ ଭବନ୍ତମୂର୍ଜିତ ଶ୍ରୀଯୁଧି
ସଦ୍ୟଃ ଶିଶୁପାଳତାଂ ଯଥାର୍ଥମ୍ ।

ରୁଦତାଂ ଭବଦାଙ୍ଗନାଗଣାନାଂ
କରୁଣାର୍ଦ୍ରଃ କରଣୈଃ କରିଷ୍ୟତେଽସୌ ॥"
(ଶି: ବ ୧୬।୮୫)

ଦୂତର ପ୍ରତିଟି ବାକ୍ୟ ଶ୍ରୀକୃଷ୍ଣଙ୍କ କ୍ରୋଧ ଉଦ୍ଦୀପ୍ତକାରୀ ହୋଇଥିଲା ଏବଂ ସେହି କ୍ରୋଧ ଯୁଦ୍ଧୋତ୍ସାହ ଅଥବା ବୀରରସର ଅଙ୍ଗ ଅଟେ ।

ଦୂତର କଟୁ ବଚନ ଦପ୍ ଦପ୍ ଜଳୁଥିବା ଅଗ୍ନିରେ ଘୃତାହୁତିର କାର୍ଯ୍ୟ କଲା । ସମଗ୍ର ଯଦୁବଂଶ ବିକ୍ଷୁବ୍ଧ ହୋଇ ଉଠିଲା ଏବଂ ସେମାନଙ୍କ ବିବିଧ ପ୍ରତିକ୍ରିୟା କ୍ରୋଧମୟୀ ହୋଇ ଉଠିଲା ।

ସଭାସଦ୍ ରାଜନ୍ୟ ମଣ୍ଡଳୀ ଅନ୍ତର୍ଗତ କ୍ରୋଧ ପରିବେଶ ହୋଇ ରକ୍ତବର୍ଣ୍ଣ ଦେଖାଗଲେ, ଶରୀର ସ୍ୱେଦଜଳସିକ୍ତ ହେଲା, ପୃଥୁଳ ଊରୁଦେଶରେ କରାଘାତର ତାଳ ଶୁଭିଲା, ବାରମ୍ବାର ଦନ୍ତରେ ଓଷ୍ଠ ଦଂଶନ କରୁଥିଲେ; ସତେ ଅବା ରାଗମୟୀ ପ୍ରିୟତମା ଲାଭ କରିଥିଲେ—

"ସରାଗୟା ସ୍ରୁତଘନଘର୍ମତୋୟୟା
କରାହତିଧ୍ୱନିତପୃଥୁରୁପୀଠୟା ।
ମୁହୁର୍ମୁହୁର୍ଦଶନବିଖଣ୍ଡିତୋଷ୍ଠୟା ରୁଷା
ନୃପାଃ ପ୍ରିୟତମୟେବ ଭେଜିରେ ॥"
(ଶି. ବ. ୧୬।୧)

ଏହିଭଳି ବର୍ଣ୍ଣିତ ହୋଇଛି ବିଶିଷ୍ଟ ଯଦୁପୁଙ୍ଗବମାନଙ୍କର କ୍ରୋଧର ଅତ୍ୟନ୍ତ ସ୍ୱାଭାବିକ ଅନୁଭାବ ସମୂହ । ଗଦ ଆପଣା କରତଳ ଦ୍ୱାରା ନିଜ କାନ୍ଧରେ ଏପରି

ଆଘାତ କଲେ ଯେ ତଦ୍ଦ୍ୱାରା ତାଙ୍କର ଅଙ୍ଗଦ (କେୟୂର) ବିଶୀର୍ଣ୍ଣ ହୋଇଗଲା ଏବଂ ଚତୁର୍ଦ୍ଦିଗରେ ବିକ୍ଷିପ୍ତ ହୋଇପଡ଼ିଲା ତନ୍ମଧ୍ୟରେ ଲାଗିଥିବା ଉଜ୍ଜ୍ୱଳ ପଦ୍ମରାଗ ମଣିର ଖଣ୍ଡସବୁ, ସତେ ଅବା ତାଙ୍କର କ୍ରୋଧାଗ୍ନି ଏହି ସ୍ଫୁଲିଙ୍ଗ ମଧ୍ୟରେ ପରିସ୍ଫୁଟ ହୋଇ ଉଠିଲା—

"ଅଲକ୍ଷ୍ୟତ କ୍ଷିପ୍ତେଲଚାଙ୍ଗଦେ
ଗତେ କରୋଦରନ୍ଦ୍ରହିତନେଜାଂଶୁଧାମନି ।
ସମୁଲ୍ଲସଚ୍ଛକଲିତ ପାଟଲୋ ପଲୈଃ
ସ୍ଫୁଲିଙ୍ଗବାନ୍ ସ୍ଫୁଟମିବ କୋପପାବକଃ ।।"

(ଶିଃବ. ୧୭।୩)

ପ୍ରସେନଜିତ୍ ନିଜର ମଦକଳୁଷିତ ଚକ୍ଷୁଦ୍ୱୟକୁ ଘୂରାଇ ଘୂରାଇ ଭୂତଳରେ ପ୍ରଚଣ୍ଡ ଶବ୍ଦ ସହ କରାଘାତ କରି କ୍ରୋଧରେ ଅତ୍ୟନ୍ତ ରକ୍ତବର୍ଣ୍ଣ ହୋଇ ଉଠିଲେ, ସତେ ଯେପରି ସେ ଏକ ଗୈରିକଧାତୁ ରଞ୍ଜିତ ଗଜ ।—

"ବିବର୍ତ୍ତିୟନ୍ ମଦକଲୁଷୀକୃତେ ଦୃଶୌ
କରାହତକ୍ଷିତି କୃତ ଭୈରବାରବଃ ।
କ୍ରୁଧା ଦଧତ୍ ତନୁମତିଲୋହିନୀମଭୂତ୍
ପ୍ରସେନଜିଦ୍ ଗଜ ଇବ ଗୈରିକାରୁଣଃ ।।"

(ଶି:ବ ୧୭।୧୮)

**ଭୟାନକ ରସ**

ବୀରରସମୟ କାବ୍ୟରେ, ଯେଉଁଠାରେ ଯୁଦ୍ଧର ପ୍ରସଙ୍ଗ ଆସେ, ସେଠାରେ ପ୍ରାୟ ଭୟାନକର ଚର୍ଚ୍ଚା ମଧ୍ୟ ହୋଇଥାଏ । 'ଶିଶୁପାଳବଧ'ର ପ୍ରଥମ ସର୍ଗରେ ହିରଣ୍ୟକଶିପୁ ଅସୁରଦ୍ୱାରା ଦେବତାଙ୍କ ମନରେ ପ୍ରଥମ ବାର ଭୟ ସଞ୍ଚାର କରିବାର ଉଲ୍ଲେଖ ଦେଖାଯାଏ—

"ଭୟସ୍ୟ ପୂର୍ବାବତରେସ୍ତରସ୍ୱିନା ମନସ୍ସୁଯେନ ଦ୍ୟୁସଦାଂ ନ୍ୟଧୀୟତ ।"

ସେ ଥିଲା ଦେବତାମାନଙ୍କ ଭୟର ପ୍ରଥମ ଅବଲମ୍ବନ । ତାହାର ଭୟରେ ସେମାନେ ନିଜ ପୁରକୁ କଲେ ଦୁର୍ଗ, ଶସ୍ତ୍ରକୁ ତୀକ୍ଷ୍ଣ କଲେ, ସୈନିକଙ୍କୁ ଶୂର କଲେ

ଏବଂ କବଚକୁ କଲେ ଦୁର୍ଭେଦ୍ୟ । ଏହା ପୂର୍ବେ ଏ ସକଳ ବସ୍ତୁ ଦେବତାଙ୍କ ନିକଟରେ ଥିଲା କେବଳ ଶୋଭା ସମ୍ପାଦନ ନିମିତ୍ତ—

"ପୁରାଣି ଦୁର୍ଗାଣି ନିଶାତମାୟୁଧଂ
ବଲାନି ଶୁଭ୍ରାଣି ଘନାଶ୍ଚ କଞ୍ଚୁକାଃ ।
ସ୍ୱରୂପଶୋଭୈକଫଲାନି ନାକିନାଂ
ଗଣୈର୍ଯମାଣଙ୍କ୍ୟ ତଦାଦ ଚକ୍ରିରେ ।।"
(ଶି. ବ ୧।୪୫)

ଶ୍ରୀର ଆଶ୍ରୟଭୂତ ସେହି ଦୈତ୍ୟ ସ୍ୱେଚ୍ଛାରେ ଯେଉଁ ଦିଗକୁ ଯାଉଥିଲା, ସେହି ଦିଗକୁ ଦେବଗଣ ତ୍ରିସନ୍ଧ୍ୟାରେ ନତମୁକୁଟ ହୋଇ ନମସ୍କାର କରୁଥିଲେ—

"ସସଞ୍ଚରିଷ୍ଣୁର୍ଭୁବନାନ୍ତରେଷୁ ଯାଂ
ଯଦୃଚ୍ଛୟା ଶିଶ୍ରିୟଦାଶ୍ରୟଃ ଶ୍ରିୟଃ ।
ଅକାରି ତସ୍ୟୈ ମୁକୁଟୋପଲସ୍ଖଲ-
କରୈସ୍ତ୍ରିସନ୍ଧ୍ୟଂ ତ୍ରିଦଶୈର୍ଦିଶେ ନମଃ ।।"
(ଶି. ବ. ୧।୪୬)

ପୁଣି ତାହାର ରାବଣ ଅବତାରରେ ଦେବତାଙ୍କ ଭୟର ଚିହ୍ନ ଅଧିକ ସଜୀବ ହୋଇଛି—ରାବଣ ଭୟରେ ଇନ୍ଦ୍ର ରଣଭୂମିରୁ ପଳାୟନ କାଳରେ ତାଙ୍କ ଐରାବତ ହସ୍ତୀ ତଥା ଉଚ୍ଚୈଃଶ୍ରବା ଅଶ୍ୱର ଦ୍ରୁତ ଗତିର ଶୀଘ୍ରତାକୁ ହିଁ କେବଳ ପ୍ରଶଂସା କରୁଥିଲେ କିନା, ସେମାନଙ୍କ ଲୀଳାଯୁକ୍ତ ଗତି ଅଥବା ପଦକ୍ରମର ଚିତ୍ର-ଗତିର ପ୍ରଶଂସା କରୁ ନ ଥିଲେ ।

"ସଲୀଳ ଯାତାନି ନ ଭର୍ତ୍ତୁରଭ୍ରମୋ
ର୍ନ ଚିତ୍ରମୁଚ୍ଚୈଃଶ୍ରବସଃ ପଦକ୍ରମମ୍ ।
ଅନୁଦ୍ରୁତଃ ସଂଯତି ଯେନ କେବଲଂ
ବଲସ୍ୟ ଶତ୍ରୁଃ ପ୍ରଶଶଂସ ଶୀଘ୍ରତାମ୍ ।।"
(ଶି. ବ. ୧।୪୭)

ପୁଣି ଯେପରି କୌଶିକ (ପେଚକ) ସୂର୍ଯ୍ୟ ଦର୍ଶନର ଅସାମର୍ଥ୍ୟ ଯୋଗୁଁ ଗୁମ୍ଫାରେ ଲୁଚି ଦିବସ ଯାପନ କରେ, ସେହି ପ୍ରକାରେ କୌଶିକ (ଇନ୍ଦ୍ର) ରାବଣର ଉଗ୍ର ତେଜ ସହି ନ ପାରି ଭୟରେ ସୁମେରୁ ପର୍ବତର ଗୁମ୍ଫା ଗହ୍ୱରରେ କେତେକ ଦିବସ କଟାଇଥିଲେ—

“ଅଶକ୍ନୁବନ୍ ସୋଢୁମଧୀର ଲୋଚନଃ
ସହସ୍ରରଶ୍ମେରିବ ଯସ୍ୟ ଦର୍ଶନମ୍ ।
ପ୍ରବିଶ୍ୟ ହେମାଦ୍ରି-ଗୁହା-ଗୃହାନ୍ତରଂ
ନିନାୟ ବିଭ୍ୟଦ୍ ଦିବସାନି କୌଶିକଃ ॥”
(ଶି. ବ. ୧।୫୩)

ଏହିଭଳି, ରାବଣ ତ୍ରାସ ଯୋଗୁଁ ଅନେକ ଦେବତାଙ୍କ ଭୟଜନିତ ସ୍ଥିତିର କାଳ୍ପନିକ ମାର୍ମିକ ଚିତ୍ରଣ କରିଛନ୍ତି ମାଘ । ମନୁଷ୍ୟଧର୍ମା କୁବେର, ପାଶଭୃତ୍ ବରୁଣ, ମହିଷବାହନ ଯମ, ଗ୍ରୀଷ୍ମକାଳୀନ ଦିବାକର, କଳାସମଗ୍ର ଚନ୍ଦ୍ରମା, ପ୍ରକମ୍ପନ ପବନ, ତନୂନପାତ୍ ଅଗ୍ନି, ପାତାଳବାସୀ ଭୁଜଙ୍ଗ, ବନ୍ଦୀକୃତ ସୁରାଙ୍ଗନାଦଳ, ଷଡ଼୍ ଋତୁ— ସମସ୍ତଙ୍କ ଭୟାର୍ତ୍ତ ଚେଷ୍ଟାର ସଜୀବ ଚିତ୍ରଣ ପରିଦୃଷ୍ଟ ହୁଏ । (ଶି. ବ; ୧।୫୫-୬୭)

**ବୀଭତ୍ସ ରସ**

ଯୁଦ୍ଧ କ୍ଷେତ୍ରରେ ବହୁଥିବା ରକ୍ତନଦୀରେ ଲୋଟି ପଡ଼ିଥିବା ବୀରମାନଙ୍କ ଶବ ପ୍ରାପ୍ତିରେ ଶବ-ମାଂସାଶୀ ପଶୁ ପକ୍ଷୀଙ୍କର କ୍ଷୁଧା-ନିବାରକ ଚେଷ୍ଟା ବା ବ୍ୟବହାର ହୁଏ ବୀଭତ୍ସ ରସର ଆଲମ୍ବନ । (୧୮।୭୩-୭୮) ଶୃଗାଳ ପ୍ରଥମେ ଶବରୁ ପାନ କରେ ରକ୍ତ, ତାହା ସତେ ଯେପରି ଏକ ଆସବ (ଅରିଷ୍ଟ), ଯାହାର କ୍ରିୟା ହେଉଛି ଅଜୀର୍ଣ୍ଣ ଦୋଷ ନିବାରଣ କରି କ୍ଷୁଧାବୃଦ୍ଧି ଘଟାଇବା । ପୁଣି କଳିଜା ସହ ମାଂସ ମିଶାଇ ସ୍ୱାଦିଷ୍ଟ କରି ଭକ୍ଷଣ କଲାବେଳେ ଏକ ବିକୃତ ଶବ୍ଦ କରୁଥାଏ—

“ଗ୍ଲାନଚ୍ଛେଦ କ୍ଷୁତ୍ପ୍ରବୋଧାୟ ପୀତ୍ୱା
ରକ୍ତାରିଷ୍ଟଂ ଶୋଷିତାଜୀର୍ଣ୍ଣଶେଷମ୍ ।
ସ୍ୱାଦୁଙ୍କାରଂ କାଳଖଣ୍ଡୋପଦଂଶଂ
କ୍ରୋଷ୍ଟାଡିମ୍ବଂ ବ୍ୟସ୍ୱଦେଦ୍‌ବ୍ୟସ୍ୱନଚ୍ଚ ॥”
(ଶି: ବ: ୧୮।୭୯)

ବୀଭତ୍ସର ଏକ ଦୃଷ୍ଟାନ୍ତ ବିଂଶସର୍ଗରେ ଦେଖିବାକୁ ମିଳେ, ଯେତେବେଳେ ଶିଶୁପାଳର ଆହ୍ୱାନ କ୍ରମେ ଶ୍ରୀକୃଷ୍ଣଙ୍କ ରଥ ତାର ଓଜନିଆ ଚକରେ ଶବ ଗୁଡ଼ିକୁ ଦଳି ଚଳିଛି ତହିଁରୁ ନିର୍ଗତ ରକ୍ତରେ ଲଟପଟ ହୋଇ ଶିଶୁପାଳ ଅଡକୁ ଗଳିଲା—

"ଅଭିଚୈଦ୍ୟମଗାଦ୍ ରଥୋଽପି
ଶୌରେରବନିଜାଗୁଡକୁଙ୍କୁମାଙ୍କିତାଙ୍ଗଃ ।
ଗୁରୁନେମିନିପୀଡନାବଦୀର୍ଣ୍ଣବ୍ୟସୁ-
ଦେହସ୍ରୁତଶୋଣିତୈର୍ବିଲିମ୍ପନ୍ ॥"
(ଶି.ବ: ୨୦।୩)

**କରୁଣ ରସ**

ସେହିପରି, କରୁଣରସ ପ୍ରସଙ୍ଗ କୌଣସିଠାରେ ବିଶିଷ୍ଟ ଭାବେ ଉପସ୍ଥିତ ହୋଇନାହିଁ । କେବଳ ପ୍ରଥମ ସର୍ଗରେ ଦେବତାଙ୍କର ଦୁର୍ଦ୍ଦଶା ବର୍ଣ୍ଣନରେ ସ୍ଥଳ ବିଶେଷରେ କରୁଣରସ ଝଲକ ଦୃଷ୍ଟ ହୁଏ । ଯେପରିକି ରାବଣ ନିଜର ଶାର୍ଙ୍ଗଧନୁ ତିଆରି ଲାଗି ଯମଙ୍କ ମହିଷର ଶୃଙ୍ଗମଣ୍ଡଳ ଅର୍ଥାତ୍ ଶିଙ୍ଘ ଦୁଇଟି ଉପାଡ଼ି ନେଲା । ବୋଝ ତାର କମିଗଲା ଅବଶ୍ୟ, କିନ୍ତୁ ପରାଜୟଜନିତ ଲଜ୍ଜାର ଭାରରେ ଆଜି ଯାଏ ସେହି ମହିଷ ଅତ୍ୟନ୍ତ ଦୁଃଖରେ ମୁଣ୍ଡ ତଳକୁ କରି ହିଁ ରଖିଛି—

"ପରେତଭର୍ତ୍ତୁର୍ମହିଷୋଽମୁନା
ଧନୁର୍ବିଧାତୁମୁତ୍ଖାତବିଷାଣମଣ୍ଡଳଃ ।
ହୃତେଽପି ଭାରେ ମହତସ୍ତ୍ରପାଭ-
ରାଦୁବାହ ଦୁଃଖେନ ଭୃଶାନତଂ ଶିରଃ ॥"
(ଶି.ବ. ୧।୫୭)

ଏହିପରି, ବିଳାସିନୀ-ବିଭ୍ରମ-ଦନ୍ତପତ୍ରିକା ତିଆରି କରିବାକୁ ବିନାୟକଙ୍କ ଗୋଟିଏ ଦାନ୍ତ ଉପାଡ଼ି ନେଲା, ଯାହା ଆଉ ଆଜି ପର୍ଯ୍ୟନ୍ତ ଉଠିନାହିଁ—

"ବିଦଗ୍ଧଲୀଲୋଚିତ-ଦନ୍ତପତ୍ରିକା
ବିଧିତ୍ସୟା ନୂନମନେନ ମାନିନା ।
ନ ଜାତୁ ବୈନାୟକମେକମୁଦ୍ଧୃତଂ
ବିଷାଣମଦ୍ୟାପି ପୁନଃ ପ୍ରରୋହତି ॥"
(ଶି: ବ ୧।୬୦)

ରାବଣର ଲୋକଡରସ୍କାରୀ ମହାସ୍ଥାନ୍ ତେଜରେ ଅଗ୍ନି ଦେବଙ୍କର ଦୁଃଖ ଜନିତ ଦୀର୍ଘଶ୍ୱାସ ଫଳରେ ନିର୍ଗତ ବାଷ୍ପ ଯୋଗୁଁ ସେ ଧାରଣ କରିଥିବା ଧୂମ ଦ୍ୱିଗୁଣିତ ହୋଇ ଉଠିଲା—

"ତିରସ୍କୃତସ୍ତସ୍ୟ ଜନାଭିଭାବିନା
ମୁହୁର୍ମହିମ୍ନା ମହସାଂ ମହାସ୍ୱସାମ୍ ।
ବହିର ବାଷ୍ପୈର୍ଦ୍ୱିଗୁଣୀକୃତ
ତନୁପ୍ରନୂନପାଦ୍ ଧୂମବିତାନମାଧିକୌ ॥"
(ଶି· ବ: ୧।୬୨)

ପ୍ରଭାତବର୍ଣ୍ଣନାର କଳ୍ପନା-ପ୍ରବାହରେ କବି ଦେଇଛନ୍ତି ଏକ କରୁଣାମୟୀ ଉତ୍ପ୍ରେକ୍ଷା – "ପ୍ରଭାତ ବେଳାରେ ଚନ୍ଦ୍ରମା ସତେ ଅବା ଶୋକବଶରେ ଶୋଭାହୀନ କୃଷ୍ଣ ଶରୀର ଧାରଣ କରୁଛନ୍ତି । ତାଙ୍କର ପ୍ରିୟ ସ୍ତ୍ରୀବର୍ଗ ନଷ୍ଟ ହୋଇ ଯାଇଛନ୍ତି । କୁମୁଦନୀମାନେ ଆଖି ବନ୍ଦକରି ଦେଇଛନ୍ତି, ତାରକାଗଣ ବିନଷ୍ଟ ହୋଇଛନ୍ତି ।" ପୁଣି ପଞ୍ଚଦଶ ସର୍ଗରେ ଶିଶୁପାଳର ଶିବିରରେ ବୀରମାନେ ସ୍ତ୍ରୀଙ୍କଠାରୁ ବିଦାୟ ନେବା ବେଳେ କରୁଣ ପ୍ରସଙ୍ଗ ଯଥେଷ୍ଟ ଦୃଷ୍ଟିରେ ପଡ଼େ, ଯଥା—'ଶିଶୁ, ସମ୍ମୁଖର ଘର, ଠିକ୍ ବାହାରିବା ବେଳେ ପଚାରି ବସୁଛୁ, 'ବାପା କୁଆଡେ ଯାଉଛ ?' ଯାତ୍ରା-କାଳରେ ଏଭଳି ଜିଜ୍ଞାସା ଅଶୁଭ ସୂଚକ । ତେଣୁ ମାତାର ତିରସ୍କାରରେ ବୀରର ଧୈର୍ଯ୍ୟଚ୍ୟୁତି ଘଟୁଛି ।"—

"ବ୍ରଜତଃ କ୍ୱ ତାତ ବ୍ରଜସୀତି ପରେଚମ୍ୟଗତାର୍ଥମସ୍ପୃଷ୍ଟମ୍ ।
ଧୈର୍ଯ୍ୟମଭିନଦୁଦିତଂ ଶିଶୁନା ଜନମାନଭର୍ତ୍ସନବିବୃଦ୍ଧମନ୍ୟୁନା ॥"
(ଶି· ବ ୧୫।୮୭)

ଏଥିରେ ଦମ୍ପତୀର ଦୈନ୍ୟ, ବିଷାଦ, ଚିନ୍ତା ତଥା ଶଙ୍କାର ସୁନ୍ଦର ଅଭିବ୍ୟକ୍ତି ଘଟିଛି ।

ପ୍ରିୟର ଜୟମଙ୍ଗଳକାମୀ ସୁନ୍ଦରୀ ଆଖିରେ ଭରି ଆସୁଥିବା ଲୋତକ ବିନ୍ଦୁ ଝରାଉ ନାହିଁ କିନ୍ତୁ ତାର ଶୋକପିଥିଳ ବାହୁରୁ ଖସିପଡ଼ୁଥିବା କଙ୍କଣରେ ଅବସ୍ଥା ଜାଣିପାରୁ ନାହିଁ ।

"ନ ମୁମୋଚ ଲୋଚନ-ଜଲାନି
ଦୟିତ-ଜନ୍ମମଙ୍ଗଳଲୋଷିଣୀ ।
ଯାତମବନମବସନ୍ନଭୂକାନ୍ତ୍ୟ ଗଳଦ୍
ବବେଦ ବଳୟଂ ବଳାସିନୀ ।।"
(ଶି: ବ ୧୫।୮୫)

କିନ୍ତୁ ପ୍ରିୟର ଯାତ୍ରାବେଳେ ବହୁ ଚେଷ୍ଟାରେ ନିରୁଦ୍ଧ ଅଶ୍ରୁ ନତ-ମୁଖୀ ନାୟିକାର ଚକ୍ଷୁରୁ ଖସି ପଡିଲା । ଅକୃତ୍ରିମ ସ୍ନେହକାରୀ ସରଳମନା ଲୋକଙ୍କ ପକ୍ଷରେ ଏହା ହିଁ ଉଚିତ ।

"ଧ୍ରିୟମାଣମପ୍ୟଗଳଦଶ୍ରୁ ଚଲତି ଦୟିତେ ନତଭ୍ରୁବଃ ।
ସ୍ନେହମକୃତକରସଂ ଦଧତାମିଦମେବ ଯୁକ୍ତମତିମୁଗ୍ଧଚେତସାମ୍ ।।"
(ଶି. ବ: ୧୫।୮୯)

ଏ ବର୍ଣ୍ଣନାରେ ସ୍ନେହ ମଧ୍ୟ କରୁଣର ପୋଷକ ବ୍ୟଞ୍ଜିତ୍ୱ ହୋଇଛି ।

ସତେ ଅବା ଜାଣିଥିଲା ସୁନ୍ଦରୀ, ପ୍ରିୟର ପୁନର୍ଦର୍ଶନ ହେବ ଅତ୍ୟନ୍ତ ଦୁର୍ଲଭ ତେଣୁ ପ୍ରିୟ ଗତ ପଥରେ ଯେତେ ଦୂର ଯାଏ ଦୃଶ୍ୟ ହେଉଥିଲା, ସେତେ ଦୂର ଅତୃପ୍ତ ମନରେ ଅପଲକ ଚକ୍ଷୁରେ ଯୁବତୀ ଚାହିଁ ରହିଥିଲା—

"ବିଦୁଷୀବ ଦର୍ଶନମମୁଷ୍ୟ ଯୁବତିରତିଦୁର୍ଲଭଂ ପୁନଃ ।
ଯାନ୍ତମନିମିଷମତୃପ୍ତମନାଃ ପତିମୀକ୍ଷତେ ସ୍ମ ଭୃଶମାଦୃଶଃ ପଥଃ ।।"
(ଶି. ବ ୧୫।୯୪)

ସ୍ନେହରେ କରୁଣାର ଛାୟା କପରି କାଳିମାମୟ ହୋଇ ଉଠିଛି !

**ଅଦ୍ଭୁତ ରସ :**

'ଶିଶୁପାଳ ବଧ'ରେ ବିସ୍ମୟଭାବର ଅନେକ ପ୍ରସଙ୍ଗ ଆସିଛି । ବସ୍ତୁତଃ କବି-କଳ୍ପନାର ମୂଳରେ ଥାଏ ଅତିଶୟୋକ୍ତି ଏବଂ ଅଦ୍ଭୁତ ରସ ଅତିଶୟୋକ୍ତିରୁ ହିଁ ଉପଲବ୍ଧ ହୁଏ । ଅତଏବ 'ସାହିତ୍ୟ ଦର୍ପଣ'କାର ବିଶ୍ୱନାଥଙ୍କ ପିତାମହ

ନାରାୟଣ କବି କାବ୍ୟର ସର୍ବତ୍ର ଅଦ୍ଭୁତ ରସର ସତ୍ତା ପରିବ୍ୟାପ୍ତ ରହେ ବୋଲି ମତ ଦେଇଛନ୍ତି ।

ପ୍ରଥମ ସର୍ଗରେ ଅମ୍ବରତଳରୁ ସର୍ବଦିଗ ପ୍ରସାରୀ ତେଜଃପୁଞ୍ଜ ରୂପରେ ନାରଦଙ୍କ ଅବତରଣ ଏବଂ କ୍ରମଶଃ ନାରଦରୂପେ ତାଙ୍କର ପ୍ରକାଶ ବାସ୍ତବରେ ବସୁଦେବ ସଦନର ଲୋକଙ୍କ ପକ୍ଷରେ ବିସ୍ମୟାବହ ହୋଇଛି । (୧।୧୩)

ପୁନଶ୍ଚ ଶ୍ରୀକୃଷ୍ଣଙ୍କ ଇନ୍ଦ୍ରପ୍ରସ୍ଥ-ପ୍ରସ୍ଥାନ କାଳର ପ୍ରସ୍ତୁତି, ଯହିଁରେ ବର୍ଣ୍ଣିତ ହୋଇଛି ତାଙ୍କର ଦିବ୍ୟ ବେଶଭୂଷଣ ତଥା ଦିବ୍ୟାସ୍ତ୍ର ସନ୍ନିଧାନ, ବାସ୍ତବିକ ପରମ ବିସ୍ମୟକାରକ ହୋଇଛି । (ଶି: ବ ୩।୨-୨୫) । ଅତଏବ ଅନେକ ଭାବେ ପୂର୍ବଦୃଷ୍ଟ ହୋଇଥିଲେ ହେଁ ମୁରାରିଙ୍କ ଦର୍ଶନ ନିମିତ୍ତ ନଗରର ପ୍ରତ୍ୟେକ ରାଜପଥରେ ଅପାର ଜନ-ରାଜି ଏକତ୍ର ହୋଇଥିଲା—

"ଦିଦୃକ୍ଷମାଣାଃ ପ୍ରତିରଥ୍ୟମୀୟୁ
ର୍ମୁରାରିମାରାଦନଘଂ ଜନୌଘାଃ ।
ଅନେକଶଃ ସଂସ୍ତୁତମପ୍ୟନଲ୍ପା-
ନବଂନବଂ ପ୍ରୀତିରହୋ କରୋତି ।।"

(ଶି: ବ: ୩।୩୧)

ସେହିପରି ତୃତୀୟ ସର୍ଗରେ ବର୍ଣ୍ଣିତ ହୋଇଛି ଦ୍ୱାରକା-ବୈଭବ (୩।୩୩-୬୯); ଏହା ଆମୂଳାନ୍ତ ବିସ୍ମୟକାରକ ହୋଇଛି । ଉଦାହରଣ ସ୍ୱରୂପ ଗୋଟିଏ ଦୁଇଟି ତଥ୍ୟ ଉଲ୍ଲେଖ କରାଯାଇପାରେ :

ଯେଉଁଠାରେ ରାତ୍ରିକାଳରେ ଶୁଭ୍ର ଜ୍ୟୋତ୍ସ୍ନା ମଧ୍ୟରେ ସ୍ଫଟିକ-ନିର୍ମିତ ସୌଧ-ସମୂହ ମିଶିଯାଇ ଏପରି ନିରାକାର ହୋଇ ଉଠେ ଯେ, ସେହି ସୌଧପରି ଆରୂଢ଼ା ଲଳନାମାନେ ଆକାଶଚାରିଣୀ ଦେବାଙ୍ଗନା ତୁଲ୍ୟ ପ୍ରତୀତ ହୁଅନ୍ତି ।

"ସ୍ଫୁରତ୍ତୁଷାରାଂଶୁ ମରୀଚିଜାଲୈ
ର୍ବିନିହ୍ନୁତାଃ ସ୍ଫାଟିକସୌଧପଂକ୍ତୀଃ ।
ଆରୁହ୍ୟ ନାର୍ଯ୍ୟଃ କ୍ଷଣଦାସୁ ଯତ୍ର
ନଭୋଗତା ଦେବ୍ୟ ଇବ ବ୍ୟରାଜନ୍ ।।"

(ଶି: ବ ୩।୪୩)

ଯେଉଁଠାରେ ପ୍ରତି ଗୃହରେ ଚନ୍ଦ୍ରକାନ୍ତ ମଣି ଖଚିତ ଚନ୍ଦ୍ର ଶୋଭିତ ଛାତ ଉପରେ ଚନ୍ଦ୍ରକିରଣର ସମ୍ପର୍କ ଦ୍ୱାରା ଯେଉଁ ଜଳର ପ୍ରଣାଳୀ ପ୍ରବାହିତ ହେଉଥିଲା ମେଘମାଳା ରହୁଥିଲା ତାହାର ନିମ୍ନ ଦେଶରେ ।

"କାନ୍ତେନ୍ଦୁକାନ୍ତୋପଲକୁଟ୍ଟିମେଷୁ
ପ୍ରତିକ୍ଷପଂ ହର୍ମ୍ୟତଳେଷୁ ଯତ୍ର ।
ଉଚ୍ଚୈରଧଃ ପାତିପୟୋମୁଚୋଽପି
ସମୂହମୂହୁଃ ପୟସାଂ ପ୍ରଣାଳ୍ୟଃ ॥"

(ଶି. ବ ୩।୪୪)

କଳ୍ପବୃକ୍ଷ ସେତିକିମାତ୍ର ଦେଇପାରେ ଯେତିକି କଳ୍ପନାପରିସରର ଅନ୍ତର୍ଭୁକ୍ତ ରହିପାରେ, କିନ୍ତୁ ଦ୍ୱାରକା ଅଧିବାସୀଙ୍କ ନିକଟରେ ଥିଲା ଯେଉଁ ସମ୍ପତ୍ତି ତାହା ତ ମନରେ ଚିନ୍ତା କରିବା ମଧ୍ୟ ସମ୍ଭବ ନୁହେଁ ।—

କ୍ଷୁଣ୍ଣ ଯଦନ୍ତଃକରଣେନ ବୃକ୍ଷାଃ
ଫଳନ୍ତି କଳ୍ପୋପପଦାସ୍ତଦେବ ।
ଅଧ୍ୟୁଷ୍ୟତୋ ଯାମଭବନ୍ ଜନସ୍ୟ
ଯାଃ ସମ୍ପଦସ୍ତା ମନସୋଽପ୍ୟଗମ୍ୟାଃ ॥"

(ଶି. ବ: ୩।୫୯)

ମାର୍ଗସ୍ଥିତ ରୈବତକ ପର୍ବତର ଅବସ୍ଥା ମଧ୍ୟ ଥିଲା ସେହିପରି । ମୁରାରିଙ୍କ ପ୍ରସନ୍ନତା ବିଧାନ ନିମିତ୍ତ ଦେବତାମାନେ ସୁମେରୁ ଶିଖର ଆଣି ତାକୁ ଉଚ୍ଚ କରି ରଖିଥିଲେ । (ଶି: ବ ୪।୧୦) । ଶ୍ରୀକୃଷ୍ଣ ତାକୁ ଅଗରୁ କେତେ ଥର ତା ନ ଦେଖିଛନ୍ତି, କିନ୍ତୁ ତାହା ତାଙ୍କ ପକ୍ଷରେ ସମ୍ପୂର୍ଣ୍ଣ ନୂଆ ଭଳି ବିସ୍ମୟକର ହୋଇଥିଲା । ତାହାହିଁ ରମଣୀୟତା, ଯାହା ପ୍ରତିକ୍ଷଣ ନୂଆ ନୂଆ ଲାଗେ—

"ଦୃଷ୍ଟୋଽପି ଶୈଳଃ ସ ମୁହୁର୍ମୁରାରେ-
ରପୂର୍ବବଦ୍ ବିସ୍ମୟମାତତାନ ।
କ୍ଷଣେ କ୍ଷଣେ ଯନ୍ନବତାମୁପୈତି
ତଦେବ ରୂପଂ ରମଣୀୟତାୟାଃ ॥"

(ଶି: ବ. ୪।୧୭)

ରୈବତକର ଶିଖର ଉପରେ ନାନା ବର୍ଣ୍ଣର ମଣିମାନଙ୍କର ସ୍ୱଚ୍ଛ ପ୍ରଭା ଆକାଶକୁ ଉଠି ପରସ୍ପର ସହ ଏପରି ମିଶି ଯାଉଥିଲା ଯେ ଆକାଶରେ ଭିତ୍ତି ନ ଥାଇ ମଧ୍ୟ ଚିତ୍ରକର୍ମ ପରି ଶୋଭା ପାଉଥିଲା । ତାହା ଦେଖି ଗଗନସ୍ଥ ଦେବଗଣ ମଧ୍ୟ ବିସ୍ମିତ ହୋଇ ଉଠୁଥିଲେ—

"ଅନ୍ୟୋନ୍ୟ ବ୍ୟତିକର ଚାରୁଭିର୍ବିଚିତ୍ରୈ
ରତ୍ରସ୍ୟନ୍ନବମଣିଜନ୍ମଭିର୍ମୟୂଖୈଃ ।
ବିସ୍ମେରାନ୍ ଗଗନସଦଃ କରୋତ୍ୟମୁଷ୍ମି
ନ୍ନାକାଶେ ରଚିତମଭିତ୍ତିଚିତ୍ରକର୍ମ ।।"

(ଶି. ବ ୪।୬୩)

ସମ୍ପୂର୍ଣ୍ଣ ଚତୁର୍ଥସର୍ଗ (୪।୧-୬୮) ମଧ୍ୟରେ ରୈବତକର ବିସ୍ତୃତ ବର୍ଣ୍ଣନା ରହିଛି ଏବଂ ତାହାର ପ୍ରତ୍ୟେକ ଶ୍ଳୋକରେ ଅଦ୍‌ଭୁତ ରସର ପାତ୍ର ପୂର୍ଣ୍ଣ ହୋଇ ଉଛୁଳି ପଡ଼ୁଛି ।

ଷଷ୍ଠ ସର୍ଗରେ ରୈବତକ ଉପରେ ଷଡ୍‌ଋତୁର ଯୁଗପତ ପ୍ରସାର ସ୍ୱୟଂ ହିଁ ବିସ୍ମୟାବହ ଅଟେ ।

ପୁନଶ୍ଚ, ତ୍ରୟୋଦଶ ସର୍ଗରେ ମୟ-ନିର୍ମିତ ଯୁଧିଷ୍ଠିର-ସଭାର ପରମ ବିସ୍ମୟ-କର ରୂପ ନିରୂପିତ କରା ହୋଇଛି । (ଶି: ବ ୧୩।୫୦-୬୦) ଯଥା, ଯେଉଁ ସଭାର ଖଡ୍‌ଗ-ଶ୍ୟାମ ଇନ୍ଦ୍ରନୀଳ-ରଚିତ ଭୂମିରେ ଜଳ ଥିବା ଆଶଙ୍କାରେ ଲୋକେ ଓଦାଯିବା ଭୟରେ ଲୁଗା ଟେକିବା ଦ୍ୱାରା ଅନ୍ୟ ଲୋକଙ୍କ ଉପହାସର ପାତ୍ର ହୁଅନ୍ତି—

"ହସିତୁଂ ପରେଣ ପରତଃ ପରିସ୍ଫୁରତ୍
କରବାଳ-କୋମଳରୁଚାବୁପେକ୍ଷିତୈଃ ।
ଉଦକର୍ଷି ଯତ୍ର ଜଳଶଙ୍କୟା
ଜନୈର୍ମୁହୁରିନ୍ଦ୍ରନୀଳଭୁବିଦୂରମମ୍ବରମ୍ ।।"

ଶି. ବ ୧୩।୬୦

ଅଷ୍ଟାଦଶଠାରୁ ବିଂଶ ସର୍ଗ ମଧ୍ୟରେ ଯୁଦ୍ଧ ବର୍ଣ୍ଣନା ପ୍ରସଙ୍ଗରେ ଉଭୟ ପକ୍ଷର ଅନେକ ବିସ୍ମୟକାରକ କୃତିତ୍ୱ ଚିତ୍ରିତ କରି ହୋଇଛି । ଏବଂ ସର୍ବାଧିକ ବିସ୍ମୟର ଅବସର ଆସିଲା ସେତେବେଳେ, ଯେତେବେଳେ ଶ୍ରୀକୃଷ୍ଣ 'ଆପଣାର ଜ୍ୱାଲାପଲ୍ଲବିତ ଚକ୍ରଦ୍ୱାରା ଶିଶୁପାଳର ଦେହରୁ ଛିନ୍ନ କଲେ ତାର ମସ୍ତକକୁ '(ଜ୍ୱାଲାପଲ୍ଲବିତେନ ମୂର୍ଦ୍ଧବିକଲଂ ଚକାର ଚକ୍ରେଣ ବପୁ ) ଏବଂ ନରେନ୍ଦ୍ରଗଣଙ୍କ ଦୃଷ୍ଟି ସମକ୍ଷରେ ଦିବ୍ୟ ଦୁନ୍ଦୁଭିନାଦ ଏବଂ ପୁଷ୍ପବୃଷ୍ଟି ମଧ୍ୟରେ ଏକ ଦିବ୍ୟ ଶୋଭିଭାସ୍ୱର, ଆକାଶରେ ସୂର୍ଯ୍ୟ ରଶ୍ମିକୁ ତିରସ୍କାର କରୁଥିବା, ଋଷିଗଣ-ବନ୍ଦିତ ଦିବ୍ୟ ତେଜ ଶିଶୁପାଳର ଶରୀରରୁ ନିର୍ଗତ ହୋଇ ଶ୍ରୀକୃଷ୍ଣଙ୍କ ଅଙ୍ଗରେ ବିଲୀନ ହେଲା—

"ଶ୍ରିୟା ଜୁଷ୍ଟଂ ଦିବ୍ୟୈଃ ସପଟହରବୈରନ୍ୱିତଂ ପୁଷ୍ପବର୍ଷୈ
ବପୁର୍ଷ୍ଟଶ୍ଚୈଦ୍ୟସ୍ୟ କ୍ଷଣମୃଷିଗଣୈଃ ସ୍ତୂୟମାନଂ ନିରୀୟ ।
ପ୍ରକାଶେନାକାଶେ ଦିନକର କରାନ୍ ବିକ୍ଷିପଦ୍ ବିସ୍ମିତାକ୍ଷୈ
ର୍ନରେନ୍ଦ୍ରୈରୌପେନ୍ଦ୍ରଂ ବପୁରଥବିଶଦ୍ ଧାମ୍ ବୀକ୍ଷାଂବଭୂବେ ।।"

(ଶି- ବ: ୨୦।୭୯)

**ଶାନ୍ତରସ :**

ଶିଶୁପାଳବଧ ହେଉଛି ମାଘ କବିଙ୍କର ଏକ ନବରସରୁଚିର ରଚନା । ସେ ପ୍ରଧାନତଃ କୃଷ୍ଣଭକ୍ତ ଶ୍ରେଣୀୟ କବି ଥିଲେ । ଲକ୍ଷ୍ମୀପତିଙ୍କର ଚରିତ-କୀର୍ତ୍ତନ ମାତ୍ର ଦ୍ୱାରା ତାଙ୍କ କାବ୍ୟ ଗୁରୁତ୍ୱ ପ୍ରାପ୍ତ ହୋଇଛି ବୋଲି ସେ କହନ୍ତି । ଏହି ଦୃଷ୍ଟିରେ ଦେଖିଲେ ଏ ମହାକାବ୍ୟ ଏକ ସମ୍ପୂର୍ଣ୍ଣ ସ୍ତୋତ୍ର ଅଟେ ଏବଂ ଏହାର ପର୍ଯ୍ୟବସାୟୀ ରସ ହେଉଛି ଭକ୍ତି । କିନ୍ତୁ କବି ଚରିତବର୍ଣ୍ଣନରେ ଯେଉଁ ସାମାନ୍ୟ ନାୟକ-ଚରିତ-ପରଂପରାକୁ ଅବଲମ୍ବନ କରିଛନ୍ତି ସେଥିଯୋଗୁଁ ବୀରରସ ହିଁ ଏହାର ମୁଖ୍ୟରସ ବୋଲି ସ୍ୱୀକୃତ ହେବ ।

ସେ ଯାହା ହେଉ, ତଥାପି ଏ କାବ୍ୟର ସ୍ଥାନେ ସ୍ଥାନେ କବି ଶାନ୍ତରସର ପ୍ରସଙ୍ଗ ମଧ୍ୟ ଅବତାରଣା କରିଛନ୍ତି । ମାଘଙ୍କର ପ୍ରସିଦ୍ଧ ପ୍ରଭାତ ବର୍ଣ୍ଣନା ଶ୍ଳୋକରେ ଟିସହି ଧରଣର ଜ୍ଞାନଜନ୍ୟ ନିର୍ବେଦ ଉତ୍ପନ୍ନ ହୁଏ—"କୁମୁଦବନ ଶ୍ରୀହୀନ ହେଉଛି,

ତେଣେ ଶ୍ରୀମାନ୍ ହୋଇଉଠୁଛି ଅମ୍ଭୋଜବନ, ଉଲୂକ ହର୍ଷହୀନ ହେଉଛି, ଚକ୍ରବାକ ହେଉଛି ପ୍ରୀତିମାନ୍; ଉଷ୍ଣାଂଶୁ ଉଦୟୋନ୍ମୁଖ, ତେଣେ ଅସ୍ତୋନ୍ମୁଖ ଶୀତାଂଶୁ—ଦୁଷ୍ଟଦୈବର କାର୍ଯ୍ୟାବଳୀର ପରିଣାମ ବିଚିତ୍ର ଅବଶ୍ୟ ।”

“କୁମୁଦବନମପଶ୍ରି ଶ୍ରୀମଦମ୍ଭୋଜଷଣ୍ଡଂ
ତ୍ୟଜତି ମୁଦମୁଲୂକଃ ପ୍ରୀତିମାଂଶ୍ଚକ୍ରବାକଃ ।
ଉଦୟମହିମରଶ୍ମିର୍ଯାତି ଶୀତାଂଶୁରସ୍ତଂ
ହତବିଧିଲସିତାନାଂ ହ୍ୱୀ ବିଚିତ୍ରୋ ବିପାକଃ ।।”

(ଶି:ବ: ୧୧।୬୪)

**ଭକ୍ତିବାତ୍ସଲ୍ୟର ଭାବ :**

ପୂର୍ବୋକ୍ତ ନବରସର ଅତିରିକ୍ତ ଭକ୍ତି ଏବଂ ବାତ୍ସଲ୍ୟ ମଧ୍ୟ ଶିଶୁପାଳ ବଧରେ ବହୁ ସ୍ଥଳରେ ଚର୍ଚ୍ଚିତ ହୋଇଛି । ସ୍ମରଣ କରାଯାଇପାରେ ଯେ ଭକ୍ତି ଓ ବାତ୍ସଲ୍ୟରେ ସ୍ଥାୟୀଭାବ ରତି ହେଲେ ହେଁ ଆଲମ୍ବନ-ଭେଦ ଯୋଗୁଁ କେତେକ ଆଚାର୍ଯ୍ୟ ଏମାନଙ୍କୁ ଭିନ୍ନରସର ମାନ୍ୟତା ଦିଅନ୍ତି ।

ପ୍ରଥମ ସର୍ଗରେ ହିଁ ନାରଦ-ଶ୍ରୀକୃଷ୍ଣ ସମ୍ବାଦରେ ଭକ୍ତିରସ ପରିଦୃଷ୍ଟ ହୁଏ । ଶ୍ରୀକୃଷ୍ଣଙ୍କ ପକ୍ଷରେ ନାରଦ ହେଉଛନ୍ତି ପୂଜ୍ୟତମ ଜଗଦ୍‌ବନ୍ଦ୍ୟ ଦେବର୍ଷି; ସେହିପରି ନାରଦଙ୍କ ପକ୍ଷରେ ଶ୍ରୀକୃଷ୍ଣ ଅଟନ୍ତି ମାନବରୂପରେ ସାକ୍ଷାତ୍ ପରଂବ୍ରହ୍ମ ପରମାତ୍ମା । ଉଭୟଙ୍କର ପରସ୍ପର ପ୍ରତି ରହିଛି ଅବ୍ୟାଜ ଓ ଆନ୍ତରିକ ଭକ୍ତି । ନାରଦଙ୍କ ଆଗମନରେ ଯଦୁନନ୍ଦନଙ୍କ ବିସ୍ମୟର ଶବ୍ଦରେ ତାଙ୍କ ହର୍ଷ ସମ୍ଭାଳି ହେଉନାହିଁ । ସୂର୍ଯ୍ୟତୁଲ୍ୟ ମୁନିଙ୍କ ଦେହକୁ ହର୍ଷ-କଣ୍ଟକିତ ନେତ୍ର ପ୍ରସାରଣ କଲାବେଳେ ସତେ ଅବା ଆଜି ସେ ଯଥାର୍ଥରେ ପୁଣ୍ଡରୀକାକ୍ଷ ହୋଇ ଉଠିଛନ୍ତି—ଏ ସକଳ ଭକ୍ତିର ହିଁ ଅନୁଭାବ । ନିଜ ଇଚ୍ଛା ବ୍ୟକ୍ତ କରି ଶ୍ରୀକୃଷ୍ଣ କହନ୍ତି (୧।୨୬-୩୦), “ହେ ମୁନି ! ପାପନାଶକ ଆପଣଙ୍କର ଏହି ଦର୍ଶନମାତ୍ର ଦ୍ୱାରା ମୁଁ କୃତାର୍ଥ ହୋଇ ସାରିଛି । ତଥାପି ଆପଣଙ୍କ ଶ୍ରୀମୁଖରୁ ଆପଣଙ୍କ ଗୌରବମୟୀ ବାଣୀ ଶୁଣିବାକୁ ମୁଁ ଅଭିଳାଷୀ । କଲ୍ୟାଣ ବିଷୟରେ କେହି ଭଲ ତୃପ୍ତ ହୋଇପାରେ ।”

"ତ୍ୱଲ୍ଲୋକନେନୈବ ଭବାମୁନା ମୁନେ,
କୃତଃ କୃତାର୍ଥୋଽସ୍ମି ନିବର୍ହିତାଂହସା ।
ତଥାପି ଶୁଶ୍ରୂଷୁରହଂ ଗରୀୟସୀଗିରୋଽଥବା
ଶ୍ରେୟସି କେନ ତୃପ୍ୟତେ ॥"

(ଶି.ବ. ୧।୨୯)

ଭଗବାନ୍ ଶ୍ରୀକୃଷ୍ଣଙ୍କର ଏହି ସ୍ନେହମୟୀ ବିନୟ ଫଳରେ ନାରଦଙ୍କ ଭକ୍ତି ଭାବନା କେତେ ଘନୀଭୂତ ହୋଇଯାଇଥିବ ତାହା ସେହି ଗୋଟିଏ ବାକ୍ୟରୁ ହିଁ ଅନୁମାନ କରାଯାଇ ପାରିବ ଯହିଁରେ ସେ ନିସ୍ପୃହ ଯୋଗୀଙ୍କଠାରେ ମଧ୍ୟ ଏକମାତ୍ର ସାଧ୍ୟସ୍ପୃହାର ଉଲ୍ଲେଖ କରି କହିଲେ, "ଏଭଳି କହନ୍ତୁ ନାହିଁ ପୁରୁଷୋତ୍ତମ । ଆପଣଙ୍କ ଦର୍ଶନ କରିବାକୁ ମିଳିବ, ଏଥିରୁ ବା ଆଉ କେଉଁ ପ୍ରୟୋଜନ ବଡ ହୋଇପାରେ ?" (୧।୪୧) । ଏବଂ ତାହାପରେ ସେ ଯେଉଁ ସାତଗୋଟି ଶ୍ଳୋକ (୧।୩୨-୩୮) କହିଛନ୍ତି ସେ ସବୁ ଜଣେ ଜ୍ଞାନୀ ଭକ୍ତର ମହୀୟାନ୍ ଭାବୋଦ୍‌ଗାରମାତ୍ର । ଏହି ପ୍ରସଙ୍ଗରେ ତାଙ୍କର ଗୋଟିଏ ଉକ୍ତି ହେଉଛି—

"ପ୍ରଭୋ ! ନିଜ ତେଜରେ ଜଗତ୍‌ଦ୍ରୋହୀଙ୍କୁ ବିନଷ୍ଟ କରିବା ନିମିତ୍ତ ଆପଣ ଯଦି ଭୂତଳରେ ଅବତୀର୍ଣ୍ଣ ହୋଇ ନ ଆନ୍ତେ, ତାହାହେଲେ ସମାଧିନିଷ୍ଠ ସାଧକଙ୍କ ପକ୍ଷରେ ମଧ୍ୟ ଦୁର୍ଲଭ ଦର୍ଶନ ହୋଇଥିବା ସତ୍ତ୍ୱେ ଆପଣ ଅବା କିପରି ମୋ ଭଳି ଚର୍ମଚକ୍ଷୁଧାରୀ ବ୍ୟକ୍ତିର ନେତ୍ରଗୋଚର ହୋଇଥାନ୍ତେ ।"

"ନିଜୌଜସୋଜ୍ଜାସୟିତୁଂ ଜଗଦ୍ଦ୍ରୁହା
ମୁପାଜିହୀଥା ନ ମହୀତଳଂ ଯଦି ।
ସମାହିତୈରପ୍ୟନିରୂପିତସ୍ତତଃ ପଦଂ
ଦୃଶଃ ସ୍ୟାଃ କଥମୀଶ ମାଦୃଶାମ୍ ॥"

(ଶି: ବ ୧।୩୭)

କବି ନିଜ କାବ୍ୟସୃଷ୍ଟିରେ ପ୍ରଜାପତି । ସ୍ୱେଚ୍ଛାରେ ସେ ଅଚେତନକୁ ଚୈତନବତ୍ ଏବଂ ଚେତନକୁ ଅଚେତନବତ୍ ନିରୂପିତ କରୁଥାନ୍ତି । ଦ୍ୱାରକା ନଗରୀରେ ଏବଂ ଯେଉଁ ସାଗରରେ ଦ୍ୱାରକା ଅବସ୍ଥିତ ସେଠାରେ ହିଁ ମାଘକବି

ଶ୍ରୀକୃଷ୍ଣଙ୍କ ପ୍ରତି ସେହି ଭକ୍ତି ଭାବନାର ଝଲକ ପ୍ରାପ୍ତ ହୋଇଥିଲେ । କାରଣ ଯେତେବେଳେ ଶ୍ରୀକୃଷ୍ଣ ସେହି ଦ୍ୱାରକା ଅର୍ଥାତ୍ ବିଶାଳ ଦ୍ୱାର ଗୋପୁର)ଯୁକ୍ତ ସେହି ନଗରୀରୁ ବାହାରି ଆସିଲେ ସେତେବେଳେ ସେନା-ତରଙ୍ଗସବୁ ସେହି ନଗରୀର ବୀଥୀ-ରୂପୀ ଭୁଜର ବଳୟ ପରି ବାହାରି ଆସିଲେ; ସତେ ଅବା ଚକ୍ରପାଣି ନିଷ୍କ୍ରାନ୍ତ ହେବାରେ ଆପଣାର ଦ୍ୱାରବତୀତ୍ୱ ତାର ପ୍ରିୟ ହେଲା ନାହିଁ । କୃଷ୍ଣ ବିଚ୍ଛେଦରେ କୃଶ ହୋଇଗଲା—

"ବଲୋର୍ମିଭିସ୍ତତ୍କ୍ଷଣହୀୟମାନରଥ୍ୟା-
ଭୁଜାୟା ବଲୟୈରିବାସ୍ୟାଃ ।
ପ୍ରାୟେଣ ନିଷ୍କ୍ରାମତି ଚକ୍ରପାଣୌ ନେଷ୍ଟଂ
ପୁରେ ଦ୍ୱାରବତୀତ୍ୱମାସୀତ୍ ॥"
(ଶି. ବ ୩।୭୩)

ସେହିପରି ଯେତେବେଳେ ଶ୍ରୀକୃଷ୍ଣ ସାଗରକୂଳରେ ପହଞ୍ଚିଲେ, ସେତେବେଳେ ସାଗର ତାହାର କୋଳରେ ଶୟନକାରୀ ଏହି ଯୁଗାନ୍ତବନ୍ଧୁ (ଆପଦବନ୍ଧୁ)ଙ୍କୁ ଦେଖି ପରମ ଆନନ୍ଦରେ ନିଜ ଉତ୍ତୁଙ୍ଗ ତରଙ୍ଗରୂପୀ ବାହୁ ପ୍ରସାରିତ କରି ସତେଅବା ତାଙ୍କ ଅଭ୍ୟର୍ଥନା ନିମିତ୍ତ ଧାଇଁ ଆସିଲା—

"ତମାଗତଂ ବୀକ୍ଷ୍ୟ ଯୁଗାନ୍ତବନ୍ଧୁ-
ମୁତ୍‌ସଙ୍ଗଶଯ୍ୟା ଶୟ ମମ୍ବୁରାଶିଃ ।
ପ୍ରତ୍ୟୁଦ୍‌ଜଗାମେବ ଗୁରୁପ୍ରମୋଦ
ପ୍ରସାରିତୋତ୍ତୁଙ୍ଗ ତରଙ୍ଗ ବାହୁଃ ॥"
(ଶି. ବ: ୩।୩୩ )

ପୁଣି ଯମୁନା ଅତିକ୍ରମ କରି ଶ୍ରୀକୃଷ୍ଣ ଇନ୍ଦ୍ରପ୍ରସ୍ଥର ସମୀପବର୍ତ୍ତୀ ହେବାପରେ ଧର୍ମରାଜ ଯୁଧିଷ୍ଠିର ସ୍ୱୀୟ ବନ୍ଧୁପରିଜନ ସମେତ ତାଙ୍କୁ ଯେପରି ପାଛୋଟି ନେଲେ ତହିଁରେ ପ୍ରକାଶିତ ତାଙ୍କର ସ୍ନେହ ଭକ୍ତିର ସୀମାକୁ ସ୍ପର୍ଶ କରି ଯାଇଛି; ତଥା ଶ୍ରୀକୃଷ୍ଣ ସେମାନଙ୍କ ସହିତ ଯେପରି ମିଳିତ ହେଲେ ତହିଁରୁ ତାଙ୍କର ମଧ୍ୟ ପାଣ୍ଡବଙ୍କ ପ୍ରତି ସ୍ନେହ ବାତ୍ସଲ୍ୟ ଭାବ ପ୍ରକଟିତ ହୋଇଛି । (ଶି. ବ, ୧୩।୧-୨୪) । ସେମାନଙ୍କର ପରସ୍ପର ପ୍ରତି ସ୍ନେହ ସମ୍ଭ୍ରମ ଏହିପରି—

"ଶ୍ରୀକୃଷ୍ଣଙ୍କୁ ଦୂରରୁ ଦେଖି ରାଜା ଯୁଧିଷ୍ଠିର ରଥରୁ ଓହ୍ଲାଉଥିଲେ, କିନ୍ତୁ ଶ୍ରୀକୃଷ୍ଣ ତାଙ୍କ ପୂର୍ବରୁ ନିଜ ରଥରୁ ଅବତରଣ କରି ନିଜ ସମ୍ଭ୍ରମ ଦ୍ୱାରା ବିନମ୍ରରେ ତାଙ୍କୁ ଝାପିଗଲେ"—

"ଅବଲୋକ୍ୟ ଏକ ନୃପତେଃ ସ୍ମ
ଦୂରତୋ ରଥାଦବତରୀତୁମିଚ୍ଛତଃ ।
ଅବତୀର୍ଣ୍ଣବାନ୍ ପ୍ରଥମମାତ୍ମନା
ହରିର୍ବିନୟଂ ବିଶେଷୟନ୍ନିବ ସମ୍ଭ୍ରମେଣ ସଃ ।।"

(ଶି. ବ. ୧୩।୭)

ଏବଂ ଭୁବନବନ୍ଦ୍ୟ ପୁରାଣ ପୁରୁଷ ନିଜ ପିଉସୀଙ୍କ ପୁତ୍ରଙ୍କୁ ପ୍ରଣାମ କରୁଛନ୍ତି (୧୩।୮); କିନ୍ତୁ ତାଙ୍କର ଶିର ଭୂତଳସ୍ପର୍ଶ କରିବା ପୂର୍ବରୁ ହିଁ ଯୁଧିଷ୍ଠିର ତାଙ୍କ ନିଜ ଭୁଜ-ପଞ୍ଜରରେ ଆବଦ୍ଧ କରି ନେଉଛନ୍ତି । (୧୩।୯) । ପୁଣି ତାଙ୍କୁ ହୃଦୟରେ ଲଗାଇ ଶିର ଆଘ୍ରାଣ କରୁଛନ୍ତି । (୧୩।୧୧,୧୨) । ସେତେବେଳେ ଶ୍ରୀକୃଷ୍ଣ ତଥା ଯୁଧିଷ୍ଠିର ଉଭୟେ ଆନନ୍ଦରେ ରୋମାଞ୍ଚିତ ହୋଇ ଉଠୁଥିଲେ—

"ସୁଖବେଦନା-ହୃଷିତ ରୋମକୂପୟା
ଶିଥିଲୀକୃତୋଽପି ବସୁଦେବଜନ୍ମନା ।
କୁରୁଭର୍ତ୍ତୁରଙ୍ଗଲତୟା ନ ତତ୍ୟଜେ
ବିକସତ୍କଦମ୍ବନିକୁରମ୍ବରୁଚା ।।"

(ଶି: ବ ୧୩।୧୩

ପୁନଶ୍ଚ ଅନୁରାଗଭାବିତ ଧର୍ମରାଜ ଶ୍ରୀକୃଷ୍ଣଙ୍କୁ ରଥ ଉପରେ ବସାଇ ସ୍ୱୟଂ ଚାବୁକ ଧରି ବସିଲେ, ଯେପରି ତ୍ରିପୁରାରିଙ୍କ ରଥ ବାହୁଥିଲେ ସ୍ୱୟଂ ପ୍ରଜାପତି ବ୍ରହ୍ମା ।

"ରଥମାସ୍ଥିତସ୍ୟ ଚ ପୁରାଭିବର୍ତ୍ତିନସ୍ତିସୃଣାଂ
ପୁରାମିବ ରିପୋର୍ମୁରଦ୍ୱିଷଃ ।
ଅଥ ଧର୍ମମୂର୍ତ୍ତିରନୁରାଗଭାବିତଃ
ସ୍ୱୟମାଦିତ ପ୍ରବୟଣଂ ପ୍ରଜାପତିଃ ।।"

(ଶି:ବ ୧୩।୧୯)

ଭୀମ ଗ୍ରୀଷ୍ମର ଗୁଳନା କରୁଥିଲେ । (ମରୁତସ୍ୟ ସୂନୁରଧ୍ୱବତ୍ ପ୍ରଜଗ୍ମିବାନ୍ ।) (୧୩।୨୦) ଏବଂ ଅର୍ଜୁନ ଝେଙ୍କାରିଥିଲେ ଛନ୍ଦ (ବଷ୍ଟୁ ଭୃଭୂତୋଷ୍ଟବାରମେ ୧୩।୨୧) ।

ପୁଣି, ଚତୁର୍ଦ୍ଦଶ ସର୍ଗରେ ଯଜ୍ଞ ପ୍ରାରମ୍ଭ କରିବା ପୂର୍ବରୁ ଯୁଧିଷ୍ଠିରଙ୍କର ସପ୍ରଶ୍ରୟ ନିବେଦନରେ ତାଙ୍କର ଶ୍ରୀକୃଷ୍ଣଙ୍କ ପ୍ରତି ଭକ୍ତିର ଅଭିବ୍ୟକ୍ତି ଅଛି, ତଥା ଶ୍ରୀକୃଷ୍ଣଙ୍କ ପ୍ରତ୍ୟୁତ୍ତରରେ ତାଙ୍କର ଯୁଧିଷ୍ଠିର ତଥା ପାଣ୍ଡବମାନଙ୍କ ପ୍ରତି ସ୍ନେହ ପ୍ରକଟିତ ହୋଇଛି (୧୪।୧-୧୭) । ଯୁଧିଷ୍ଠିର କହୁଛନ୍ତି, "ପ୍ରଭୋ, ତୁମ କୃପାରୁ ଯଜ୍ଞ କରିବାକୁ ଇଚ୍ଛା ପୋଷଣ କରିଛି (୧୪।୬) । ତୁମ୍ଭର ଅନୁଗ୍ରହ ବଳରେ ପ୍ରାପ୍ତ ଏହି ଅର୍ଥ-ସମ୍ପତ୍ତି ଦ୍ୱାରା କଣ କରିବାକୁ ହେବ ତାହା ତୁମ୍ଭେ ହିଁ ନିର୍ଦ୍ଦିଷ୍ଟ କରିବ । ହେ ତ୍ରୈଲୋକ୍ୟର ଶାସକ, ମୋତେ ଆଜ୍ଞା ଦିଅ । 'ମୋର ଅନୁଜମାନଙ୍କ ସହିତ ମୁଁ ଆପଣଙ୍କର ଆଜ୍ଞାପାଳକ ମାତ୍ର—

"କିଂ ବିଧେୟମନୟା ବିଧୀୟତାଂ

ତ୍ୱତ୍ ପ୍ରସାଦଜିତୟାଽର୍ଥସଂପଦା ।

ଶାଧି ଶାସକ ଜଗତ୍ତ୍ରୟସ୍ୟ

ମା ମାଂଶ୍ରବୋଽସ୍ମି ଭବତଃ ସହାନୁଜଃ ।।"

(ଶି. ବ: ୧୪।୧୧)

ଶ୍ରୀକୃଷ୍ଣ ସେମାନଙ୍କ ସ୍ନେହର ପ୍ରତ୍ୟୁତ୍ତର ଦେଇ ଏହି ପ୍ରକାର ବିନୟୋକ୍ତି କଲେ । ସେ କହିଲେ, "ଆପଣଙ୍କର ଦୁଷ୍କର ଆଜ୍ଞା ପାଳନ ପାଇଁ ମଧ୍ୟ ମୁଁ ପ୍ରସ୍ତୁତ । ମୋତେ ସ୍ୱେଚ୍ଛାରେ ଆଜ୍ଞା ଦିଅନ୍ତୁ ଏବଂ ମୁଁ ଭବନ୍ନିଷ୍ଠ, ମୋତେ ଧନଞ୍ଜୟଠାରୁ ପୃଥକ୍ ମଣିବେ ନାହିଁ ।

"ଶାସନେଽପି ଗୁରୁଣି ବ୍ୟବସ୍ଥିତଂ

କୃତ୍ୟବସ୍ତୁଷୁ ନିୟୁଂକ୍ଷ୍ୱ କାମତଃ ।

ତ୍ୱତ୍ପ୍ରୟୋଜନଧନଂ ଧନଂଜୟାଦନ୍ୟ

ଏଷ ଇତି ମାଂ ଚ ମାଽବଗାଃ ।।"

(ଶି: ବ. ୧୪।୧୬)

ସେହି ସ୍ନେହଭାବର ବ୍ୟତିକ୍ରମ ସହାୟକ ଉତ୍ସାହଭାବ ଶ୍ରୀକୃଷ୍ଣଙ୍କ ନମ୍ର ଉକ୍ତିରେ ବ୍ୟକ୍ତ ହୋଇଛି—"ଆପଣଙ୍କ ଏହି ଯଜ୍ଞରେ ଯେଉଁ ରାଜା ଭୃତ୍ୟ ଭଳି

କାର୍ଯ୍ୟ ନ କରିବ, ଜଗଦ୍‌ବନ୍ଧୁ ଏହି ମୋର ସୁଦର୍ଶନ ଚକ୍ର ତାହାର ଶରୀରକୁ କବନ୍ଧ-ଶେଷ କରିଦେବ''—

''ଯସ୍ତ୍ୱେତଦ୍ ସହନେ ନ ଭୂପଶ୍ଚଃ କର୍ମ କର୍ମକରିତ୍ ବିଶଷ୍ୟତି ।
ତସ୍ୟ ନେଷ୍ୟତି ବପୁଃ କବନ୍ଧତାଂ ବନ୍ଧୁରେଷ ଜଗତାଂ ସୁଦର୍ଶନଃ ॥''

(ଶି. ବ ୧୪।୧୭)

ସେହି ଚତୁର୍ଦ୍ଦଶ ସର୍ଗରେ ଯେତେବେଳେ ଯୁଧିଷ୍ଠିର ଭୀଷ୍ମଙ୍କୁ ପଚାରିଲେ, ଏ ସଭାରେ ପ୍ରଥମ-ଅର୍ଘ୍ୟ-ଯୋଗ୍ୟ ବ୍ୟକ୍ତି କିଏ ହେବେ ତେବେଲେ ଭୀଷ୍ମ ଶ୍ରୀକୃଷ୍ଣଙ୍କୁ ଉପଲକ୍ଷ୍ୟ କରି ଯେଉଁ ସବୁ ଉକ୍ତି ପ୍ରକାଶ କରିଥିଲେ, ତହିଁରେ ଭକ୍ତିଭାବର ପୂର୍ଣ୍ଣ ଅଭିବ୍ୟକ୍ତି ରହିଛି (୧୪/୫୮—୮୮) । ଏହି ପ୍ରସଙ୍ଗରେ ସେ ଶ୍ରୀକୃଷ୍ଣଙ୍କ ଭକ୍ତବତ୍ସଳତ୍ୱ, ସୃଷ୍ଟି-କର୍ତ୍ତୃତ୍ୱ, ପାଳକତ୍ୱ ତଥା ସଂହର୍ତ୍ତୃତ୍ୱର ବର୍ଣ୍ଣନ କରି ତାଙ୍କର ବିଶିଷ୍ଟ ଅବତାର-ମାନଙ୍କର ନାମୋଲ୍ଲେଖ କରିଛନ୍ତି ଏବଂ ପରିଶେଷରେ କହିଛନ୍ତି—''ତୁମେ ପରମ ପୁଣ୍ୟବାନ୍ ଯେ ଯଜ୍ଞକର୍ତ୍ତାମାନେ ଯେଉଁ ହରିଙ୍କୁ ଲକ୍ଷ୍ୟ କରି ପରୋକ୍ଷରେ ହବି ଦାନ କରନ୍ତି, ତୁମର ଏହି ଯଜ୍ଞରେ ସେହି ହରି ସାକ୍ଷାତ୍ ଉପସ୍ଥିତ ଅଛନ୍ତି । ପୂଜ୍ୟତମଙ୍କୁ ପ୍ରଥମେ ଅର୍ଘ୍ୟଦେଇ ସମଗ୍ର ବିଶ୍ୱରେ ସାଧୁବାଦ ପ୍ରାପ୍ତ ହୁଅ—

''ଧନ୍ୟୋଽସି ଯସ୍ୟ ହରିରେଷ ସମକ୍ଷ ଏବ
ଦୂରାଦପି କ୍ରତୁଷୁ ଯଜ୍ୱଭିରିଜ୍ୟତେ ଯଃ ।
ଦତ୍ତ୍ୱାର୍ଘ୍ୟମତ୍ରଭବତେ ଭୁବନେଷୁ ଯାବତ୍
ସଂସାର ମଣ୍ଡଳମବାପ୍ନୁହି ସାଧୁବାଦମ୍ ॥

(ଶି· ବ: ୧୪।୮୭)

ବାତ୍ସଲ୍ୟଭାବର ଏକ ଅଦ୍‌ଭୁତ ମାର୍ମିକ ଚିତ୍ରଣ କବି କରିଛନ୍ତି ଉତ୍‌ପ୍ରେକ୍ଷାଲଂକାର ଯୋଜନାରେ—''ରୈବତକ ପର୍ବତରେ ଉତ୍ପନ୍ନ ନଦୀମାନେ ନିଃଶଙ୍କଭାବରେ ପର୍ବତର କୋଳରେ କ୍ରୀଡାରତ ଥିଲେ; ଆଗକୁ ଆଗକୁ ପତି (ସାଗର) ଲାଭ ନିମିତ୍ତ ପ୍ରସ୍ଥାନ କରୁଛନ୍ତି । ତେଣୁ ରୈବତକ, ପକ୍ଷୀମାନଙ୍କର କରୁଣ କାକଳି ଦ୍ୱାରା ସତେ ଅବା ବାତ୍ସଲ୍ୟ ଯୋଗୁଁ କ୍ରନ୍ଦନ କରୁଛି ।''

"ଆପଣଙ୍କମଙ୍କପରବର୍ତ୍ତିନୋଚତାଷ୍ଟଲତାଃ ପୁରଃ ପତମୁପୈତୁମାସ୍ନନାଃ ।
ଅନୁଗ୍ରହଦଣୀବ କରୁଣେନ ପଦିଣାଂବରୁଢେନ ବସ୍ତଲତଯ୍ୟେବ ନମ୍ନଗାଃ ।।"
(ଶି. ବ ୪।୨୭)

ରସଭାବର ଅଭିବ୍ୟକ୍ତିରେ ମାଘ ଓଜଃ, ପ୍ରସାଦ ଓ ମାଧୁର୍ଯ୍ୟ ସବୁ ଗୁଣର ଯଥୋଚିତ ଉପଯୋଗ କରିଛନ୍ତି । ଗୁଣକୁ ରସ-ଭାବର ନିତ୍ୟ ଧର୍ମ ବୋଲି ସ୍ୱୀକାର କରାଯାଏ । ମାଘ ଏହି ରହସ୍ୟ ସହିତ ପୂର୍ଣ୍ଣ ପରିଚିତ ଥିଲେ । ତାଙ୍କର ବକ୍ତବ୍ୟ ହେଉଛି—"ନୈକମୋଜଃ ପ୍ରସାଦୋ ବା ରସଭାବବିଦଃ କବେଃ ।" ରସାନୁକୂଳ ଓଜ ବା ମାଧୁର୍ଯ୍ୟ ଗୁଣର ବର୍ଣ୍ଣଯୋଜନା ଉପରେ ମଧ୍ୟ କବିଙ୍କର ବିଶିଷ୍ଟ ଦୃଷ୍ଟି ରହିଛି । ସଂସ୍କୃତ ସାହିତ୍ୟର ଅନ୍ୟ କୌଣସି କବିଙ୍କ କ୍ଷେତ୍ରରେ ଭାଷା ବିଷୟରେ ଏପରି ବିସ୍ମୟକାରକ ଅଧିକାର ଦେଖାଯାଏ ନାହିଁ । ଅଭିନବପଦଶଯ୍ୟା, ଅଭିନବ ଅର୍ଥର ମୁକୁଟ ବାନ୍ଧି ସ୍ୱତଃ ନିସୃତ ହୋଇଯାଉଥାଏ ସତେ ଅବା !

# ଅଳଙ୍କାର ଯୋଜନା ଅଥବା
# ଶବ୍ଦାର୍ଥ ଲାଳିତା

କବିଙ୍କ କାବ୍ୟ ପ୍ରତିଭାର ଅପର ସ୍ଫୁରଣ ଘଟେ ଅଳଂକାରଯୋଜନାରେ । ଅଳଂକାର ହେଉଛି ସାକ୍ଷାତ୍ ଶବ୍ଦ ଓ ଅର୍ଥର ଧର୍ମ ଅଥବା ବୈଶିଷ୍ଟ୍ୟ । କାବ୍ୟର ଜୀବିତସର୍ବସ୍ୱ ରସଭାବର ଅଭିବ୍ୟକ୍ତି କାଳରେ ସେଥିଲାଗି ଶବ୍ଦ ଏବଂ ଅର୍ଥକୁ ରମଣୀୟତା ସହକାରେ ସମର୍ଥ କରିବା ହିଁ ଅଳଂକାର ଯୋଜନାର ସାର୍ଥକତା । ମାଘ କବିଙ୍କର ମାନ୍ୟତା ଏହା ଯେ, ସତ୍‌କବି ଶବ୍ଦ ଏବଂ ଅର୍ଥ ଉଭୟର ସମାନ ଅପେକ୍ଷା ରଖନ୍ତି— 'ଶବ୍ଦାର୍ଥୌ' ସତ୍‌କବିରିବ ଦ୍ୱୟଂ ବିଦ୍ୱାନପେକ୍ଷତେ (୨/୮୬) । ମାଘଙ୍କ ରଚନାରେ ଶବ୍ଦଯୋଜନାର ଦକ୍ଷତା ସହ ଅର୍ଥକଳ୍ପନାର ପ୍ରୌଢ଼ି ପରିଦୃଷ୍ଟ ହୁଏ । ଏହାହିଁ କବିଙ୍କ କଳ୍ପନାଶକ୍ତି ଅଟେ । ମାଘଙ୍କ ବିଶେଷତା ହେଉଛି ଶବ୍ଦର ବକ୍ରିମା ତଥା ଅର୍ଥର ଭଙ୍ଗିମା । ଏହା ହିଁ ସେହି ବକ୍ରୋକ୍ତି, ଯାହାକୁ କାବ୍ୟଜୀବିତ କୁହାଯାଏ । ମାଘଙ୍କଠାରେ କାଳିଦାସଙ୍କ ତୁଲ୍ୟ ଉପମା, ଭାରବିଙ୍କ ସଦୃଶ ଅର୍ଥ-ଗମ୍ଭୀରତା ତଥା ଦଣ୍ଡୀ ସମ ପଦଲାଳିତ୍ୟଗୁଣତ୍ରୟ ରହିଥିବା ଉକ୍ତ ହୋଇଛି—

"ଉପମା କାଳିଦାସସ୍ୟ ଭାରବେରର୍ଥଗୌରବମ୍
ଦଣ୍ଡିନଃ ପଦଲାଳିତ୍ୟଂ ମାଘେ ସନ୍ତି ତ୍ରୟୋଗୁଣାଃ ।।"

ମାଘଙ୍କ ସମୟ ପୂର୍ବରୁ ଧ୍ୱନି ସଂପ୍ରଦାୟର ଅଥବା କାବ୍ୟରେ ବ୍ୟଞ୍ଜନାର ମହତ୍ତ୍ୱ-ପ୍ରତିଷ୍ଠାର ଆନ୍ଦୋଳନ ହୋଇ ସାରିଥିଲା, ଯାହାଫଳରେ କାବ୍ୟର ରସ-ଭାବ-ମର୍ମଜ୍ଞ କବି ଆପଣାର କାବ୍ୟ ସଫଳତା ନିମିତ୍ତ ସମସ୍ତ ଶବ୍ଦ ଓ ଅର୍ଥାଲଂକାର ଏବଂ ଗୁଣର ସାଧିକାର ଯୋଜନାକୁ ଅତ୍ୟାବଶ୍ୟକ ବିବେଚନା କରୁଥିଲେ । ଧ୍ୱନି-ସିଦ୍ଧାନ୍ତର ପରିଶୀଳନ କରି ନ ଥିଲେ ହେଁ ଅନାଦିକାଳରୁ ମହାକବିଙ୍କ ସହଜ ପ୍ରତିଭା ରସଭାବାଦିରୂପ ବ୍ୟଙ୍ଗ୍ୟାର୍ଥର ହିଁ ନିଷ୍ୟନ୍ଦନ କରି ଆସିଛି (ଅତଏବ ଧ୍ୱନ୍ୟାଲୋକକାର କହିଛନ୍ତି—ସରସ୍ୱତୀ ସ୍ୱାଦୁ ତଦର୍ଥବସ୍ତୁ ନିଷ୍ୟନ୍ଦମାନା ମହତାଂ କବୀନାମ୍ । ଅଲୋକସାମାନ୍ୟମଭିବ୍ୟନକ୍ତି ପରିସ୍ଫୁରନ୍ତଂ ପ୍ରତିଭାବିଶେଷମ୍ । (ଧ୍ୱ ୧/୬)

ମହାକବିଙ୍କ କାବ୍ୟରେ ଯେଉଁଠାରେ ରସଭାବ ଥିବ ସେ ସବୁ ସ୍ୱଭାବତଃ ବ୍ୟଙ୍ଗ୍ୟ ରୂପରେ ହିଁ ଥିବ । କବି ବିଭାବ ଏବଂ ଅନୁଭାବ ବର୍ଣ୍ଣନାରେ ଅଳଂକାର ଓ ଗୁଣର ଯୋଜନା କରନ୍ତି, ଏବଂ ରସର ନିଷ୍ପତ୍ତି ହୋଇ ଚାଲିଥାଏ । ମାଘଙ୍କ ପୂର୍ବବର୍ତ୍ତୀ ଭାରବି ପ୍ରମୁଖ ମହାକବିମାନେ ଅଳଂକାର ସମୂହର ଯଥେଷ୍ଟ ଉପଯୋଗ କରିଥିଲେ । ସେହିପରି କାଳିଦାସଙ୍କ ପ୍ରତିଭା ମଧ୍ୟ ଅଳଂକାରର ଉପଯୋଗ କରିଥିଲା । ସେ ଶବ୍ଦାଳଂକାର ମଧ୍ୟରୁ ଅନୁପ୍ରାସର ଥିଲେ ନିତ୍ୟ ଏବଂ ସହଜ ପ୍ରେମୀ, ଯମକର ମଧ୍ୟ ବିଶେଷ ଉପଯୋଗକର୍ତ୍ତା ଓ ଶ୍ଳେଷର ମଧ୍ୟ ସାଧିକାର ପ୍ରଦର୍ଶନ-କାରୀ । କିନ୍ତୁ ସେ ଅର୍ଥାଳଂକାରମାନଙ୍କ ମଧ୍ୟରୁ ଉପମା, ଉତ୍‌ପ୍ରେକ୍ଷା, ରୂପକ, ଅର୍ଥାନ୍ତରନ୍ୟାସ ତଥାବିରୋଧାଭାସର ଅଦ୍ୱିତୀୟ କବି ରୂପେ ସ୍ୱୀକୃତି ଲାଭ କରିଛନ୍ତି । ତାଙ୍କ ଅଳଂକାରର ବିଶେଷତ୍ୱ ହେଉଛି ରସ-ଭାବ-ବ୍ୟଞ୍ଜକତା । ପ୍ରତ୍ୟେକ ଅଳଙ୍କାର କୌଣସି ନା କୌଣସି ରମଣୀୟ ବ୍ୟଙ୍ଗ୍ୟାର୍ଥ ଅବଶ୍ୟ ପ୍ରକାଶିତ କରିଥାଏ । ତାଙ୍କ ରଚନାରେ ଅଳଙ୍କାର ଅଳଙ୍କାର ଉଦ୍ଦେଶ୍ୟରେ ପ୍ରଯୁକ୍ତ ହୁଏ ନାହିଁ, କାବ୍ୟାତ୍ମାକୁ ଅଳଂକୃତ କରିବା ଉଦ୍ଦେଶ୍ୟରେ ଥାଏ । ଭାରବି ଶବ୍ଦାର୍ଥ ବୈଚିତ୍ର୍ୟ ଦିଗରେ ବିଶେଷ ଧ୍ୟାନ ଦେଇଥିଲେ ଏବଂ ଶ୍ଳେଷ-ଅନୁପ୍ରାସ-ଚିତ୍ରାଦି ଅଳଙ୍କାର ଦ୍ୱାରା ଶବ୍ଦକୁ ତଥା ଅର୍ଥାନ୍ତରନ୍ୟାସ, ଅତିଶୟୋକ୍ତି ଆଦିଦ୍ୱାରା ଅର୍ଥକୁ ଅତ୍ୟଧିକ ବିଭୂଷିତ କରିଥିଲେ । ଯୁଦ୍ଧ ବର୍ଣ୍ଣନାରେ ସେ ବିବିଧ ଚିତ୍ରବନ୍ଧର କଳ୍ପନା କରିଥିଲେ । ପରିଣାମରେ ତାଙ୍କର 'କିରାତାର୍ଜ୍ଜୁନୀୟ' ଯେପରି ଏକ ଦିଗରେ ରସ - ଭାବ ତଥା ଅର୍ଥ-ଗାମ୍ଭୀର୍ଯ୍ୟ ଦୃଷ୍ଟିରୁ ଏକ ଉତ୍‌କୃଷ୍ଟ ମହାକାବ୍ୟର ମାନ୍ୟତା ଲାଭ କରିଛି, ସେହିପରି ତାହା ଅନ୍ୟ ଦିଗରେ ଅଳଙ୍କାର-ଶୈଳୀର ପ୍ରବର୍ତ୍ତକ ହୋଇଥିବାର ପ୍ରଶଂସା ପ୍ରାପ୍ତ ହୋଇଛି । ତାଙ୍କ ପଛକୁ ଆସିଲା ମାଘଙ୍କ ସମୟ । ଭାରବିକୃତ ମାନଦଣ୍ଡର ସୁଦୃଢ଼ ପ୍ରତିଷ୍ଠା ହୋଇ ସାରିଥିଲା । ମାଘଙ୍କଠାରେ ଶକ୍ତି ଓ ବ୍ୟୁତ୍ପତ୍ତି ଉଭୟର ପ୍ରାଚୁର୍ଯ୍ୟ ଥିଲା । ସୁତରାଂ ସେ ନିଜ ରଚନାକୁ ଶକ୍ତି ଓ ବ୍ୟୁତ୍ପତ୍ତିରେ ମଣ୍ଡିତ କଲେ—ଏକ ଦିଗରେ ରସଭାବ-ପରିପ୍ଲୁତ କରି ରଖିଲେ, ଅପର ଦିଗରେ ଗୁଣାଳଙ୍କାରର ଆଟୋପ ଲଗାଇ ଦେଲେ । ଭାରବିଙ୍କ ସମୟରୁ ହିଁ ଯୁଦ୍ଧର ବ୍ୟୂହ ଏବଂ ହୋହା, ଘୋଘାର ଶାବ୍ଦିକ ଚିତ୍ର ଉପସ୍ଥାପନ ନିମିତ୍ତ ଚିତ୍ରାଳଙ୍କାର ଅର୍ଥାତ ମୁରଜ-ସର୍ବତୋଭଦ୍ରାଦି ବନ୍ଧଗୁଡ଼ିକର ଉପଯୋଗ କରିବା ଆରମ୍ଭ ହୋଇଯାଇଥିଲା ।

ତେଣୁ ମାଘ କହିଛନ୍ତି—"ଯେପରି ସର୍ବତୋଭଦ୍ର-ଚକ୍ର-ଗୋମୂତ୍ରିକାଦି ବନ୍ଧ-ଦ୍ୱାରା ମହାକାବ୍ୟ ବିଷମ ହୋଇଯାଏ, ସେହିପରି ବ୍ୟୂହ ଅର୍ଥାତ୍ ସେନାର ବିଶିଷ୍ଟ ବିନ୍ୟାସ ଦ୍ୱାରା ସେହି ଶିଶୁପାଳ-ସୈନ୍ୟ ବିଷମ ହୋଇ ପଡ଼ିଲା"—

ବିଷମଂ ସର୍ବତୋଭଦ୍ର-ଚକ୍ର-ଗୋମୂତ୍ରିକାଦିଭିଃ ।
ଶ୍ଲୋକୈରିବ ମହାକାବ୍ୟଂ ବ୍ୟୂହୈସ୍ତଦଭବଦ୍ବଲମ୍ ।। (୧୯।୪୧)

ଏହି ଚିତ୍ରବନ୍ଧମୟ ରଚନା କରିବାରେ ମାଘ କବିଙ୍କର ବ୍ୟକ୍ତିଗତ ଉଦ୍ଦେଶ୍ୟ କେବଳ ଏତିକି ମାତ୍ର ଥିଲା କି ସେ ପ୍ରମାଣିତ କରିବାକୁ ଚାହୁଁଥିଲେ ଯେ ସେ ସେହି ଧରଣର କଠିନ ରଚନା କରିବା ବିଷୟରେ ମଧ୍ୟ ପୂର୍ଣ୍ଣ ସିଦ୍ଧହସ୍ତ ଅଥବା ସର୍ବଶ୍ରେଷ୍ଠ ଅଟନ୍ତି । ଚିତ୍ରାଲଂକାରମାନଙ୍କ ମଧ୍ୟରେ ସେ ଗୋଟିଏ ଏକାକ୍ଷର ଶ୍ଲୋକ ରଚନା କରିଛନ୍ତି ।

'ଦାଦଦୋଦୁଦ୍ଦଦୁଦ୍ଦାଦୀ ଦାଦାଦୋ ଦୂଦଦୀଦଦୋଃ
ଦୁଦ୍ଦାଦଂ ଦଦଦେ ଦୁଦ୍ଦେ ଦଦାଦଦଦ ଦୋଽଦଦଃ ।।" (୧୯।୧୧୪)

ସେହିପରି ଦଶଟି ଦ୍ୱ୍ୟକ୍ଷର ଶ୍ଲୋକ (୧୯/୬୬, ୮୪, ୮୬, ୯୪, ୯୮, ୧୦୦, ୧୦୨, ୧୦୪, ୧୦୬, ୧୦୮), ଗୋଟିଏ ଏକାକ୍ଷର-ପାଦ ଶ୍ଲୋକ (୧୯/୩), ଦୁଇଟି ଅର୍ଦ୍ଧସମ ଶ୍ଲୋକ (୧୯/୫,୫୪), ଦୁଇଟି ଶ୍ଲୋକର ପ୍ରତିଲୋମ-ଯମକ ରୂପ (୧୯/୩୩, ୩୪), ଗୋଟିଏ ଶ୍ଲୋକରେ ଶ୍ଲୋକ ପ୍ରତିଲୋମ ଯମକ (୧୯/୧୧୦), ଗୋଟିଏ ଅସଂଯୁକ୍ତ ବର୍ଣ୍ଣାତ୍ମକ ଶ୍ଲୋକ (୧୯।୬୮), ଗୋଟିଏ ଅତାଲ ଦ୍ୱ୍ୟକ୍ଷର ଶ୍ଲୋକ (୧୯।୧୧), ଦୁଇଟି ସମୁଦ୍ଗମସ୍ତକ (୧୯।୫୮, ୧୧୮), ଗୋଟିଏ ନିରୋଷ୍ଠ୍ୟକ ଶ୍ଲୋକ (୧୯।୧ ), ଗୋଟିଏ ତ୍ର୍ୟର୍ଥକ ଶ୍ଲୋକ (୧୯।୧୧୬), ଗୋଟିଏ ଗୂଢ଼ ଚତୁର୍ଥ ଶ୍ଲୋକ ଏବଂ ଗୋଟିଏ ଗତପ୍ରତ୍ୟାଗତ ଶ୍ଲୋକ (୧୯।୮୮) ରଚନା କରିଛନ୍ତି ।

ଚିତ୍ରବନ୍ଧମାନଙ୍କ ମଧ୍ୟରେ ସେ ଏକ ସର୍ବତୋଭଦ୍ର (୧୯।୨୭), ଗୋଟିଏ ମୁରଜବନ୍ଧ (୧୯।୨୯), ଗୋଟିଏ ଗୋମୂତ୍ରିକାବନ୍ଧ (୧୯।୪୬), ଗୋଟିଏ ଅର୍ଦ୍ଧ-ଭ୍ରମକ (୧୯।୭୨) ତଥା ସର୍ଗାନ୍ତରେ ଗୋଟିଏ ଚକ୍ରବନ୍ଧ (୧୯।୧୨୦)ର ରଚନା କରିଛନ୍ତି । ଏହି ଚିତ୍ରବନ୍ଧମୟ ରଚନା ସକଳ ଅତ୍ୟନ୍ତ ଶ୍ରମସାପେକ୍ଷ । ଉଦାହରଣ

ସ୍ୱରୂପ ଏହି ମୁରଜ ବନ୍ଧରେ ମୁରଜ (ଢୋଲକ)ରେ ବନ୍ଧା ହୋଇଥିବା ରସି ପରି ବକ୍ର ଢଙ୍ଗରେ ପଢିଲେ ମଧ୍ୟ ପ୍ରତ୍ୟେକ ଚରଣରୁ ସେହି ଏକମାତ୍ର ରୂପ ଉପଲବ୍ଧ ହୁଏ—

"ସା ସେ ନା ଗ ମ ନା ର ମ୍ୟେ
ର ସେ ନା ସୀ ଦ ନା ର ତା ।
ତା ର ନା ଦ ଜ ନା ମ ସ୍ତ୍ର
ଧୀ ର ନା ଗ ମ ନା ମ ସ୍ଥା ॥"(୧୯।୨୯)

ଏହି ସର୍ଗାନ୍ତରେ ଶାର୍ଦ୍ଦୁଳବିକ୍ରୀଡ଼ିତ ଛନ୍ଦରେ କଷ୍ଟସାଧ୍ୟ ଚକ୍ରବନ୍ଧର କଳ୍ପନା କରାଯାଇଛି । ଏହାର ପ୍ରଥମ ଛନ୍ଦପାଦର ଦଶମ ଅକ୍ଷର ହେଉଛି 'ର' । ଏହାକୁ କେନ୍ଦ୍ରସ୍ଥ ପ୍ରଥମ ପରିଧିରେ ରଖି ଏହାର ଚତୁର୍ଦ୍ଦିଗରେ ଅନ୍ତର ନଅଟି ପରିଧି ନିର୍ମାଣ କରାଯାଇଛି । ପ୍ରଥମ ତିନୋଟି ଚରଣକୁ ମଧ୍ୟସ୍ଥିତ 'ର'ରେ ବିଭକ୍ତ କଲେ ଯେଉଁ ଛଅଟି ପଂକ୍ତି ହେଲା ତହିଁରୁ ପ୍ରତ୍ୟେକଟିରେ ଥିବା ନଅଟି ଅକ୍ଷରକୁ ପ୍ରତ୍ୟେକ ପରିଧିରେ ଗୋଟିଏ ଲେଖାଏଁ ଅକ୍ଷର କ୍ରମରେ ସଜାଇ ଦିଆଯାଇଛି । ଚତୁର୍ଥ ଚରଣରେ ଥିବା ୧୯ଟି ଅକ୍ଷର ଅନ୍ତିମ ପରିଧିରେ ବିନ୍ୟାସ କରାଯାଇଛି । ଅଷ୍ଟମ ପରିଧିରେ ଥିବା ଛଅଟି ଅକ୍ଷର ପଢିଲେ ହେବ 'ମାଘକାବ୍ୟମିଦଂ' ଏବଂ ପଞ୍ଚମ ପରିଧିର ଛଅଟି ଅକ୍ଷରରୁ ବାହାରିବ 'ଶିଶୁପାଳବଧଃ' । ପୂର୍ବ ଶ୍ଳୋକଟି ହେଉଛି,

"ସତ୍ତ୍ୱଂ ମାନବିଶିଷ୍ଟମାଜିରଭସାଦାଲମ୍ବ୍ୟ ଭବ୍ୟଃ ପୁରୋ
ଲବ୍ଧାଘକ୍ଷୟ ଶୁଦ୍ଧିରୁଦ୍ଧୁରତରଶ୍ରୀବତ୍ସଭୂମିର୍ମୁଦା ।
ମୁକ୍ତ୍ୱା କାମମପାସ୍ତଭୀଃ ପରମୃଗବ୍ୟାଧଃ ସ ନାଦଂ ହରେ-
ରେକୌଘୈଃ ସମକାଲମଭ୍ରମୁଦୟୀରୋପୈସ୍ତଦା ତସ୍ତରେ ॥"
(ଶି- ବ: ୧୯।୧୨୦)

ବନ୍ଧମାନଙ୍କ ମଧ୍ୟରେ ସେହିପରି ସର୍ବତୋଭଦ୍ର ମଧ୍ୟ ଏକ କଠିନ ବନ୍ଧ । ତାହାର ଶ୍ଳୋକଟି ଯାକ ଚରଣରେ ୧ ଓ ୮, ୨ ଓ ୭, ୩ ଓ ୬ ଏବଂ ୪ ଓ ୫ ସଂଖ୍ୟକ ବର୍ଣ୍ଣ ସମାନ ହୁଅନ୍ତି । ପ୍ରତ୍ୟେକ ଚରଣ ପ୍ରଥମାର୍ଦ୍ଧ ପରେ ଓଲଟାଇ ଲେଖା

ହୁଏ । ପ୍ରତ୍ୟେକ ପଂକ୍ତିରେ ଥିବା ପ୍ରଥମ ଅକ୍ଷର ଗୁଡ଼ିକୁ କ୍ରମାନ୍ୱୟରେ ସିଧା ଓଲଟା ପଢିଲେ ହୁଏ ପ୍ରଥମ ପଂକ୍ତି । ସେହିପରି ୨ୟ, ୩ୟ ଓ ୪ର୍ଥ ଅକ୍ଷର ଗୁଡ଼ିକୁ କ୍ରମାନ୍ୱୟରେ ସିଧା ଓଲଟା ପଢିଗଲେ ଯଥାକ୍ରମେ ଶ୍ଳୋକର ୨ୟ, ୩ୟ ଓ ୪ର୍ଥ ପଂକ୍ତି ହୋଇଥାଏ । ପୁଣି ୫ମରୁ ଅଷ୍ଟମ ପର୍ଯ୍ୟନ୍ତ ବର୍ଣ୍ଣ ଗୁଡ଼ିକ ସେହି ନିୟମ ରକ୍ଷାକରି ସିଧା ଓଲଟା ପଢିଗଲେ ମିଳେ ଯଥାକ୍ରମେ ୪ର୍ଥ, ୩ୟ, ୨ୟ ଓ ପ୍ରଥମ ପଂକ୍ତି । ମାଘଙ୍କର ଏହି ଶ୍ଳୋକଟି ହେଲା—

"ସ କା ର ନା ନା ର କା ସ
କା ୟ ସା ଦ ଦ ସା ୟ କା ।
ର ସା ହ ବା ବା ହ ସା ର
ନା ଦ ବା ଦ ଦ ବା ଦ ନା ।।"(ଶି:ବ: ୧୯।୨୭)

ଏହି ସବୁ ଚିତ୍ରବନ୍ଧ ଅଥବା ଚିତ୍ରାଲଙ୍କାର ଗୁଡ଼ିକୁ ଶବ୍ଦାଲଙ୍କାର ଭାବେ ଗଣନା କରାଯାଏ । ଏକାକ୍ଷର ଦ୍ୱ୍ୟକ୍ଷର ଅନୁପ୍ରାସ ମଧ୍ୟରେ ସଂଗୃହୀତ ହୋଇଛି । ପୁଣି ଅନୁପ୍ରାସର ମୁଖ୍ୟ ଭେଦ ଛେକ (୧।୩୫), ବୃତ୍ତି (୪।୧୭) (୫।୨୪) ମଧ୍ୟ ପ୍ରଯୁକ୍ତ ହୋଇଛି ।

ମାଘ ଯମକର ବିବିଧ ପ୍ରୟୋଗ କରି ଯାଇଛନ୍ତି । ସମ୍ପୂର୍ଣ୍ଣ ଷଷ୍ଠ ସର୍ଗ ହୋଇଛି ଯମକର ଇଲାକା । ଯମକର କିଛି କିଛି ଉଦାହରଣ ଅନ୍ୟ ସର୍ଗରେ ବି ମିଳେ, ଯଥା, ୪।୩୦ରେ ଦାମଯମକ; ୪,୩୭ରେ ଶୃଙ୍ଖଳା ଯମକ ଆଦି ।

ଶବ୍ଦ ଶ୍ଳେଷର ପ୍ରୟୋଗ ଉପମାଦି ଅନ୍ୟ ଅଲଂକାରମାନଙ୍କ ସହିତ କରାଯାଇଛି ଅବଶ୍ୟ, ତଥାପି ଏହାର ସ୍ୱତନ୍ତ୍ର ପ୍ରୟୋଗ ମଧ୍ୟ ମାଘ କରିଛନ୍ତି, ଯଥା, ୨।୮୮ରେ ।

'ଶିଶୁପାଳ ବଧ'ରେ ଅର୍ଥାଲଂକାରମାନଙ୍କର ବିପୁଳ ସମାବେଶ ରହିଛି । ତାଲିକା କରି ଦେଖିଲେ ମୋଟରେ ପ୍ରାୟ ୫୭ ଅଲଙ୍କାରର ପ୍ରୟୋଗ ମିଳୁଛି । ଅକାରାଦି କ୍ରମେ ସେ ଗୁଡ଼ିକର ଗୋଟିଏ ଲେଖାଏଁ ସୂଚନା ପ୍ରଦତ୍ତ ହେଲା । କିନ୍ତୁ ସେମାନଙ୍କର ଉଦାହରଣ ସ୍ଥଳ ରହିଛି ଅନେକ ।

| | |
|---|---|
| ଅତଦ୍‌ଗୁଣ | ୧୦।୭୬ |
| ଅତିଶୟୋକ୍ତି | ୧।୨୩ |
| ଅଧିକ | ୧୪।୬୫ |
| ଅନ୍ୟୋନ୍ୟ | ୧୯।୨୦ |
| ଅପହ୍ନୁବ | ୯।୨୮ |
| ଅପ୍ରସ୍ତୁତପ୍ରଶଂସା | ୧୬।୨୧ |
| ଅର୍ଥାନ୍ତରନ୍ୟାସ | ୯।୪୩ |
| ଅର୍ଥାପତ୍ତି | ୮।୦୪ |
| ଅସଂଗତ | ୧୦।୪୬ |
| ଆକ୍ଷେପ | ୧୫।୮୩ |
| ଉତ୍‌ପ୍ରେକ୍ଷା | ୮।୧୫ |
| ଉଦାତ୍ତ | ୧୧।୩୬ |
| ଉପମା | ୩।୧୭, ୫।୧ |
| (ଆର୍ଥୀ) ଉପମା | ୧।୬ |
| ଉପମେୟୋପମା | ୧୧।୧୫ |
| ପୂର୍ଣ୍ଣୋପମା | ୮।୯ |
| ଊର୍ଜସ୍ୱୀ | ୧୧।୨୬ |
| ଏକାବଳୀ | ୧୦।୩୩ |
| କାବ୍ୟଲିଙ୍ଗ | ୫।୫୦ |
| ତୁଲ୍ୟଯୋଗିତା | ୫।୨୧, ୮।୩୦ |
| ଦୀପକ | ୨।୧୦୯ |
| ଦୃଷ୍ଟାନ୍ତ | ୧୪।୮ |
| ନିଦର୍ଶନା | ୪।୨୦, ୮।୫୬ |
| ପରିକର | ୧୬।୨୧ |
| ପରିଣାମ | ୪।୫୪ |
| ପରିବୃତ୍ତି | ୧୮।୧୫ |
| ପ୍ରତୀପ | ୧୬।୬୧ |
| ପ୍ରତ୍ୟନୀକ | ୧୪।୬୮ |
| ପ୍ରେୟସ୍‌ | ୧୩।୪୬ |
| ବିଶେଷୋକ୍ତି | ୧୨।୩୯ |
| ବିଷମ | ୩।୪୫ |
| ବ୍ୟତିରେକ | ୨।୪୬ |
| ବ୍ୟାଜସ୍ତୁତି | ୨।୭୦ |
| ଭାବିକ | ୨୦।୭୯ |
| ଭ୍ରାନ୍ତିମାନ୍‌ | ୪।୪୬ |
| ମୀଳିତ | ୧୦।୨୬ |
| ଯଥାସଂଖ୍ୟ | ୧୦।୩୪ |
| ରସବତ୍‌ | ୬।୭୫ |
| ରୂପକ | ୯।୨୭ |
| ବିଚିତ୍ର | ୧୩।୮ |
| ବିଭାବନା | ୭।୫୭ |
| ବିରୋଧାଭାସ | ୩।୫୦, ୩।୬୮ |
| ବିରୋଧ | ୩।୪୪ |
| ବିଶେଷ | ୨।୩୫ |
| ସଂଶୟ | ୧୮।୪୨ |
| ସନ୍ଦେହ | ୮।୨୯ |
| ସମ | ୭।୫୩ |
| ସମାଧି | ୬।୪୯ |
| ସମାସୋକ୍ତି | ୭।୨୫ |
| ସମୁଚ୍ଚୟ | ୬।୭୨ |
| ସହୋକ୍ତି | ୧୬।୬୩ |
| ସାମାନ୍ୟ | ୧୩।୫୩ |

| | | | |
|---|---|---|---|
| ପରିଶେଷ୍ୟା | ୧୪।୬୬ | ସୂକ୍ଷ୍ମ | ୯।୭୫ |
| ପର୍ଯ୍ୟାୟ | ୧୩।୧୧ | ସ୍ୱଭାବ | ୯।୭୩ |
| ପର୍ଯ୍ୟାୟୋକ୍ତ | ୨୦।୨୮ | ସ୍ୱଭାବୋକ୍ତ | ୩।୬୬ |
| ପ୍ରତିବସ୍ତୂପମା | ୨।୮ | ସ୍ମରଣ | ୮।୬୪ |

ଏହି ତାଲିକାରେ ଗୋଟିଏ ଅଳଙ୍କାରର ଗୋଟିଏ ମାତ୍ର ଉଦାହରଣର ସଙ୍କେତ ଦିଆଯାଇଛି । ଏହା ବ୍ୟତୀତ ଏ ଅଳଙ୍କାରମାନଙ୍କର ଅପର ଉଦାହରଣ ମଧ୍ୟ ପରିଦୃଷ୍ଟ ହୋଇପାରେ । ବର୍ତ୍ତମାନ ଏହି ଅବସରରେ ତାଙ୍କର ଉପମା ତଥା ଅନ୍ୟ ଗୋଟିଏ ଯୋଡ଼ିଏ ଅଳଙ୍କାର ପ୍ରୟୋଗରେ ଥିବା ବୈଶିଷ୍ଟ୍ୟ ସୌଷ୍ଠବର ପରିଚୟ ନେବା ଅବଶ୍ୟ ଯଥାଯଥ ହେବ ।

**ଉପମା**—ମାଘଙ୍କ ଉପମା କାଳିଦାସଙ୍କ ଉପମା ପର ବୋଲି ସ୍ୱୀକୃତ ହୋଇଛି । କାଳିଦାସ ନୂତନ, ବ୍ୟଞ୍ଜକତାମୟୀ, ସୂକ୍ଷ୍ମ, ଔଚିତ୍ୟମୟୀ, ହୃଦୟସ୍ପର୍ଶୀକୋ-ଦାତ୍ତ ତଥା ମଧୁର ଉପମାଗୁଡ଼ିଏ ସଂଯୋଜିତ କରିଛନ୍ତି । ମାଘ ମଧ୍ୟ ସୂକ୍ଷ୍ମ, ମଧୁର, ଗମ୍ଭୀର, ନୂତନ ତଥା ପାଣ୍ଡିତ୍ୟପୂର୍ଣ୍ଣ ଉପମାବଳୀ ବିନ୍ୟସ୍ତ କରିଛନ୍ତି । କାଳିଦାସଙ୍କ ଉପମା ସହଜ ଅଟେ, କିନ୍ତୁ ମାଘଙ୍କ ଉପମା ପ୍ରାୟ କଳ୍ପିତ । କାଳିଦାସଙ୍କ ପକ୍ଷରେ ଉପମାନ ଖୋଜିବା ନିମିତ୍ତ ଦୂରକୁ ଯିବାକୁ ପଡ଼ୁ ନ ଥିଲା; ସତେ ଯେପରି ତାଙ୍କ ପାଖେ ପାଖେ ସେମାନେ ରହୁଥାନ୍ତି, ପରନ୍ତୁ ମାଘଙ୍କୁ କଳ୍ପନା ସହାୟତାରେ ବେଳେ ବେଳେ ଦୂରରୁ ଉପମାନ ବ୍ୟବସ୍ଥା କରିବାକୁ ପଡ଼ୁଥିଲା । ଦେଖନ୍ତୁ ଦ୍ୱାରକାର ଶୋଭା ବର୍ଣ୍ଣନ ପ୍ରସଙ୍ଗରେ ମାଘ କହନ୍ତି—ସ୍ନିଗ୍ଧାଞ୍ଜନଶ୍ୟାମ ଶ୍ରୀକୃଷ୍ଣଙ୍କ ଯୋଗୁଁ ସେହି ନଗରୀର ଶୋଭା ସେହିପରି ବୈଶିଷ୍ଟ୍ୟ ଲାଭ କରୁଥିଲା, ଯେପରି ତିଳକ-ବିନ୍ଦୁଦ୍ୱାରା ଅଳଂକୃତ ବଧୂର ସୌନ୍ଦର୍ଯ୍ୟ ସମ୍ପନ୍ନ ହୋଇଉଠେ—

"ସ୍ନିଗ୍ଧାଞ୍ଜନଶ୍ୟାମରୁଚିଃ ସୁବୃତ୍ତୋ ବଧ୍ୱା ଇବାଧ୍ୱଂସିତବର୍ଣ୍ଣକାନ୍ତେଃ ।
ବିଶେଷକୋ ବା ବିଶିଶେଷ ଯସ୍ୟାଃ ଶ୍ରିୟଂ ତ୍ରିଲୋକୀତିଲକଃ ସ ଏବ ।"୩।।

ଏଠାରେ ଶ୍ରୀକୃଷ୍ଣଙ୍କ ଦ୍ୱାରକାର ସର୍ବଶ୍ରେଷ୍ଠ ସୌନ୍ଦର୍ଯ୍ୟ ଏବଂ ଧନରୂପ ବର୍ଣ୍ଣନା ପ୍ରସଙ୍ଗରେ କବି ସୋହାଗିନୀର ତିଳକବିନ୍ଦୁର ଉପମା ଦେଇ ଯେଉଁ ବ୍ୟଞ୍ଜନା ପ୍ରୟୋଗ କରିଛନ୍ତି ତାହା ଅନ୍ୟ କୌଣସି ପ୍ରକାରରେ କରିଯାଇ ପାରିବ ନାହିଁ ।

ପୁଣି, ମାଘ ଉପମା ସାହାଯ୍ୟରେ ପ୍ରାତଃକାଳରେ ରଜନୀଗମନ ତଥା ଉଷା ଆଗମନର ଅତିଶୟ ମାର୍ମିକ ଚିତ୍ର ଅଙ୍କନ କରିଛନ୍ତି—

"ଅରୁଣ ପଙ୍କଜ ଶ୍ରେଣୀ ହିଁ ଯାହାର ମୁଗ୍ଧ ହସ୍ତ-ପଦ, ଶ୍ୟାମ ଭ୍ରମରଶ୍ରେଣୀ ଯାହାର କଜ୍ଜଳ ରେଖା ତଥା ନୀଳକମଳ ଯାହାର ନେତ୍ର ତାଦୃଶ ପ୍ରଭାତବେଳା ସଦ୍ୟୋଜାତା ପୁତ୍ରୀ ତୁଲ୍ୟ ପକ୍ଷୀକଣ୍ଠରେ କଳରବ କରି କରି (ମାତା) ରଜନୀର ପଛେ ପଛେ ଚାଲି ଆସୁଛି"—

ଅରୁଣ-ଜଲଜ-ରାଜୀ-ମୁଗ୍ଧ ହସ୍ତାଗ୍ରପାଦା

ବହୁଲ-ମଧୁପମାଲା କଜ୍ଜଲେନ୍ଦୀବରାକ୍ଷୀ ।

ଅନୁପତତି ବିରାବୈଃ ପତ୍ରିଣାଂ ବ୍ୟାହରନ୍ତୀ

ରଜନି ମଚିରଜାତା ପୂର୍ବସନ୍ଧ୍ୟା ସୁତେବ ॥"

ଅନ୍ୟ ଏକ ଅତିଶୟ ହୃଦ୍ୟ ଉପମା ଦେଖନ୍ତୁ ସେହି ପ୍ରଭାତ ବର୍ଣ୍ଣନରେ—

"ଦିଗ୍‌ବଧୂମାନଙ୍କର ପାଣିଗ୍ରହୀତା ଭର୍ତ୍ତା ସୂର୍ଯ୍ୟ କ୍ଷଣ (ରାତ୍ରି)-କ ପାଇଁ ପ୍ରବାସରେ ଥିଲେ । କିନ୍ତୁ ପୂର୍ବ ଦିଗରୁ ସେ ଆସୁଥିବା ଦେଖାଗଲା । ଅତଏବ ଉପପତି (ଜାର) ସଦୃଶ ବିଗଳିତାଂଶୁକ (ସ୍ରସ୍ତବସନ ଅଥବା ବିଗଳିତରଶ୍ମି) ଚନ୍ଦ୍ରମା ତଳକୁ ମୁହଁ କରି ପଶ୍ଚିମ (ପଛ) ପଟ ଦେଇ ଦ୍ରୁତ ଗତିରେ ପଳାୟନ କରୁଛି ।"

"କ୍ଷଣମୟମୁଷିତ୍ୱାନଧାମ୍ନି ପ୍ରୋଷ୍ୟ ଭୂୟଃ ପୁରସ୍ତା

ଦୁପଗତବତି ପାଣିଗ୍ରାହବଦ୍ଦିଗ୍‌ବଧୂନାମ୍ ।

ଦ୍ରୁତତର ମୁପଯାତି ସ୍ରଂସମାନାଂ ଶୁକୋଽସା

ବୁପପତିରିବ ନୀଚୈଃ ପଶ୍ଚିମାନ୍ତେନ ଚନ୍ଦ୍ରଃ ॥"

(ଶି. ବ: ୧୧।୬୫)

ଏହି ଉପମାଦ୍ୱାରା ରାତ୍ରିରେ ଦିଗ୍‌ବଧୂମାନଙ୍କର ସୌନ୍ଦର୍ଯ୍ୟାଧିକ୍ୟ, ପ୍ରାତଃ ସୂର୍ଯ୍ୟ ପ୍ରତି ଅନୁରାଗାଧିକ୍ୟ ତଥା ଚନ୍ଦ୍ରମାର ମାଳିନ୍ୟାଧିକ୍ୟ—ଏ ସମସ୍ତ ବିଷୟ ଅତିଶୟ ରମଣୀୟତା ସହିତ ଚିତ୍ରିତ କରା ହୋଇଛି ।

ଯୁଦ୍ଧ ନିମିତ୍ତ ପ୍ରସ୍ତୁତ ଶ୍ରୀକୃଷ୍ଣ ସେନାର ବର୍ଣ୍ଣନା କାଳରେ ଅନ୍ୟ ଏକ ଉପମା ଉଲ୍ଲେଖ ଯୋଗ୍ୟ—"ଶ୍ରୀକୃଷ୍ଣ ରୂପ ବରର ସମକ୍ଷରେ ବାଜୁଥିବା ପଟହଧ୍ୱନି ଯେତେ ଯେତେ ନିକଟବର୍ତ୍ତୀ ହେଉଥାଏ, ଶତ୍ରୁସେନା ବଧୂରୂପରେ ବଧୂଗୁଡ଼ିକ ସେତେ ସେତେ ରୋମାଞ୍ଚିତ ଏବଂ ହର୍ଷବିହ୍ୱଳ ହୋଇ ଉଠୁଥାଏ ।"

"ଯଥା ଯଥା ପଟହରବଃ ସମୀପତାମୁପାଗମତ୍ ସହରେବରାଗ୍ରତଃସରଃ ।
ତଥା ତଥା ହୃଷିତବପୁର୍ମୁଦାକୁଳା ଦ୍ୱିଷାଂ ଚମୂରଜନି ଜନୀବ ଚେତସା ।।"
(ଶିଃ ବଃ ୧୭।୪୩)

ଏହି ଉପମାରୁ ସେନାର ଉତ୍ସାହ ଅତି ସୁନ୍ଦରଭାବେ ବ୍ୟଞ୍ଜିତ ହେଉଛି ।

ଶ୍ରୀକୃଷ୍ଣ ତଥା ଶିଶୁପାଳଙ୍କ ସେନାମାନଙ୍କର ପରସ୍ପର ମୁହାଁ ମୁହିଁର ବର୍ଣ୍ଣନା କରି କବି କହନ୍ତି—"ସେନାର ପଦାତିକମାନେ ଶତ୍ରୁସୈନ୍ୟର ପଦାତିକଙ୍କ ସହ, ଅଶ୍ୱାରୋହୀ ଅଶ୍ୱାରୋହୀଙ୍କ ସହିତ, ଗଜାରୋହୀ ଗଜାରୋହୀ ସଙ୍ଗେ ଏବଂ ରଥାରୂଢ ରଥାରୂଢ଼ ସାଥିରେ ଯୁଦ୍ଧାନୁରାଗରେ ଏପରି ଭିଡ଼ିଗଲେ, ଯେପରିକି କାନ୍ତା ବେଗ ସହ ବଲ୍ଲଭର ପ୍ରତ୍ୟେକ ଅଙ୍ଗ ସହିତ ନିଜର ତଦନୁରୂପ ଅଙ୍ଗ ମିଶାଇ ଦେଇ ଜଡ଼ିଯାଇଛି ।

"ପତ୍ତିଃ ପତ୍ତିଂ ବାହମେୟାୟ ବାଜୀ ନାଗଂ ନାଗଃ ସ୍ୟନ୍ଦନସ୍ଥୋ ରଥସ୍ଥମ୍ ।
ଇତ୍ଥଂ ସେନା ବଲ୍ଲଭସ୍ୟେବ ରାଗାଦଙ୍ଗେନାଙ୍ଗଂ ପ୍ରତ୍ୟନୀକସ୍ୟ ଭେଜେ ।।"
(ଶି.ବ.୧୮।୨)

ଯୁଦ୍ଧ ବର୍ଣ୍ଣନ ପ୍ରସଙ୍ଗରେ ବାଣାସୁରର ପୁତ୍ର ବେଣୁଦାରି ବଳରାମଙ୍କ ଆଡ଼କୁ ମାଡ଼ିଆସେ । ଦୂରରୁ ସେ ଆସୁଥିବା ଦେଖି ବଳରାମ ନିଜ ପରାକ୍ରମ ସମ୍ଭାଳି ନେଇ ଏପରି ଗର୍ଜିଲେ ଯେପରି କି ସିଂହ ଗର୍ଜୁଛି ମାତଙ୍ଗକୁ—

"ଆପତନ୍ତମମୁଂ ଦୂରାଦୂରୀକୃତପରାକ୍ରମଃ ।
ବଲୋଽବଲେକୟାମାସ ମାତଙ୍ଗମିବ କେସରୀ ।।" (୧୯।୨)

ଉଭୟଙ୍କ ଉତ୍ସାହର ଏଭଳି ବ୍ୟଞ୍ଜନା ଆଉ ଅନ୍ୟ କୌଣସି ଉପାୟରେ ହୋଇପାରି ନ ଥାନ୍ତା । ସ୍ଥାନେ ସ୍ଥାନେ ମାଘ ବସ୍ତୁବର୍ଣ୍ଣନର ସୁବିଧା ନିମିତ୍ତ ଉପମାର

ବର୍ତ୍ତମାନରେ କୌଣସି ଶାସ୍ତ୍ର ବିଶେଷକୁ ପୂର୍ବପୂର ଭିତ୍ତିକରି ଲେଖି ନଥାନ୍ତି । ଉଦାହରଣ ସ୍ୱରୂପ—"ରାଜନୀତିରେ କାର୍ଯ୍ୟସିଦ୍ଧି ସହାୟ, ସାଧନୋପାୟ ଆଦି ପଞ୍ଚ ଅଙ୍ଗରୁ ସେପରି କିଛି ପୃଥକ୍ ନୁହେଁ, ଯେପରି କି ବୌଦ୍ଧଙ୍କ ବିଚାରରେ ରୂପ, ବେଦନା, ବିଜ୍ଞାନ ଆଦି ପଞ୍ଚସ୍କନ୍ଧରୁ ପୃଥକ୍ ଆତ୍ମା-ନାମକ କୌଣସି ବସ୍ତୁ ନାହିଁ"—

"ସର୍ବକାର୍ଯ୍ୟଶରୀରେଷୁ ମୁକ୍ତ୍ୱାଙ୍ଗସ୍କନ୍ଧପଞ୍ଚକମ୍ ।
ସୌଗତାନାମିବାତ୍ମାନ୍ୟୋ ନାସ୍ତି ମନ୍ତ୍ରୋ ମହୀଭୃତାମ୍ ।।" (୨।୨୮)

ପୁନଶ୍ଚ ସାଙ୍ଖ୍ୟଦର୍ଶନର ମୁଖ୍ୟ ତତ୍ତ୍ୱକୁ ଉପମା ରୀତିରେ ଗ୍ରହଣ କରନ୍ତି । ବଳରାମ, ଶିଶୁପାଳ ଉପରେ ଆକ୍ରମଣ କରିବାର ପରାମର୍ଶ ଦେଇ ଶ୍ରୀକୃଷ୍ଣଙ୍କୁ କହିଛନ୍ତି—ସେନାଦ୍ୱାରା ଅର୍ଜିତ ବିଜୟ ତ କେବଳ ଦ୍ରଷ୍ଟା ରୂପେ ରହିଥିବା ଆପଣଙ୍କ ବିଜୟ ବୋଲି କଥିତ ହେବ, ଯେପରି ସାଙ୍ଖ୍ୟଶାସ୍ତ୍ରରେ ବୁଦ୍ଧି ଅଥବା ମହତ୍ତ୍ୱର ସୁଖ ଦୁଃଖାନୁଭବରୂପ ଭୋଗ ଆତ୍ମାର ବୋଲି ବ୍ୟବହୃତ ହୁଏ—

"ବିଜୟସ୍ତ୍ୱୟି ସେନାୟାଃ ସାକ୍ଷିମାତ୍ରେଽପଦିଶ୍ୟତାମ୍ ।
ଫଲଭାଜି ସମୀକ୍ଷ୍ୟୋକ୍ତେ ବୁଦ୍ଧେର୍ଭୋଗ ଇବାତ୍ମନି ।।" (୨।୫୯)

ମାଘ ବ୍ୟାକରଣଶାସ୍ତ୍ରରୁ ଅନେକ ଉପମା ଗ୍ରହଣ କରିଛନ୍ତି । ଯେପରିକି ଶିଶୁପାଳର ଦୂତ ନିଜ ସ୍ୱାମୀକୁ ପ୍ରଶଂସା କରି କହୁଛି— "ଯାହାଙ୍କର ଆଜ୍ଞା ଅତି-ସ୍ୱଳ୍ପାକ୍ଷରା ହେଲେ ମଧ୍ୟ ବ୍ୟାକରଣ ଶାସ୍ତ୍ରର ପରିଭାଷା ସଦୃଶ ଗରୀୟସୀ ଏବଂ କୌଣସିଠାରେ ବାଧିତ ହୁଏ ନାହିଁ"—

"ପରିତଃ ପ୍ରମିତାକ୍ଷରାପି ସର୍ବଂ ବିଷୟଂ ବ୍ୟାପ୍ତବତୀ ଗତା ପ୍ରତିଷ୍ଠାମ୍ ।
ନ ଖଲୁ ପ୍ରତିହନ୍ୟତେ କୁତଶ୍ଚିତ୍ ପରିଭାଷେବ ଗରୀୟସୀ ଯଦାଜ୍ଞା ।।"

(ଶି.ବ: ୧୬।୮୦)

"ପ୍ରମଦାମାନଙ୍କଠାରେ ବିଭ୍ରମ ବିଳାସ ସ୍ୱଭାବତଃ ବିଦ୍ୟମାନ ହେଲେ ହେଁ ଯଥାର୍ଥ ଅବସର ବିନା ପ୍ରକାଶିତ ହୁଏ ନାହିଁ । ମଦିରାଜନିତ ମଦ ସେମାନଙ୍କର ଏହି

ବିଭ୍ରମ ବିଳାସକୁ ପ୍ରକଟିତ କରି ଦେଲା, ଯେପରି ଧାତୁରେ ହିଁ ଲୀନ ଅର୍ଥକୁ ଉପସର୍ଗ, ଧାତୁ ସହ ମିଶି, ପ୍ରକାଶିତ କରିଦିଏ''—

''ସତ୍ତ୍ୱମେବ ଚରମପ୍ରକୃତତ୍ୱାଦପ୍ରକାଶିତ ମଦଦ୍ୟୁତଦଙ୍ଗେ ।
ବିଭ୍ରମଂ ମଧୁମଦଃ ପ୍ରମଦାନାଂ ଧାତୁଲୀନମୁପସର୍ଗ ଇବାର୍ଥମ୍ ।।''(୧୦।୧୫)

ଆୟୁର୍ବେଦ ପ୍ରକ୍ରିୟାର ଗୋଟିଏ ଉପମା ଅଛି । ''ଯେପରି ବିକାରକାରୀ ପ୍ରକୁପିତ ରୋଗ ବିକାର ଉତ୍ପନ୍ନ କରେ ଏବଂ ଜମବେଲ୍ଲ ବୈଦ୍ୟ ଗୁରୁଦୋଷନିବର୍ତ୍ତିକ ଉପାୟଦ୍ୱାରା ରୋଗ ବିକାର ଦୂର କରିଥାଏ ସେହିପରି ଶିଶୁପାଳ ଯେଉଁ ଯେଉଁ ଅସ୍ତ୍ର ପ୍ରୟୋଗକଲା ଶ୍ରୀକୃଷ୍ଣ ତାହାର ପ୍ରଭାବକୁ ଅତିଶୀଘ୍ର ବିନଷ୍ଟ କରି ଚାଲିଥାନ୍ତି ।''—

''ଇତି ନରପତିରସ୍ତ୍ରଂ ଯଦ୍ ଯଦାବିଷ୍ଟ କାର
ପ୍ରକୁପିତ ଇବ ରୋଗଃ କ୍ଷିପ୍ରକାରୀ ବିକାରମ୍ ।
ଭିଷଗିବ ଗୁରୁଦୋଷଚ୍ଛେଦନୋପକ୍ରମେଣ
କ୍ରମବିଦଥ ମୁରାରିଂ ପ୍ରତ୍ୟହଂସ୍ତଦଦାଶୁ ।।'' ୨୦।୭୬

ଇତିହାସ ପୁରାଣମାନଙ୍କରୁ ଆସିଛନ୍ତି ଅନେକ ଉପମା । ପ୍ରସିଦ୍ଧ କଥାନକର ସାଦୃଶ୍ୟକୁ ଆଧାର କରି ସେମାନେ ଅତ୍ୟନ୍ତ ରମଣୀୟ ଭାବେ ଅର୍ଥବୋଧ କରାଇ ଥାନ୍ତି—ଯେପରି, ରୈବତକ ଉପରେ ରହଣି ସମୟରେ,

''ଓଟର ମୁହଁକୁ ଲମ୍ବିପଡି ସହିତ କୋମଳ ଆମ୍ବପତ୍ର ବି ଚାଲିଗଲା । ଓଟ ସେହି ଆମ୍ବପତ୍ରକୁ ଅତିଶୀଘ୍ର ମୁହଁରୁ କାଢି ପକାଇଲା, ଯେପରି ପୂର୍ବକାଳରେ ଗରୁଡ଼ ନିଷାଦମାନଙ୍କ ସହିତ ମାଛି ମଧ୍ୟକୁ ଚାଲିଯାଇଥିବା ବ୍ରାହ୍ମଣକୁ କାଢି ପକାଇଥିଲା ।

''ସାର୍ଦ୍ଧଂ କଥଂଚଦୁଚିତୈଃ ପିଚୁମର୍ଦ୍ଦପତ୍ରୈ
ରାସ୍ୟାନ୍ତରାଳଗତମାମ୍ରଦଳଂ ମ୍ରଦୀୟଃ ।
ଦାସେରକଃ ସପଦି ସଂବଲିତଂ ନିଷାଦୈ
ର୍ବିପ୍ରଂ ପୁରା ପତଗରାଡିବ ନିର୍ଜଗାର ।।'' ୫।୬୬

ଇନ୍ଦ୍ରପ୍ରସ୍ଥ ପହଞ୍ଚିବା ପରେ ପୁର ଅଭିମୁଖରେ ଯାଉଥିବା ରଥକୁ ସ୍ୱୟଂ ଧର୍ମରାଜ ଚାହୁଁଥିଲେ, ଯେପରି ତ୍ରିପୁର ଲକ୍ଷ୍ୟରେ ଯିବା କାଳରେ ତ୍ରିପୁରାରିଙ୍କ ରଥ ଚଳାଉଥିଲେ ସ୍ୱୟଂ ପ୍ରଜାପତି ବ୍ରହ୍ମା ।

"ରଥମାସ୍ଥିତସ୍ୟ ଚ ପୁରାଭିବର୍ତ୍ତିନ ସ୍ତିସ୍ତୃଣା ପୁରମିବ ଶପୋର୍ମୃଦ୍ଧିଷଃ ।
ଅଥ ଧର୍ମମୂର୍ତ୍ତିନୁରାଗଭାବିତଃ ସ୍ୱୟମାଦଦେ ପ୍ରବୟୃଣଂ ପ୍ରଜାପତିଃ ॥ "୧୩।୧୯

ଯୁଦ୍ଧସ୍ଥଳରେ ଏକ କୃଷ୍ଣ ହସ୍ତୀ ବିସ୍ତୃତ ତଥା ଦୁର୍ଗମ ସେନାମଧ୍ୟକୁ ପହଞ୍ଚି ରାସ୍ତା ନ ପାଇ ଗୁରଆଡ଼କୁ ଏପରି ବୁଲିବାକୁ ଲାଗିଲା, ଯେପରି ମାର୍କଣ୍ଡେୟ ବ୍ରହ୍ମା ଆଦି, ଦେବ ବିଷ୍ଣୁଙ୍କ ଉଦରରେ ପ୍ରବେଶ ପରେ ପଥଭ୍ରାନ୍ତ ହୋଇଯାଇଥିଲେ ।

"ବ୍ୟାପ୍ତଂଲୋକୈର୍ଦୁଃଖଲଭ୍ୟାପସାରଂ ସଂରମ୍ଭିଦ୍ୱାଦେତ୍ୟ ଧୀରୈ-ମହାଦ୍ଭିଃ ।
ସେନାମଧ୍ୟଂ ଗାହତେ ବାରଣଃ ସ୍ମ ବ୍ରହ୍ମେବ ପ୍ରାଗା ଦଦେବୋ ଦନ୍ତ୍ରୈଃ ॥"
(ଶି: ବ: ୧୮।୪୦)

**ଭ୍ରାନ୍ତିମାନ୍**

ଦ୍ୱାରକାର ସୁଷମା ବର୍ଣ୍ଣନ କାଳରେ ମାଘ ଏକ ସ୍ୱାଭାବିକ ଭ୍ରାନ୍ତି ଚିତ୍ରିତ କରିଛନ୍ତି—"ଯେଉଁଠାରେ ସୌଧମାନଙ୍କ ବିଟଙ୍କରେ ରଚିତ କୃତ୍ରିମ ପକ୍ଷିପଂକ୍ତିକୁ ଦେଖି ଆକ୍ରମଣ କରିବା ଭଙ୍ଗୀରେ ରହିଥିବା ନିଷ୍ପନ୍ଦ ଅସୃତ ଶରୀର ବିଡ଼ାଳକୁ ମଧ୍ୟ ଲୋକେ କୃତ୍ରିମ ମନେ କରିଥାଆନ୍ତି ।"

"ଚକ୍ରିଂସସ୍ଥା କୃତ୍ରିମପତ୍ରିପଂକ୍ତେଃ କପୋତପାଳୀଷୁ ନିକେତନାନାମ୍ ।
ମାର୍ଜାରମପ୍ୟାୟୃତନିଶ୍ଚଳାଙ୍ଗଂ ଯସ୍ୟାଂ ଜନଃ କୃତ୍ରିମମେବ ମେନେ ॥"୩।୫୧

**ଉତ୍ପ୍ରେକ୍ଷା**

ଉପମା ବ୍ୟତୀତ ଉତ୍ପ୍ରେକ୍ଷାରେ ମଧ୍ୟ ମାଘଙ୍କ ପ୍ରତିଭା ଉତ୍କର୍ଷ ପ୍ରଦର୍ଶନ କରିଅଛି । ବସ୍ତୁତଃ ଉତ୍ପ୍ରେକ୍ଷା ଏବଂ ଅତିଶୟୋକ୍ତିର ପଦଦ୍ୱୟକୁ ଆଶ୍ରୟ କରି କବି କଳ୍ପନାର ଯାହା ଗତିଶୀଳ ହୋଇଅଛି । ମାଘଙ୍କ ଉତ୍ପ୍ରେକ୍ଷା ଅତ୍ୟନ୍ତସୁବୋଧ ଭାବେ ଉପସ୍ଥିତ ହୁଏ । ଦ୍ୱାରକା ବର୍ଣ୍ଣନ ପ୍ରସଙ୍ଗରେ—

"ସ୍ଥିର ପାଖେ ସାଗର ମଧ୍ୟରେ ନିର୍ମିତ ଦ୍ୱାରକା, ତାହା ଥିଲା ବିଶ୍ୱକର୍ମାଙ୍କ ଭବନନିର୍ମାଣ ଶିଳ୍ପ ବିଜ୍ଞାନର ବୈଭବପ୍ରସାରର ପରାକାଷ୍ଠା ସ୍ୱରୂପ, ଦେଖାଯାଉଥିଲା ସତେ ଯେପରି ସାଗରଜଳର ନିର୍ମଳ ଦର୍ପଣ ଉପରେ ପଡ଼ିଥିବା ସ୍ୱର୍ଗପୁରୀର ଏକ ପ୍ରତିବିମ୍ବ"—

"ତ୍ୱଷ୍ଟୁଃ ସଦାଭ୍ୟାସ-ଗୃହୀତ-ଶିଳ୍ପବିଜ୍ଞାନ ସଂପତ୍ ପ୍ରସରସ୍ୟ ସୀମା ।
ଅଦୃଶ୍ୟତାଦର୍ଶତଲାମଲେଷୁ ଛାୟେବ ଯା ସ୍ୱର୍ଜଲଧେର୍ଜଲେଷୁ ।।" ୩।୩୫

ଏକ ଅନ୍ୟ ଉତ୍ପ୍ରେକ୍ଷା ପ୍ରଭାତବର୍ଣ୍ଣନା ପ୍ରକରଣରେ—

"ଗୃହର ନୟନତୁଲ୍ୟ ଦୀପଶିଖା ଅପଲକଭାବେ ସାରାରାତି ଅବିରାମ ଚାଲିଥିବା ପ୍ରେମିକ ପ୍ରେମିକାଙ୍କ ନବସୁରତଲୀଳା ସକୌତୁକ ଦେଖିଥିଲା । ପ୍ରାତଃ କାଳରେ କ୍ଷୀଣ ହୋଇ ନିଦ୍ରାଳୁଭାବେ ସତେ ଯେପରି ଘୂରିଯାଉଛି ।"

"ଅନିମିଷମବିରାମା ରାଗିଣାଂ ସର୍ବରାତ୍ରଂ
ନବନିଧୁବନଲୀଳାଂ କୌତୁକେନାତିବୀକ୍ଷ୍ୟ ।
ଇଦମୁଦବସିତାନାମସ୍ଫୁଟାଲୋକସଂପ
ନ୍ନୟନମିବ ସନିଦ୍ରଂ ଘୂର୍ଣ୍ଣତେ ଦୈପମର୍ଚ୍ଚିଃ ।।" ୧୧।୮

ଏହି ପ୍ରଭାତବର୍ଣ୍ଣନା ପ୍ରକରଣର ଅନ୍ୟ ଏକ ଉତ୍ପ୍ରେକ୍ଷା ମଧ୍ୟ ଦର୍ଶନୀୟ ହୋଇଛି—"ସକାଳ ହେଲେ ଚନ୍ଦ୍ରମା କ୍ଷୀଣ ତଥା କାନ୍ତିହୀନ ହୋଇଯାଏ, ସତେ ଅବା ସେହି କଳଙ୍କ ପ୍ରେମୀକୁ ଏହି ଶୋକ ଅଧୀର କରୁଛି—ହାୟ, ମୋର ପ୍ରିୟ କୁମୁଦିନୀ ତ ଆଖି ବୁଜି ଦେଲେ, ରଜନୀ ବି ବିନଷ୍ଟ ହେଲା, ଆଉ ମୋର ସକଳ ପ୍ରିୟ ତାରାବଧୂମାନେ ମଧ୍ୟ ନଷ୍ଟ ହୋଇଗଲେ ।"

"ସପଦି କୁମୁଦିନୀଭିର୍ମୀଲିତଂ ହା କ୍ଷପାପି
କ୍ଷୟମଗମଦପେତାସ୍ତାରକାସ୍ତାଃ ସମସ୍ତାଃ ।
ଇତି ଦୟିତକଳତ୍ରଶ୍ଚିନ୍ତୟନ୍ନଙ୍ଗମିନ୍ଦୁ
ର୍ବହତି କୃଶମଶେଷଂ ଭ୍ରଷ୍ଟଶୋଭଂ ଶୁଚେବ ।।" ୧୧।୨୪

**ଅର୍ଥାନ୍ତରନ୍ୟାସ**—ମାଘରେ ଅର୍ଥଗୌରବ ଭାରବିଙ୍କ ତୁଲ୍ୟ ବୋଲି କୁହାଯାଇଛି । ସେହି ଅର୍ଥ ଗୌରବ ବିଶେଷତଃ ଅର୍ଥାନ୍ତରନ୍ୟାସର ଯୋଜନାରେ ପ୍ରକଟିତ ହୁଏ । ମୌଳିକ ଚିନ୍ତନଶୀଳ କବିହିଁ ନିଜ ପ୍ରତିଭା ପ୍ରତାପ ବଳରେ ଆପଣାର ନୂତନ ବିଷୟର ଭାବନାକୁ ଅର୍ଥାନ୍ତରନ୍ୟାସ ଯୋଗେ ବ୍ୟକ୍ତ କରିଥାଆନ୍ତି, ଯେପରି କରିଛନ୍ତି କାଳିଦାସ ଏବଂ ଯେଉଁ କ୍ଷେତ୍ରର ମହାଜନ ଗୌରବ ମିଳିଛି ଭାରବିଙ୍କୁ । ଏହି ମହାକବିମାନେ ସାର୍ବଭୌମ ଏବଂ ସାର୍ବଜନୀନ ଆଭାଣକ (ପ୍ରବଚନ) ମାନଙ୍କର ବିଶେଷ ପ୍ରୟୋଗ କରିଛନ୍ତି । ମାଘକାବ୍ୟ ଏ ଧରଣର ସଦୁକ୍ତିମାନଙ୍କରେ ଭରପୂର । ଏଠାରେ ଅଳ୍ପ କେତୋଟି ପରିଚୟାତ୍ମକ ଦୃଷ୍ଟାନ୍ତ ଦିଆଯାଉଛି । ସୂକ୍ତି-ସୌରଭ ପ୍ରକରଣରେ ଏହାର ବିସ୍ତୃତ ବିବେଚନ କରାହେବ ।

(୧) ରାବଣ ରାମଚନ୍ଦ୍ରଙ୍କୁ ମନୁବଂଶୋତ୍ପନ୍ନ, ମାନବେନ୍ଦ୍ରର ପ୍ରଭୁ ବିଷ୍ଣୁ ତଥା ନିଜର ଅନ୍ତକାରୀ ବୋଲି ଜାଣି ସୁଦ୍ଧା ଜାନକୀଙ୍କୁ ଫେରାଇ ଦେଲା ନାହିଁ । ମାନୀ-ମାନଙ୍କ ନିକଟରେ ସର୍ବଦା ଅଭିମାନ ହୁଏ ଶ୍ରେଷ୍ଠଧନ—

ଅମାନବଂ ଜାତମଜଂ କୁଲେ ମନୋଃ ପ୍ରଭାବିନଂ ଭାବିନମନ୍ତମାତ୍ମନଃ ।
ମୁମୋଚ ଜାନନ୍ନପି ଜାନକୀମୟଂ ସଦାଭିମାନୈକଧନା ହି ମାନିନଃ ॥’
( ଶି. ବ, ୧।୩୭)

(୨) ଶରତ୍ ଋତୁରେ ହଂସୀର କୂଜନ ଯୋଗୁଁ ମୟୂରର କେକା ପରାଜିତ ହୋଇ ଯାଉଥିଲା, ହୁଏ ତ ସେଥିପାଇଁ ମୟୂରରେ ଖାଳିର ଟେସି ଦେଉଥିଲା । ବସ୍ତୁତଃ ଶତ୍ରୁଜନିତ ପରାଭବ ଅତିଶୟ ଅସହ୍ୟ ହୋଇଥାଏ—

“ତନୁରୁହାଣି ପୁରୋ ବିଜିତଧ୍ୱନେର୍ଧବଳପକ୍ଷ-ବିହଙ୍ଗମ-କୂଜିତୈଃ ।
ଜଗଳୁରକ୍ଷମୟେବ ଶିଖଣ୍ଡିନଃ ପରିଭବୋଽରିଭବୋ ହି ସୁଦୁଃସହଃ ॥
(ଶି.ବ ୬।୪୫)

(୩) ବିଧି ବିପରୀତ ହେଲେ ଅନେକ ସାଧନସମ୍ପନ୍ନତା ମଧ୍ୟ ନିଷ୍ଫଳ ହୋଇଯାଏ । ଅସ୍ତକୁ ପହଞ୍ଚି ଯିବାପରେ ଦିନପତିଙ୍କୁ ସମ୍ଭାଳିନେବା ଲାଗି ତାଙ୍କ ସହସ୍ର କର (କିରଣ) ମଧ୍ୟ ସମର୍ଥ ହେଲେ ନାହିଁ—

"ପ୍ରତିକୂଳତାମୁପଗତେ ହି ବିଧୌ ବିଫଲତ୍ୱମେତି ବହୁସାଧନତା ।
ଅବଲମ୍ବନାୟ ଦିନଭର୍ତ୍ତୁରଭୂନ୍ନ ପତିଷ୍ୟତଃ କରସହସ୍ରମପି ॥" (୯।୬)

**ନିଦର୍ଶନା**— ମାଘ ପ୍ରଯୁକ୍ତ ନିଦର୍ଶନା ମଧ୍ୟ ରମଣୀୟତା ସହ ସାଦୃଶ୍ୟ ଅଭିବ୍ୟକ୍ତ କରିଥାଏ । ରୈବତକ ବର୍ଣ୍ଣନା ପ୍ରସଙ୍ଗରେ ତାଙ୍କର ସେହି ନିଦର୍ଶନାର ଶୋଭା ଅତୀବ ଦର୍ଶନୀୟ ହୋଇ ଉଠିଛି— "ପ୍ରାତଃ କାଳରେ ଊର୍ଦ୍ଧ୍ୱରଶ୍ମିଜାଳ ବିକିରଣ ପୂର୍ବକ ଉଇଁ ଆସୁଛନ୍ତି ସୂର୍ଯ୍ୟ, ଅସ୍ତ ଯାଉଛନ୍ତି ଚନ୍ଦ୍ରମା, ଉଭୟପାର୍ଶ୍ୱରେ ଝୁଲିପଡ଼ିଥିବା ଦୁଇଟି ଘଣ୍ଟାଯୁକ୍ତ ଗଜେନ୍ଦ୍ରର ଶୋଭା ଧାରଣ କରୁଛି ସେହି ପର୍ବତ" —

"ଉଦୟତି ବିତତୋର୍ଦ୍ଧ୍ୱରଶ୍ମିରଜ୍ଜାବହିମରୁଚୌ ହିମଧାମ୍ନି ଯାତି ଚାସ୍ତମ୍ ।
ବହତି ଗିରିରୟଂ ବିଲମ୍ବିଘଣ୍ଟାଦ୍ୱୟପରିବାରିତବାରଣେନ୍ଦ୍ରଲୀଲାମ୍" ॥
(ଶି.ବ ୪।୨୦)

ଏହି ନିଦର୍ଶନାର ବୈଶିଷ୍ଟ୍ୟ ଦୃଷ୍ଟିରୁ ସହୃଦୟମାନେ ମାଘକବିଙ୍କୁ 'ଘଣ୍ଟାମାଘ' ଉପାଧି ଦେଇଥିଲେ ।

**ସନ୍ଦେହ**— ଉଭୟପକ୍ଷ ମଧ୍ୟରେ ଦୋଳାୟିତ ଚିତ୍ତବୃତ୍ତିର ସୁନ୍ଦର ଉଦାହରଣ ମିଳେ ସନ୍ଦେହାଲଂକାରରେ । ଜଳକେଳି ବର୍ଣ୍ଣନ ପ୍ରସଙ୍ଗରେ ମାଘକବି ଲେଖନ୍ତି—

"କାହାର ମନରେ ଜାଗେ ସନ୍ଦେହ, ସରୋବରରେ ତାହା ସରୋଜ ଅଥବା ଯୁବତୀର ମୁଖ ମଣ୍ଡଳ ସୁଶୋଭିତ ହେଉଛି । କିନ୍ତୁ ସେହି କ୍ଷଣରେ ସରୋଜରେ ଦୃଶ୍ୟ ହେଉ ନ ଥିବା ବିବ୍ବୋକ (କଟାକ୍ଷାଦିଦ୍ୱାରା ସବିଳାସ ଅନାଦର ଚେଷ୍ଟା) ଦ୍ୱାରା ନିଶ୍ଚୟ କରି ହେଉଛି (କି, ଏହା ମୁଖ ଅଟେ)—"

"କିଂ ତାବତ୍ସରସି ସରୋଜମେତଦାହୋସ୍ୱିନ୍ମୁଖମବଭାସତେ ଯୁବତ୍ୟାଃ ।
ସଂଶଯ୍ୟ କ୍ଷଣମିତି ନିଶ୍ଚିକାୟ କଶ୍ଚିଦ୍ବିବ୍ବୋକୈର୍ବକସହବାସିନାଂ ପରୋକ୍ଷୈଃ ।
(ଶି;ବ ୮।୨୯)

**ଦୃଷ୍ଟାନ୍ତ**— ମାଘଙ୍କ ଅଳଙ୍କାର ସୌଷ୍ଠବ ପ୍ରସଙ୍ଗରେ ଦୃଷ୍ଟାନ୍ତ ଅଳଙ୍କାରର ଏକ ଉଦାହରଣ ଅବଶ୍ୟ ଅନୁପଯୁକ୍ତ ହେବ ନାହିଁ । ଶ୍ରୀକୃଷ୍ଣଙ୍କ ଇଙ୍ଗିତକ୍ରମେ ଶିଶୁପାଳର ନାସ୍ତିକ ତଥା ଦୁର୍ମୁଖ ଦୂତକୁ ସାତ୍ୟକି କହିଥିଲେ—

"ଯୁଧିଷ୍ଠିରଙ୍କ ସଭାରେ ଶିଶୁପାଳ ଗାଳି ଦେଉଥିଲେ ମଧ୍ୟ କେଶବ କୌଣସି ଉତ୍ତର ଦେଇ ନ ଥିଲେ । ସିଂହ ମେଘଗର୍ଜନ ଶୁଣି ପ୍ରତିଗର୍ଜନ କରେ, ଶୃଗାଳ ଭୁକୁଥିଲେ ମଧ୍ୟ କରେ ନାହିଁ—"

"ପ୍ରତିବାଚମଦତ୍ତ କେଶବଃ ଶପମାନାୟ ନ ଚେଦିଭୂଭୁଜେ ।
ଅନୁହୁଙ୍କୁରୁତେ ଘନଧ୍ୱନିଂ ନ ହି ଗୋମାୟୁରୁତାନି କେଶରୀ ॥
(ଶି'ବ ୧୬। ୫)

**ସ୍ୱଭାବୋକ୍ତି**—

କାବ୍ୟର ଉକ୍ତି ଗୁଡ଼ିକୁ ତିନୋଟି ବର୍ଗରେ ବିଭକ୍ତ କରାଯାଏ— ରସୋକ୍ତି, ବକ୍ରୋକ୍ତି ଓ ସ୍ୱଭାବୋକ୍ତି । ରସୋକ୍ତି ତଥା ବକ୍ରୋକ୍ତିର କିଛି ପରିଚୟ ତ ମିଳି ସାରିଛି । ବର୍ତ୍ତମାନ ସ୍ୱଭାବୋକ୍ତିର ସୂକ୍ଷ୍ମତା ଦର୍ଶନ ଅବସରୋପଯୁକ୍ତ ହେବ । ମାଘ ସ୍ୱଭାବୋକ୍ତି ପ୍ରୟୋଗରେ ମଧ୍ୟ ଅତ୍ୟନ୍ତ ନିପୁଣ ସିଦ୍ଧ ଥିଲେ । ସୈନିକେ ଉପରେ ରହଣି ବ୍ୟବସ୍ଥା ଚାଲିଛି । କେହି ପ୍ରଥମରୁ ଯାଇଁ କିଛି ସ୍ଥାନ ନେଇ ଯାଉଛି । ତାପରେ ସେଠାକୁ ଆସୁଥିବା ଅନ୍ୟ ସୈନିକମାନଙ୍କୁ ରହିବାକୁ ଦେଉ ନାହିଁ । ଅଥଚ ଆପଣାର କୌଣସି ଆତ୍ମୀୟ ଭିନ୍ନ ଦିଗକୁ ଯାଉଥିବା ଦେଖି ହାତ ଉଠାଇ ପ୍ଲୁତ ସ୍ୱରରେ ଆହ୍ୱାନ କରୁଛି ।

"ଅଗ୍ରେ ଗତେନ ବସତିଂ ପରିଗୃହ୍ୟ
ରମ୍ୟାମାପାତ୍ୟ ସୈନିକଜନରାକରଣୀ କୁଲେନ ।
ଯାତୋଽନ୍ୟତଃ ପ୍ଲୁତକୃତସ୍ୱରମାଶୁ
ଦୂରାଦୁଦ୍‌ବାହୁନା ଜୁହୁବିରେ ମୁହୁରାତ୍ମବର୍ଗ୍ୟାଃ ॥
(ଶି: ବ ୫।୭)

ମାଘ ପଶୁମାନଙ୍କର ସ୍ୱାଭାବିକ ଚେଷ୍ଟା ମଧ୍ୟ ଅତ୍ୟନ୍ତ ନିରୀକ୍ଷଣ କରିଥିଲେ । ସେନାରେ ଅନ୍ତର୍ଭୁକ୍ତ ହାତୀ, ଘୋଡ଼ା, ଓଟ, ଖଚର, ଗଧ ସମସ୍ତଙ୍କ ଚେଷ୍ଟା ମାଘଙ୍କ ତୀକ୍ଷ୍ଣ ଶିଳ୍ପୀ-ଦୃଷ୍ଟିର ପରିଧି ମଧ୍ୟକୁ ଆସିଛି ।

"ଉଚ୍ଚ ହସ୍ତିନୀ କିଭଳି ନିଜ ନିଜ ଶରୀରର ଅଗ୍ରଭାଗକୁ ଟେକିଦେବା ସଙ୍ଗେ ସଙ୍ଗେ ପଛଭାଗର ଗୋଡ଼ ମୋଡ଼ିଦେଇ ଝୁଙ୍କିବା ଅବସ୍ଥାରେ ମନେ ହେଉଛି ସତେ ଅବା ପର୍ବତଠାରୁ ଆକାଶରେ ଉଡ଼ିବାକୁ ଯାଉଛି, ଏବଂ ମାହୁନ୍ତକୁ ନିଜର ଦେହ ମୋଡ଼ି ହୋଇଥିବା ଗୋଡ଼ ସହାୟତାରେ ଉପରକୁ ଚଢ଼ାଇ ନେଉଛି"—

"ଉତ୍କ୍ଷିପ୍ତଗାତ୍ରଃ ସ୍ମ ବିଡ଼ମ୍ବୟନ୍ନଭଃ ସମୁତ୍ପତିଷ୍ୟନ୍ତମଗେନ୍ଦ୍ରମୁଚ୍ଚକୈଃ ।
ଆକୁଞ୍ଚିତପ୍ରୋହନରୂପିତାଙ୍ଘ୍ରିଣା କରେଣୁରାରୋହୟତେ ନିଷାଦିନମ୍ ॥"
(୧୨।୫)

ସେହିପରି, ଘୋଡ଼ାସବାର ଘୋଡ଼ାକୁ ହାତରେ ଧୀରେ ଧୀରେ ଥାପୁଡ଼ଉଥାଏ, ଘୋଡ଼ାର ନିଜ ଦେହ ଟିକିଏ ଟିକିଏ ଥରି ଉଠୁଥାଏ । ତା'ପରେ ଲଗାମ ଧରି ଅନ୍ୟ ହାତ ଜିନ୍ ଉପରେ ରଖି ଫୁର୍ତ୍ତି ସହକାରେ ସବାର ହୋଇଯାଏ—

"ସ୍ୱୈରଂ କୃତାସ୍ଫାଳନଲାଳିତାନ୍ ପୁରଃ ସ୍ଫୁରତ୍ତନୂନ୍ ଦର୍ଶିତଲାଘବକ୍ରିୟାଃ ।
ବଲ୍ଗାବଲଗ୍ନୈକକରାଃ ସପାର୍ଷ୍ଣୟସ୍ତୁରଙ୍ଗମାନାରୁରୁହୁସ୍ତୁରଙ୍ଗିଣଃ ॥ (୧୨।୬)

ପୁଣି, ଓଟର ପ୍ରକୃତି ଏପରି ଯେ, "ଦୀର୍ଘପଥ ଯାତ୍ରୀ ଆରୋହୀ ଚଢ଼ିସାରି ଯଥାଯଥ ଭାବେ ନିଜ ଆସନ ଗ୍ରହଣ କରିବା ପୂର୍ବରୁ ସେ ହଠାତ୍ ଉଠିପଡ଼ି ବାଧା ନ ମାନି ଦଉଡ଼ିବାକୁ ଆରମ୍ଭ କରିଦେବ" ।

"ଅସ୍ନାୟୁ ଯାବନ୍ନ ଚକାର ଭୂୟସେ ନିଷେଦିବାନାସନବନ୍ଧମଧ୍ୱନେ ।
ଶାକ୍ରୋତ୍ଥିତାଦ୍ରାବଦସହ୍ୟରଂହସୋ ବିଶୃଙ୍ଖଲଂ ଶୃଙ୍ଖଲକାଃ ପ୍ରତସ୍ଥିରେ ॥"
(୧୨।୭)

ପୁଣି, "ଉଠିପଡ଼ିବା ପୂର୍ବରୁ ନାହିଁକା ବନ୍ଧନ ଧରି ଅଟକାଇ ଦେବା ପରେ ଯେତେବେଳେ ତା ଉପରେ କାଠି (ବସିବା କାଷ୍ଠାସନ) ରଖାଯାଏ, ସେତେବେଳେ ମୁହଁ ଛୁଆଁଇ ଅଧା ଚୋବେଇଥିବା ଖାଦ୍ୟକୁ ବାହାର କରି ପକାଇ ଯେଉଁ ବିକୃତ ରଡ଼ି କରେ ତଦ୍ୱାରା ତାର 'ରବଣ' ନାମକୁ ସାର୍ଥକ କରିଥାଏ ।"

"ଉତ୍ଥାତୁମିଚ୍ଛନ୍ ବିଧୃତଃ ପୁରୋବଲାନ୍ନିଧୀୟମାନେ/ଭରଭାଜି ଯନ୍ତ୍ରକେ ।
ଅର୍ଦ୍ଧୋଜ୍ଝିତୋଦ୍ଗାର ବିଦୀର୍ଣ୍ଣକନ୍ଧରଃ ସ୍ୱନାମ ନିନ୍ୟେ ରବଣଃ
ସ୍ଫୁଟାର୍ଥତାମ୍ (୧୨।୯)

ସେହିଭଳି, "ବୋଝିଆ ବଳଦର ନାକ ଦଉଡ଼ି ଧରାଯାଇଥିବା ସତ୍ତ୍ୱେ ସେ ଶିଙ୍ଘ ହଲାଇ ଫୁ ଫୁ ଗର୍ଜନ କରି ଦେହର ପଛପଟକୁ ଏପଟ ସେପଟ ବୁଲାଇ ନେଉଛି ଯାହା ଫଳରେ ତାହା ଉପରେ ରଖିବାର ଲଦନ ବୋଝେଇ କରିବାକୁ ଦେଉନାହିଁ ।"

"ନସ୍ୟାଗୃହୀତୋଽପି ଧୁନ୍ୱନ୍ ବିଷାଣଯୋର୍ୟୁଗଂ ସସୂତ୍କାରବିବର୍ତ୍ତିତଶିକଃ ।
ଗୋଣୀଂ ଜନେନ ସ୍କନ୍ଧଧାରୁମୁକ୍ତାମନୁକ୍ଷଣଂ ନୋକ୍ଷତରଃ ପ୍ରତୀଚ୍ଛତି ॥"
(୧୨।୧୦)

"ପଥରେ ଚାଲିଛି ଗାଈଦୁହାଁ । ଆଗପଟ ଗୋଡରେ ବନ୍ଧା ବାଛୁରୀକି ସେନ୍ହରେ ଚାଟୁଛି ଗାଈ । ଦୁହିଁବା ଲୋକ ଆପଣା ଦୁଇ ଜଙ୍ଘ ମଧ୍ୟରେ ସମ୍ଭାଳି ଦେଇଛି ଦୋହନପାତ୍ର । କ୍ଷୀର ଧାର ପଡୁଛି, ଧାର ପଡ଼ିବାର ଶବ୍ଦ କ୍ରମେ ବଢିଚାଲିଛି । ଦୀର୍ଘ ସମୟ ପର୍ଯ୍ୟନ୍ତ ଚାହିଁ ରହିଥିଲେ ଶ୍ରୀକୃଷ୍ଣ" ।—

ପ୍ରୀତ୍ୟା ନିଯୁକ୍ତାଂଲ୍ଲିହତୀସ୍ତନନ୍ଧୟାନ୍ନିଗୃହ୍ୟ ପାରିମ୍ପଭଦ୍ୱେନ ଜାନୁନୋଃ ।
ବର୍ଦ୍ଧିଷ୍ଣୁଧାରାଧ୍ୱନି ରୋହିଣୀଃ ପୟଶ୍ଚିରଂ ନିଦଧ୍ୟୌ ଦୁହତଃ ସ ଗୋଦୁହଃ ॥
(୧୨।୪୦)

**ପଦ-ଲାଳିତ୍ୟ**

କୁହାଯାଇଛି, ମାଘଙ୍କ ପଦଲାଳିତ୍ୟ ଦଣ୍ଡୀଙ୍କ ରଚନା ସଦୃଶ- "ଦଣ୍ଡିନଃ ପଦଲାଳିତ୍ୟମ୍" । ଲାଳିତ୍ୟରେ ମାଧୁର୍ଯ୍ୟଗୁଣ ସହଜ ରୂପରେ ବିଦ୍ୟମାନ ଥାଏ । ମାଘ କବି ରସଭାବାନୁରୂପ ଗୁଣର ପ୍ରୟୋଗ କରନ୍ତି—ସୁତରାଂ ଏଥିରେ କେବଳ ମାଧୁର୍ଯ୍ୟ, କେବଳ ଓଜ ଅଥବା କେବଳ ପ୍ରସାଦ ନାହିଁ । ସକଳ ଗୁଣର ଯଥାବସର ପ୍ରୟୋଗ ଦେଖାଯାଏ । ଏପରି ପ୍ରୌଢ଼ି ସହିତ ପଦଗୁଡ଼ିକ ପରସ୍ପର ସଙ୍ଗତ ହୋଇ ରହିଥାନ୍ତି ଯେ ତାହାକୁ ପରିବର୍ତ୍ତିତ କରିଦେବା ସମ୍ଭବ ହୁଏ ନାହିଁ । ମାଧୁର୍ଯ୍ୟ, ଓଜ ତଥା ପ୍ରସାଦ ଗୁଣତ୍ରୟର ଅଭିବ୍ୟକ୍ତି ଏକ ବିଶେଷ ସଙ୍ଗୀତ ସହିତ ଘଟିଥାଏ । ଯେ କୌଣସି ଗୁଣର ଅଭିବ୍ୟଞ୍ଜକ ହୋଇଥାନ୍ତୁ ନା କାହିଁକି, ପଦାବଳୀ ସଙ୍ଗୀତମୟ ନୃତ୍ୟ ଛନ୍ଦରୂପୀ ପ୍ରଭାବ ସହିତ ଲାଗିଥାଏ । ଯେପରିକି, ହିରଣ୍ୟକଶିପୁ—ଭୟଭୀତ ଦେବତାଙ୍କ ବର୍ଣ୍ଣନାରେ—ଓଜୋଗୁଣ ସହକାରେ—

୧ ) "ପୁରାଣି ଦୁର୍ଗାଣି ନିଶାତମାୟୁଧଂ ବଲାନି ଶୂରାଣି ଘନାଶ୍ଚ କଞ୍ଚୁକାଃ ।
ସ୍ୱରୂପ ଶୋଭୈକ ଫଲାନି ନାକିନାଂ ଗଣୈର୍ଯମାଶଙ୍କ୍ୟ ତଦାଦ୍ଦତନ୍ଦିରେ ॥
(୧।୩୫)

ପୁନଶ୍ଚ ସେହିପରି ଓଜଗୁଣ ସମ୍ପନ୍ନ ରାବଣର ଅଭିମାନତା ବର୍ଣ୍ଣନାରେ —

୨ ) ଅମାନବଂ ଜାତମଜଂ କୁଳେ ମନୋଃ ପ୍ରଭାବିନଂ ଭାବିନମନ୍ତମାତ୍ମନଃ ।
ମୁମୋଚ ଜାନନ୍ନପି ଜାନକୀଂ ନ ଯଃ ସଦାଭିମାନୈକଧନା ହି ମାନିନଃ ॥"
(୧।୬୭)

ମାଧୁର୍ଯ୍ୟର ଅଭିବ୍ୟକ୍ତିରେ ତ ପଦଲାଳିତ୍ୟ ଅବଶ୍ୟ ଥାଏ । ମାଧୁର୍ଯ୍ୟରେ ଇର୍ଷ୍ୟାର ଅଭିବ୍ୟକ୍ତି ସୁନ୍ଦର କୌଶଳରେ କରିଛନ୍ତି ମାଘ, ଲଳିତ ପଦ ମଧ୍ୟରେ 'ର୍' 'ଘ' ବର୍ଣ୍ଣର ସଂଯୋଗରେ ଗଳିଯାଉଥିବା କଣ୍ଟା ପରି ପ୍ରଭାବ ସୃଷ୍ଟି ଦ୍ୱାରା--

"ଯାଂ ଯାଂ ପ୍ରିୟଃ ପ୍ରୈକ୍ଷତ କାତରାକ୍ଷୀ ସା ସା ହ୍ରିୟା ନମ୍ରମୁଖୀ ବଭୂବ ।
ନିଃଶଙ୍କମନ୍ୟାଃ ସମମାହିତେର୍ଷ୍ୟାସ୍ତତ୍ରାନ୍ତରେ ଜଘ୍ନୁରମୁଂ କଟାକ୍ଷୈଃ ॥"
(୩।୧୬)

ଯେଉଁଠାରେ ତାଳୀବନର ସମୀରଣ କେତକୀର ପତ୍ରାବଳୀକୁ ସୀମନ୍ତିତ କରି ପ୍ରବାହିତ ହୁଏ ସେହି କଚ୍ଛ ପ୍ରଦେଶରେ ଶ୍ରୀକୃଷ୍ଣ-ସେନାର ପ୍ରବେଶ ବର୍ଣ୍ଣନା ଏପରି ଲଳିତ ପଦରେ କରାଯାଇଛି, ସତେ ଯେପରି ପବନର ସନସନ ଶବ୍ଦ ପ୍ରତି-ଧ୍ୱନିତ ହୋଇଛି ।

"ଉତ୍ତାଳ-ତାଳୀବନ-ସଂପ୍ରବୃତ୍ତ-ସମୀର-ସୀମନ୍ତିତ-କେତକୀକାଃ ।
ଆସେଦିରେ ଲାବଣ ସୈନ୍ଧବୀନାଂ ଚମୂଚରୈଃ କଚ୍ଛଭୁବାଂ ପ୍ରଦେଶାଃ ॥"
(୩।୮୦)

ଏବଂ ଶୃଙ୍ଗାର ବର୍ଣ୍ଣନା ପ୍ରସଙ୍ଗରେ ତ ପଦାବଳୀରୁ ସ୍ୱୟଂ ସ୍ୱର-ଲହରୀଙ୍କ ଗୁଞ୍ଜରଣ ମିଳେ ଶୁଣିବାକୁ, ଉଦାହରଣ ସ୍ୱରୂପ—

୧ ) "ଯା ନ ଯଯୌ ପ୍ରିୟମନ୍ୟବଧୂଭ୍ୟଃ
ସାରତରାଗମନାୟତମାନମ୍ ।
ତେନ ସହେହ ବିଭର୍ତ୍ତି ରହଃ ସ୍ତ୍ରୀ
ସା ରତରାଗମନାୟତମାନମ୍ ॥" ୫।୪୫

୬ ) ମଧୁକଣ୍ଠର ମଧୁର ଗୁଞ୍ଜନ ପଦାବଳୀରେ ଝଙ୍କୃତ ହୋଇଛି—

“ମଧୁରୟା ମଧୁବୋଧିତ-ମାଧବୀ
ମଧୁସମୃଦ୍ଧି-ସମେଧିତମେଧୟା ।
ମଧୁକରାଙ୍ଗନୟା ମୁହୁରୁନ୍ମଦ
ଧ୍ୱନିଭୃତା ନିଭୃତାକ୍ଷର ମୁଜ୍ଜଗେ ।।” ୬।୨୦

ଯମକର ଯୋଜନା ଦ୍ୱାରା ପଦମାଧୁର୍ଯ୍ୟ ଅବଶ୍ୟ ବୃଦ୍ଧିଲାଭ କରେ, ଯଦ୍ୟପି ଶୃଙ୍ଗାର ରସରେ ଯମକକୁ ବିଶେଷ ଉପଯୋଗୀ ନୁହେଁ ବୋଲି ମତ ରହିଛି । କିନ୍ତୁ ପଦମାଧୁର୍ଯ୍ୟ ସୃଷ୍ଟି ନିମିତ୍ତ ତାହା ଶ୍ରେୟସ୍କର ବିବେଚିତ ହୁଏ । ବସନ୍ତବର୍ଣ୍ଣନ ପ୍ରସଙ୍ଗରେ କବି ଯମକର କିପରି ମଧୁର ଉପଯୋଗ କରିଛନ୍ତି ଦେଖନ୍ତୁ—

“ନବପଲାଶ ପଲାଶବନଂ ପୁରଃ ସ୍ଫୁଟପରାଗ ପରାଗତ ପଙ୍କଜମ୍ ।
ମୃଦୁଲତାନ୍ତ ଲତାନ୍ତମଲୋକୟତ୍ ସୁରଭିଂ ସୁମନୋହରୈଃ ।।” ୬।୨

‘ସ୍ଥାଲୀପୁଲାକ’—ନ୍ୟାୟରେ ଏ କେତୋଟି ମାତ୍ର ଉଦାହରଣ ଦିଆଯାଇଛି ସିନା । ବସ୍ତୁତଃ ମାଘଙ୍କ ଶ୍ଳୋକମାନଙ୍କରେ ପଦଗୁଡ଼ିକର ପରସ୍ପର-ସଂଗତି ଏପରି ସୁରକ୍ଷିତ ହୋଇଛି ଯେ, ଯେ କୌଣସି ସ୍ଥାନରେ ଦେଖିଲେ ମଧ୍ୟ ତାହା ଦେଖାଯିବା ଅତ୍ୟନ୍ତ ସମ୍ପୂର୍ଣ୍ଣ ଲାଗେ । ଏପରି କୌଣସି ପଦ ନାହିଁ ଯାହା କେବଳ ଛନ୍ଦପୂରଣ ଉଦ୍ଦେଶ୍ୟରେ ପ୍ରଯୁକ୍ତ ହୋଇଛି । ପ୍ରଥମ ପଦ ପରେ ପରବର୍ତ୍ତୀ ପଦ ସ୍ୱତଃ ପ୍ରସ୍ତୁତ ହୋଇଥାଏ । ସମ୍ପୂର୍ଣ୍ଣ ମାଘକାବ୍ୟ ନିପୁଣ ପଦଲାଳିତ୍ୟର ଅନୁପମ ଉଦାହରଣ, ଯାହାକୁ ପାଠ କଲାବେଳେ ବଳାତ୍କାରରେ ଏ ଅନୁଭୂତି ଆସେ ଯେ, ଏ ରଚନା ପ୍ରସ୍ତୁତ ହୋଇଛି ଏପରି ଏକ ମହାକବିଙ୍କ ଲେଖନୀରୁ, ଯାହାଙ୍କ କାବ୍ୟ ପ୍ରୌଢ଼ି ସମକ୍ଷରେ ସ୍ୱୟଂ କାବ୍ୟଦେବତା ମଧ୍ୟ ନତମସ୍ତକ ହୋଇଥିବେ, ଯାହାଙ୍କ ଚରଣ ତଳେ ସଂପୂର୍ଣ୍ଣ ବ୍ୟାକରଣ ଏବଂ କୋଷଗ୍ରନ୍ଥର ବୈଭବରାଶି ଲୋଟି ଯାଉଥିବ, ଏବଂ ଯାହାଙ୍କ ଭ୍ରୂକୁଟୀ ବିଳାସରେ ସଂପୂର୍ଣ୍ଣ ଅଳଂକାରଶାସ୍ତ୍ର ନୃତ୍ୟ କରୁଥିବ ।

## ଅର୍ଥଗୌରବ

ମାଘକାବ୍ୟରେ ଭାରବିଙ୍କ ତୁଲ୍ୟ ଅର୍ଥଗୌରବ ଅଛି ବୋଲି କୁହାଯାଏ— "ଭାରବେରର୍ଥଗୌରବମ୍"। ସେହିପରି ମାଘ ବିବିଧ ବସ୍ତୁ ବର୍ଣ୍ଣନରେ ପୂର୍ଣ୍ଣ ତାଙ୍କ ମହାକାବ୍ୟରେ ଯେଉଁ ସବୁ ଅଭିନବ କଳ୍ପନା ପ୍ରକାଶ କରିଛନ୍ତି ତଥା ଯେଉଁ ସବୁ ଅର୍ଥାଲଂକାର ଯୋଜନା କରିଛନ୍ତି ସେ ସକଳ ତାଙ୍କ ଅର୍ଥ ଗୌରବର ନିଦର୍ଶନ। ଯେ କୌଣସି ପ୍ରସଙ୍ଗରୁ ଯେ କୌଣସି ଶ୍ଳୋକ ଗ୍ରହଣ କଲେ ମଧ୍ୟ ଦେଖାଯିବ ଯେ ତାହା ଅର୍ଥଭାରରେ ଗୁରୁତମ। ଉଦାହରଣ ସ୍ୱରୂପ, ରାବଣର ଅଦ୍‌ଭୁତ ସାହାସର ବର୍ଣ୍ଣନା କରି ନାରଦ କହିଲେ—

"ଯେଉଁ ରାବଣ ଥରେ ଲୋକତ୍ରୟର ସ୍ୱାମୀ ହେବା ଇଚ୍ଛାରେ ଶିବଙ୍କ ପ୍ରତି ଅନୁରାଗାତିରେକରେ ନିଜ ଦଶମ ଶିର ମଧ୍ୟ କାଟିଦେବାକୁ ଚାହିଁଥିଲା, ସେତେବେଳେ ସାହସପ୍ରେମୀ ସେହି ରାବଣ ତାଙ୍କର ପ୍ରସାଦକୁ ମଧ୍ୟ ବିଘ୍ନସମ ମନେକରିଥିଲା"—

"ପ୍ରଭୁର୍ବୁଭୂଷୁର୍ଭୁବନତ୍ରୟସ୍ୟ ଯଃ ଶିରୋଽତିରାଗାଦ୍ଦଶମଂ ଚିକର୍ତ୍ତିଷୁଃ।
ଅତର୍କୟଦ୍ ବିଘ୍ନମିବେଷ୍ଟସାହସଃ ପ୍ରସାଦମିଚ୍ଛାସଦୃଶଂ ପିନାକିନଃ॥"

(୧।୪୯)

ରାବଣର ସାହାସ ତଥା ଶିବଭକ୍ତିର ଏହିଠାରୁ ଅଧିକ ପ୍ରଶଂସା କରାଯାଇ ପାରିବ ନାହିଁ।

ଦ୍ୱାରକାରୁ ଶ୍ରୀକୃଷ୍ଣଙ୍କ ସେନା ବାହାରିଲେ, ଏହାର ବର୍ଣ୍ଣନା ଦେଇଛନ୍ତି ମାଘ ମାଳୋପମାରେ— "ଯେପରି ବିଷ୍ଣୁଙ୍କ ଅଙ୍ଗରୁ ପ୍ରାଣୀ ବହିର୍ଗତ ହେଲେ, ଯେପରି ଶମ୍ଭୁଙ୍କ ଜଟାଜୁଟରୁ ଗଙ୍ଗାର ଧାରାସକଳ ନିର୍ଗତ ହେଲେ, ତଥା ଯେପରି ବିଧାତାଙ୍କ ମୁଖରୁ ଶ୍ରୁତିମାନେ (ବେଦର ଋକ୍ ସକଳ) ନିର୍ଗତ ହେଲେ, ସେହିପରି ସେହି ନଗରୀରୁ ନିର୍ଗତ ହେଲେ ଶ୍ରୀକୃଷ୍ଣଙ୍କ ସେନା"—

"ପ୍ରଜା ଇବାଙ୍ଗାଦରବିନ୍ଦନାଭେଃ ଶମ୍ଭୋର୍ଜଟାଜୁଟତଟାଦିବାପଃ।
ମୁଖାଦିବାଥ ଶ୍ରୁତୟୋ ବିଧାତୁଃ ପୁରାନ୍ନିରୀୟୁର୍ମୁରଜିଦ୍‌ଧ୍ୱଜିନ୍ୟଃ॥" ୩।୨୫

ଏହି ଉପମାମାନଙ୍କ ମାଧ୍ୟମରେ କ୍ରମଶଃ ସେନାର ଅସଂଖ୍ୟତା, ବଳବତ୍ତା ତଥା ଅଜେୟତାର ଅଦ୍ଭୁତ ବ୍ୟଂଜନା କରିଛନ୍ତି କବି । ଏହି ଭଳି ପ୍ରାୟ ସକଳ ଅଳଙ୍କାର କୌଣସି ନା କୌଣସି ସୁନ୍ଦର ବ୍ୟଙ୍ଗ୍ୟାର୍ଥର ଗୌରବରେ ମଣ୍ଡିତ ହୋଇଛନ୍ତି । ଏଥିସହିତ ଅର୍ଥାନ୍ତରନ୍ୟାସରେ ଯେଉଁ ସାମାନ୍ୟ ସୂକ୍ତି-ସବୁ ନିହିତ ଅଛି, ସେଗୁଡ଼ିକ କବିଙ୍କ ମୌଳିକ ଚିନ୍ତନଶୀଳତା ଏବଂ ସୂକ୍ଷ୍ମ କଳ୍ପନା-ପ୍ରତିଭାକୁ ବିଶେଷ ଭାବେ ପ୍ରମାଣିତ କରନ୍ତି । ସୂକ୍ତି-ପ୍ରୟୋଗ ସାମର୍ଥ୍ୟ ଉଚ୍ଚକୋଟୀର ମହାକବିଙ୍କଠାରେ ପରିଦୃଷ୍ଟ ହୁଏ, ସମସ୍ତଙ୍କଠାରେ ଦେଖାଯାଏ ନା । କାଳିଦାସ, ଭାରବି, ମାଘ, ଶ୍ରୀହର୍ଷ ତଥା ଭବଭୂତିଙ୍କ ସଦୃଶ ଶ୍ରେଷ୍ଠ କବିଶିରୋମଣିଙ୍କ କୃତି ମଧ୍ୟରେ ହିଁ ଏହି ଧରଣର ସୂକ୍ତି-ସୁଷମା ପରିଦୃଷ୍ଟ ହୋଇଥାଏ ।

## ସୂକ୍ତି ସୌରଭ

କବି ସ୍ୱକୀୟ ସାରସ୍ୱତ ଚକ୍ଷୁ ଦ୍ୱାରା ଜଗଦ୍‌ଗତ ସକଳ ଭାବର ସାକ୍ଷାତ୍କାର ଲାଭ କରେ । ମାଘଙ୍କର ଅର୍ଥାନ୍ତର ନ୍ୟାସ ଅଳଙ୍କାର ଅନୁସରଣ କ୍ରମେ ତାଙ୍କ ସୂକ୍ତି କଳ୍ପନା-କ୍ଷମତା ନିମ୍ନରେ ପ୍ରଦର୍ଶିତ ହୋଇପାରେ ।

୧ । ଗୃହାନୁପୈତୁଂ ପ୍ରଣୟାଦଭୀପ୍ସବଃ ଭବନ୍ତି ନାପୁଣ୍ୟକୃତାଂ ମନୀଷିଣଃ ।।୧।୧୪

୨ । ଗ୍ରହୀତୁମାର୍ଯାନ୍ ପରିଚର୍ଯୟା ମୁହୁର୍ମହାନୁଭାବା ହି ନିତାନ୍ତମର୍ଥିନଃ ।। ୧।୧୭

୩ । ହନ୍ତୀବ ତୋଷିତ୍ ପ୍ରକୃତିଃ ସୁନିଷ୍ଠୁରା ମୃଦୁତ୍ୱମଭ୍ୟେତି ଭିନ୍ନାନ୍ତରେଷ୍ୱପି ।।୧।୭୨

୪ । ଶୁଚିଭବତାଗ୍ଭୃତଃ ବିପକ୍ଷମାପଦୋ ନିପାତନୀୟା ହି ସତାମସାଧବଃ ।।୧।୭୩

୫ । ଜ୍ଞାତସାରୋଽପି ଖଲ୍ୱେକଃ ସନ୍ଦିଗ୍ଧେ କାର୍ଯ୍ୟବସ୍ତୁନି ।। ୨।୧୨

୬ । ମହୀୟାଂସଃ ପ୍ରକୃତ୍ୟା ମିତଭାଷିଣଃ ।। ୨।୧୩

୭ । ଦୃଢମୂଳସ୍ୟ ମଳଂ ହି ମହଦ୍ ବୈରିତରୋଃ ସ୍ତ୍ରିୟଃ ।। ୨।୩୮

୮ । କଥାପି ଖଲୁ ପାପାନାମଲମଶ୍ରେୟସେ ଯତଃ ।। ୨।୪୦

୯ । ସର୍ବଃ ସ୍ୱାର୍ଥଂ ସମୀହତେ ।। ୨।୬୫

୧୦ । କ୍ଷଣେ କ୍ଷଣେ ଯନ୍ନବତାମୁପୈତି ତଦେବ ରୂପ ରମଣୀୟତାୟାଃ ।। ୪।୧୭

୧୧ । ସର୍ବଃ ପ୍ରିୟଃ ଖଲୁ ଭବତ୍ୟନୁରୂପଚେଷ୍ଟଃ ।। ୫।୬

୧୨ । ସର୍ବୋ ହି ନୋପନତମପ୍ୟପଚୀୟମାନଂ ବର୍ଦ୍ଧିଷ୍ଣୁମାଶ୍ରିତମନାଗତମଭ୍ୟୁପୈତି । ୫।୧୪

୧୩ । ନାନ୍ୟସ୍ୟ ଗନ୍ଧମପି ମାନଭୃତଃ ସହନ୍ତେ ॥ ୫।୪୨

୧୪ । ନୈବାତ୍ମନୀନମଥବା କ୍ରିୟତେ ମଦାନ୍ଧୈଃ ॥ ୫।୪୪

୧୫ । ଶାସ୍ତ୍ରଂ ହି ନିଶ୍ଚିତଧିୟାଂ କ୍ୱ ନ ସିଦ୍ଧିମେତି ॥ ୫।୪୬

୧୬ । ପରଭବୋଽଶଭବୋ ହି ସୁଦୁଃସହଃ ॥ ୬।୪୫

୧୭ । ଅଭିରକ୍ଷ୍ମାଦ୍ଭୁତାନାଂ ଭବତି ମହତ୍ସୁ ନ ନିଷ୍ଫଳ ପ୍ରଣୟାଶଃ ॥ ୬।୧

୧୮ । ସ୍ତ୍ରୈଣମଭିଭୂଷୟତି ସ୍ତ୍ରିୟସ୍ତ୍ରପୈବ ॥ ୬।୩୮

୧୯ । ଭବତି ହି ବିକ୍ଲବତା ଗୁଣୋଽଙ୍ଗନାନାମ୍ ॥ ୬।୪୩

୨୦ । କମିବ ନ ଶକ୍ତିହରଂ ସସାଧ୍ୱସାନାମ୍ ॥ ୬।୫୨

୨୧ । ନ ପରିଚୟୋ ମଲିନାତ୍ମନାଂ ପ୍ରଧାନମ୍ ॥ ୬।୬୧

୨୨ । ଔଚିତ୍ୟଂ ଗଣୟତି କୋ ବିଶେଷକାମଃ ॥ ୮।୧୦

୨୩ । ଭକ୍ତିଃ କ ଇବ ସୁଖାବହଃ ପରେଷାମ୍ ॥ ।୧୮

୨୪ । ପ୍ରତିକୂଳତାମୁପଗତେ ହି ବିଧୌ ବିଫଳତ୍ୱମେତି ବହୁସାଧନତା ॥ ୯।୬

୨୫ । ଅପଦୋଷତୈବ ବିଗୁଣସ୍ୟ ଗୁଣଃ ॥ ୯।୧୨

୨୬ । ଭ୍ରାନ୍ତିଭାଜି ଭବତି କ୍ୱ ବିବେକ ॥ ୧୦।୫

୨୭ । ସ୍ୱାଂ ମଦାତ୍ ପ୍ରକୃତିମେତି ହି ସର୍ବଃ ॥ ୧୦।୧୮

୨୮ । ଦୁସ୍ତ୍ୟଜଃ ଖଲୁ ସୁଖାଦପି ମାନଃ ॥ ୧୦।୨୧

୨୯ । ନିର୍ବୃତିର୍ହି ମନସୋ ମଦହେତୁ ॥ ୧୦।୮

୩୦ । ନ କ୍ଷମଂ ଭବତି ତତ୍ତ୍ୱବିଚାରେ ମତ୍ସରେଣ ହୃତସଦ୍ବୃତ୍ତି ଚେତଃ ॥ ୧୦।୩୫

୩୧ । ମଦମୂଢବୁଦ୍ଧିଷୁ ବିବେକିତା କୁତଃ ॥ ୧୩।୬

୩୨ । ମହତୀମପି ଶ୍ରିୟମବାପ୍ୟ ବିସ୍ମୟଃ ସୁଜନୋ ନ ବିସ୍ମରତି ଜାତୁ କଂଚନ ॥ ୧୩।୬୮

୩୩ । ପରବୃଦ୍ଧିମତ୍ସରି ମନୋ ହି ମାନିନାମ୍ ॥ ୧୫।୧

୩୪ । ସ୍ଥିତିମାପଦାଂ ପଦମନାତ୍ମବେଦିତା ॥ ୧୫।୨୨

୩୫। ପ୍ରଭୁତ୍ୱମେବ ହି ଜନାନୁବର୍ତ୍ତିତା ॥ ୧୫।୪୧

୩୬। ଅନୁହୁଙ୍କୁରୁତେ ଘନଧ୍ୱନିଂ ନ ହି ଗୋମାୟୁରୁତାନି କେସରୀ ॥ ୧୬।୨୭

୩୭। ଅରୁଚାବପି ରୋଗଘ୍ନଂ ନିସର୍ଗାଦେବ ଭେଷଜମ୍ ॥ ୧୯।୮୯

୩୮। ଉପକୃତ୍ୟ ନିସର୍ଗତଃ ପରେଷାମୁପରୋଧଂ ନ ହି କୁର୍ବତେ ମହାନ୍ତଃ ॥ ୨।୭୪

# ଛନ୍ଦୋ ଯୋଜନା

ମାଘଙ୍କ ଶିଶୁପାଳବଧରେ ସମଗ୍ର ୨୦ ସର୍ଗରେ ରଚିତ ଶ୍ଳୋକସଂଖ୍ୟା ୧୬୪୫ । ଏଥିରେ ପଞ୍ଚଦଶ ସର୍ଗର ୩୪ ପ୍ରକ୍ଷିପ୍ତ ଶ୍ଳୋକ, ଯାହା ଉପରେ ମଲ୍ଲିନାଥ ଟୀକା କରି ନାହାନ୍ତି, କିନ୍ତୁ ବଲ୍ଲଭଦେବ କରିଛନ୍ତି, ତଥା ଗ୍ରନ୍ଥାନ୍ତରେ ଥିବା କବି ବଂଶ ବର୍ଣ୍ଣନର ୫ଟି ଶ୍ଳୋକ ଯୋଗ କଲେ ସମଗ୍ର ଶ୍ଳୋକ ସଂଖ୍ୟା ହେଉଛି ୧୬।୪ । ଏହି ଶ୍ଳୋକ ଗୁଡ଼ିକରେ ମାଘ ୪୬ଟି ଛନ୍ଦର ପ୍ରୟୋଗ କରିଛନ୍ତି, ଯେତେବେଳେ କାଳିଦାସ ତାଙ୍କ 'ରଘୁବଂଶ' ତଥା 'କୁମାର ସମ୍ଭବ' କାବ୍ୟ ଦ୍ୱୟରେ କେବଳ ୧୮ଟି ଛନ୍ଦ ଏବଂ ଭାରବି ତାଙ୍କ 'କିରାତାର୍ଜୁନୀୟ' କାବ୍ୟରେ ୨୪ଟି ଛନ୍ଦ ବ୍ୟବହାର କରିଛନ୍ତି । 'କିରାତ'ରେ ଭାରବି ଗୋଟିଏ ମାତ୍ର ସର୍ଗରେ ପ୍ରୟୋଗ କରିଛନ୍ତି ମୋଟ ୧୬ଟି ବିଭିନ୍ନ ଛନ୍ଦ; ସେ କ୍ଷେତ୍ରରେ ମାଘ ଏକ ସର୍ଗରେ ୨୨ ପର୍ଯ୍ୟନ୍ତ ଛନ୍ଦ ପ୍ରୟୋଗ କରିଛନ୍ତି । ସେହିପରି, ପରମ୍ପରାମତେ ମାଘ ପ୍ରତ୍ୟେକ ସର୍ଗକୁ ପ୍ରାୟ ଏକମାତ୍ର ଛନ୍ଦରେ ଲେଖିଛନ୍ତି, କେବଳ ଚତୁର୍ଥ ସର୍ଗରେ ପ୍ରଯୁକ୍ତ ଛନ୍ଦସଂଖ୍ୟା ହେଉଛି ୨୨ ।

ଛନ୍ଦ ପ୍ରୟୋଗ କାଳରେ ମାଘଙ୍କ ଦୃଷ୍ଟି ବର୍ଣ୍ଣନୀୟ ବିଷୟର ଔଚିତ୍ୟକୁ ଉପେକ୍ଷା କରେ ନାହିଁ । ଛନ୍ଦ ପ୍ରୟୋଗ ବେଳେ ବିଷୟ ସଚେତନତା ଦେଖାଯାଏ, ଯଥା, ନାରଦ ବିଗ୍ରହ ତଥା ଯୁଦ୍ଧ ବର୍ଣ୍ଣନାରେ ଅନୁଷ୍ଟୁପ୍, ଋତୁ ବର୍ଣ୍ଣନା ପ୍ରସଙ୍ଗରେ ଦ୍ରୁତ ବିଲମ୍ବିତ, ବନବିହାରରେ ପୁଷ୍ପିତାଗ୍ରା, ଜଳକ୍ରୀଡ଼ାରେ ପ୍ରହର୍ଷିଣୀ, ଚନ୍ଦ୍ରୋଦୟାଦି ରାତ୍ରି ବର୍ଣ୍ଣନରେ ପ୍ରମିତାକ୍ଷରା, ସୁରତବିଳାସରେ ସ୍ୱାଗତା, ପ୍ରଭାତବର୍ଣ୍ଣନରେ ମାଳିନୀ ଛନ୍ଦର ପ୍ରୟୋଗ କରିଛନ୍ତି । ରୈବତକ ବର୍ଣ୍ଣନାରେ ପର୍ବତର ବୈଚିତ୍ର୍ୟକୁ ଛନ୍ଦ-ଚିତ୍ର ଦ୍ୱାରା ପ୍ରଦର୍ଶିତ କରିବାର ଭାବନା ଯୋଗୁଁ ମାଘ ଅନେକ ଛନ୍ଦର ପ୍ରୟୋଗ କରିଯାଇଛନ୍ତି । ତାଙ୍କ ପ୍ରଯୁକ୍ତ ଛନ୍ଦର ତାଲିକା ନିମ୍ନରେ ପ୍ରଦତ୍ତ ହେଲା :

| | ଛନ୍ଦ | ସର୍ଗ | ଶ୍ଳୋକସଂଖ୍ୟା |
|---|---|---|---|
| ୧ । | ଅନୁଷ୍ଟୁପ୍ | ୨,୧୯ | ୨୩୩ |
| ୨ । | ଆଖ୍ୟାନକୀ | ବଂଶବର୍ଣ୍ଣନାରେ | ୧ |

| ଛନ୍ଦ | ସର୍ଗ | ଶ୍ଳୋକସଂଖ୍ୟା |
|---|---|---|
| ୩ । ଅନ୍ତଶାୟିନୀ | ୮ | ୧ |
| ୪ । ଆର୍ଯ୍ୟା | ୪ | ୨ |
| ୫ । ଇନ୍ଦ୍ରବଜ୍ରା | ୪ | ୪ |
| ୬ । ଉଦ୍‌ଗତା | ୫ | ୯୪ |
| ୭ । ଉପେନ୍ଦ୍ରବଜ୍ରା | ୪ | ୪ |
| ୮ । ଉପଜାତି | ୩,୪,୬,୧୨,୧୫,୧୭ | ୮୨ |
| | ତଥା କବିବଂଶ ବର୍ଣ୍ଣନାରେ | |
| ୯ । ଔପଚ୍ଛନ୍ଦସିକ | ୨,୬,୧୧,[illegible],୧୯ | ୮୩ |
| ୧୦ । କୁଟଗ୍ରାରୁତା | ୪ | ୧ |
| ୧୧ । ନର୍କୋଟକଗନ୍ଧ | ୪ | ୧ |
| ୧୨ । ଦୋଧକ | ୪ | ୧ |
| ୧୩ । ପଞ୍ଚକାବଳୀ ଅଥବା ଧୃତଶ୍ରୀ | ୩ | ୧ |
| ୧୪ । ପୃଥ୍ୱୀ | ୪ | ୧ |
| ୧୫ । ପ୍ରଭା | ୬ | ୧ |
| ୧୬ । ପ୍ରମିତାକ୍ଷରା | ୪,୬ | ୮୩ |
| ୧୭ । ଭ୍ରମରବିଳସିତ | ୪ | ୧ |
| ୧୮ । ମତ୍ତମୟୂର | ୪,୬ | ୨ |
| ୧୯ । ମତ୍ତାମଲିକ | ୧୧ | ୧ |
| ୨୦ । ମେଘବିସ୍ଫୂର୍ଜିତ | ୨୦ | ୧ |
| ୨୧ । ରମଣୀୟକ | ୧୩ | ୧ |
| ୨୨ । କୁଟଜା | ୬ | ୧ |
| ୨୩ । ଜଳଧରମାଳା | ୪ | ୧ |
| ୨୪ । ତୋଟକ | ୬ | ୧ |
| ୨୫ । ଦ୍ରୁତବିଲମ୍ବିତ | ୨,୪,୬ | ୬୧ |

| ଛନ୍ଦ | ସର୍ଗ | ଶ୍ଳୋକସଂଖ୍ୟା |
|---|---|---|
| ୨୬ । ପଥ୍ୟା | ୪ | ୧ |
| ୨୭ । ପୁଷ୍ପିତାଗ୍ରା | ୧,୭,୪ | ୭୮ |
| ୨୮ । ପ୍ରଭା | ୭ | ୧ |
| ୨୯ । ପ୍ରହର୍ଷିଣୀ | ୪,୮,୯,୧୪ | ୬୭ |
| ୩୦ । ମଞ୍ଜୁଭାଷିଣୀ | ୪,୬,୧୭, | ୧ |
| | ୪,୧୩ | ୭୯ |
| ୩୧ । ମନ୍ଦାକ୍ରାନ୍ତା | ୭,୯,୧୮ | ୩ |
| ୩୨ । ମାଳିନୀ | ୨,୪,୭,୧୦,୧୧,୨୦ | ୭୨ |
| ୩୩ । ରଥୋଦ୍ଧତା | ୧,୧୪ | ୮୬ |
| ୩୪ । ରୁଚିରା | ୧୭ | ୭୮ |
| ୩୫ । ବଂଶପତ୍ରପତିତ | ୪ | ୧ |
| ୩୬ । ବସନ୍ତତିଳକା | ୪,୫,୭,୧୪,୨୦ | ୮୯ |
| ୩୭ । ଶାର୍ଦ୍ଦୂଳବିକ୍ରୀଡ଼ିତ | ୧,୬,୧୭ | ୫ |
| ୩୮ । ଶିଖରିଣୀ | ୫ | ୯ |
| ୩୯ । ସ୍ରଗ୍ୱିଣୀ | ୪ | ୧ |
| ୪୦ । ହରିଣୀ | ୧୨ | ୧ |
| ୪୧ । ବଂଶସ୍ଥ | ୧,୯ | ୭୦ |
| ୪୨ । ବୈତାଳୀୟ | ୧୬ | ୭୯ |
| ୪୩ । ବୈଶ୍ୱଦେବୀ | ୧୯ | ୧ |
| ୪୪ । ଶାଳିନୀ | ୫,୧୬,୧୮ | ୮୧ |
| ୪୫ । ସ୍ରଗ୍ଧରା | ୧୫ | ୧ |
| ୪୬ । ସ୍ୱାଗତା | ୬, ୧୦ | ୯୧ |

ମାଘଙ୍କ "ତୁରଗଶତାକୁଳସ୍ୟ" (୩।୮୨) ବ୍ୟତୀତ ସଂସ୍କୃତବାଙ୍ମୟରେ 'ଧୃତଶ୍ରୀ' ବା 'ପଞ୍ଚକାବଳୀ'ର ଅପର କୌଣସି ଉଦାହରଣ ସମ୍ଭବତଃ ପରିଦୃଷ୍ଟ ହୁଏ ନାହିଁ । ମନେ ହୁଏ, ଏହି ଶ୍ଳୋକର ଆଧାରରେ ହିଁ ଏହି ଛନ୍ଦର ଲକ୍ଷଣ ନିର୍ଦ୍ଦେଶ କରାଯାଇଛି ।

# ବ୍ୟୁତ୍ପତ୍ତି

ବ୍ୟୁତ୍ପତ୍ତି ତଥା ଅଭ୍ୟାସଦ୍ୱାରା ପରିଷ୍କୃତ ପ୍ରତିଭା କାବ୍ୟ-ସମୁଦ୍‌ଭବର ହେତୁ ବୋଲି କଥିତ ହୋଇଛି (ବ୍ୟୁତ୍ପତ୍ତ୍ୟଭ୍ୟାସସଂସ୍କୃତା ପ୍ରତିଭାସ୍ୟ ହେତୁଃ— କାବ୍ୟାନୁଶାସନ) । ବ୍ୟୁତ୍ପତ୍ତିର ପ୍ରତିଭା ସହ ମଣିକାଞ୍ଚନ ସଂଯୋଗ ହେଲେ ଏ ଭଳି କାବ୍ୟାଲଙ୍କାର ସୃଷ୍ଟି ହୁଏ, ଯାହା ସର୍ବଦା ବିଦଗ୍ଧକଣ୍ଠାଭରଣ ହୋଇଥାଏ । ବ୍ୟୁତ୍ପତ୍ତି ମଧ୍ୟକୁ ଚାଲିଆସେ ବିଶ୍ୱର ସମଗ୍ର ଜ୍ଞାନଭଣ୍ଡାର । ତଥାପି ବିଭିନ୍ନ ଆଚାର୍ଯ୍ୟମାନେ ପରିଗଣନା ଉଦ୍ଦେଶ୍ୟରେ କେତେକ ପ୍ରଧାନ ପ୍ରଧାନ ବିଭିନ୍ନ ବିଦ୍ୟାର ଉଲ୍ଲେଖ କରିଛନ୍ତି—ରାଜଶେଖର, କ୍ଷେମେନ୍ଦ୍ର, ମମ୍ମଟ, ବାଗ୍‌ଭଟ—ପ୍ରତ୍ୟେକଙ୍କ ଗଣନା ସ୍ୱକୀୟ ଓ ସ୍ୱତନ୍ତ୍ର । ବସ୍ତୁତଃ କବିଙ୍କ ଜ୍ଞାନର ଇୟତ୍ତା ନାହିଁ, ଏପରି କୌଣସି ଶାସ୍ତ୍ର, ବିଦ୍ୟା ଅଥବା କଳା ନାହିଁ ଯାହା କାବ୍ୟାଙ୍ଗ ହୋଇ ନ ପାରିବ । କବିର ସ୍ତର ମହୀୟାନ୍ ଅଟେ, ଅତଏବ ତାଙ୍କୁ ବିଦ୍ୱାନଙ୍କ ପର୍ଯ୍ୟାୟବାଚୀ 'କବି' ଉପାଧି ମିଳିଛି ।

ସେ ଯାହା ହେଉ, ମାଘଙ୍କଠାରେ ପ୍ରତିଭା ସହିତ ବ୍ୟୁତ୍ପତ୍ତି ମଧ୍ୟ ଥିଲା ଅଦ୍ୱିତୀୟ । ବେଦ, ବେଦାଙ୍ଗ, ଦର୍ଶନ, ପୁରାଣ, ବ୍ୟାକରଣ, ରାଜନୀତି, ଆୟୁର୍ବେଦ ସଙ୍ଗୀତ, ପଶୁ-ବିଜ୍ଞାନ, ଜ୍ୟୋତିଷ, କାମଶାସ୍ତ୍ର, ପାକବିଦ୍ୟା ଆଦି ସକଳ ବିଷୟରେ ସେ ଜଣେ ମର୍ମଜ୍ଞ ନିଷ୍ଣାତ ବିଦ୍ୱାନ୍ ପ୍ରତୀତ ହୁଅନ୍ତି । ଉଦାହରଣ ନିମିତ୍ତ ତାଙ୍କର ବ୍ୟୁତ୍ପତ୍ତି ଦ୍ୟୋତକ କେତୋଟି ଶ୍ଲୋକ ଉଦ୍ଧାର କରାଯାଇପାରେ ;

**ମୀମାଂସା** - ଯୁଧିଷ୍ଠିର ଯଜ୍ଞ ବିଷୟରେ ତାଙ୍କ ବିବେଚନାରୁ ବେଦ ଏବଂ ମୀମାଂସାରେ ତାଙ୍କ ବିଶେଷଜ୍ଞତା ପ୍ରମାଣିତ ହୁଏ । ଋତ୍ୱିକମାନେ କିପରି ଅନୁବାକ୍ୟା ଯାଜ୍ୟାଦ୍ୱାରା ଦେବୋଦ୍ଦେଶରେ ହବନ କରୁଥିଲେ —

"ଶବ୍ଦିତାମନପଶବ୍ଦମୁଚ୍ଚକୈର୍ବାକ୍ୟଲକ୍ଷଣବିଦୋଽନୁବାକ୍ୟୟା ।
ଯାଜ୍ୟୟା ଯଜନକର୍ମିଣୋଽତ୍ୟଜନ୍ ଦ୍ରବ୍ୟଜାତମପଦିଶ୍ୟ ଦୈବତମ୍ ॥"
(ଶି. ବ ୧୪।୨୦)

ଯେପରି ସାମବେଦୀ ହସ୍ତ ସଞ୍ଚାଳନ ଦ୍ୱାରା ସପ୍ତ ସ୍ୱରର କଳ୍ପନା ସହିତ ସାମଗାନ କରୁଥିଲେ ଏବଂ ହୋତା ଅଧ୍ୱର୍ଯ୍ୟୁ ଆଦି ଋକ୍ ଏବଂ ଯଜୁଃ ଗାନ କରୁଥିଲେ —

"ସପ୍ତଭେଦ କରକଳ୍ପିତ ସ୍ୱରଂ ସାମ ସାମବିଦସଙ୍ଗମୁଚ୍ଚଜଗୌ ।
ତତ୍ର ସୂନୃତଗିରଶ୍ଚ ସୂରୟଃ ପୁଣ୍ୟମୃଗ୍ୟଜୁଷମଧ୍ୟଗୀଷତ ॥" ୧୪।୨୧

ପୁନଶ୍ଚ, ଯେପରି ପ୍ରଣୟନାଦି ସଂସ୍କୃତ ଅଗ୍ନିରେ ଋତ୍ୱିକ୍‌ମାନେ କୁଶନିର୍ମିତ କଟି ମେଖଳା ପରିହିତା ଯଜମାନ ଜାୟା ଦ୍ୱାରା ପରିଦୃଷ୍ଟ ଘୃତାହୁତି ହବନ କରୁଛନ୍ତି—

"ବଦ୍ଧଦର୍ଭମୟକାଞ୍ଚିଦାମୟା ବୀକ୍ଷିତାନି ଯଜମାନ ଜାୟୟା ।
ଶୁଷ୍ମଣି ପ୍ରଣୟନାଦିସଂସ୍କୃତେ ତୈର୍ହବୀଂଷି ଜୁହୁବାଂ ବଭୂବିରେ ॥"
ଶି: ବ: ୧୪।୨୨

ବ୍ୟାକରଣ— ମାଘ ମହାବୈୟାକରଣ ଭାବରେ ବିଦିତ । ତାଙ୍କର ବ୍ୟାକରଣ ବିଷୟକ ବିଶେଷଜ୍ଞତା ତାଙ୍କର ଜଟିଳ ପ୍ରୟୋଗସବୁ ଦ୍ୱାରା ସ୍ୱତଃ ପ୍ରମାଣିତ ହୋଇଥାଏ, ଯେପରି କି—

"ପୁରୀମବସ୍କନ୍ଦ ଲୁନୀହି ନନ୍ଦନଂ ମୁଷାଣ ରତ୍ନାନି ହରାମରାଙ୍ଗନାଃ ।
ବିଗୃହ୍ୟ ଚକ୍ରେ ନମୁଚିଦ୍ୱିଷା ବଲୀ ଯ ଇତ୍ଥମସ୍ୱାସ୍ଥ୍ୟମହର୍ଦିବଂ ଦିବଃ ॥"
ଶି: ବ: ୧।୫୧

ଏହି ଶ୍ଳୋକ ଲକାର-ପ୍ରୟୋଗରେ ମାଘଙ୍କ ସୂକ୍ଷ୍ମତା ଏବଂ ବିଶେଷଜ୍ଞତାକୁ ପ୍ରମାଣିତ କରିଥାଏ । କିନ୍ତୁ ସ୍ଥାନେ ସ୍ଥାନେ ସେ ବ୍ୟାକରଣଶାସ୍ତ୍ରର ସିଦ୍ଧାନ୍ତମାନଙ୍କର ମଧ୍ୟ ସ୍ପଷ୍ଟ ଉଲ୍ଲେଖ କରିଛନ୍ତି । ଯଥା—

୧ । ଉଦାତ୍ତ ସ୍ୱର ଏକ ପଦରେ ଥିବା ଅନ୍ୟ ସକଳ ସ୍ୱରର ନିଘାତ (ଅନୁଦାତ୍ତ) କରିଦିଏ — "ନିହନ୍ତ୍ୟରୀନେକପଦେ ଯ ଉଦାତ୍ତଃ ସ୍ୱରାନିବ" (୧।୯୫)

୨ । "ମଦିରାମଦ ପ୍ରମଦାମାନଙ୍କର ଚିରପ୍ରସୁପ୍ତ ଭ୍ରୂ ବିଳାସକୁ ଏପରି ପ୍ରକଟ କରିଦେଲା (ଜଗାଇ ଦେଲା) ଯେପରି ଉପସର୍ଗ ଦ୍ୱାରା ଧାତୁର ଗୂଢ଼ ଅର୍ଥ

ପ୍ରକଟିତ ହୁଏ"—"ବିଭ୍ରମଂ ମଧୁମଦଃ ପ୍ରମଦାନାଂ ଧାତୁଲୀନ ମୁପସର୍ଗ ମିବାର୍ଥମ୍ ॥" ୧୦।୧୫

୩ । ବେଦରେ ସବୁ ବିଭକ୍ତିରେ ଅଥବା ସବୁ ଲିଙ୍ଗରେ ତ ମନ୍ତ୍ର ଉଚ୍ଚାରିତ ହୋଇନାହିଁ । ଯଜ୍ଞ କର୍ମରେ ପ୍ରୟୋଗକାରୀ ଊହକୁଶଳ (ବ୍ୟାକରଣଜ୍ଞ) ବିଦ୍ୱାନ୍ ସେଗୁଡ଼ିକୁ ଯଥୋଚିତ ଭାବେ ବିଭକ୍ତି ଏବଂ ଲିଙ୍ଗରେ ପରିଣତ କରି ନିଅନ୍ତି—

"ନାଷ୍ଟପାନ ଦେହୁଂ ବିଭକ୍ତିଭି ର୍ବ୍ୟକ୍ତିଭିଶ୍ଚ ନିଖିଲାଭିରାଗମେ ।
ତତ୍ର କର୍ମଣି ବିପର୍ଯ୍ୟୟେନ ମନ୍ତ୍ରମୂହକୁଶଲାଃ ପ୍ରୟୋଗିଣଃ ॥" ୧୪।୨୩

ମହାଭାଷ୍ୟକାର ବ୍ୟାକରଣ ଅଧ୍ୟୟନର ପ୍ରୟୋଜନ ନିରୂପଣ କରି "ରକ୍ଷୋହାଗମଲଘ୍ୱସନ୍ଦେହାଃ ପ୍ରୟୋଜନମ୍" ମଧ୍ୟ ତଦନ୍ତର୍ଗତ ଊହର ବ୍ୟାଖ୍ୟାନ ପାଇଁ ଏହିପରି କହିଛନ୍ତି ।

୪ । ଯେଉଁଠାରେ ଗୋଟିଏ ପଦରେ ଦୁଇଟି ସମାସର ସନ୍ଦେହ ଜାତ ହେଉଥିଲା ଏବଂ ଯଦି କ୍ରିୟାଫଳରେ ଉଭୟ ମଧ୍ୟରେ ଅତ୍ୟଧିକ ତାରତମ୍ୟ ହେଉଥିଲା ସେଠାରେ ବୈୟାକରଣମାନେ ସ୍ୱରବିଶେଷର ପ୍ରୟୋଗ ଦ୍ୱାରା ସମାସ ବିଶେଷର ବିଗ୍ରହ ସ୍ଥିର କରୁଥିଲେ—

"ସଂଶୟାୟ ଦଧତୋଃ ସରୂପତାଂ ଦୂରଭିନ୍ନଫଲୟୋଃ କ୍ରିୟାଂ ପ୍ରତି ।
ଶବ୍ଦଶାସନବିଦଃ ସମାସୟୋର୍ବିଗ୍ରହଂ ବ୍ୟବସସୁଃ ସ୍ୱରେଣ ତେ ॥" ୧୪।୨୪

୫ । ସେହି ସମରାଙ୍ଗଣରେ ସୁହୃତ୍ ସ୍ୱାମୀ, ପିତୃବ୍ୟ, ଭ୍ରାତା, ମାତୁଳ ନିପାତିତ ହୋଇଥିଲେ । ବିଦ୍ୱାନ୍‌ମାନଙ୍କ ପକ୍ଷରେ ମନେ ହେଉଥିଲା, ଯେପରିକି ତାହା ପାଣିନୀୟ ବ୍ୟାକରଣ ପରିସର ଯେଉଁଠାରେ ଶଂସିତ ଶବ୍ଦଗୁଡ଼ିକୁ ନିପାତିତ ବୋଲି କୁହାଯାଇଛି ।

"ନିପାତିତ-ସୁହୃତ୍-ସ୍ୱାମି-ପିତୃବ୍ୟ-ଭ୍ରାତୃ-ମାତୁଲମ୍ ।
ପାଣିନୀୟମିବାଲୋକି ଧୀରୈସ୍ତତ୍ସମରାଙ୍ଗଣମ୍ ॥" ୧୯।୭୫

**ସାଂଖ୍ୟ**—ବିଭିନ୍ନ ଉପନିଷଦ, ଦର୍ଶନ ତଥା ଅନେକ ସିଦ୍ଧାନ୍ତର ଉଲ୍ଲେଖ "ଶିଶୁପାଳବଧ"ରେ ଦେଖାଯାଏ । ଯଥା—

୧ । ପ୍ରଥମ ସର୍ଗରେ ଋଷି ଶ୍ରୀକୃଷ୍ଣଙ୍କ ବିନୟ ସନ୍ଦର୍ଶନ କରି ନାରଦ ନିବେଦନ କରିଥିଲେ— ଚିତ୍ତବୃତ୍ତି ସଂଯତକାରୀଙ୍କ ଆଧ୍ୟାତ୍ମଦୃଷ୍ଟି ବଳରେ କେତେ ଆୟାସରେ ଆପଣ ଗୋଚରୀଭୂତ ହୋଇଥାନ୍ତି । ସେହି ଆପଣଙ୍କୁ ପୁରାବିଦ୍‌ମାନେ ପ୍ରକୃତିରୁ ପୃଥକ୍ ଏବଂ ବିକୃତିର ବହିର୍ଭୂତ ପୁରାତନ ପୁରୁଷ କହିଯାଇଛନ୍ତି ।

"ଉଦାସିତାରଂ ନିଗୃହୀତମାନସୈର୍ଗୃହୀତମଧ୍ୟାତ୍ମଦୃଶା କଥଂଚନ ।
ବହିର୍ବିକାରଂ ପ୍ରକୃତେଃ ପୃଥଗ୍‌ବିଦୁଃ ପୁରାତନଂ ତ୍ୱାଂ ପୁରୁଷଂ ପୁରାବିଦଃ ॥"
୧।୩୩

୨ । ଦ୍ୱାରକାରେ ନରଶ୍ରେଷ୍ଠୀଙ୍କ ମନ୍ତ୍ରଣା ସଭାରେ ବଳରାମ ସସଂଭ୍ରମ ନିଜ ପରାମର୍ଶ ଜଣାଇ ଶ୍ରୀକୃଷ୍ଣଙ୍କୁ କହିଥିଲେ—

(ନିଜେ କିଛି ନ କଲେ ବି) ଫଳଭାଗୀ ସାକ୍ଷୀ ରୂପରେ ଥିବା ତୁମଙ୍କୁ ସେନାଦ୍ୱାରା ଉପଲବ୍ଧ ବିଜୟ ଆପେ ପ୍ରାପ୍ତ ହେଉ, ଯେପରି ସାଂଖ୍ୟ ଶାସ୍ତ୍ରରେ ବୁଦ୍ଧି ଅଥବା ମହତ୍ତ୍ୱର କ୍ଷେତ୍ର ଆତ୍ମାର ପ୍ରାପ୍ୟ ହୁଏ ।

"ବିଜୟସ୍ତ୍ୱୟି ସେନାୟାଃ ସାକ୍ଷିମାତ୍ରେଽପଦିଶ୍ୟତାମ୍ ।
ଫଳଭାଜି ସମୀକ୍ଷ୍ୟୋକ୍ତେ ବୁଦ୍ଧେର୍ଭୋଗ ଇବାତ୍ମନି ॥" ୨।୫୯

୩ । ଯୁଧିଷ୍ଠିରଙ୍କ ଯଜ୍ଞରେ ଋତ୍ୱିକ୍‌ମାନଙ୍କଦ୍ୱାରା ଅନୁଷ୍ଠିତ ଯଜ୍ଞଫଳ ଉପରେ ଧର୍ମରାଜ ଯୁଧିଷ୍ଠିର ଲାଭ କରୁଥିଲେ ତାହାର ନିରୂପଣ ପ୍ରସଙ୍ଗରେ ଏହି ସାଂଖ୍ୟ-ସିଦ୍ଧାନ୍ତର ପ୍ରତିଧ୍ୱନି ଶୁଣିବାକୁ ମିଳେ—

"ତସ୍ୟ ସାଂଖ୍ୟପୁରୁଷେଣ ତୁଲ୍ୟତାଂ ବିଭ୍ରତଃ ସ୍ୱୟମକୁର୍ବତଃ କ୍ରିୟାଃ ।
କର୍ତୃତା ତଦୁପଲମ୍ଭତୋଽଭବଦ୍ ବୃତ୍ତିଭାଜି କରଣେ ଯଥର୍ତ୍ୱିଜି ॥" ୧୪।୧୯

**ଯୋଗ** - ୧ । ରୈବତକ ପର୍ବତ ଉପରେ ଉପର ଯୋଗୀଜନ ମୈତ୍ରୀ-କରୁଣା-ମୁଦିତା ଆଦି ଦ୍ୱାରା ଚିତ୍ତପ୍ରସାଦନ କରି, ଅବିଦ୍ୟା-ଅସ୍ମିତା ଆଦି କ୍ଲେଶ ହ୍ରାସ କରି, ସବୀଜ ସମାଧି ଅର୍ଥାତ୍ ପ୍ରକୃତି ପୁରୁଷର ବିବେକ ପ୍ରାପ୍ତି ପୂର୍ବକ ସେହି ଖ୍ୟାତି (ଜ୍ଞାନ) ଠାରୁ ମଧ୍ୟ ନିବୃତ୍ତ ହେବା ଅର୍ଥାତ୍ ସ୍ୱୟଂପ୍ରକାଶ ପୁରୁଷଠାରେ ଆତ୍ମସ୍ଥିତି ଲାଭର କାମନା କରୁଛନ୍ତି ।

"ମୈତ୍ର୍ୟାଦିଚିତ୍ତପରିକର୍ମବିଦୋ ବିଧାୟ
କ୍ଲେଶ-ପ୍ରହାଣମିହ ଲବ୍ଧ-ସବୀଜଯୋଗାଃ ।
ଖ୍ୟାତିଂ ଚ ସତ୍ତ୍ୱପୁରୁଷାନ୍ୟତୟାଧିଗମ୍ୟ
ବାଞ୍ଛନ୍ତି ତାମପି ସମାଧି-ଭୃତୋ ନିରୋଦ୍ଧୁମ୍ ।।" ୪।୫୪

୨ । ଯୁଧିଷ୍ଠିରଙ୍କ ସଭାରେ ଶ୍ରୀକୃଷ୍ଣଙ୍କ ଭଗବତ୍ତ୍ୱର ବ୍ୟାଖ୍ୟାନ କରି ଭୀଷ୍ମ ପିତାମହ କହିଲେ — ଜ୍ଞାନୀମାନେ ଏହାଙ୍କୁ ନିତ୍ୟ, ସର୍ବଜ୍ଞ, ଅନାଦି ତଥା ପ୍ରାଣୀମାନଙ୍କ ପ୍ରତି ଅନୁଗ୍ରହ ପ୍ରଦର୍ଶନ ନିମିତ୍ତରେ ମାନବ ଶରୀରଧାରୀ ଏବଂ କ୍ଲେଶକର୍ମବିପାକାଦି ଦ୍ୱାରା ଅସଂସ୍ପୃଷ୍ଟ ପରମ ପୁରୁଷ ଈଶ୍ୱର ବୋଲି ମାନିଛନ୍ତି —

"ସର୍ବବେଦିନମନାଦିମାସ୍ଥିତଂ ଦେହିନାମନୁଜିଘୃକ୍ଷୟା ବପୁଃ ।
କ୍ଲେଶକର୍ମଫଲଭୋଗବର୍ଜିତଂ ପୁଂବିଶେଷମମୁମୀଶ୍ୱରଂ ବିଦୁଃ ।।" ୧୪।୬୨

**ଉପନିଷଦ** — ଶିଶୁପାଳ ବଧରେ ଔପନିଷଦିକ ଦର୍ଶନର ଅନେକ ସିଦ୍ଧାନ୍ତର ଉଲ୍ଲେଖ ମଧ୍ୟ ଅଛି । ଯଥା,

୧ । ନାରଦ ଶ୍ରୀକୃଷ୍ଣଙ୍କ ମହତ୍ତ୍ୱର ସ୍ତୁତି ପ୍ରସଙ୍ଗରେ କହନ୍ତି — "ବିଷୟାଭିଲାଷର ପ୍ରତିରୋଧକ ଦୁର୍ଗମ ମୋକ୍ଷମାର୍ଗରେ ଦୃଢ଼ଶୀଳ ମନସ୍ୱୀଙ୍କ ନିମିତ୍ତ ଅପଣ ହୋଇଛନ୍ତି ସେହି ଗନ୍ତବ୍ୟସ୍ଥଳ, ଯେଉଁଠାରୁ ପୁନଃ ପ୍ରତ୍ୟାବୃତ୍ତି ହୁଏ ନାହିଁ ।"

"ଉଦୀର୍ଣ୍ଣରାଗପ୍ରତିରୋଧକଂ ଜନୈରଭୀକ୍ଷ୍ଣମକ୍ଷୁଣ୍ଣତୟାତିଦୁର୍ଗମମ୍ ।
ଉପେୟୁଷୋ ମୋକ୍ଷପଥଂ ମନସ୍ୱିନସ୍ତ୍ୱମଗ୍ରଭୂମିର୍ନିରପାୟସଂଶ୍ରୟା ।।" ୧।୩୨

୨ । ପୁନଶ୍ଚ ଭୀଷ୍ମ ଶ୍ରୀକୃଷ୍ଣଙ୍କ ଅତିମାନବ ସ୍ୱରୂପର ବିବେଚନ କରି କହନ୍ତି -- "ଯୋଗୀଜନ ଆଦରେ ଦର୍ଶିତ ଯାହାଙ୍କୁ, ଅଦ୍ୱୈତ, ଧ୍ୟାନଯୋଗ୍ୟ, ବୁଦ୍ଧିର ମଧ୍ୟ ଅଗୋଚର, ସ୍ତୁତି ଯୋଗ୍ୟ ହେବା ସତ୍ତ୍ୱେ ଅବାଗ୍‌ଗୋଚର, ଉପାସନା ଯୋଗ୍ୟ (ନେଦିଷ୍ଠ) ହେବା ସତ୍ତ୍ୱେ ଅତୀବ ଦୂରବର୍ତ୍ତୀ (ଦବିଷ୍ଠ) ବୋଲି କହନ୍ତି"—

"ଧ୍ୟେୟମେକମପାୟେ ସ୍ଥିତଂ ଧିୟଃ ସ୍ତୁତ୍ୟମୁତ୍ତମମତୀତବାକ୍‌ପଥମ୍ ।
ଆମନନ୍ତି ଯମୁପାସ୍ୟମାଦରାଦ୍ଦୂରବର୍ତ୍ତିନମତୀବ ଯୋଗିନଃ ।।" ୧୪।୬୦

**ବୌଦ୍ଧଦର୍ଶନ**— ଏକ ସ୍ଥାନରେ ମାଘ ବୌଦ୍ଧ ଦର୍ଶନର ମୂଳ ଆଧ୍ୟାତ୍ମିକ ସିଦ୍ଧାନ୍ତର ଉଲ୍ଲେଖ କରନ୍ତି – "ଶରୀରରେ ଯେପରି ରୂପ, ବେଦନା, ବିଜ୍ଞାନ, ସଂଜ୍ଞା ତଥା ସଂସ୍କାରର ଅତିରିକ୍ତ ଆତ୍ମାନାମକ କୌଣସି ଅନ୍ୟବସ୍ତୁ ନାହିଁ ସେହିପରି ରାଜାମାନଙ୍କ ନିମିତ୍ତ ସହାୟ ସାଧନୋପାୟ ଆଦି ସିଦ୍ଧି-ପଞ୍ଚାଙ୍ଗ ବ୍ୟତୀତ ଅପର କୌଣସି ମନ୍ତ୍ର ନାହିଁ" —

"ସର୍ବକାର୍ଯ୍ୟଶରୀରେଷୁ ମୁକ୍ତ୍ୱାଙ୍ଗସ୍କନ୍ଧପଞ୍ଚକମ୍ ।
ସୌଗତାନାମିବାତ୍ମାନ୍ୟୋ ନାସ୍ତି ମନ୍ତ୍ରୋ ମହୀଭୃତାମ୍ ॥" ୨।୨

**ଜ୍ୟୋତିଷ** – ଯେପରି ଚନ୍ଦ୍ରର ଉଭୟ ପାର୍ଶ୍ୱରେ (ଦ୍ୱିତୀୟ ଓ ଦ୍ୱାଦଶ ସ୍ଥାନରେ) ସୂର୍ଯ୍ୟଙ୍କ ଛଡ଼ା ଅନ୍ୟଗ୍ରହମାନଙ୍କ ସ୍ଥିତିରେ ଦୁରୁଧରା ନାମକ ଯୋଗ ଘଟିଲେ ଚନ୍ଦ୍ରର ଶୋଭା ତଥା ଶୁଭଫଳର ବୃଦ୍ଧି ଘଟେ, ସେହିପରି ରଥ ଉପରେ ଭୀମ ଓ ଅର୍ଜୁନଙ୍କ ମଧ୍ୟସ୍ଥିତ ଶ୍ରୀକୃଷ୍ଣଙ୍କର ଅତିଶୟ ଶୋଭା ସାଧିତ ହୋଇଥିଲା –

"ପବନାତ୍ମଜେନ୍ଦ୍ରସୁତମଧ୍ୟବର୍ତ୍ତିନା ନିତରାମରୋଚି ରୁଚିରେଣ ଚକ୍ରିଣା ।
ଦଧତେବ ଯୋଗମୁଭୟଗ୍ରହାନ୍ତରସ୍ଥିତିକାରିତଂ ଦୁରୁଧରାଖ୍ୟମିନ୍ଦୁନା ॥"
୧୩।୧୧

**ସଙ୍ଗୀତ** — ମାଘ ସଙ୍ଗୀତର ସିଦ୍ଧାନ୍ତ ତଥା ପ୍ରୟୋଗ ଉଭୟ ପରମ୍ପରାର ବିଶିଷ୍ଟ ମର୍ମଜ୍ଞ ଥିଲେ । ତାହାଙ୍କ କାବ୍ୟରେ ପ୍ରଯୁକ୍ତ ପଦାବଳୀ ନୃତ୍ୟ କଲଭଳି ପ୍ରତୀତ ହୁଅନ୍ତି । ସ୍ଥାନେ ସ୍ଥାନେ ସେ ସଙ୍ଗୀତର ସିଦ୍ଧାନ୍ତ ଗୁଡ଼ିକର ମଧ୍ୟ ଉଲ୍ଲେଖ କରି ଦେଇଛନ୍ତି ।

୧ । "ଆକାଶରୁ ଅବତରଣ କାଳରେ ନାରଦ ନିଜର ମହତୀ ନାମକ ବୀଣା ପ୍ରତି ବାରମ୍ବାର ଦୃଷ୍ଟି ନିକ୍ଷେପ କରୁଥିଲେ । ତହିଁରେ ବାୟୁର ଆଘାତ ଯୋଗୁଁ ପୃଥକ୍ ପୃଥକ୍ ବିଭିନ୍ନ ଶ୍ରୁତି ମଣ୍ଡଳର ସ୍ୱର ଯୋଗେ ଗ୍ରାମବିଶେଷର ମୂର୍ଚ୍ଛନା ସ୍ୱତଃ ପରିସ୍ଫୁଟ ହୋଇ ଉଠୁଥିଲା" —

"ରଣଦ୍ଭିରାଘଟ୍ଟନୟା ନଭସ୍ୱତଃ ପୃଥଗ୍ ବିଭିନ୍ନଶ୍ରୁତିମଣ୍ଡଲୈଃ ସ୍ୱରୈଃ ।
ସ୍ଫୁଟୀଭବଦ୍ଗ୍ରାମବିଶେଷମୂର୍ଚ୍ଛନାମବେକ୍ଷମାଣଂ ମହତୀଂ ମୁହୁର୍ମୁହୁଃ ॥" ୧।୧୦

ଏଠାରେ ଏହି ପ୍ରକାରେ ଶ୍ରୁତି, ଗ୍ରାମ ଓ ମୂର୍ଚ୍ଛନାର ଚର୍ଚ୍ଚା ସଙ୍ଗୀତଶାସ୍ତ୍ର ବିଶେଷଜ୍ଞ ପକ୍ଷରେ ହିଁ ସମ୍ଭବ ।

୧ । ପୁନଶ୍ଚ, ପ୍ରଭାତ ବର୍ଣ୍ଣନ ପ୍ରସଙ୍ଗରେ "ରକ୍ତବର୍ଣ୍ଣ ବୈତାଳିକମାନେ ଶ୍ରୁତିବହୁଳ ବୀଣାବାଦ୍ୟଯୁକ୍ତ ତଥା ପଞ୍ଚମ ଏବଂ ଋଷଭ ସ୍ୱରହୀନ ଗାନ ଦ୍ୱାରା ଶ୍ରୀକୃଷ୍ଣଙ୍କ ନିଶାବସାନର ସୂଚନା ଦେଲେ" —

"ଶ୍ରୁତିସମଧିକମୁଚ୍ଚୈଃ ପଞ୍ଚମଂ ପୀଡୟନ୍ତଃ
ସତତମୃଷଭହୀନଂ ଭିନ୍ନକୀକୃତ୍ୟ ଷଡ୍‌ଜମ୍ ।
ପ୍ରଣିଜଗଦୁରକାକୁ ଶ୍ରାବକସ୍ନିଗ୍ଧକଣ୍ଠାଃ
ପରିଣତିମିତି ରାତ୍ରେର୍ମାଗଧା ମାଧବାୟ ।।" ୧୧।୧

ଏତଦ୍‌ବ୍ୟତୀତ ମାଘ ରାଜନୀତି (୨ୟ ସର୍ଗ), କାବ୍ୟଶାସ୍ତ୍ର (୨।୮୬,୮୭), ଆୟୁର୍ବେଦ (୨ୟ ସର୍ଗ), ପୁରାଣ (୨।୧୦୭,୧୪।୬୮-୮୬), କାମଶାସ୍ତ୍ର (୧୦ମ ସର୍ଗ) ତଥା ହସ୍ତ୍ୟଶ୍ୱଶାସ୍ତ୍ର (୫ମ ସର୍ଗ)ର ମଧ୍ୟ ସ୍ୱଚ୍ଛନ୍ଦ ଉଲ୍ଲେଖ କରି ଯାଇଛନ୍ତି । ବସ୍ତୁତଃ 'ଶିଶୁପାଳବଧ କାବ୍ୟ' ଅଧ୍ୟୟନ କଲେ ଏହା ସ୍ପଷ୍ଟ ପ୍ରତୀତ ହୁଏ ଯେ ଏହାର ରଚୟିତା ଅସାଧାରଣ ପ୍ରତିଭା ତଥା ଅଗାଧବ୍ୟୁତ୍ପତ୍ତି ସମ୍ପନ୍ନ ମହାକବି ଥିଲେ, ଯାହାଙ୍କ କୋଟୀର ଅପର କେହି କବି ଦୃଷ୍ଟିଗୋଚର ହୁଅନ୍ତି ନାହିଁ ।

# ଆଦାନ

କାବ୍ୟରଚନା କାଳରେ କବି ଶାସ୍ତ୍ରାଦିର ଅଧ୍ୟୟନରୁ ଅର୍ଜିତ ବ୍ୟୁତ୍ପତ୍ତିର ପ୍ରୟୋଗ କରିବା ସଙ୍ଗେ ସଙ୍ଗେ ପୂର୍ବବର୍ତ୍ତୀ କାବ୍ୟଗୁଡ଼ିକର ଅଧ୍ୟୟନରୁ ମଧ୍ୟ ପ୍ରେରଣା ଗ୍ରହଣ କରିଥାନ୍ତି । ପୁଣି ଅଶେଷ କଳ୍ପପରଂପରାରେ ବିବିଧ ବସ୍ତୁ-ପ୍ରପଞ୍ଚର ସର୍ଜନା କରି ମଧ୍ୟ ଜଗତ୍ ପ୍ରକୃତି ଯେପରି ନିତ୍ୟ ନୂତନ ପଦାର୍ଥ ନିର୍ମାଣ କରି ଚାଲିଥାଏ, କଦାପି କ୍ଷୁଣ୍ଣ ହୁଏ ନାହିଁ, ସେହିପରି ଏହି କାବ୍ୟ ସୃଷ୍ଟି ମଧ୍ୟ ଅନନ୍ତ କବି— ବାଚସ୍ପତିଙ୍କ ପ୍ରତିଭାରେ ପୁଷ୍ଟ ହୋଇ ମଧ୍ୟ କଦାପି କ୍ଷୀଣ ହୁଏ ନାହିଁ, ପ୍ରତ୍ୟୁତ କବିଙ୍କ ନୂତନ ବ୍ୟୁତ୍ପତ୍ତି ଯୋଗୁଁ ବଢ଼ି ଚାଲିଥାଏ—(ବାଚସ୍ପତି ସହସ୍ରାଣାଂ ସହସ୍ରୈରପି ଯତ୍ନତଃ । ନିବଦ୍ଧା ସା କ୍ଷୟଂ ନୈତି ପ୍ରକୃତିର୍ଜଗତାମିବ —('ଧ୍ୱନ୍ୟାଲୋକ' ୪/୧୦) । ଅତଏବ ପୂର୍ବକବିଙ୍କ ସହିତ ସମ୍ବାଦ ସ୍ୱାଭାବିକ, ଅନୁଚିତ ନୁହେଁ । ପୁରାତନ କବିଙ୍କ ରମଣୀୟତା ଗ୍ରହଣ ଫଳରେ କବିର କାବ୍ୟବସ୍ତୁ ଅଧିକତର ଶୋଭା ଧାରଣ କରେ, ପୁନରୁକ୍ତ ମନେ ହୁଏ ନାହିଁ, ଯେପରି ଶଶୀର ରମଣୀୟତା ଯୋଗରେ ସୁନ୍ଦରୀର ମୁଖମଣ୍ଡଳ ଅହୁରି ଅଧିକ ସୁଶୋଭିତ ହୋଇଥାଏ (ଆତ୍ମନୋଽନ୍ୟସ୍ୟ ସଦ୍ଭାବେ ପୂର୍ବସ୍ଥିତ୍ୟନୁଯାୟ୍ୟପି । ବସ୍ତୁ ଭାତିତରାଂ ତନ୍ୱ୍ୟାଃ ଶଶିଚ୍ଛାୟମିବାନନମ୍ —ଧ୍ୱ° ୪/୧୪) ପୁଣି ଯେପରି ସେତିକି ମାତ୍ର ବର୍ଣ୍ଣଦ୍ୱାରା ଅନନ୍ତ ବାଙ୍ମୟର ପଦାବଳୀ ରଚିତ ହୋଇଥାଏ, ତଥା ସେହି ପଦଗୁଡ଼ିକ ଯୋଗେ ଅନନ୍ତ ବାଙ୍ମୟ ରଚନା ହୋଇ ଚାଲିଥାଏ, ସେହି ପ୍ରକାରେ ନୂତନ କାବ୍ୟଯୋଜନାରେ ପୁରାତନ ବସ୍ତୁର ସଂସ୍ଥାପନରେ ତାହା ନୂତନ ହିଁ ପ୍ରତୀତ ହୁଏ ପୁରାତନ ହୋଇ ରହେନାହିଁ । (ଅକ୍ଷରାଦି ରଚନେବ ଯୋଜ୍ୟତେ ଯତ୍ର ବସ୍ତୁରଚନା ପୁରାତନୀ । ନୂତନେ ସ୍ଫୁରତି କାବ୍ୟବସ୍ତୁନି ବ୍ୟକ୍ତମେବ ଖଳୁ ସା ନ ଦୁଷ୍ୟତି ।। ଧ୍ୱ°—୪/୧୫) ।

ସୁତରାଂ ମାଘକାବ୍ୟର ଅଧ୍ୟୟନରୁ ସ୍ପଷ୍ଟ ପ୍ରତୀତ ହୁଏ ଯେ ଏଥିରେ ରାମାୟଣ ମହାଭାରତ ବ୍ୟତୀତ ଅଧିକ ପ୍ରଭାବ ପଡ଼ିଛି ପୂର୍ବବର୍ତ୍ତୀ ମହାକବିତ୍ରୟଙ୍କର— ସେମାନେ ହେଉଛନ୍ତି କାଳିଦାସ, ଭାରବି ଓ ଭଟ୍ଟି । 'ଶିଶୁପାଳ ବଧ'ର ଯତ୍ର କୁତ୍ର ସେମାନଙ୍କର ଛାୟା ଝଲସି ଉଠିଛି— ପଦଯୋଜନାରେ, ବସ୍ତୁଯୋଜନାରେ ତଥା ଭାବନାଭଙ୍ଗିରେ ମଧ୍ୟ ।

## କାଳିଦାସ

ପଦ, ଭାବ, ଛନ୍ଦ ତଥ ଅନେକ କିଛି ପ୍ରବନ୍ଧଯୋଜନାରେ ସୁଦ୍ଧା କବି କୁଳଗୁରୁଙ୍କଠାରୁ କିଛି ଶିକ୍ଷା ଗ୍ରହଣ କରିଥିଲେ ।

ରଘୁବଂଶ ତ୍ରୟୋଦଶ ସର୍ଗରେ ସୀତାଙ୍କ ସମକ୍ଷରେ ସମୁଦ୍ରର ମହତ୍ତ୍ୱ ଗାନକରି ରାମ କହିଥିଲେ "ଯୁଗାନ୍ତ କାଳରେ ଯୋଗନିଦ୍ରାପ୍ରିୟ ପୁରାଣ ପୁରୁଷ ବିଷ୍ଣୁ ସମସ୍ତ ଲୋକସୃଷ୍ଟି ଆପଣାର ଗର୍ଭସ୍ଥ କରି ସମୁଦ୍ରରେ ଶୟନ କରନ୍ତି ।" (ଅମୁଂ ଯୁଗାନ୍ତୋଚିତ ଯୋଗନିଦ୍ରଃ ସଂହୃତ୍ୟ ଲୋକାନ୍ ପୁରୁଷୋଽଧିଶେତେ ।
—ରଘୁ ୧୩/୬)

'ଶିଶୁପାଳବଧ'ରେ ଦ୍ୱାରକାରୁ ଇନ୍ଦ୍ରପ୍ରସ୍ଥ ଗମନ କାଳରେ ଯେତେବେଳେ ସମୁଦ୍ର ଦେଖିଲା ଯେ ତାହାର କୋଡ଼ରେ ଶୟନପରାୟଣ ଯୁଗାନ୍ତ ବନ୍ଧୁ ଶ୍ରୀକୃଷ୍ଣ ଆସୁଛନ୍ତି ସେତେବେଳେ ଆନନ୍ଦାତିଶଯ୍ୟରେ ଉତ୍ତୁଙ୍ଗ ତରଙ୍ଗରୂପୀ ବାହୁ ପ୍ରସାରିତ କରି ତାଙ୍କର ଅଭ୍ୟର୍ଥନା କଲା—

"ତମାଗତଂ ବୀକ୍ଷ୍ୟ ଯୁଗାନ୍ତବନ୍ଧୁ, ମୁତ୍ସଙ୍ଗଶଯ୍ୟାଶୟମମ୍ବୁରାଶିଃ ।
ପ୍ରତ୍ୟୁଜ୍ଜଗାମେବ ଗୁରୁପ୍ରମୋଦ ପ୍ରସାରିତୋତ୍ତୁଙ୍ଗତରଙ୍ଗବାହୁଃ ॥"

ଶି.ବ. ୩/୭୮

ରଘୁବଂଶରେ ଆକାଶଗଙ୍ଗାର ତରଙ୍ଗ-ସଂପର୍କ ଯୋଗୁଁ ଶୀତଳ ହୋଇଥିବା ଐରାବତ-ମଦ ସୁରଭିଯୁକ୍ତ ଆକାଶବାୟୁ ସୀତାଙ୍କ ମୁଖ ଉପରେ ମଧ୍ୟାହ୍ନର ଉତ୍ତାପଜନିତ ଘର୍ମବିନ୍ଦୁଗୁଡ଼ିକୁ ଦୂରକରି ଦେଉଛି (ଅସୌ ମହେନ୍ଦ୍ର ଦ୍ୱିପ ଦାନଗନ୍ଧି ତ୍ରିମାର୍ଗଗା ବୀଚି-ବିମର୍ଦ୍ଦ-ଶୀତଃ । ଆକାଶବାୟୁ ର୍ଦିନ ଯୌବନୋତ୍ଥାନାମିମଂ ସ୍ୱେଦଲବାନ୍ ମୁଖେ ତେ ॥ ରଘୁ ୧୩/୨୦) । ଶିଶୁପାଳବଧରେ ସମୁଦ୍ରତଟ ଦେଇ ଗମନ କାଳରେ ଶ୍ରୀକୃଷ୍ଣଙ୍କ ଘର୍ମବିନ୍ଦୁକୁ ଜଳ ଶୀକର ଧୂମ୍ର (ଶୀତଳ) ଏଲା (ଇଲାଚି) ଲତାର ସମ୍ପର୍କ ଯୋଗୁଁ ସୁଗନ୍ଧିତ ଆକାଶବାୟୁ ପୋଛିଦେଉଥିଲା । (ଉତ୍ସଙ୍ଗିତାମ୍ଭଃ କଣିକୋ ନଭସ୍ୱାନୁଦନ୍ୱତଃ ସ୍ୱେଦଲବାନ୍ ମମାର୍ଜ । ତସ୍ୟାନୁବେଲଂ ବ୍ରଜତୋଽଧିବେଲ ମେଲାଲତାସ୍ଫାଲନ ଲବ୍ଧଗନ୍ଧଃ ॥ ୩/୭୯) ଏଠାରେ ଭାବସହିତ "ସ୍ୱେଦଲବାନ୍" ପଦ ମଧ୍ୟ ମାଘ ଗ୍ରହଣ କରିଛନ୍ତି ।

ରଘୁବଂଶର ନବମ ସର୍ଗରେ ଦ୍ରୁତବିଳମ୍ବିତ ଛନ୍ଦରେ ଯମକର ମନୋରମ ବିନ୍ୟାସ କରିଛନ୍ତି । ସେହି ଯୋଜନା ମାଘଙ୍କୁ ଏପରି ଆକର୍ଷିତ କରିଥିଲା ଯେ ସେ ଷଷ୍ଠ ସର୍ଗରେ ଛଅଟିଯାକ ଋତୁର ବର୍ଣ୍ଣନା ସେହି ଦ୍ରୁତବିଳମ୍ବିତ ଛନ୍ଦରେ ତଥା ଯମକର ପଦମାଧୁର୍ଯ୍ୟ ସହିତ କରିଛନ୍ତି ।

ସ୍ଥାନେ ସ୍ଥାନେ କାଳିଦାସଙ୍କ ପଦାବଳୀ ପ୍ରାୟ ଅବିକଳ ଗ୍ରହଣ କରିଛନ୍ତି ।

| | କାଳିଦାସ | ମାଘ |
|---|---|---|
| ୧ । | ସୁରମଟେ ରମତେ ସ୍ମ ବଧୂଜନଃ<br>(ରଘୁ ୯/୪୭ | ସୁରଭଦ୍ଧଂ ରମୟନ୍ତି ବିଳାସିନଃ<br>୬/୬) |
| ୨ । | ଯଯାବନୁଦ୍ଘାତସୁଖେନ ମାର୍ଗମ୍<br>(ରଘୁ ୯/୭୨) | ଯଯାବନୁଦ୍ଘାତସୁଖେନ ସୋଽଧ୍ୱନା ॥<br>(୧୨ ୨) |
| ୩ । | ପ୍ରସ୍ଥାପଗାମୁଦ୍‌ଭଟତୋଽସ୍ୟ ଗଙ୍ଗାମ୍<br>(ରଘୁ ୧୬ ୩୩) | ପ୍ରସ୍ଥାପଚାମ୍ନଃ କୁରୁତେ ସ୍ମ ନମ୍ନଗାଃ ।<br>୧୧ ୫୭) |
| ୪ । | ଗଙ୍ଗା ନିଶାଧାଭ୍ରୁତ କୈବିଶୋଚ-<br>ସ୍ତଭାର ସନ୍ଧାମିବ ସତ୍ୟସନ୍ଧଃ ॥<br>(ରଘୁ, ୧୪.୫୨) | ଶାର୍ଙ୍ଗୀ ଜଟେନୈବ ନତାନ୍ତ ଦୁସ୍ତରାଂ<br>ନଦୀଂ ପ୍ରତିଜ୍ଞାମିବ ତାଂ ଗରୀୟସୀମ୍ ।<br>୧୨.୭୪ |
| ୫ । | ଆକୁମାର କଥୋଦ୍ଘାତମ୍<br>ରଘୁ ୪.୬୮ | ଅକୁମାରମନ୍ଦେଳାଦ୍ଧ୍ୟାନବତ୍<br>୧୩.୬୮ |
| ୬ । | ସ୍ୱମେବ ମୂର୍ତ୍ତ୍ୟନ୍ତରମଷ୍ଟମୂର୍ତ୍ତିଃ<br>କୁମାର, ୧.୫୭ | ଅଷ୍ଟମୂର୍ତ୍ତିଧର ମୂର୍ତ୍ତିରଷ୍ଟମୀ<br>୧୪.୧୮ |
| ୭ । | ପତ୍ତି ପଦାତିଂ ରଥିନଂ ରଥେଶ<br>ସ୍ତୁରଙ୍ଗସାଦୀ ତୁରଗାଧିରୂଢମ୍ ।<br>ଯନ୍ତା ଗଜସ୍ୟାଭ୍ୟପତଦ୍ ଗଜସ୍ଥଂ<br>ତୁଲ୍ୟ-ପ୍ରତିଦ୍ୱନ୍ଦ୍ୱି ବଭୂବ ଯୁଦ୍ଧମ୍ ॥<br>ରଘୁ ୭.୩୭ | ପତ୍ତିଃ ପତ୍ତିଂ ବାହମେୟାୟ ବାଜୀ<br>ନାଗଂ ନାଗଃ ସ୍ୟନ୍ଦନସ୍ଥୋ ରଥସ୍ଥମ୍ ।<br>ଇତ୍ଥଂ ସେନା ବଲ୍ଲଭସ୍ୟେବ ରାଗାଦ୍<br>ଅଙ୍ଗେନାଙ୍ଗଂ ପ୍ରତ୍ୟନୀକସ୍ୟ ଭେଜେ ॥<br>୧୮.୨ |

୮ । ଯାବତ୍ ପ୍ରତାପନିଧିରାକ୍ରମତେ ନ ଭାନୁରହ୍ନାୟ ତାବଦରୁଣେନ ତମୋ ନିରସ୍ତମ୍ । (ରଘୁ ୫।୭୧)

ବ୍ରଜତି ବିଷୟମକ୍ଷ୍ଣାମଂଶୁମାଲୀ ନ ଯାବତ୍ତିମିରମଖିଳମସ୍ତଂ ତାବଦେବାରୁଣେନ ।। (୧୧।୬୫)

୯ । ସ୍ତ୍ରୀଣାଂ ପ୍ରିୟାଲୋକଫଳୋ ହି ବେଶଃ । (କୁମାର ୧୭।୨୨

କାମିନାଂ ମଣ୍ଡନଶ୍ରୀର୍ବ୍ରଜତି ହି ସଫଳତ୍ୱଂ ବଲ୍ଲଭାଲୋକନେନ ।।୧୧।୩୩

୧୦। ନମୋ ବିଶ୍ୱସୃଜେ ପୂର୍ବଂ ବିଶ୍ୱଂ ତଦନୁ ବିଭ୍ରତେ । ଅଥ ବିଶ୍ୱସ୍ୟ ସଂହର୍ତ୍ତ୍ରେ ତୁଭ୍ୟଂ ତ୍ରେଧାସ୍ଥିତା-ତ୍ମନେ । (ରଘୁ ୧୦।୧୬)

ପଦ୍ମଭୂରିତି ସୃଜନ୍ ଜଗଦ୍ ରଜଃ ସତ୍ତ୍ୱମଚ୍ୟୁତ ଇତି ସ୍ଥିତିଂ ନୟନ୍ । ସଂହରନ୍ ହର ଇତି ଶ୍ରିତସ୍ତମସ୍ତ୍ରୈଧ-ମେବ ଭଜସି ତ୍ରିଭିର୍ଗୁଣୈଃ ।। (୧୪।୬୧)

“ରଘୁବଂଶ”ର ପଞ୍ଚମ ସର୍ଗରେ ପ୍ରଭାତ ବର୍ଣ୍ଣନ ପ୍ରସଙ୍ଗରେ ହାତୀ ଶେଯ୍ୟ କଡରେ ନିଦ ପୂର୍ବକର ଉଠିଛି—(ଶଯ୍ୟାଂ ଜହତ୍ୟୁଭୟପକ୍ଷବିନୀତନିଦ୍ରାଃ ସ୍ତମ୍ବେରମା ମୁଖରଶୃଙ୍ଖଳକର୍ଷିଣସ୍ତେ ।। ରଘୁ ୫।୭୨)—ଠିକ୍ ସେହିପରି ‘ଶିଶୁପାଳ ବଧ’ରେ ମଧ୍ୟ ଗୋଟିଏ କଡ଼ରେ ଶୋଇସାରି ଉଠିପଡ଼ିଥିବା ହାତୀକୁ ପାଦରେ ବନ୍ଧା ହୋଇଥିବା ଶିଙ୍କୁଳିର ଶବ୍ଦ ମଧ୍ୟରେ ମାଘ ନ୍ତ ଅନ୍ୟ କଡରେ ପୁଣି ଶୁଆଇ ପକାଇଛନ୍ତି—

(“କ୍ଷିତ ତଟଶୟନାନ୍ତାଦୁତ୍ଥିତଂ ଦାନପଙ୍କ
ପ୍ଲୁତ ବହୁଳଶରୀରଂ ଶାୟୟତ୍ୟେଷ ଭୂୟଃ ।
ମୃଦୁଚଲଦପରାନ୍ତୋଦୀରିତାନ୍ଦୂନନାଦଂ
ଗଜପତିମଧିରୋହଃ ପକ୍ଷକ-ବ୍ୟତ୍ୟୟେନ ।।୧୧।୭”)

‘ରଘୁବଂଶ’ର ଇନ୍ଦୁମତୀ ସ୍ୱୟଂବର ପ୍ରସଙ୍ଗ-ବର୍ଣ୍ଣିତ ‘ମଗଧେଶ୍ୱର ପରନ୍ତପ’ ନିଜେ ନିରନ୍ତର ଅନୁଷ୍ଠାନ କରୁଥିବା ଯଜ୍ଞକୁ ଇନ୍ଦ୍ରଙ୍କୁ ଆବାହନ କରୁଥିବା ଫଳରେ ଶଚୀ ପ୍ରୋଷିତଭର୍ତ୍ତୃକା ହୋଇ ରହିଥିଲେ ଏବଂ ତାଙ୍କର କେଶହସ୍ତ ମନ୍ଦାର-ଶୂନ୍ୟ ହେଉଥିଲା—

"ହିତ୍ୱା ପ୍ରବନ୍ଧାଦସ୍ୟମଧ୍ୟଗଣାମକସ୍ମାହୂତ-ସହସ୍ରନେନଃ ।
ଶଚ୍ୟାଶ୍ଚିରଂ ପାଣ୍ଡୁ-କପୋଲଲମ୍ବାନ୍ ମନ୍ଦାରଶୂନ୍ୟାନଲକାଂଶ୍ଚକାର ॥"

୭।୨୩

ଯୁଧିଷ୍ଠିରଙ୍କ ଯଜ୍ଞରେ ମଧ୍ୟ ଅନେକ ଦେବ ବନ୍ଦୀଙ୍କର ଏହିପରି ଦଶା ଘଟିଛି ବୋଲି ବର୍ଣ୍ଣିତ ହୋଇଛି —

"ତସ୍ୟ ନତ୍ୟାବଦ୍ଧତୋପଦ୍ରୁତସ୍ୟ ପ୍ରୋକ୍ଷିତେଷୁ ପଙ୍କ୍ତିଷୁ ଧୂପେ କ୍ଷିତାମ୍ ।
ଗୁମ୍ଫିତାଃ ଶିରସି ବେଣୟୋ ଭବନ୍ନ ତ୍ରପ କ୍ଲୃପ୍ତ ପାଦପଦ୍ମକଃ ॥"

(ଶି.ବ. ୧୪।୩୦)

'କୁମାରସମ୍ଭବ'ରେ ଶଙ୍କରଙ୍କ ବିବାହ ସମୟରେ ତାଙ୍କୁ ଦେଖିବା ନିମିତ୍ତ (କୁମାର-୭।୫୭-୬୮) ତଥା 'ରଘୁବଂଶ'ରେ ଅଜ–ଇନ୍ଦୁମତୀ ହାତୀ ହୋଇ ନଗର ରାଜମାର୍ଗରେ ଯାଉଥିବା ବେଳେ ସେମାନଙ୍କୁ ଦେଖିବା ଲାଗି (ରଘୁ ୭।୫-୧୫) ପୁରାଙ୍ଗନାମାନଙ୍କର ଚେଷ୍ଟାର ବର୍ଣ୍ଣନା କାଳିଦାସ ଯେପରି କରିଛନ୍ତି ତାହାର ଆଧାରରେ ମାଘ ଶ୍ରୀକୃଷ୍ଣଙ୍କୁ ଦେଖିବାକୁ ଇନ୍ଦ୍ରପ୍ରସ୍ଥ ପୁରନାରୀଙ୍କ ଚେଷ୍ଟାର ବର୍ଣ୍ଣନା କରିଛନ୍ତି ଶି.ବ. ୧୩।୩୦-୩୮) ।

ପୁଣି ଯେପରି ଇନ୍ଦୁମତୀ ସ୍ୱୟମ୍ବରରେ ଇନ୍ଦୁମତୀଙ୍କ ପ୍ରତି ରାଜାମାନଙ୍କର ବିବିଧ ଚେଷ୍ଟା ହୋଇଥିଲା (ରଘୁ ୭।୧୨-୧୯), ସେହିପରି ବର୍ଣ୍ଣିତ ହୋଇଛି ଶ୍ରୀକୃଷ୍ଣ ଦର୍ଶନରେ ଇନ୍ଦ୍ରପ୍ରସ୍ଥ ସୁନ୍ଦରୀଙ୍କ ଚେଷ୍ଟାସମୂହ । (ଶି.ବ ୧୩।୪୧-୪୮) ।

## ଭାରବି

ଯେଉଁ ଅଳଂକୃତ କାବ୍ୟଶୈଳୀ ଭାରବି ପ୍ରୟୋଗ କଲେ ତାହାର ଯୋଗୁଁ ସେ ଯୁଗରେ କାବ୍ୟ ରଚନାର ମାନଦଣ୍ଡ ହିଁ ବଦଳି ଗଲା । ଭାରବିଙ୍କ 'କିରାତାର୍ଜ୍ଜୁନୀୟ' ଏକ ସ୍ପୃହଣୀୟ ଏବଂ ସ୍ପର୍ଦ୍ଧନୀୟ କାବ୍ୟ ହୋଇ ଉଠିଲା । ଅନ୍ୟ ଉଦୀୟମାନ କବିଙ୍କ ତୁଲ୍ୟ ମାଘ ମଧ୍ୟ ତଦ୍ଦ୍ୱାରା ପ୍ରଭାବିତ ଏବଂ ଆକୃଷ୍ଟ ନ ହୋଇ ରହି ପାରିଲେ ନାହିଁ । ସେ ନିଜ 'ଶିଶୁପାଳ ବଧ'ର ରୂପରେଖାକୁ ବହୁ ପରିମାଣରେ କିରାତର ଅନୁରୂପ କରି ଗଢିଲେ । ତାଙ୍କର ଆଦର୍ଶ ଥିଲେ ଭାରବି—ଆଦରଣୀୟ ମଧ୍ୟ ଏବଂ ଅନୁକରଣୀୟ ମଧ୍ୟ । ଉଭୟଙ୍କ ମଧ୍ୟରେ ସାମ୍ୟର ଉଲ୍ଲେଖ ନିମ୍ନମତେ କରାଯାଇପାରେ—

| | କିରାତାର୍ଜୁନୀୟ | ଶିଶୁପାଳବଧ |
|---|---|---|
| ୧ । | 'ଶ୍ରୀ' ଶବ୍ଦରେ ଗ୍ରନ୍ଥର ପ୍ରାରମ୍ଭ ହୋଇଛି । | 'ଶ୍ରୀ' ଶବ୍ଦରେ ହିଁ ଗ୍ରନ୍ଥର ପ୍ରାରମ୍ଭ ହୋଇଛି । |
| ୨ । | ପ୍ରତି ସର୍ଗର ଅନ୍ତିମ ଶ୍ଳୋକରେ 'ଲକ୍ଷ୍ମୀ' ଶବ୍ଦ ପ୍ରଯୁକ୍ତ ହୋଇଛି । | ପ୍ରତିସର୍ଗ ଶେଷରେ 'ଶ୍ରୀ' ଶବ୍ଦର ପ୍ରୟୋଗ ହୋଇଛି । |
| ୩ । | ତୃତୀୟ ସର୍ଗରେ ବ୍ୟାସ ଆସିବାରେ ଯୁଧିଷ୍ଠିର ଶ୍ରଦ୍ଧାଭକ୍ତି ସହକାରେ ତାଙ୍କର ସ୍ୱାଗତ କରିଛନ୍ତି । | ପ୍ରଥମ ସର୍ଗରେ ହିଁ ନାରଦଙ୍କ ସମାଗମରେ ଶ୍ରୀକୃଷ୍ଣ ସ୍ୱୟଂ ଉତ୍ଫୁଲ୍ଲ ଭାବରେ ନାରଦଙ୍କ ସ୍ୱାଗତ କରିଛନ୍ତି । |
| ୪ । | କିରାତ ସମାଗମର ପ୍ରସ୍ଥାନ କରିବା ପରେ ଯୁଧିଷ୍ଠିର, ଭୀମ ତଥା ଦ୍ରୌପଦୀଙ୍କ ମଧ୍ୟରେ ରାଜନୈତିକ ପରିସମ୍ବାଦ । | ନାରଦ ଦ୍ୱାରା ଇନ୍ଦ୍ରସନ୍ଦେଶ ପରେ ବଳରାମ, ଉଦ୍ଧବଙ୍କ ସହିତ ଶ୍ରୀକୃଷ୍ଣଙ୍କ ମନ୍ତ୍ରଣାରେ ରାଜନୈତିକ ପରିସମ୍ବାଦ । |
| ୫ । | ଅର୍ଜୁନଙ୍କ ପ୍ରସ୍ଥାନ କାଳରେ ମଙ୍ଗଳଭଙ୍ଗଭୀରୁ ଦ୍ରୌପଦୀ ନିଜ ପର୍ଯ୍ୟନ୍ତ ନେତ୍ରର ପଲକପାତ କରୁ ନ ଥିଲେ-ଭୟ ଥିଲା ଯେପରି ଲୁହ ଖସି ନ ପଡ଼େ—<br>"ତୁଷାର ଲେଖାକୁଳିତୋତ୍ପଲାଭେ<br>ପର୍ଯ୍ୟଶ୍ରୁଣୀ ମଙ୍ଗଳଭଙ୍ଗଭୀରୁଃ ।<br>ଅଗୂଢ଼ଭାବାପି ବିଲୋକନେ ସା<br>ନ ଲୋଚନେ ମୀଳୟିତୁଂ ବିଷେହେ ।।"<br>(କିରାତ ୩।୬୬) | ଶିଶୁପାଳର ସେନାରେ ମଧ୍ୟ ଯୁଦ୍ଧ ନିମିତ୍ତ ପ୍ରିୟଙ୍କୁ ବିଦାୟ ଦେବା ବେଳେ ଅଙ୍ଗନାମାନେ ସେହିପରି ଲୋତକକୁ ଝରିବାକୁ ଦେଉ ନ ଥିଲେ ।<br>"ନ ମୁମୋଚ ଲୋଚନ ଜଳାନି<br>ଦୟିତ ଜନ୍ମମଙ୍ଗଳୈଷିଣୀ ।"<br>(ଶି:ବ: ୧୫।୮୫) |
| ୬ । | ଚତୁର୍ଥ ସର୍ଗରେ ଶରଦ୍‌ବର୍ଣ୍ଣନ । | ଷଷ୍ଠ ସର୍ଗରେ ଷଡ଼ଋତୁ ବର୍ଣ୍ଣନ । |
| ୭ । | ପଞ୍ଚମ ସର୍ଗରେ ହିମାଳୟ ବର୍ଣ୍ଣନ । | ଚତୁର୍ଥ ସର୍ଗରେ ରୈବତକ ବର୍ଣ୍ଣନ । |

| | |
|---|---|
| ୮ । ପଞ୍ଚମ ଓ ଅଷ୍ଟାଦଶ ସର୍ଗରେ ବିବିଧ ୧୬ଟି ଛନ୍ଦର ପ୍ରୟୋଗ ! | ଚତୁର୍ଥ ସର୍ଗରେ ୨୨ଟି ଛନ୍ଦର ପ୍ରୟୋଗ |
| ୯ । ସପ୍ତମ ସର୍ଗରେ ଶିବିର ସନ୍ନିବେଶ ବର୍ଣ୍ଣନ । | ପଞ୍ଚମ ସର୍ଗରେ ଶିବିର ସନ୍ନିବେଶ ବର୍ଣ୍ଣନ । |
| ୧୦ । ଅଷ୍ଟମସର୍ଗରେ ପୁଷ୍ପାବଚୟ-ବର୍ଣ୍ଣନ । | ସପ୍ତମ ସର୍ଗରେ ପୁଷ୍ପାବଚୟ ବର୍ଣ୍ଣନ । |
| ୧୧ । ଅଷ୍ଟମ ସର୍ଗରେ ଜଳକ୍ରୀଡ଼ା ବର୍ଣ୍ଣନ | ଅଷ୍ଟମ ସର୍ଗରେ ଜଳକ୍ରୀଡ଼ା ବର୍ଣ୍ଣନ । |
| ୧୨ । ନବମ ସର୍ଗରେ ପ୍ରଭାତ ବର୍ଣ୍ଣନ । | ଏକାଦଶ ସର୍ଗରେ ପ୍ରଭାତ ବର୍ଣ୍ଣନ । |
| ୧୩ । ନବମ ସର୍ଗରେ ସନ୍ଧ୍ୟା ଏବଂ ଚନ୍ଦ୍ରୋଦୟ ବର୍ଣ୍ଣନ । | ନବମ ସର୍ଗରେ ହିଁ ସନ୍ଧ୍ୟା ଏବଂ ଚନ୍ଦ୍ରୋଦୟ ବର୍ଣ୍ଣନ । |
| ୧୪ । ନବମ ସର୍ଗରେ ସୁରତ ପାନ-ଗୋଷ୍ଠୀ ବର୍ଣ୍ଣନ । | ଦଶମ ସର୍ଗରେ ସୁରତ ପାନ ଗୋଷ୍ଠୀ ବର୍ଣ୍ଣନ । |
| ୧୫ । ସର୍ଗ ୧୩ରେ ଦୁର୍ବାଦୀ ଶିବଦୂତ ସହିତ ଅର୍ଜୁନଙ୍କର ବାଦବିବାଦ । | ସର୍ଗ ୧୬ରେ ଦୁର୍ବାଦୀ ଶିଶୁପାଳ ଦୂତ ସହ ସାତ୍ୟକି ଆଦିଙ୍କର ବାଦବିବାଦ । |
| ୧୬ । ସର୍ଗ ୧୩ରେ ସେନା-ସଜ୍ଜା ତଥା ଯୁଦ୍ଧ ବର୍ଣ୍ଣନ । | ସର୍ଗ ୧୫, ୧୭, ୧୮ ରେ ସେନା-ସଜ୍ଜା ଏବଂ ଯୁଦ୍ଧ ବର୍ଣ୍ଣନ । |
| ୧୭ । ସର୍ଗ ୧୫ରେ ଚିତ୍ରାଳଙ୍କାର ଦ୍ୱାରା ଯୁଦ୍ଧ ବର୍ଣ୍ଣନ । | ସର୍ଗ ୧୯ରେ ଚିତ୍ରାଳଙ୍କାର ଦ୍ୱାରା ଯୁଦ୍ଧ ବର୍ଣ୍ଣନ । |
| ୧୮ । ହିମାଳୟ ବର୍ଣ୍ଣନରେ ଯମକ ପ୍ରୟୋଗ । | ରୈବତକ ବର୍ଣ୍ଣନରେ ଯମକ ପ୍ରୟୋଗ |
| ୧୯ । ଅର୍ଜୁନ ଦ୍ୱାରା ଶିବସ୍ତୁତି । | ଭୀଷ୍ମ ଦ୍ୱାରା ଶ୍ରୀକୃଷ୍ଣ-ସ୍ତୁତି । |

ଏପରି ପ୍ରତୀତ ହୁଏ, ସତେ ଯେପରି 'କିରାତାର୍ଜୁନୀୟ'କୁ ସମକ୍ଷରେ ରଖି ଅଥବା ସ୍ମୃତି ପଥରେ ନିରନ୍ତର ପ୍ରତିଷ୍ଠିତ କରି ମାଘ ନିଜ କାବ୍ୟର ଗ୍ରନ୍ଥ ଭିଆଣ

କରିଛନ୍ତି । ଯଦିଓ ମାଘଙ୍କ କୃତି ବହୁ ଦୃଷ୍ଟିରୁ ଅଧିକ ପ୍ରୌଢ଼ ଏବଂ ପରିଷ୍କୃତ ହୋଇଛି, କିନ୍ତୁ ଭାରବିଙ୍କର ସହଜ କାବ୍ୟ ସୌନ୍ଦର୍ଯ୍ୟର ସ୍ୱତନ୍ତ୍ର ମୂଲ୍ୟ ରହିଛି । ଏଥିରେ କୌଣସି ସନ୍ଦେହ ନାହିଁ ଯେ ମାଘ ଯେଉଁ ଯେଉଁ ବିଷୟରେ ଭାରବିଙ୍କର ଅନୁକରଣ କରିଛନ୍ତି ସେ ସବୁରେ ଭାରବିଙ୍କୁ ଟପି ଯାଇଛନ୍ତି । ମାଘଙ୍କ ବ୍ୟୁତ୍ପତ୍ତି ଏବଂ ଅଲଙ୍କାର ଛନ୍ଦୋଯୋଜନାର ଅଭ୍ୟାସ ତାଙ୍କ କବି ପ୍ରତିଭାକୁ ଓ ତାଙ୍କୁ ମହାକବି ପଂକ୍ତିରେ ମୂର୍ଦ୍ଧନ୍ୟସ୍ଥାନ ପ୍ରଦାନ କରିଛି । କାବ୍ୟ ନିମିତ୍ତ ଯେ ସକଳ ତତ୍ତ୍ୱ ଆବଶ୍ୟକ ତହିଁରେ ସେ ଅତିଶୟ ନିପୁଣ ବୋଲି ପ୍ରତୀତ ହୁଅନ୍ତି । ଶବ୍ଦକୋଷ, ଅର୍ଥ-କଳ୍ପନା, ଅଲଂକାର ଯୋଜନା, ଛନ୍ଦୋରଚନା, ଶାସ୍ତ୍ରଜ୍ଞାନ, ଭାବ-ନିରୂପଣ-ସାମର୍ଥ୍ୟ ତଥା ସଙ୍ଗୀତ ଭାବନା ପ୍ରଭୃତି ସମସ୍ତ ବିଭାଗ ମାଘରେ ପରାକାଷ୍ଠାରେ ଉପନୀତ ହୋଇଛି— ଯାହା ଫଳରେ ତାଙ୍କ ସମ୍ମୁଖରେ ସହୃଦୟ ନିମିତ୍ତ 'ରତ୍ନାକର'ର ବିସ୍ତାର ଯେପରି କୌଣସି ମୂଲ୍ୟ ଉପସ୍ଥାପିତ କରିପାରେ ନାହିଁ, ସେହିପରି 'ପଣ୍ଡିତରାଜ'ଙ୍କ ଗର୍ବୋକ୍ତିରୁ ମଧ୍ୟ କୌଣସି ତଥ୍ୟ ହୃଦବୋଧ ହୁଏ ନାହିଁ । ଏ ପ୍ରସଙ୍ଗ ଏତିକିରେ ରହୁ ।

## ଭଟ୍ଟି

ଭଟ୍ଟିଙ୍କର ଶାସ୍ତ୍ରୀୟ-ନିରୂପଣ-ପାଟବର ପ୍ରଭାବ ମଧ୍ୟ ମାଘଙ୍କ ଉପରେ ପଡ଼ିଛି ମନେ ହୁଏ । ମାଘଙ୍କ ବ୍ୟାକରଣ ପ୍ରିୟତା ତଥା ବ୍ୟାକରଣ ପ୍ରୟୋଗ ପ୍ରଦର୍ଶନ ଭଟ୍ଟିଙ୍କ ଦାନ ବୋଲି ପ୍ରତୀତ ହୁଏ । ଏହା ସହିତ ସ୍ଥାନେ ସ୍ଥାନେ ଶ୍ଳୋକ-ଭାବ ମଧ୍ୟ ଭଟ୍ଟିଙ୍କ ଅନୁକୂଳ ଥିଲା ପରି ଲାଗେ । ଯେପରିକି ଭଟ୍ଟିଙ୍କ ନିମ୍ନ ଶ୍ଳୋକ :

"କ୍ୱ ସ୍ତ୍ରୀବିଷହ୍ୟାଃ କରଜାଃ କ୍ୱ ବକ୍ଷୋ
ଦୈତ୍ୟସ୍ୟ ଶୈଳେନ୍ଦ୍ରଶିଳାବିଶାଳମ୍ ।
ସଂପଶ୍ୟତୈତଦ୍ ଦ୍ୟୁସଦାଂ ସୁନୀତଂ
ବିଭେଦ ଦୈତ୍ୟେନ୍ଦ୍ରନ୍ନରସିଂହମୂର୍ତ୍ତିଃ ॥" (ଭଟ୍ଟି ୧୨।୫୯)

(ଅର୍ଥାତ୍ ସ୍ତ୍ରୀମାନଙ୍କ ପକ୍ଷରେ ଅସହ୍ୟ ନଖ କାହିଁ, ଆଉ କାହିଁ ପର୍ବତଶିଳା-ସମାନ ବିଶାଳ ଏବଂ କଠୋର ହିରଣ୍ୟ-କଶିପୁର ବକ୍ଷଃସ୍ଥଳ ? ଦେବତାମାନଙ୍କ

ଜାଣି ଦେଖ୍, ସେହି ନଖରେ ନୃସିଂହ ସେହି ବକ୍ଷଃସ୍ଥଳକୁ ଚିରି ପକାଇଲେ !) ର ପ୍ରଭବମ୍ବୁ ମାଘଙ୍କ ନିମ୍ନୋକ୍ତ ଶ୍ଳୋକରେ ଥିବା ପରି ପ୍ରତୀତ ହୁଏ—

"ସଟାଚ୍ଛଟା ଭିନ୍ନଘନେନ ବିଭ୍ରତା ନୃସିଂହସୈଂହୀମତନୁଂ ତନୁଂ ତ୍ୱୟା ।
ସମୁଗ୍ଧକାନ୍ତାସ୍ତନସଂଗଭଙ୍ଗୁରୈରୁରୋବିଦାରଂ ପ୍ରତିଚସ୍କରେ ନଖୈଃ ।।"

(ଶି. ବ ୧।୪୭)

(ଅର୍ଥାତ୍ ହେ ନୃସିଂହ ! ମୁଗ୍ଧା ସୁନ୍ଦରୀମାନଙ୍କର ସ୍ତନ-ସ୍ପର୍ଶରେ ମୋଡ଼ି ହୋଇ ଯାଏ ଯେଉଁ ନଖ ତାହାର ଦ୍ୱାରା ତୁମେ ସେହି ହିରଣ୍ୟକଶିପୁର ବକ୍ଷଃସ୍ଥଳକୁ ଚିରି ପକାଇଥିଲ ।)

# ନବ-ଶବ୍ଦ ପ୍ରୟୋଗ-ରୁଚି

ମାଘଙ୍କର ସର୍ବାଧିକ ପ୍ରଶସ୍ତି ତାଙ୍କର ନୂତନ ଶବ୍ଦ ପ୍ରୟୋଗରେ, ଯହିଁରେ ସେ କୁଶଳ ଏବଂ ଆଗ୍ରହୀ ଥିଲେ ବୋଲି ସ୍ୱୀକୃତ ପାଆନ୍ତି । ଯେଉଁ ଶବ୍ଦ ଥରେ ପ୍ରଯୁକ୍ତ ହୋଇଯାଏ ତାହାକୁ ସେ ପ୍ରାୟ ଦ୍ୱିତୀୟବାର ପ୍ରୟୋଗ କରନ୍ତି ନାହିଁ । "ନବସର୍ଗଗତେ ମାଘେ ନବଶବ୍ଦୋ ନ ବିଦ୍ୟତେ ।"—ମାଘଙ୍କ ବିଷୟରେ ଏ କିମ୍ବଦନ୍ତୀ ପ୍ରସିଦ୍ଧ ହୋଇଯାଇଛି । ଏହାର ଅଧିକ ସଙ୍ଗତ ଅର୍ଥ ହେଉଛି ଯେ ମାଘଙ୍କର କୌଣସି ନୂତନ (ନବ) ସର୍ଗକୁ ବି ଯାଆନ୍ତୁ, ପୁରୁଣା (ଅନବ) ଶବ୍ଦ ସେଠାରେ ମିଳିବ ନାହିଁ । ଏଥିରୁ ତାଙ୍କର ଭାଷା ଉପରେ ଅସାଧାରଣ ଅଧିକାର ପ୍ରମାଣିତ ହୁଏ । ନିଜର ଅସାଧାରଣ ବ୍ୟାକରଣ-ବୈଦୁଷ୍ୟ ସହାୟତାରେ ମାଘ ନୂତନ ଶବ୍ଦ ଗୁଡ଼ିକୁ ନିର୍ମାଣ କରିଛନ୍ତି, କୋଷ-ବୈଭବ ସାହାଯ୍ୟରେ ନୂତନ ପର୍ଯ୍ୟାୟ ପ୍ରଯୁକ୍ତ କରିଛନ୍ତି ଏବଂ ବିବିଧ ଶାସ୍ତ୍ରୀୟ ବ୍ୟୁତ୍ପତ୍ତି ବଳରେ ନୂତନ ଅର୍ଥରେ ଶବ୍ଦ ପ୍ରୟୋଗର କ୍ଷେତ୍ର ଲଭ କରିଛନ୍ତି । ବସ୍ତୁତଃ ସେ ଯୁଗର ଜନମାନସରେ ବିଦଗ୍ଧ ପାଣ୍ଡିତ୍ୟର ତଥା ଶାସ୍ତ୍ରୀୟ ଜ୍ଞାନର ମିଳିତ ପ୍ରଦର୍ଶନ ଏକ ଗୁଣ ରୂପେ ପ୍ରତିଷ୍ଠା ଲଭ କରିଥିଲା । ମାଘ ଏ ପ୍ରବୃତ୍ତି କ୍ଷେତ୍ରରେ ଅସ୍ପୃଷ୍ଟ ହୋଇ ରହି ନାହାନ୍ତି, ପ୍ରତ୍ୟୁତ ସର୍ବାଗ୍ରଣୀ ଅଟନ୍ତି । କଥିତ ଅଛି ଯେ ମାଘ ୧୮୦୦ ନୂତନ ଶବ୍ଦର ପ୍ରୟୋଗ କରିଛନ୍ତି । କେବଳ ଶ୍ରୀକୃଷ୍ଣଙ୍କର ସେ ଏତେ ଗୁଡ଼ିଏ ନିମ୍ନାଙ୍କିତ ନାମ ପର୍ଯ୍ୟାୟ ପ୍ରୟୋଗ କରିଯାଇଛନ୍ତି —

| | | | | |
|---|---|---|---|---|
| ଅଚ୍ୟୁତ | ଅରବିନ୍ଦନାଭ | ମାଧବ | ଚିରନ୍ତନମୁନି | ବଲାନୁଜ |
| ଅଧୋକ୍ଷଜ | ଆଦିଦେବ | ବାସୁଦେବ | ବିଧାମନ୍ | ମଧୁଜିତ୍ |
| ଆଦି ପୁରୁଷ | ଇନ୍ଦ୍ରାନୁଜ | ବିଶ୍ୱମ୍ଭର | ଦନୁସୁତାରି | ମଧୁଦ୍ୱିଷ୍ |
| ଉପେନ୍ଦ୍ର | ଉରଗାରିଲକ୍ଷ୍ମ | ବିଷ୍ଟରଶ୍ରବସ୍ | ଦନୁସୂନୁସୂଦନ | ମଧୁଭିଦ୍ |
| କୃଷ୍ଣ | କଂସକୃଷ୍ | ବିଷ୍ୱକ୍ସେନ | ମଧୁମଥନ | |
| କେଶବ | କମଳସରବ | ଶାର୍ଙ୍ଗିନ୍ | ଦେବକୀସୁତ | ମଧୁସୂଦନ |
| କୈଟଭଜିତ୍ | କୈଟଭଦ୍ୱିଷ୍ | ଶୌରି | ଜଗତ୍ପତି | |
| ଗରୁଡଧ୍ୱଜ | କ୍ଷିତିସୁତବିଦ୍ୱିଷ୍ | ଶ୍ରୀପତି | ଜଗନ୍ନିବାସ | ମୁରଜିତ |
| ଚକ୍ରଧର | ପୁଣ୍ଡରୀକାକ୍ଷ | ହରି | ପୁରାଣମୂର୍ତ୍ତି | ମୁରଦ୍ୱିଷ୍ |
| ଚକ୍ରପାଣି | | | | |
| ଚତୁର୍ଭୁଜ | ପୁରୁଷୋତ୍ତମ | ଗଦାଗ୍ରଜ | ସ୍ତୃରଥାଙ୍ଗ | ମୁରଭିଦ୍ |
| ଜନାର୍ଦ୍ଦନ | ମଧୁରିପୁ | ଚକ୍ରିନ୍ | ବଲିମାନମୁଷ୍ | ମୁରରିପୁ |

| | | |
|---|---|---|
| ମୁରବିଦ୍ୱିଷ୍ | ରଥଚରଣଧର | ଲକ୍ଷ୍ମୀପତି |
| ମୁରବୈରିନ୍ | ରଥଚରଣପାଣି | ବାସୁଦେବନନ୍ଦନ୍ |
| ମୁରହର | ରଥାଙ୍ଗପାପାଣି | ବିବ |
| ଶ୍ରୀଭର୍ତ୍ତୃ | ରଥାଙ୍ଗଭର୍ତ୍ତୃ | ଶାର୍ଙ୍ଗପାଣି |
| ଶ୍ରୀ ଶଙ୍ଖରେଣ | ରଥାଙ୍ଗିନ୍ | ଶିବକୀର୍ତ୍ତନ |
| ସୁପର୍ଣ୍ଣକେତୁ | ରଥାଙ୍ଗଯୁଗ୍ମାୟୁଧ | ସଙ୍କଳାମ୍ବନ୍ |

ଏତଦ୍ ବ୍ୟତୀତ ସର୍ବସାଧାରଣରେ ପ୍ରଚଳିତ ଶବ୍ଦ ସ୍ଥାନରେ ମଧ୍ୟ ଯତ୍ନପୂର୍ବକ ନୂତନ ଅପ୍ରଚଳିତ ଶବ୍ଦ ପ୍ରଯୁକ୍ତ କରିବାକୁ ଆଗ୍ରହୀ ହୋଇଛନ୍ତି । ତାଙ୍କର ଏହି ଧରଣର ପ୍ରଯୁକ୍ତ ଶବ୍ଦାବଳୀର ସୂଚୀ ନିମ୍ନାଙ୍କିତ ମତେ ପ୍ରଦତ୍ତ ହୋଇପାରେ।—

| ଅପ୍ରଚଳିତ ପ୍ରଯୁକ୍ତ ଶବ୍ଦ | ପ୍ରଚଳିତ ପର୍ଯ୍ୟାୟ |
|---|---|
| କଠୋର | ଧୃଷ୍ଟ |
| ଅଗ୍ରଭୂମି | ପ୍ରାପ୍ୟସ୍ଥାନ |

| | |
|---|---|
| ଅଭ୍ରମୁଭର୍ତ୍ତା | ଐରାବତ |
| କୌଶିକ | ଇନ୍ଦ୍ର |
| ମନୁଷ୍ୟଧର୍ମା | କୁବେର |
| ବିଷାଣ | ଗଜଦନ୍ତ |
| ନିଶାନ୍ତ | ଗୃହ |
| ପ୍ରକମ୍ପନ | ବାୟୁ |
| ତନୂନପାତ୍ | ଅଗ୍ନି |
| କୀନାଶ | ଯମ |
| କାବ୍ୟ | ଶୁକ୍ର |
| ତପସ୍ | ଧର୍ମ |
| ସ୍ୱର୍ଭାନୁ | ରାହୁ |
| ବୀବଧ | ପର୍ଯ୍ୟାହାର |
| ମୃଗୟୁ | ବ୍ୟାଧ |
| ନରେନ୍ଦ୍ର | ବିଷବୈଦ୍ୟ |
| ତୁରଙ୍ଗକାନ୍ତାମୁଖହବ୍ୟବାହ | ବଡ଼ବାଗ୍ନି |
| କୁଶେଶୟ | କମଳ |
| ଲେଚକ | କଜ୍ଜଳ |
| ଦନ୍ତ | ନିକୁଞ୍ଜ |
| ତ୍ୱକ୍‌ସାର | ବଂଶ |
| ମଂକ୍ଷୁ | ଦ୍ରୁତମ୍ |
| ପିଚୁମର୍ଦ୍ଦ | ନିମ୍ବ |
| ଦାସେରକ | ଉଷ୍ଟ୍ର |
| ଭେଗାବଳୀ | ପ୍ରବନ୍ଧ |
| ପୃଷତ୍‌ପତ | ବାୟୁ |
| ନିଜସ୍ୱସ | ନିବାଡ଼ |
| କକ୍ଷ୍ୟା | କାଞ୍ଚୀ |

| | |
|---|---|
| ରୁଚର | ପନ୍ଥ |
| ଅନ୍ଦୁକନାଦ | ଶୃଙ୍ଖଳାଗ |
| ତାର୍କ୍ଷ୍ୟ | ରଥ |
| ବ୍ୟୁଷ୍ଟ | ପ୍ରଭାତ |
| ପ୍ରୋଷ୍ଠ | ଗଜାଂଘ୍ରି |
| ଶୃଙ୍ଖଳକ | ଉଷ୍ଟ୍ର |
| ରବଣ | ଉଷ୍ଟ୍ର |
| ସାମଜ | ଗଜ |
| କାଳୀୟକ | କୁଙ୍କୁମ |
| କେସର | ଝାମ୍ପୀ (ଖଚର) |
| ଲଘ୍ୱୀ | ରଥବିଶେଷ |
| ପ୍ରଚ୍ଛନ୍ଦ | ପ୍ରତିନିଧି |
| ଘାଗ୍ରି | ଦୋହନପାତ୍ର |
| ରୋହଣୀ | ଗୋ |
| ନର୍ମାଣ | ପଶୁପାଦବନ୍ଧନ |
| କ୍ଷିତିକ୍ଷିତ୍ | କ୍ଷିତୀଶ |
| ପୃଷ୍ଠଭେଦନ | ପଉନ |
| ଲମ୍ବନ | ଶୃଙ୍ଗ |
| ପସ୍ତ୍ୟ | ଭବନ |
| ନନ୍ଦଥୁ | ଆନନ୍ଦ |
| ବଳଜ | ଧାନ୍ୟରାଶି |
| ସ୍ୱାପତେୟ | ବିତ୍ତ |
| ଆଶ୍ରବ | ଆଜ୍ଞାପାଳକ |
| କୃଷ୍ଣରଣ୍ଡବା | ଶ୍ରୀକୃଷ୍ଣ |
| ଶୁଷ୍ମନ୍ | ଅଗ୍ନି |

| | |
|---|---|
| ବନସ୍ଥକ | ଘାତକ |
| ମୁଖଭୁ | ବ୍ରାହ୍ମଣ |
| ଘ୍ରାଣ | କ୍ଷୀଣ |
| ଅପଷ୍ଠୁ | ଅସତ୍ୟ |
| ପ୍ରତିଘ | କୋପ |
| ନଜ | ନୃତ୍ୟ |
| ଭୁଜିଷ୍ୟ | କିଙ୍କର |
| ବିଶିଖା | ରଥ୍ୟା |
| ବାଶଜ | ଶଙ୍ଖ |
| ସରକ | ମଧୁପାନ |
| ସମୀକ | ଯୁଦ୍ଧ |
| ମାନବୀ | ସ୍ତନନ |
| ଦୁର୍ବିଧ | ଦରିଦ୍ର |
| ମାଧବାନ୍ | ଯାଦବାନ୍ |
| ମଲିମ୍ଲୁଚ | ପାଟଚର |
| ନଗ୍ନ | ବନ୍ଦୀଜନ |
| ବିଷ୍କ | ବଂଶବର୍ଦ୍ଧକ |
| ବାସ୍ଥ | ଗଜବନ୍ଧନସ୍ଥାନ |
| ବୃତ୍ତ | ମୃତ |
| ଅଭୀଲ | ଭୟଙ୍କର |
| କର୍କର | ଦର୍ପଣ |

ଏ ସବୁ ବ୍ୟତିରେକେ ମାଘ ନିଜ ବ୍ୟାକରଣ-ଜ୍ଞାନର ପ୍ରୌଢି ପ୍ରଦର୍ଶନ ଲାଗି ଛଛା ଏବଂ ଦହ୍ୱାସ୍ତତା ଯୋଗୁଁ ବହୁ ସଂଖ୍ୟକ ଜଟିଳ

ଅପ୍ରଚଳିତ ଶବ୍ଦ ପ୍ରୟୋଗ କରିଛନ୍ତି । ଉଦାହରଣ ସ୍ୱରୂପ କେତେକ ଶବ୍ଦ ଉଦ୍ଧାର କରାଯାଇପାରେ—

ନ୍ୟଧାୟିଷାତାମ୍, ପର୍ଯ୍ୟପୁପୁଜତ୍, ଅଭିନ୍ୟବୀବିଶତ୍, ଅଚୁଚୂରତ୍, ପ୍ରତିଚସ୍କରେ, ବ୍ୟଦ୍ୟୋତିଷ୍ଟ, ଦନ୍ଦହ୍ୟତେ, ଦୁଃଖାକରୋତି, ଇନ୍ଧନୌଧଧକ୍, ବହୁତୃଣମ, ବିଭରାଂବଭୁବେ, ଅଧିରୁକ୍ଷତ୍, ବିତର୍ଦ୍ଦିନିର୍ବ୍ୟୂହବିଟଙ୍କନୀଡ଼ଃ, ପାଟେରଂ-ଜଲମ୍, ବିପର୍ଯ୍ୟଣୀନମନ୍, ମଧ୍ୟେହମୁଦ୍ରମ୍ ଆଦି ।

# ଚରିତ୍ର ଚିତ୍ରଣ

'ଶିଶୁପାଳବଧ' ଏକ ଘଟନା ପ୍ରଧାନ ମହାକାବ୍ୟ । ଏଥିରେ ଶିଶୁପାଳଙ୍କ ବଧ କାହାଣୀ ରହିଛି ଏବଂ ତାହାକୁ ଉଦାତ୍ତ ଢଙ୍ଗରେ ଯେପରି ଏକ ମହାକାବ୍ୟରେ କଥାନକର ଲକ୍ଷ୍ୟ ରୂପେ ଉପସ୍ଥାପନ କରାଯାଇପାରେ ଏହା ହିଁ ଥିଲା କବିଙ୍କ ଉଦ୍ଦେଶ୍ୟ— ନାୟିକାଦିଙ୍କ ଯୋଜନା ତ ଅନିବାର୍ଯ୍ୟ, କାରଣ କର୍ତ୍ତା, ଅଧିଷ୍ଠାନ, ବିବିଧ ଚେଷ୍ଟା ଅଭାବରେ କୌଣସି ଘଟଣା ଘଟି ମଧ୍ୟ ପାରେ ନାହିଁ । ଯଦ୍ୟପି ମାଘ ସ୍ୱୟଂ ନିର୍ଦ୍ଦେଶ କରନ୍ତି ଯେ ଏଥିରେ କେବଳ ଲକ୍ଷ୍ମୀପତିଙ୍କ ଚରିତ କୀର୍ତ୍ତିର ବର୍ଣ୍ଣନା ରହିଛି, କିନ୍ତୁ ସେହି ଚରିତ ଅଥବା ଅବଦାନ ଶିଶୁପାଳସମ ମହାଦୁଷ୍ଟର ବଧରୂପରେ ହିଁ ରହିଛି— କୃଷ୍ଣଙ୍କ ଚରିତ୍ରର ଚିତ୍ରଣ ନାହିଁ । ବସ୍ତୁତଃ ବଳ, ବୁଦ୍ଧି, ବିଦ୍ୟା, ଶୀଳ ଆଦି ଦେବସମ୍ପଦଯୁକ୍ତ; ସେମାନଙ୍କର ନାୟକତ୍ୱ ଉପରେ କୌଣସି କାବ୍ୟ ରଚନା କାଳରେ କବିଙ୍କ ଦୃଷ୍ଟିସହାୟୀ ଭାବ ହୋଇଥାଏ ଦେବାଦିଦେବଙ୍କ ଚିତ୍ର । କଥାବସ୍ତୁକୁ ସରସ କରିବା ନିମିତ୍ତ ସେମାନଙ୍କ ଲୌକିକ ଚରିତ କୀର୍ତ୍ତନ କରାଯାଇଥାଏ । କୁମାର ସମ୍ଭବ, କିରାତାର୍ଜୁନୀୟ, ଶିଶୁପାଳ ବଧ, ଆଦି ଚରିତ ଅଭି କାବ୍ୟର ରୂପ ଏହି ପ୍ରକାର । କିନ୍ତୁ କାବ୍ୟାଙ୍ଗ ରୂପରେ କଥାନକର ପ୍ରବେଶ କାଳରେ କବି ଚରିତ୍ର-ଚିତ୍ରଣ ପରିପାଟୀର ପୂର୍ଣ୍ଣ ଉପେକ୍ଷା ମଧ୍ୟ କରି ନ ପାରନ୍ତି । ଅତଃ, ଚରିତ୍ରର ଚିତ୍ରଣ ମଧ୍ୟ ସ୍ୱାଭାବିକ ଢଙ୍ଗରେ ହୋଇଯାଇଥାଏ । ଏ ପ୍ରସଙ୍ଗ ଏଠାରେ ରହୁ ।

**ଶ୍ରୀକୃଷ୍ଣ** — ମାଘ କବିଙ୍କ ଆରାଧ୍ୟ ଅଭୀଷ୍ଟ ଦେବତା । ଏ ମହାକାବ୍ୟର ସେ ନାୟକ ଅଟନ୍ତି—ଧୀରୋଦାତ୍ତ ନାୟକ । ବିନୟ, ଧୈର୍ଯ୍ୟ, ତ୍ୟାଗ, ଦାକ୍ଷିଣ୍ୟ, ଆର୍ଜବ, ସୌନ୍ଦର୍ଯ୍ୟ, ଶୌର୍ଯ୍ୟ, ପ୍ରତାପ ଆଦି ଗୁଣମାନଙ୍କରେ ସର୍ବଥା ସମ୍ପନ୍ନ । ବିନୟ ତାଙ୍କଠାରେ ଢଳ ଢଳ କରି ଭରି ରହିଛି । ତାଙ୍କର ମଧୁରମୂର୍ତ୍ତି ବିନୟର ଆକର ହୋଇ ଉଠିଛି । ନାରଦ ଆକାଶରୁ ଭୂମି ଉପରେ ଅବତରଣ କରିବା ପୂର୍ବରୁ ହିଁ

ସେ ତାଙ୍କ ସ୍ୱାଗତ ଲାଗି ସସମ୍ଭ୍ରମ ଆସନ ତ୍ୟାଗକରି ଛିଡ଼ା ହୋଇଛନ୍ତି (ଶି'ବ:୧।୧୪) ଅର୍ଘ୍ୟାଦି ଦ୍ୱାରା ତାଙ୍କର ଅନୁରୂପ ପୂଜା କରିଛନ୍ତି (ଶି.ବ. ୧।୧୪) ଏବଂ ତାଙ୍କ ପୂଜା କରି ସ୍ୱୟଂ ଅତ୍ୟନ୍ତ ପ୍ରସନ୍ନ ହୋଇ ଉଠିଛନ୍ତି (ଶି.ବ ୧।୧୭) । ନାରଦ ଛିଞ୍ଚିଥିବା କମଣ୍ଡଳୁସ୍ଥ ତୀର୍ଥ-ଜଳ ବିନ୍ଦୁକୁ ସେ ନତମସ୍ତକ ହୋଇ ଶିରୋପରି ସ୍ୱୀକାର କରିଥିଲେ (ଶି ବ ୧।୧୮) । ନିଜଠାରୁ ଅଧିକ ବୟସ୍କ ଏବଂ ଉଚ୍ଚପଦସ୍ଥ ଗୁରୁଜନଙ୍କ ପ୍ରତି ତାଙ୍କର ଏହି ବିନୟ ଭାବନା ଯୁଧିଷ୍ଠିରଙ୍କ ସମକ୍ଷରେ ମଧ୍ୟ ପରିଦୃଷ୍ଟ ହୋଇଥିଲା । ଇନ୍ଦ୍ରପ୍ରସ୍ଥ ପାଖରେ ପହଞ୍ଚିବା ପରେ ଅଭ୍ୟର୍ଥନା ସକାଶେ ଆସୁଥିବା ଯୁଧିଷ୍ଠିରଙ୍କୁ ରଥରୁ ଓହ୍ଲାଇବା ଦେଖି ଶ୍ରୀକୃଷ୍ଣ ସ୍ୱୟଂ ତାଙ୍କ ପୂର୍ବରୁ ନିଜ ରଥରୁ ଡେଇଁପଡ଼ି ଛିଡ଼ା ହୋଇ ଯାଆନ୍ତି (ଶି. ବ. ୧୩।୧୭) ଏବଂ ସ୍ୱୟଂ ଜଗଦ୍‌ବନ୍ଦ୍ୟ ହୋଇଥିଲେ ହେଁ ସ୍ୱକୀୟ ଗୌରବ ବର୍ଜିତ କରି ତାଙ୍କୁ ଭୂମିସ୍ପର୍ଶ କରି ପ୍ରଣାମ କରନ୍ତି (ଶି.ବ ୧୩।୮) । ପାଣ୍ଡବଙ୍କ ମଧ୍ୟରେ ଉପସ୍ଥିତ ହେବା ପରେ ସେମାନଙ୍କ ପରିବାରର ଶିଶୁମାନଙ୍କର ମଧ୍ୟ ନାଁ ଧରି ସମ୍ବୋଧନ କରି ସେମାନଙ୍କ କୁଶଳ ଜିଜ୍ଞାସା କରନ୍ତି (ଶି.ବ ୧୩।୬୮) ଏବଂ ଯଜ୍ଞ ସମୟରେ ଯୁଧିଷ୍ଠିରଙ୍କ ଦ୍ୱାରା ଦ୍ରବ୍ୟ ନିବେଦନ ପରେ ତାଙ୍କୁ ଆଶ୍ୱାସନା ଦେଇ ସବିନୟ ଉତ୍ତର ଦିଅନ୍ତି, "ମୋତେ ଆପଣ ସକଳ କାର୍ଯ୍ୟରେ ନିଯୁକ୍ତ କରନ୍ତୁ । ମୋତେ ଅର୍ଜୁନଠାରୁ ପୃଥକ୍ କରନ୍ତୁ ନାହିଁ । (ଶି.ବ ୧୪।୧୫) ଏବଂ ଆପଣଙ୍କର ଏହି ଯଜ୍ଞ କାର୍ଯ୍ୟରେ ଯେ ଭୃତ୍ୟପରି କାର୍ଯ୍ୟ ନ କରିବ ତାହାର ଶରୀରକୁ ମୋର ଏହି ସୁଦର୍ଶନ କବନ୍ଧ-ଶେଷ ହିଁ କରିବ ।" (ଶି:ବ. ୧୪।୧୭)

କେବଳ ବିନୟ ନୁହେଁ, ପୂଜ୍ୟ ବ୍ୟକ୍ତିଙ୍କ ପ୍ରତି ଶ୍ରୀକୃଷ୍ଣଙ୍କ ହୃଦୟରେ ରହିଛି ସ୍ୱାଭାବିକ ଭକ୍ତି ମଧ୍ୟ । ନାରଦଙ୍କ ସମାଗମରେ ଉତ୍ପନ୍ନ ହର୍ଷ ଜଗନ୍ନିବାସଙ୍କ ଶରୀରରେ ସମ୍ଭାଳି ହେଉ ନ ଥିଲା (ଶି. ବ. ୧।୧୩) । ସୂର୍ଯ୍ୟସମ ତେଜସ୍ୱୀ ମୁନି ନାରଦଙ୍କ ଆଡ଼କୁ ନିଜ ହାସଚଞ୍ଚଳିତ ନେତ୍ରରେ ଚାହିଁଲା ବେଳେ ଶ୍ରୀକୃଷ୍ଣ ସତେ ଅବା ଯଥାର୍ଥରେ ପୁଣ୍ଡରୀକାକ୍ଷ ହୋଇ ଯାଇଥିଲେ (ଶି. ବ. ୧।୧୪) । ପୁଣି ତାଙ୍କ ପ୍ରତି ଯେଉଁ ବାଙ୍ମୟୀ ଭାବ-ପୁଷ୍ପାଞ୍ଜଳି ଅର୍ପଣ କଲେ ତଦ୍‌ଦ୍ୱାରା ତାଙ୍କର ଭକ୍ତି ସମ୍ପୂର୍ଣ୍ଣଭାବେ ପ୍ରମାଣିତ ହୋଇଯାଏ । (ଶି:ବ ୧।୨୬-୩୦) ସେ କହିଲେ, "ଭବଦୀୟ ଦର୍ଶନ ଶରୀର-ଧାରୀଙ୍କୁ ଭୂତ-ବର୍ତ୍ତମାନ ଭବିଷ୍ୟତ୍ ତିନି କାଳରେ ପୁଣ୍ୟବାନ୍ ଏବଂ ଭାଗ୍ୟଶାଳୀ ବୋଲି ପ୍ରମାଣିତ କରିଥାଏ । ମୁଁ ଆପଣଙ୍କ ଦର୍ଶନମାତ୍ରେ କୃତାର୍ଥ ହୋଇଯାଇଛି,

ତଥାପି ଆପଣଙ୍କ ଶ୍ରୀମୁଖରୁ କିଛି ଶୁଣିବା ଇଚ୍ଛା ଯୋଗୁଁ ଆପଣଙ୍କ ଆଗମନର ପ୍ରୟୋଜନ ଶୁଣିବାର ଧୃଷ୍ଟତା ପ୍ରକାଶ କରୁଛି ।"

ସୌନ୍ଦର୍ଯ୍ୟ ପ୍ରତି ଶ୍ରୀକୃଷ୍ଣଙ୍କର ରୁଚି ତାଙ୍କ ଅଳଙ୍କରଣରୁ ପ୍ରମାଣିତ ହୁଏ । ରୈବତକର ଶୋଭା ସେ ଯେତେଥର ଦେଖନ୍ତି ବିସ୍ମିତ ହୋଇ ଯାଆନ୍ତି । (ଶି.ବ. ୪।୧୭) ସ୍ୱୟଂ ମଧ୍ୟ ସେ ଏପରି ଅଲୋକ-ସାମାନ୍ୟ ସୁନ୍ଦର ହିଁ ଥିଲେ ଯେ ତାଙ୍କୁ ଦେଖିବା ଲାଗି ଇନ୍ଦ୍ରପ୍ରସ୍ଥ ସୁନ୍ଦରୀମାନେ 'ଅବଧୀରିତାନ୍ୟକରଣୀୟସତ୍ୱର' ଅବସ୍ଥାରେ ଧାଇଁଥାନ୍ତି । (ଶି:ବ: ୧୩।୩୦-୪୯) ।

ଯଦ୍ୟପି ତାଙ୍କ ପ୍ରତାପ ଯୋଗୁଁ ଅନ୍ୟ ରାଜାମାନଙ୍କର ସେନା ସ୍ୱତଃ ତାହାଙ୍କ ଏକଚ୍ଛତ୍ର ତଳକୁ ଆସିଯାଉଥିଲେ (ଶି:ବ. ୨।୩୩), ତଥାପି ତାଙ୍କ ଦୃଷ୍ଟିକୋଣ ଥିଲା ଅତ୍ୟନ୍ତ ପ୍ରଜାତନ୍ତ୍ରାତ୍ମକ । ସେ ଇନ୍ଦ୍ରପ୍ରସ୍ଥ ଯିବାର ସିଦ୍ଧାନ୍ତ ବଳରାମ ଏବଂ ଉଦ୍ଧବଙ୍କ ପରାମର୍ଶ କ୍ରମେ କରନ୍ତି । ନିଜମତ ସେମାନଙ୍କ ଉପରେ ଲଦି ଦିଅନ୍ତି ନାହିଁ, ସେମାନଙ୍କ ମତ ଶୁଣି ତାହା ହିଁ କରନ୍ତି । (ଶି:ବ. ୨।୭, ୮,୧୨)

ଶ୍ରୀକୃଷ୍ଣଙ୍କ ଧୀର ରୂପ ସବୁଠାରୁ ବେଶୀ ଆକର୍ଷଣୀୟ ଏବଂ ଆଦର୍ଶ ଅଟେ । ଶିଶୁପାଳର କଟୁତମ ବଚନ ଶୁଣି ମଧ୍ୟ ସେ ଟିକିଏ ହେଲେ ବିଚଳିତ ହୁଅନ୍ତି ନାହିଁ । ସତ୍ୟସନ୍ଧ ସୁଜନଙ୍କୁ କଟୁ ବଚନ ଦ୍ୱାରା କିଏ ଭଲା ବିଚଳିତ କରିପାରେ ? (ଶିଶୁ. ବ. ୧୫।୪୦) ଗାଳି ଦେଉଥିବା ସେହି ଶିଶୁପାଳକୁ କେଶବ କିଛି ହେଲେ ଉତ୍ତର ଦେଇ ନାହାନ୍ତି — ସିଂହ ମେଘଗର୍ଜନ ପ୍ରତି ଚେକେ ସିନା, ଶୃଗାଳରବ ପ୍ରତି କିଛି କହେ ନାହିଁ ।

"ପ୍ରତିବାଚମଦତ୍ତ କେଶବଃ ଶପମାନାୟ ନ ଚେଦିଭୂଭୁଜେ ।
ଅନୁହୁଙ୍କୁରୁତେ ଘନଧ୍ୱନିଂ ନ ହି ଗୋମାୟୁରୁତାନି କେଶରୀ ।।"

(ଶି:ବ ୧୬।୨୫)

ଶିଶୁପାଳ ଦୂତର କଟୁସନ୍ଦେଶ ଶୁଣି ସକଳ ଯଦୁସଭା କ୍ଷୁବ୍ଧ ହୋଇଉଠେ, କିନ୍ତୁ ଶ୍ରୀକୃଷ୍ଣଙ୍କ ମନ ସାମାନ୍ୟତମ ବିକୃତ ମଧ୍ୟ ହୁଏ ନାହିଁ । ବର୍ଷାରେ ନଦୀର ଯେ ଜଳସିନା ବିକାର ପ୍ରାପ୍ତ ହୁଏ, ସମୁଦ୍ରର କିଛି ହୁଏ ନାହିଁ—

"ସମାକୁଳେ ସଦସି ତଥାପି ବକ୍ତ୍ର୍ୟାଂ
ମନୋଗମନ୍ନ ମୁରଭିଦଃ ପରୋଦ୍ଧତୈଃ
ଘନ ମୃଦ୍ଭିବହଳିତ ନିମ୍ନଗାକଲୌ
ର୍ଜଲଂ ନହ୍ୟ ବ୍ରଜତି ବିଦାରମମ୍ବୁଧେଃ ॥"

(ଶି: ବ. ୧୬।୧୮)

ପୁନଶ୍ଚ ମହାକାବ୍ୟର ଅଙ୍ଗୀରସ ନିମିତ୍ତ ଶ୍ରୀକୃଷ୍ଣଙ୍କ ଯେଉଁ ରୂପଟି ଥିଲା ଆବଶ୍ୟକ ତାହା ତାଙ୍କର ଯୁଦ୍ଧବୀର-ରୂପ । ଯୁଦ୍ଧରେ ତାଙ୍କର ଅଲୌକିକ ପରାକ୍ରମ ଦେଖିବାକୁ ମିଳେ (୧୯।୧୨-୧୨୦): ଶ୍ରୀକୃଷ୍ଣ ଏକାକୀ ହେଲେ ମଧ୍ୟ ଶତ୍ରୁଗଣଙ୍କ ପ୍ରତି ଦୁଇ, ତିନି ବା ସହସ୍ର ରୂପରେ ଦୃଶ୍ୟ ହେଉଥିଲେ (୧୯।୧୧୬), ଶିଶୁପାଳର ସକଳ ଅସ୍ତ୍ର ସେ ପ୍ରତିହତ କରି ଦେଇଥିଲେ (୨୦।୬୬), ଏବଂ ତାର ବାଗ୍‌ବାଣର ଉତ୍ତର ହେଲା ଚକ୍ରଦ୍ୱାରା ତାହାର ଶିରୋଚ୍ଛେଦନ କରି (୨୦।୬୮), ପରିଶେଷରେ ଶ୍ରୀକୃଷ୍ଣଙ୍କ ପରମେଶ ରୂପ ଜଣାଇଦେବା ନିମିତ୍ତ ଶିଶୁପାଳର ତେଜକୁ ତାଙ୍କ ମଧ୍ୟରେ ଲୀନ ହେବାର ବର୍ଣ୍ଣନା ଦେଲେ (୨୦।୬୯) ।

**ନାରଦ**—ଏକ ତେଜସ୍ୱୀ (୧।୩,୨୪) ତଥା ସଙ୍ଗୀତ-ପ୍ରେମୀ (୧।୧୦), ଗୁରୁତ୍ୱ ଏବଂ ମହତ୍ତ୍ୱରେ ମଣ୍ଡିତ (୧।୨୬-୨୮) ଭକ୍ତି ଜ୍ଞାନ ତପୋରାଶି (୧।୩୨-୪୦) ଏକ ଦେବର୍ଷି ରୂପରେ ଚିତ୍ରିତ । ଏହି କାବ୍ୟର କଥାନକର ଗତିଶୀଳତା ନିମିତ୍ତ ତାଙ୍କର ଭୂମିକା ଏକ ଦୂତ ସହ ତୁଳନୀୟ ।

**ଯୁଧିଷ୍ଠିର**—ଶ୍ରୀକୃଷ୍ଣଙ୍କ ପିଉସୀର ପୁତ୍ର । ଶ୍ରୀକୃଷ୍ଣଙ୍କ ପ୍ରତି ରହିଛି ତାଙ୍କର ଅଚଳ ବିଶ୍ୱାସ (୨।୧୦୩), ଅଗାଧ ସ୍ନେହ, ଅସୀମ ବିନୟ (୧୩।୬-୧୦), ଦିବ୍ୟ ବାତ୍ସଲ୍ୟ (୧୩।୧୧-୧୩,୧୮,୧୯) ତଥା ଅନନ୍ୟ ଭକ୍ତି (୧୪।୧-୧୧) । ସେ ଏକ ଔଚିତ୍ୟୋଚିତ ଶିଷ୍ଟାଚାରର କୁଶଳ ସମ୍ବନ୍ଧୀ ଅଟନ୍ତି । ତାଙ୍କର ସର୍ବସ୍ୱ ଅଟନ୍ତି ଯେଉଁ ଶ୍ରୀକୃଷ୍ଣ ତାଙ୍କୁ ଦୁର୍ବାକ୍ୟ କହିବା ସତ୍ତ୍ୱେ ଶିଶୁପାଳକୁ ନିଜ ପକ୍ଷରୁ ଆକ୍ଷେପ କରି ନାହାନ୍ତି, କାରଣ ସେ ମଧ୍ୟ ତାଙ୍କର ସମ୍ବନ୍ଧୀ ମାଉସୀ ପୁଅ ଭାଇ ଏବଂ ତାଙ୍କ ନିମନ୍ତ୍ରଣରକ୍ଷା କରି ଯଜ୍ଞରେ ଉପସ୍ଥିତ ହୋଇଥିଲା । (ଶି.ବ ୧୫।୬୮)

**ଶିଶୁପାଳ**—ଏହି ମହାକାବ୍ୟର ପ୍ରତିନାୟକ ଅଥବା ଖଳନାୟକ । ଅଭିମାନର ପ୍ରତିମୂର୍ତ୍ତି ସେ (ଶି.ବ ୧।୭୧, ୭୨, ୧୫।୨-୧୩) ଏବଂ ମର୍ଯ୍ୟାଦାହୀନ ଦୁର୍ବାଦୀ । ଶ୍ରୀକୃଷ୍ଣ, ଭୀଷ୍ମ ତଥା ସମସ୍ତ ପାଣ୍ଡବଙ୍କୁ କଟୁତମ ଦୁର୍ବଚନ କହିଛି (ଶି:ବ ୧୫।୧୪-୩୮, ତଥା ପ୍ରକ୍ଷିପ୍ତ ୧-୩୪ ଶ୍ଳୋକ) । ସେ ଯୁଦ୍ଧ ବିଜ୍ଞାନରେ ଅତ୍ୟନ୍ତ ପ୍ରବୀଣ (୨୦ ୧-୭୫) । ଶ୍ରୀକୃଷ୍ଣଙ୍କ ପ୍ରତି ତାର ଶତ୍ରୁତା ବଦ୍ଧମୂଳ । ଶ୍ରୀକୃଷ୍ଣଙ୍କ ପ୍ରତି ତାର ଈର୍ଷ୍ୟା ଏବଂ କ୍ରୋଧ ଯୋଗୁଁ ସେ ତାଙ୍କୁ କ୍ଷଣ କାଳ ପାଇଁ ମଧ୍ୟ ବିସ୍ମୃତ ହୁଏ ନାହିଁ, ଏବଂ ଏହାର ପରିଣାମ ଏହା ହେଲା ଯେ ଯୁଦ୍ଧରେ ମୃତ୍ୟୁ ପରେ ସେ ଶ୍ରୀକୃଷ୍ଣଙ୍କଠାରେ ଲୀନ ହୋଇଛି, ତାକୁ ଶ୍ରୀକୃଷ୍ଣଙ୍କ ସହ ସାଯୁଜ୍ୟ ମୁକ୍ତି ମିଳିଛି ।

ଏହା ବ୍ୟତୀତ କେତୋଟି ଛୋଟ ପାତ୍ର ହେଉଛନ୍ତି—ବଳରାମ, ଉଦ୍ଧବ ଏବଂ ସାତ୍ୟକି । ସେମାନଙ୍କ ଚରିତ୍ରର ମୃଦୁ ପ୍ରଭାବ ଅନୁଭୂତ ହୋଇଥାଏ ।

**ବଳରାମ**—ଏକ ବୀର, ସତ୍ ସାହସୀ ଯୋଦ୍ଧା, ଯେ ବର୍ଦ୍ଧିଷ୍ଣୁ ଶତ୍ରୁକୁ ଉପେକ୍ଷା କରିପାରନ୍ତି ନାହିଁ । ଜଣେ ମଧ୍ୟ ଶତ୍ରୁ ଜୀବିତ ଥିଲେ ପ୍ରତିଷ୍ଠା ଦୁର୍ଲଭ ହେବ ମନେ କରନ୍ତି । ଶତ୍ରୁ ସହ ସାମନୀତି ପ୍ରୟୋଗର ସଫଳତାରେ ବିଶ୍ୱାସ କରନ୍ତି ନାହିଁ । (ଶି:ବ. ୨।୨୧-୬୭)

**ଉଦ୍ଧବ**—ଅତ୍ୟନ୍ତ ବିବେକୀ, ଦୂରଦର୍ଶୀ ତଥା ସନ୍ତୁଳିତ ବିଚାର ସମ୍ପନ୍ନ ରାଜନୀତିଜ୍ଞ । ପୂର୍ଣ୍ଣ ବିବେକ ସହ ଉଚିତ ସମୟରେ ଅନୁଷ୍ଠିତ କାର୍ଯ୍ୟ ହିଁ ସିଦ୍ଧିପ୍ରଦ ହୁଏ—ଏଥିରେ ସେ ବିଶ୍ୱାସବନ୍ତ । ସ୍ୱକୀୟ-ପରକୀୟ ବିଚାର ନ କରି କୌଣସି ରାଜନୀତିକ ପକ୍ଷରେ ଉଗ୍ର ହେବା ଅନୁଚିତ । ତାହାଙ୍କ ପରାମର୍ଶ ଗ୍ରହଣୀୟ ହୋଇଥାଏ (ଶି.ବ ୨।୭୦-୧୧୭) ।

**ସାତ୍ୟକି**—ବୀର, ଯୋଦ୍ଧା ଏବଂ ପ୍ରଗଲ୍‌ଭ ପ୍ରତିଭାସମ୍ପନ୍ନ ବକ୍ତା । ସେ ନିଜ ଉତ୍ତରରେ ଶିଶୁପାଳର ଦୁର୍ମୁଖ ଦୂତର ମୁହଁ ଭାଙ୍ଗି ଦେଇଥିଲେ । (ଶି.ବ ୧୬।୧୭-୩୭) । ଶିଶୁପାଳର ଦୂତ ନିଜ ସ୍ୱାମୀ ପ୍ରତି ନିଷ୍ଠାବାନ୍ ଅବଶ୍ୟ, କିନ୍ତୁ ଦୌତ୍ୟ ସୀମା ଲଙ୍ଘନ କରି ମର୍ଯ୍ୟାଦାଶୂନ୍ୟ ଭାବରେ କହିଛି । (ଶି ବ: ୧୬।୩୯-୮୫)

# ଦୋଷାଭାସ

ମାଘ କାବ୍ୟକୁ ଆଦ୍ୟନ୍ତ ପାଠ କରିବା ପରେ ଯେ କୌଣସି ସହୃଦୟ ପାଠକ ମହାକବିଙ୍କ ଅଦ୍ୱିତୀୟ କାବ୍ୟ କ୍ଷମତାରେ ଏତେଦୂର ପ୍ରଭାବିତ ହୋଇ ପଡନ୍ତି ଏବଂ ତାଙ୍କ ବୁଦ୍ଧି ଏହି କାବ୍ୟ-ବୈଭବ ଦ୍ୱାରା ଏପରି ଅଭିଭୂତ ହୋଇପଡେ ଯେ ଏଥିରେ ତାଙ୍କୁ କୌଣସି ଦୋଷ ଦୃଶ୍ୟ ହିଁ ହୁଏ ନାହିଁ । ନିଜ ଆତଙ୍କିତ ବୁଦ୍ଧିରେ ସେ ସେହି ପଦ ଦୋହରାଇ ବସନ୍ତି "ମାଘେ ସନ୍ତି ତ୍ରୟୋଗୁଣାଃ" । କିନ୍ତୁ ବିଧାତାଙ୍କ ସୃଷ୍ଟି ପର୍ଯ୍ୟନ୍ତ ପ୍ରତ୍ୟେକ ବସ୍ତୁ ଯଦି ଗୁଣଦୋଷମୟ ହୋଇପାରେ, ମାନବ ସୃଷ୍ଟି ସର୍ବଥା ନିର୍ଦ୍ଦୋଷ ହେବ ଏପରି ଭାବିବା ମଧ୍ୟ ବ୍ୟର୍ଥ ଅଟେ । ଅତଏବ କାବ୍ୟଲକ୍ଷଣରେ ମମ୍ମଟ "ଅଦୋଷୌ" ବିଶେଷଣ ପ୍ରୟୁକ୍ତ କରିଛନ୍ତି, "ନିର୍ଦ୍ଦୋଷୌ" ନୁହେଁ । ସେଠାରେ 'ନଞ୍' ପଦ ଦ୍ୱାରା ବିଦ୍ୟମାନ ଉପେକ୍ଷଣୀୟ ଦୋଷ ଗୁଡିକୁ ଅସତ୍କଳ୍ପ ଅର୍ଥାତ୍ ଅବିଦ୍ୟମାନତୁଲ୍ୟ ବିଚାର କରାଯାଇପାରେ । ସେ ଯାହା ହେଉ, ମାଘରେ କୌଣସି ନା କୌଣସି ସର୍ଗରେ କିଛି କିଛି ଏହି ପ୍ରକାର ଅସମଞ୍ଜସ ତଥ୍ୟ ଝଲକି ଉଠେ କିନ୍ତୁ ସେ ସବୁ କାବ୍ୟର ଅପରିମେୟ ରମଣୀୟତା ଯୋଗୁଁ ଲୁଚି ରହିଯାନ୍ତି, ଧରାପଡନ୍ତି ନାହିଁ ।

ନୂତନ ପର୍ଯ୍ୟାୟ ପ୍ରୟୋଗ ନିମିତ୍ତ ମାଘଙ୍କ ଆଗ୍ରହ ସ୍ଥାନେ ସ୍ଥାନେ ସେହି ଶବ୍ଦମାନଙ୍କର ବ୍ୟଞ୍ଜକତାକୁ ନଷ୍ଟ କରି ପକାଏ । ଏବଂ ଏହିଭଳି ବ୍ୟଞ୍ଜନା ଶୂନ୍ୟ ହେବା ଫଳରେ ସେହି ଶବ୍ଦ ସେଠାରେ ଏପରି ଶ୍ରୀହୀନ ଭାରସ୍ୱରୂପ ଲାଗେ, ଯେପରି ଅଗ୍ନି ନିର୍ବାପନ ପରେ କୋଇଲା । ସେହିପରି ସ୍ଥାନେ ସ୍ଥାନେ ଅଳଙ୍କାର ଯୋଜନାରେ ନୂତନତା ଆଣିଦେବା ଲାଗି ସେ ଅସମ୍ଭବ ଏବଂ ଅନୁଚିତ କଳ୍ପନା କରି ବସନ୍ତି, ଯଥା, – "କମଳ-କେଶର-କାନ୍ତି ଜଟାସମୂହ ଧାରଣ କରିଥିବା ନାରଦଙ୍କ ଉପମା ଦିଅନ୍ତି ହିମାଳୟ ସହିତ, ଯେ ନିଜ ତୁଷାରଭୂମିରେ ବିପକ୍ୱପୀତ ଲତା ଗୁଡ଼ିକୁ ଧାରଣ କରିଥାନ୍ତି ।" (ଶି.ବ: ୧।୫) ସମ୍ଭବତଃ ସେ ନଗାଧିରାଜଙ୍କ ହିମ ମଣ୍ଡିତ ମୂର୍ତ୍ତି ଦେଖି ନ ଥିଲେ ଯେଉଁଠାରେ କୌଣସି ବନସ୍ପତି ଉଠିପାରେ ନାହିଁ ।

ଯୁଧିଷ୍ଠିରଙ୍କ ସଭାର ବର୍ଣ୍ଣନା କାଳରେ ସେ ପ୍ରଥମେ ଉଲ୍ଲେଖ କରନ୍ତି ସେହି ଘଟଣା, ଯାହା ସଭା ପ୍ରସଙ୍ଗରେ ବହୁତ ପଛରେ ଘଟିଥିଲା, ଯଥା—"ସେଠାରେ ସୁଯୋଧନଙ୍କ ପଡ଼ିଯିବା ପରେ ଭୀମ ହସି ଦେବାରୁ ସକଳ କ୍ଷତ୍ରିୟ-ବିନାଶକ-ଯୁଦ୍ଧ ରୂପ ଯାଗ।" (ଶି ବ ୧୩,୫୯) ଏହି ଐତିହାସିକ କାଳଚକ୍ରର ଅତିକ୍ରମଣ ପୀଡାଦଏ ।

ମହାବୈୟାକରଣ ହେବା ସତ୍ତ୍ୱେ ତାଙ୍କର ଗୋଟିଏ ପ୍ରୟୋଗ ଅପାଣିନୀୟ ପ୍ରତୀତ ହୁଏ। ତାହା ହେଉଛି—"ଯଜ୍ଞାନ ନନେ୍ୟ ନତବାଂ ମହାନ୍ତ୍ୟପି ଦ୍ୟଥାଂ ଦ୍ୱିଦ୍ବେଷା ମପି ମେଦିନୀଭୃତାମ୍" (୧୨।୧୩) ଶ୍ଳୋକରେ "ଦ୍ୱିଦ୍ବେଷାମ୍" । 'ଦ୍ୱୟ' ଶବ୍ଦ ତୟପ୍ ପ୍ରତ୍ୟୟାନ୍ତ ହୋଇଥିବାରୁ କେବଳ ପ୍ରଥମା ବହୁବଚନ 'ଜସ୍' ବିଭକ୍ତିରେ ବିକଳ୍ପରେ ସର୍ବନାମ ହୋଇଥାଏ। ଅନ୍ୟତ୍ର କୌଣସିଠାରେ ହୁଏ ନାହିଁ। ବୃନ୍ଦବର୍ମଣ ବ୍ୟାକରଣରେ ଅଥବା ଅନ୍ୟମ ଏହାର ସାଧୁତା ସ୍ୱୀକୃତ ହୋଇଥାଇ-ପାରେ, କିନ୍ତୁ ପାଣିନି-ବ୍ୟାକରଣ ମତେ ଏହି ପ୍ରୟୋଗ ଅବଶ୍ୟ ଚିନ୍ତ୍ୟ ପ୍ରତୀତ ହେବ।

# ପ୍ରଦାନ

ପୂର୍ବ ପ୍ରକରଣରେ ସଙ୍କେତ ଦିଆଯାଇଛି ଯେ ପରବର୍ତ୍ତୀ କାବ୍ୟଶୈଳୀ ଉପରେ ମାଘକାବ୍ୟର ପ୍ରଭାବ ଏକ ଆତଙ୍କପଣ ଛାଡ଼ି ଯାଇଥିଲା । ଅତଏବ କଥିତ ଅଛି- ''ମାଘେନ ବିଘ୍ନିତୋତ୍ସାହା ନୋତ୍ସହନ୍ତେ ପଦକ୍ରମେ'' । ପରବର୍ତ୍ତୀ କବି ଯଥାଶକ୍ତି ମାଘଙ୍କ ଶୈଳୀର ଅନୁକରଣ କରୁଥିଲେ । ପରବର୍ତ୍ତୀ ମହାକାବ୍ୟମାନଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ ସ୍ଥାନ ଦିଆଯାଇଛି ଶ୍ରୀହର୍ଷଙ୍କ 'ନୈଷଧୀୟଚରିତ'କୁ ଯାହାର ସ୍ୱକୀୟ କାବ୍ୟକଳ୍ପନା, ବ୍ୟୁତ୍ପତ୍ତି ଏବଂ ପଦଲାଳିତ୍ୟ ଥିବାରୁ କିରାତ ଓ ମାଘ ଉଭୟଙ୍କଠାରୁ ଉତ୍କୃଷ୍ଟ ବୋଲି ଖ୍ୟାତ ଅଛି—''ଉଦିତେ ନୈଷଧେ କାବ୍ୟେ କ୍ୱ ମାଘଃ କ୍ୱ ଚ ଭାରବିଃ ।'' କିନ୍ତୁ ସେହି ନୈଷଧରେ ମଧ୍ୟ ମାଘର ଝଲକ ଯତ୍ର-କୁତ୍ର ପରିଦୃଷ୍ଟ ହୋଇଥାଏ । ମାଘରୁ ପ୍ରେରଣା ନେଇ ଶ୍ରୀହର୍ଷ ଆପଣା କଳ୍ପନାର ଦିବ୍ୟ ପ୍ରାସାଦ ତୋଳିଛନ୍ତି । ଅବଶ୍ୟ ଶ୍ରୀହର୍ଷଙ୍କ ପ୍ରତିଭା ଅଦ୍ଭୁତ ଅଗକ୍ୟ ଯାଇଛି । ଏଠାରେ କେବଳ ଶ୍ରୀହର୍ଷଙ୍କର ମାଘଙ୍କ ପ୍ରତି ଅଧମର୍ଣ୍ଣତାର ବିବେଚନ କରାଯିବ ଏବଂ ''ପ୍ରଧାନ ମଲ୍ଲ ନିବର୍ହଣ'' ନ୍ୟାୟରେ ଅନ୍ୟମାନଙ୍କ ଅଧମର୍ଣ୍ଣତା ସ୍ୱତଃ ମାନି ନିଆ ହେବ । କେତୋଟି ଉଦ୍ଧୃତି ଦେଖାଯାଉ ।

୧ । ଦ୍ୱାରକାପୁରୀ ବର୍ଣ୍ଣନରେ ମାଘ ତାହାକୁ ସତେ ଅବା ଦର୍ପଣ-ନିର୍ମଳ ଜଳରେ ପ୍ରତିବିମ୍ବିତ ସ୍ୱର୍ଗପୁରୀ ବୋଲି ଉତ୍ପ୍ରେକ୍ଷା କରିଛନ୍ତି :

''ଦୃଶ୍ୟତାଧଃ ତଳାମନେକ୍ଷ୍ୟ ଚ୍ଛାୟେବ ଯା ନିର୍ମଳେଽନ୍ତର୍ଜଳେଷୁ ।''

(ଶି ବ: ୩।୩୫)

ଶ୍ରୀହର୍ଷ ମଧ୍ୟ କୁଣ୍ଡିନପୁରକୁ କୌଣସି ଜଳାଶୟରେ ପ୍ରତିବିମ୍ବିତ ସୁର ନଗରୀ ତୁଲ୍ୟ ବୋଲି କଳ୍ପନା କରିଛନ୍ତି ଏବଂ ସେହି ନଗରର ଚତୁର୍ଦ୍ଦିଗରେ ଥିବା ଜଳପୂର୍ଣ୍ଣ ପରିଖାକୁ ସେହି ଜଳାଶୟର ପ୍ରତିବିମ୍ବାତିରିକ୍ତ ଅଂଶ ବୋଲି କହିଛନ୍ତି :

"ବିଳାସ ଜଲ.ଶଯ୍ୟୋଦରେ କ୍ୱଚନ ଦ୍ୟୌତେନ୍ଦୁବିମ୍ବିତେଷୁ ଯା ।
ପରିଖାକପଟ ସ୍ଫୁଟ ସ୍ଫୁରତ୍ ପ୍ରତିବିମ୍ବାନବଲମ୍ବିତାମ୍ବୁଜା ।।" (ନୈ. ୨।୭୯)

୨ । ସ୍ୱଚ୍ଛର ଚକ ଚକ କରୁଥିବା ଚନ୍ଦ୍ରିକାରେ ଧବଳ ସ୍ଫଟିକ ନିର୍ମିତ ଦ୍ୱାରକାର ସୌଧରାଜି ପୃଥକ ବୋଲି ଜାଣି ହୁଏ ନାହିଁ । ଅତଏବ ସୌଧ ଉପରେ ଚଢ଼ିଥିବା ସୁନ୍ଦରୀମାନେ ପ୍ରତୀତ ହୁଅନ୍ତି ସତେ ଯେବା ସେମାନେ ଆକାଶରେ ଆଧାର ଶୂନ୍ୟ ଭାବେ ଥିବା ଦେବାଙ୍ଗନା ।

"ସ୍ଫୁରଦ୍ଭୂଷାଂଶୁମଣ୍ଡଳଜାଲୈର୍ବିନିହ୍ନୁତାଃ ସ୍ଫଟିକ ସୌଧପଂକ୍ତୀଃ ।
ଆରୁହ୍ୟ ନାର୍ଯ୍ୟଃ କ୍ଷଣଦାସୁ ଯତ୍ର ନଭୋଗତା ଦେବ୍ୟ ଇବ ବ୍ୟରାଜନ୍ ।।"
(ଶି.ବ ୩।୪୩)

ସେହିପରି କୁଣ୍ଡିନପୁର-ସୁନ୍ଦରୀ ମଧ୍ୟ ଗଗନଚୁମ୍ବୀ ସୌଧଶିଖରରୁ ନିଜ ପ୍ରାଣେଶ୍ୱରଙ୍କ କ୍ରୀଡ଼ାମନ୍ଦିରକୁ ଯିବା ବେଳେ ପ୍ରତୀତ ହୁଏ ସାକ୍ଷାତ୍ ଅପସରାପରି ।

"ସ୍ୱପ୍ରାଣେଶ୍ୱର-ନର୍ମ-ହର୍ମ୍ୟ-କଟକାତିଥ୍ୟଗ୍ରହାଦ୍ୟୋତ୍ସୁକଂ
ପାଥୋଦଂ ନିଜକେଳିସୌଧଶିଖରାଦାରୁହ୍ୟ ଯତ୍ କାମିନୀ ।
ସାକ୍ଷାଦପ୍ସରସୋ ବିମାନକଳିତବ୍ୟୋମାନ ଏବାଭବନ୍
ଯତ୍ର ପ୍ରାପ ନିମେଷମଭ୍ରରସା ଯାନ୍ତୀ ରସାଦଧ୍ୱନ ।।" (ନୈ ୨।୧୦୪)

୩ । ଦ୍ୱାରକାପୁରୀରେ ଚନ୍ଦ୍ରକାନ୍ତମଣି ନିର୍ମିତ ଅଟ୍ଟାଳିକାରାଜି ଏତେ ଉଚ୍ଚ ଯେ ମେଘ ସେମାନଙ୍କର ଅଧୋଭାଗରେ ରହେ । ପୁଣି ରାତ୍ରିରେ ଚନ୍ଦ୍ରକିରଣର ସମ୍ପର୍କରୁ ସେହି ଅଟ୍ଟାଳିକାମାନଙ୍କରୁ ଝରୁଥାଏ ଜଳର ନିରନ୍ତର ଧାରା—

"କାନ୍ତେନ୍ଦୁକାନ୍ତୋପଲକୁଟ୍ଟିମେଷୁ ପ୍ରତିକ୍ଷପଂ ହର୍ମ୍ୟତଳେଷୁ ଯତ୍ର ।
ଉଚ୍ଚୈରଧଃପାତିପୟୋମୁଚୋଽପି ସମୂହମୂହୁଃ ପୟସାଂ ପ୍ରଣାଲ୍ୟଃ ।।"
(ଶି.ବ ୩।୪୪)

ସେହିଭଳି କୁଣ୍ଡିନପୁରରେ ମଧ୍ୟ ଉଚ୍ଚ ଅଟ୍ଟାଳିକାର ଚନ୍ଦ୍ରକାନ୍ତମଣିମାନଙ୍କରୁ ଉଦିତଚନ୍ଦ୍ରୋଦୟ ସମୟରେ ଏତେ ଜଳସ୍ରାବ ହୁଏ ଯେ ଆକାଶଟା (ଚନ୍ଦ୍ରୋଦୟ

ସମସ୍ତରେ ନିଜ ପତି ସାଗରତୁଲ୍ୟ ବୃଦ୍ଧି ଲାଭ କରି ନିଜ ପାତିବ୍ରତ୍ୟ ଧର୍ମ ପରିତ୍ୟାଗ କରେ ନାହିଁ ।

୪ । ଯାଦବରମଣୀଙ୍କ ଶରୀର-ସୁଷମା ବର୍ଣ୍ଣନ ବେଳେ ମାଘ ଏକାବଳୀ ଅଳଙ୍କାରର ସୁନ୍ଦର ପ୍ରୟୋଗ କରିଛନ୍ତି—ସେହି ସୁନ୍ଦରୀଙ୍କୁ ଅଳଙ୍କୃତ କରୁଥିବା ସୁନ୍ଦରତା, ସୁନ୍ଦରତାକୁ ଯୌବନାଗମ, ଯୌବନାଗମକୁ ମଦନ ବିଳାସ ଏବଂ ମଦନବିଳାସକୁ ଅଳଂକୃତ କଲା ପ୍ରିୟତମଜନିତ ହର୍ଷ—

"ଗୃରୁତା ବପୁରଭୂଷୟଦାସାଂ ତାମନୂନ ନବଯୌବନଯୋଗଃ ।
ତଂ ପୁନର୍ମକରକେତନଲକ୍ଷ୍ମୀସ୍ତାଂ ମଦୋ ଦୟିତସଂଗମଭୂଷଃ ।।"

(ଶି.ବ. ୧୦।୩୩ )

ଦମୟନ୍ତୀର ରମଣୀୟତା ବର୍ଣ୍ଣନ ପ୍ରସଙ୍ଗରେ ଶ୍ରୀହର୍ଷ ଏପରି ଭାବ ବ୍ୟକ୍ତ କରିଛନ୍ତି—ପ୍ରଥମତଃ, ବ୍ରହ୍ମା ତାକୁ ଗଢ଼ିଥିଲେ ଲୋକୋତ୍ତର କରି, ପୁଣି ଯୌବନ ତାକୁ ଅଦ୍ଭୁତ ଉଚ୍ଚକୁ ଟେକିନେଲା, ଶେଷରେ ବିଭ୍ରମକଳା ଶିକ୍ଷା ଦେଇ ଅବର୍ଣ୍ଣନୀୟ କରିଦେଲା—

"ସୃଷ୍ଟାତିବେଶ୍ମା ବିଧିନୈବ ତାବତ୍ ତସ୍ୟାପି ନୀତୋପରି ଯୌବନେନ ।
ବୈଦଗ୍ଧ୍ୟ ମଧ୍ୟାପ୍ୟ ମନୋଭୂବେୟ୍ୟ ମବାପିତା ବାକ୍ ପଥପାରମେଷା ।।"

(ନୈ: ୭।୧୦୮)

୫ । ଯୁଧିଷ୍ଠିରଙ୍କ ରାଜସୂୟ ଯଜ୍ଞରେ ଭୀଷ୍ମ ଶ୍ରୀକୃଷ୍ଣ କୂର୍ମ, ବରାହାଦି ଅବତାରରେ ମହିମା ଗାନ କରିଛନ୍ତି (ଶି:ବ ୧୪।୭୧-୮୬) । ସେହିପରି 'ନୈଷଧରେ' ରାଜା ନଳ ମଧ୍ୟାହ୍ନ-ଅର୍ଚ୍ଚନା ପ୍ରସଙ୍ଗରେ ବିଷ୍ଣୁଙ୍କ ଅବତାରମାନଙ୍କ ସ୍ତୁତିଗାନ କରିଛନ୍ତି । (ନୈ. ୨୧।୫୫-୯୩)

୬ । ଯୁଧିଷ୍ଠିରଙ୍କ ଯଜ୍ଞରେ ପ୍ରଥମେ ଶ୍ରୀକୃଷ୍ଣଙ୍କ ପୂଜା ହେବାରୁ ଶିଶୁପାଳ କ୍ରୁଦ୍ଧ ହୋଇ ଶ୍ରୀକୃଷ୍ଣଙ୍କ ପ୍ରତି ଯେଉଁ ଅନର୍ଗଳ ଦୁର୍ବାକ୍ୟ କହିଲା ତହିଁରେ ଏତେ ମର୍ମମାନରେ ଭର୍ତ୍ସନା ପର୍ବ କରିଥିଲା ଯେ ମାଘଙ୍କ ପରି କୃଷ୍ଣଭକ୍ତଙ୍କ ପାଇଁ ମହାଭାରତର ସେହି ଅଂଶ (ସଭାପର୍ବ, ଅଧ୍ୟାୟ ୪୧) ଅସହ୍ୟ ଥିଲା । ତେଣୁ ସେ ନିଜ କାବ୍ୟରେ ତାହାର ସେହି ବକ୍ତବ୍ୟକୁ ଶ୍ଲେଷରେ ଅଳଂକୃତ କରି ସେଥିରେ ଦ୍ୱିତୀୟ ଅର୍ଥର ସମ୍ଭାବନା

ମଧ୍ୟ ରଖି ଦେଇଗଲେ । (ଶି.ବ ୧୫।୧-୩୮ ତଥା କଥିତ ପ୍ରକ୍ଷିପ୍ତ ଶ୍ଳୋକ) । ପୁଣି ଷୋଡ଼ଶ ସର୍ଗରେ ଯୁଦ୍ଧ ସନଦ୍ଧ ଶିଶୁପାଳ ନିଜ ଦୂତ ମୁଖରେ ପ୍ରେରଣ କରିଥିବା ସନ୍ଦେଶ ପ୍ରିୟ ଅପ୍ରିୟ ଦୁଇ ପ୍ରକାର ଅର୍ଥ ବହନ କରୁଥିଲା (ଶି.ବ ୧୬।୨-୧୫) । ଯୁଦ୍ଧ ବର୍ଣ୍ଣନରେ ମାଘ ତିନୋଟି ଅର୍ଥ ପ୍ରକାଶ କରୁଥିବା ଗୋଟିଏ ଶ୍ଳୋକ ରଚନା କରିଥିଲେ । (ଶି ବ ୧୯।୧୧୬) । ଶ୍ରୀହର୍ଷଙ୍କ ତ୍ରୟୋଦଶ ସର୍ଗରେ ଶ୍ଳେଷପନ୍ଥୀ ରଚନା କରିବାର ପ୍ରେରଣା ଏଠାରୁ ମିଳିଲା ଏବଂ ସେ ପାଞ୍ଚୋଟି ଅର୍ଥଯୁକ୍ତ ଶ୍ଳୋକ ରଚନା କରିପକାଇଲେ ।

୭ । ରୈବତକ ପର୍ବତ ଉପରେ ନିଜ ରମଣୀମାନଙ୍କ ସହ ଆନନ୍ଦରେ ସଙ୍ଗୀତ ଗାନ କରୁଥିବା ସିଦ୍ଧମାନଙ୍କ ସ୍ୱରର ବିଶେଷଣ ମାଘ ଦେଇଛନ୍ତି 'ଷବକ' ।

"ପ୍ରଗୀୟତେ ସିଦ୍ଧଗଣୈଶ୍ଚ ଯୋଷିତା ମୁଦାରମନ୍ତେ କଲଷବକସ୍ୱରୈଃ ।"
(ଶି.ବ ୪।୨୪)

ଶ୍ରୀହର୍ଷ ମଧ୍ୟ ପ୍ରଭାତ ବର୍ଣ୍ଣନା-କାଳେ ବୈତାଳିକଙ୍କ ପଦସମୂହକୁ "ଷବକ" ବିଶେଷଣ ଦେଇଛନ୍ତି ।

"ଶ୍ରୁତିମଧୁପଦସ୍ରଗ୍ବୈଦର୍ଭୀ ବିଭ୍ରବତ ଷବକ
ସ୍ଫୁଟରସଭୂଶାଭ୍ୟକ୍ତା ବୈତାଳିକୈର୍ଜଗିରେ ଗିରଃ ।। (ନୈ ୧୯।୧)

୮ । ଇନ୍ଦ୍ରପ୍ରସ୍ଥ ପହଞ୍ଚିବା ପରେ ରଥରେ ଭୀମ ଏବଂ ଅର୍ଜୁନଙ୍କ ମଝିରେ ବସି ଶ୍ରୀକୃଷ୍ଣ ଏପରି ପ୍ରତୀତ ହେଉଥିଲେ ଯେପରି କି ଦୁଇଟି ଗ୍ରହ-ମଧ୍ୟସ୍ଥିତ ଚନ୍ଦ୍ରମା ଦୁରୁଧରା ଯୋଗ ଲାଭ କରିଛି—

"ପବନାତ୍ମଜେନ୍ଦ୍ରସୁତ ମଧ୍ୟବର୍ତ୍ତିନା ନିତରାମରୋଚି ରୁଚିରେଣ ଚକ୍ରିଣା ।
ଦଧତେବ ଯୋଗମୁଭୟଗ୍ରହାନ୍ତରସ୍ଥିତିକାରିତଂ ଦୁରୁଧରାଖ୍ୟମିନ୍ଦୁନା ।।"
(ଶିଃବ ୧୩।୨୨)

ସେହିପରି 'ନୈଷଧ'ରେ ଉଭୟ କାନରେ ଦୁଇଟି ଉଜ୍ଜ୍ୱଳ ଚମକଯୁକ୍ତ କୁଣ୍ଡଳର ମଧ୍ୟବର୍ତ୍ତୀ ଦମୟନ୍ତୀର ମୁଖଚନ୍ଦ୍ର ନିଶ୍ଚିତ ଭାବେ 'ଦୌରୁଧରା' ସ୍ଥିତିକୁ ପ୍ରାପ୍ତ ହୋଇଥିଲା ।

''ଅବାପ୍ତ ଭୈମୀ ପରଧାମପତ୍ୟ କୁଣ୍ଡଳେ ବୟସ୍ୟସ୍ୟାଭ୍ୟାମଭିତଃ ସମନ୍ୱୟୁଃ ।
ଉଦ୍‌ଧାନନେନ୍ଦୋଃ ପ୍ରିୟକାମଜନ୍ମନଃ ଶ୍ରବସ୍ତ୍ୟଯ୍ୟଂ ପୌନ୍ଦୁଧନୁଂ ଧ୍ରୁବଂ ଧ୍ରୁବମ୍ ।।''

(ନୈ ୧୪।୪୨)

ଏହା ବ୍ୟତୀତ ଶ୍ରୀହର୍ଷ ଅନେକ ପଦ ଏବଂ ବାକ୍ୟର ପ୍ରୟୋଗ ମାଘଙ୍କଠାରୁ ଗ୍ରହଣ କରିଛନ୍ତି । ଯଦି ଆମ୍ଭମାନେ ଭାରବି ମାଘ ତଥା ଶ୍ରୀହର୍ଷଙ୍କୁ ଯୁଗପତ୍ ତୁଳାକୋଟୀରେ ରଖିବା ତାହାହେଲେ ଦେଖିବା ଯେ ମାଘ ଭାରବିଙ୍କ ଉକ୍ତି-ସମୂହକୁ ଅଧିକ ପରିଷ୍କୃତ କରିଛନ୍ତି ତଥା ମାଘଙ୍କ ଭାବରାଜିକୁ ଶ୍ରୀହର୍ଷ ଅଧିକ ମାର୍ଜିତ କରିଛନ୍ତି । ସେମାନଙ୍କ ମଧ୍ୟରେ ରହିଛି ଯଥୋତ୍ତର ଭବ୍ୟତା ।

# ମାଘ ବିଷୟକ ପ୍ରଶସ୍ତି

କାବ୍ୟରଚନାରେ ମାଘଙ୍କର ସର୍ବାଙ୍ଗୀଣ ଉତ୍କର୍ଷ ଦେଖି ପ୍ରାଚୀନ କବି ଏବଂ ଆଚାର୍ଯ୍ୟମାନେ ତାଙ୍କର ମୁକ୍ତକଣ୍ଠ ପ୍ରଶଂସା କରିଯାଇଛନ୍ତି । ତନ୍ମଧ୍ୟରୁ କେତୋଟି ପ୍ରଶସ୍ତି ପଦ୍ୟପର—

୧ । ଉପମା କାଳିଦାସସ୍ୟ ଭାରବେରର୍ଥଗୌରବମ୍ ।
ଦଣ୍ଡିନଃ ପଦଲାଳିତ୍ୟଂ ମାଘେ ସନ୍ତି ତ୍ରୟୋଗୁଣାଃ ।।

୨ । ତାବଦ୍ ଭା ଭାରବେର୍ଭାତି ଯାବନ୍ମାଘସ୍ୟ ନୋଦୟଃ ।

୩ । ମାଘେନ ବିଘ୍ନିତୋତ୍ସାହା ନୋତ୍ସହନ୍ତେ ପଦକ୍ରମେ ।

୪ । ମୁରାରିପଦଚିନ୍ତା ଚେତ୍ ତଦା ମାଘେ ମତିଂ କୁରୁ ।
ମୁରାରିପଦଚିନ୍ତା ଚେତ୍ ତଦା ମାଘେ ମତିଂ କୁରୁ । ଇତ୍ୟାଦି

ପରବର୍ତ୍ତୀ କବିମାନଙ୍କ ଉପରେ ମାଘଙ୍କ ପ୍ରଭାବ ଅତ୍ୟଧିକ ଲକ୍ଷିତ ହୋଇଥାଏ । ସେ ପରବର୍ତ୍ତୀମାନଙ୍କର ଆଦର୍ଶ ହୋଇଗଲେ । ତାଙ୍କର ଏକମାତ୍ର କୃତି 'ଶିଶୁପାଳବଧ' ତାଙ୍କ କୀର୍ତ୍ତି ବୈଜୟନ୍ତୀକୁ ଅନନ୍ତ କାଳ ପର୍ଯ୍ୟନ୍ତ କାବ୍ୟଗଗନରେ ଆନ୍ଦୋଳିତ କରୁଥିବ ।

Indian Institute of Advanced Study
117778
21/12/04
SHIMLA

# ପୁସ୍ତକାନୁକ୍ରମଣୀ


| | |
|---|---|
| ୧ । ଏକାଦଶୋପନିଷଦ୍ | |
| ୨ । କାବ୍ୟ ପ୍ରକାଶ | ମମ୍ମଟ |
| ୩ । କାବ୍ୟାଲଙ୍କାର | ରୁଦ୍ରଟ |
| ୪ । କାବ୍ୟାଲଙ୍କାର | ଭାମହ |
| ୫ । କାବ୍ୟାଦର୍ଶ | ଦଣ୍ଡୀ |
| ୬ । କାବ୍ୟାଲଙ୍କାରସୂତ୍ରବୃତ୍ତି | ବାମନ |
| ୭ । କିରାତାର୍ଜୁନୀୟ | ଭାରବି |
| ୮ । କୁମାର ସମ୍ଭବ | କାଳିଦାସ |
| ୯ । ଦଶରୂପକ | ଧନଞ୍ଜୟ |
| ୧୦ । ନୈଷଧୀୟଚରିତ | ଶ୍ରୀହର୍ଷ |
| ୧୧ । ଧ୍ୱନ୍ୟାଲୋକ | ଆନନ୍ଦବର୍ଦ୍ଧନ |
| ୧୨ । ଭଟ୍ଟିକାବ୍ୟ | ଭଟ୍ଟି |
| ୧୩ । ଭୋଜପ୍ରବନ୍ଧ | ବଲ୍ଲାଳ |
| ୧୪ । ପ୍ରବନ୍ଧ ଚିନ୍ତାମଣି | ମେରୁତୁଙ୍ଗ |
| ୧୫ । ପ୍ରଭାବକଚରିତ | ଚନ୍ଦ୍ରପ୍ରଭସୂରି |
| ୧୬ । ମହାଭାରତ | ବେଦବ୍ୟାସ |
| ୧୭ । ମୁହୂର୍ତ୍ତଚିନ୍ତାମଣି | ରାମ |
| ୧୮ । ଯୋଗସୂତ୍ର | ପତଞ୍ଜଳି |
| ୧୯ । ମହାଭାଷ୍ୟ | ପତଞ୍ଜଳି |

| | |
|---|---|
| ୨୦ । ରାମାୟଣ | ବାଲ୍ମୀକି |
| ୨୧ । ରଘୁବଂଶ | କାଳିଦାସ |
| ୨୨ । ବେଦାନ୍ତସୂତ୍ର | ବାଦରାୟଣ |
| ୨୩ । ଶିଶୁପାଳବଧ | ମାଘ |
| ୨୪ । ଶ୍ଳୋକବାର୍ତ୍ତିକ | କୁମାରିଲ ଭଟ୍ଟ |
| ୨୫ । ସାଂଖ୍ୟକାରିକା | ଶ୍ରୀକୃଷ୍ଣ |

ବିଶ୍ୱର ଯେଉଁ ସାହିତ୍ୟମାନ ଏପରି ଅମର ମହାକବିଗଣଙ୍କ ଦ୍ୱାରା ଋଦ୍ଧିମନ୍ତ, ସେମାନଙ୍କ ମଧ୍ୟରେ ସଂସ୍କୃତ ସାହିତ୍ୟ ସର୍ବାଗ୍ରଣୀ ଅଟେ । ଏବଂ ଏହିପରି ଅମରତ୍ୱ ଲାଭକାରୀ ମହାକବିଙ୍କ ଜ୍ୟୋତିର୍ମୟୀ ପରମ୍ପରାରେ ମହାକବି ମାଘ ଅନ୍ୟତମ ଅଟନ୍ତି । ଏହାଙ୍କର ଏକମାତ୍ର ବାଙ୍ମୟୀ କୃତି ହେଉଛି 'ଶିଶୁପାଳ ବଧ' ମହାକାବ୍ୟ, ଯାହାକୁ 'ମାଘକାବ୍ୟ' ମଧ୍ୟ କହନ୍ତି । ମାଘଙ୍କର ବିଶାଳ ପାଣ୍ଡିତ୍ୟ, ଅସୀମ-ଅଗାଧ ଜ୍ଞାନ ତଥା ବିଳାସମୟୀ ପ୍ରବୃତ୍ତି ତାଙ୍କ କାବ୍ୟରେ ସ୍ପଷ୍ଟଭାବେ ଝଲସି-ଉଠେ । ଯଦି ମାଘଙ୍କ ବ୍ୟକ୍ତିତ୍ୱ ତାଙ୍କ ମହାକାବ୍ୟରେ ସନ୍ଧାନ କରାଯାଏ, ତାହାହେଲେ ନିମ୍ନମତେ ଗୋଚର ହୁଏ : ମହାକବି ମାଘ ବେଦ, ପୁରାଣ, ମୀମାଂସା, ବ୍ୟାକରଣ, କୋଷ, ସାଂଖ୍ୟ, ଯୋଗ, ବେଦାନ୍ତ, ବୌଦ୍ଧଦର୍ଶନ, ରାଜନୀତି, କାମଶାସ୍ତ୍ର, ସଂଗୀତ, ଅଶ୍ୱବିଦ୍ୟା, ହସ୍ତିବିଦ୍ୟା ଆଦି ବିଷୟର ମର୍ମଜ୍ଞ ବିଦ୍ୱାନ୍ ଥିଲେ । ଲୋକବ୍ୟବହାରର ତଥା ପଶୁମାନଙ୍କ ବିବିଧ ଚେଷ୍ଟାର ସେ ସୂକ୍ଷ୍ମ ନିରୀକ୍ଷଣ କରିଥିଲେ ।

ଶ୍ରୀକୃଷ୍ଣ ତାଙ୍କର ପରମ ଆରାଧ୍ୟ ଥିଲେ । 'ଶିଶୁପାଳ-ବଧ'ର ରଚନା ଛଳରେ ତାଙ୍କର ଉଦ୍ଦେଶ୍ୟ ଥିଲା ଶ୍ରୀକୃଷ୍ଣଙ୍କ ଚରିତ-କୀର୍ତ୍ତନ । କାବ୍ୟ ରଚନାରେ ତାଙ୍କର ସର୍ବାଙ୍ଗୀନ ଉତ୍କର୍ଷ ସନ୍ଦର୍ଶନ କରି ପ୍ରାଚୀନ କବି ଏବଂ ଆଚାର୍ଯ୍ୟମାନେ ମାଘଙ୍କର ମୁକ୍ତକଣ୍ଠରେ ପ୍ରଶଂସା କରିଯାଇଛନ୍ତି । ପରବର୍ତ୍ତୀ କବିମାନଙ୍କ ଉପରେ ମାଘଙ୍କ ପ୍ରଭାବ ଅତ୍ୟଧିକ ଲକ୍ଷିତ ହୋଇଥାଏ । ସେ ସେମାନଙ୍କର ଆଦର୍ଶ ହୋଇ-ଯାଇଥିଲେ । ତାଙ୍କର ଏକମାତ୍ର କୃତି 'ଶିଶୁପାଳ ବଧ' ତାଙ୍କ କୀର୍ତ୍ତି-ବୈଜୟନ୍ତୀକୁ ଅନନ୍ତକାଳ ପର୍ଯ୍ୟନ୍ତ କାବ୍ୟ-ଗଗନରେ ଅ

Library IIAS, Shimla
OR 891.202 1 M 272 S
00117778

SAHITYA AKADEMI
REVISED PRICE Rs. 15-00

ISBN 81-7201-108-3

Cover engraved & printed by Reproduction Syndicate, Calcutta-700006